# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

♦VOLUME- 43 ♦ISSUE-232 ♦TUESDAY ♦17 FEBRUARY 2026 ♦PAGE-12 ♦₹ 7.00

SAMBALPUR

♦ବର୍ଷ-୪୩ ♦ସଂଖ୍ୟା-୨୩୨ ♦ମଙ୍ଗଳବାର ♦୧୭ ଫେବୃଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




'ରାଗିଣୀ ୩'ରେ ତମନ୍ନା

▶ପୃଷ୍ଠା ୧୧ ଦେଖନ୍ତୁ...

প

ପ୍ରକାଶ ପାଇଲା ଜେଇ ମେନ୍ ପରୀକ୍ଷା ଫଳ

## ଭବେଶ ପାତ୍ର ଓଡ଼ିଶା ଟପ୍ପର

■ ଭୁବନେଶ୍ୱର, ୧୬।୨ (ସମିସ): ଦେଶର ସର୍ବବୃହତ ଯୁଗ୍ମ ପ୍ରବେଶିକା ପରୀକ୍ଷା ଜେଇଇ ମେନ୍ ୨୦୨୬ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଚଳିତ ଥର ମୋଟ୍ ୧୨ ଜଣ ଛାତ୍ରଛାତ୍ରୀ ଶହେ ପରସେଣ୍ଟାଇଲ୍ ନମ୍ବର ରଖି ଯୁଗ୍ମ ଭାବେ ପ୍ରଥମ ସ୍ଥାନରେ ରହିଛନ୍ତି। ଓଡ଼ିଶାର ଭବେଶ ପାତ୍ର ମଧ୍ୟ ଶତ ପ୍ରତିଶତ ନମ୍ବର ରଖି ଏହି ତାଲିକାରେ ସ୍ଥାନ ପାଇବା ସହ ରାଜ୍ୟ ଟପ୍ପର ହୋଇଛନ୍ତି। ଟପ୍ପରଙ୍କ ମଧ୍ୟରେ ରାଜସ୍ଥାନରୁ ୩ ଜଣ ରହିଥିବାବେଳେ ଆନ୍ଧ୍ରପ୍ରଦେଶରୁ ୨ ଜଣ ସ୍ଥାନ ପାଇଛନ୍ତି।



ଚଳିତ ବର୍ଷ ପେପର୍-୧ ପରୀକ୍ଷା ପାଇଁ ମୋଟ୍ ୧୩ ଲକ୍ଷ ୫୫ ହଜାର ୨୯୩ ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରିଥିଲେ। ତନ୍ମଧ୍ୟରୁ ୯୬.୨୬ ପ୍ରତିଶତ ବା ୧୩ ଲକ୍ଷ ୪ ହଜାର ୬୫୩ ଜଣ ପରୀକ୍ଷା ଦେଇଥିଲେ। ଚଳିତ ବର୍ଷ ଓଡ଼ିଆ ସମେତ ୧୩ଟି ଭାଷାରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। କମ୍ପ୍ୟୁଟର ବେସ୍‌ଡ ଟେଷ୍ଟ (ସିବିଟି) ମାଧ୍ୟମରେ ଦେଶର ୩୦୦ ସହର ସମେତ ବିଦେଶର ୧୫ଟି ସହରରେ ଛାତ୍ରଛାତ୍ରୀମାନେ ପରୀକ୍ଷା ଦେଇଥିଲେ।

ଇସ୍ରାଏଲ ପର୍ଯ୍ୟଟକଙ୍କୁ ଗଣଦୁଷ୍କର୍ମ, ଓଡ଼ିଆ ପର୍ଯ୍ୟଟକଙ୍କୁ ହତ୍ୟା ମାମଲା

## ୩ ଅଭିଯୁକ୍ତଙ୍କୁ ମୃତ୍ୟୁଦଣ୍ଡ



■ ବେଙ୍ଗାଲୁରୁ, ୧୬।୨ (ଏଜେନ୍ସି): ଗତବର୍ଷ ମାର୍ଚ୍ଚ ମାସରେ ଘଟିଥିବା ଜଘନ୍ୟ କାଣ୍ଡରେ କର୍ଣ୍ଣାଟକର କୋପ୍ପାଲ ଜିଲ୍ଲାର ଏକ ସେସନ୍ସ କୋର୍ଟ ସୋମବାର ତିନି ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ମୃତ୍ୟୁଦଣ୍ଡ ଶୁଣାଇଛନ୍ତି। ଦୋଷୀ ସାବ୍ୟସ୍ତ ହୋଇଥିବା ଏହି ଅଭିଯୁକ୍ତମାନେ ହେଲେ, ମଲେଶ ଓରଫ ହାଣ୍ଡିମାଲ୍ଲା, ସାଇ ଓ ଶରଣପ୍ପା। ଏହି ଦୋଷୀମାନେ ଜଣେ ଇସ୍ରାଏଲ ନାଗରିକଙ୍କ ସମେତ ଦୁଇଜଣ ମହିଳାଙ୍କୁ ଗଣଦୁଷ୍କର୍ମ କରିବା ଓ ଜଣେ ପୁରୁଷ ପର୍ଯ୍ୟଟକ (ଓଡ଼ିଶାର ବାସିନ୍ଦା)ଙ୍କୁ ହତ୍ୟା କରିବା ମାମଲାରେ ସମ୍ପୃକ୍ତ ଥିଲେ। ଏହି ଘଟଣା ୨୦୨୫ ମାର୍ଚ୍ଚ ୬ ତାରିଖରେ କର୍ଣ୍ଣାଟକର ହାମ୍ପି ନିକଟସ୍ଥ ସାନାପୁରାର ତୁଙ୍ଗଭଦ୍ରା କେନାଲରେ ଘଟିଥିଲା। ପୁଲିସର ସୂଚନା ଅନୁଯାୟୀ, ଅଭିଯୁକ୍ତମାନେ ଇସ୍ରାଏଲ ପର୍ଯ୍ୟଟକ, ଜଣେ ହୋମଷ୍ଟେ ଅପରେଟର ଓ ସେମାନଙ୍କ ୩ ଜଣ ପୁରୁଷ ▶ପୃଷ୍ଠା-୭

### ଆଜିଠାରୁ ବିଧାନସଭା ବଜେଟ ଅଧିବେଶନ

# ସୁରୁଖୁରୁରେ ଚାଲିବ ତ ଗୃହ ?

- ସରକାରଙ୍କ ଗଳାରେ କଣ୍ଟା ଧାନମଣ୍ଡି, ଆଇନଶୃଙ୍ଖଳା
- ବିରୋଧୀଙ୍କ ହାତରେ ପିୟୁସିସି, ଆଇନଶୃଙ୍ଖଳା ଅସ୍ତ୍ର
- ପୁନର୍ବିଚାର ହୋଇପାରେ ବିଧାୟକଙ୍କ ଦରମା ବୃଦ୍ଧି ନିଷ୍ପତ୍ତି

■ ଭୁବନେଶ୍ୱର, ୧୬।୨ (ସମିସ): ଆସନ୍ତାକାଲିଠାରୁ ସପ୍ତଦଶ ବିଧାନସଭାର ଷଷ୍ଠ ଅର୍ଥାତ୍ ବଜେଟ ଅଧିବେଶନ ଆରମ୍ଭ ହେବ। ଏହାକୁ ନେଇ ଉଭୟ ଶାସକ-ବିରୋଧୀ ଦଳ ନିଜନିଜର ରଣନୀତି ପ୍ରସ୍ତୁତ କରିଛନ୍ତି। ସର୍ବଦଳୀୟ ବୈଠକରେ ଅଧିବେଶନକୁ ଶୃଙ୍ଖଳିତ କରିବାକୁ ସବୁ ପକ୍ଷ ଆପାତତଃ ରାଜି ହୋଇଛନ୍ତି। ମାତ୍ର ସତରେ ବିଧାନସଭା ଅଧିବେଶନ ଶୃଙ୍ଖଳିତ ଭାବରେ ଚାଲିବ ଓ ରାଜ୍ୟର ଲୋକମାନଙ୍କ କଥା ବିଧାୟକମାନେ ଗୃହରେ ଉଠାଇବେ ତାହାକୁ ନେଇ ସନ୍ଦେହ ଲାଗି ରହିଛି। ରାଜ୍ୟରେ ବିଜେପି ସରକାର ଗଠନ ହେବାଠାରୁ ପ୍ରାୟ କୌଣସି ଅଧିବେଶନ ଶୃଙ୍ଖଳାର ସହ ଶେଷ ହୋଇନାହିଁ। ୨୦୨୫ କ୍ୟାଲେଣ୍ଡର ବର୍ଷରେ ତିନିଟି ଅଧିବେଶନ ଆରମ୍ଭର ଅଧାଦିନ ପର୍ଯ୍ୟନ୍ତ ହୋ-ହଲ୍ଲା, ପାଟିତୁଣ୍ଡ, ଆକ୍ଷେପ-ପ୍ରତ୍ୟାକ୍ଷେପରେ ବରବାଦ ହୋଇଛି। ରାଜ୍ୟର ଲୋକମାନଙ୍କ କଥା ବିଧାନସଭାରେ ଉଠିପାରି ନାହିଁ। କେବେ ବିରୋଧୀ ଗୃହ ଅଚଳ କରିଛନ୍ତି ତ କେବେ ପୁଣି ଶାସକ। କେତେବେଳେ ପୁଣି ପରସ୍ପର ବିରୋଧରେ ମୁହାଁମୁହିଁ ହେବା ଯୋଗୁଁ ଗୃହ ମୁଲତବୀ ହୋଇଛି; ମାତ୍ର ଉଭୟ ଶାସକ ଓ ବିରୋଧୀ ଏକାଠି ହୋଇ ନିଜ ବେତନ ୩୫୦% ବୃଦ୍ଧି କରିବାକୁ ସକ୍ଷମ ହୋଇଛନ୍ତି। ଯାହା କେବଳ ସାରା ରାଜ୍ୟ ନୁହେଁ, ଦେଶରେ ବି ଚର୍ଚ୍ଚାର ବିଷୟ ହୋଇଛି। ମାତ୍ର ଗତ କେଇମାସର ଘଟଣାକ୍ରମ ଓ ରାଜ୍ୟରେ ବିଭିନ୍ନ ସମସ୍ୟା ଆସନ୍ତାକାଲିଠାରୁ ଆରମ୍ଭ ହେଉଥିବା ଅଧିବେଶନକୁ ସରଗରମ କରିବାର ଯଥେଷ୍ଟ ସମ୍ଭାବନା ରହିଛି ଓ ସରକାରଙ୍କ ପାଇଁ ଏହା ଆହ୍ୱାନପୂର୍ଣ୍ଣ ହେବା ଆଶଙ୍କା କରାଯାଉଛି।

ବିରୋଧୀ ବିଜେଡି ଓ କଂଗ୍ରେସ ହାତରେ ଏବେ ରାଜ୍ୟସ୍ୱାର୍ଥ ସମ୍ବଳିତ ପୁଳାପୁଳା ପ୍ରସଙ୍ଗ। ଧାନକିଣାରେ ଅବ୍ୟବସ୍ଥାକୁ ନେଇ ବିଜେଡି ରାଜ୍ୟବ୍ୟାପୀ ପ୍ରତିବାଦ କରୁଥିବା ବେଳେ ସମାନ ଭାବରେ ଗୃହରେ ମଧ୍ୟ ଏହି ପ୍ରସଙ୍ଗ ଉଠାଇବାକୁ ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ ଧାନ ଉଠାଣରେ ସରକାରଙ୍କ ପଳାୟନପନ୍ଥୀ ମନୋଭାବ, ୧୫୦ କୁଇଣ୍ଟାଲ ଏମଏସପି ସିଲିଂକୁ ନେଇ ଚାଷୀକୁଳ କ୍ଷୁବ୍ଧ। ମୁଖ୍ୟ ବିରୋଧୀ ବିଜେଡି ଏହାକୁ ନେଇ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରତିବାଦ ଜାରି ରଖିଛି। କୃଷକମାନେ ମଧ୍ୟ ରାଜରାସ୍ତାକୁ ଆସିଥିବା ବେଳେ ସମସ୍ୟାର ସମାଧାନ ପରିବର୍ତ୍ତେ କୃଷକଙ୍କୁ ସରକାର ନକଲି ଚାଷୀର ଆଖ୍ୟା ଦେଉଛନ୍ତି। ଯାହା ବିରୋଧୀଙ୍କ ପାଇଁ ଅସ୍ତ୍ର ହୋଇପାରେ। ସେହିପରି ▶ପୃଷ୍ଠା-୭

### ବିଧାୟକ ଦଳ ବୈଠକରେ ନବୀନଙ୍କ ଗୁରୁମନ୍ତ୍ର

# ଚାଷୀ, ମହିଳାଙ୍କ ସ୍ୱର ହେବ ବିଜେଡି



■ ଭୁବନେଶ୍ୱର, ୧୬।୨ (ସମିସ): ମଣ୍ଡିରେ ରାଜ୍ୟରେ କୃଷକମାନେ ହନ୍ତସନ୍ତ ହେଉଛନ୍ତି। ସେମାନଙ୍କର ଧାନ ମଣ୍ଡିରୁ ଉଠୁ ନାହିଁ। କଟନୀ ଛଟନୀ, ଇନପୁଟ ସବସିଡି ପ୍ରଦାନରେ ୧୫୦ କ୍ୱିଣ୍ଟାଲ ସିଲିଂ ବ୍ୟବସ୍ଥା ଦ୍ୱାରା ସେମାନଙ୍କୁ ହଇରାଣ କରାଯାଉଛି। ନିର୍ଯାତିତ ଚାଷୀଙ୍କର ଏହି ମୌଳିକ ସମସ୍ୟାକୁ ନେଇ ବିଜେଡି ଗୃହ ମଧ୍ୟରେ ଲଢ଼େଇ କରିବ। ମଣ୍ଡିରେ ଯଦି କୃଷକଙ୍କ ସ୍ୱର ନ ଶୁଣାଯାଏ, ତେବେ ଏହି ସ୍ୱର ବିଧାନସଭାରେ ଗର୍ଜନ କରିବ ବୋଲି ବିଜେଡି ବିଧାୟକ ଦଳ ବୈଠକରେ ଦମ୍ଭୋକ୍ତି କରିଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଶଙ୍ଖ ଭବନରେ ଅନୁଷ୍ଠିତ ବିଧାୟକ ଦଳ ବୈଠକରେ ବିଜେଡି ଆସନ୍ତା ବଜେଟ ଅଧିବେଶନରେ ରାଜ୍ୟସ୍ୱାର୍ଥ ସମ୍ବଳିତ ଏକାଧିକ ପ୍ରସଙ୍ଗ ଉତ୍ଥାପନ କରିବ। କେବଳ ଚାଷୀ ସମସ୍ୟା ନୁହେଁ, ମହାନଦୀଠାରୁ ଆରମ୍ଭ କରି ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି, ମହିଳା ହିଂସା, ବଜେଟ ଅର୍ଥ ଖର୍ଚ୍ଚରେ ମନ୍ଥରତା ପରି ପ୍ରସଙ୍ଗରେ ଜବାବ୍ ମାଗିବ। ମିଥ୍ୟା ପ୍ରଚାର ବ୍ୟତୀତ ଏହି ସରକାର ସମସ୍ତ କ୍ଷେତ୍ରରେ ବିଫଳ ହୋଇଛନ୍ତି। ତେଣୁ ପ୍ରତ୍ୟେକ ପ୍ରସଙ୍ଗରେ ଦଳ ସରକାରଙ୍କୁ ପ୍ରଶ୍ନ କରିବ ଓ ଆବଶ୍ୟକ ପଡ଼ିଲେ ବିରୋଧ ପ୍ରଦର୍ଶନ କରିବ ବୋଲି ନବୀନ ସ୍ପଷ୍ଟ ଭାଷାରେ ଦଳୀୟ ▶ପୃଷ୍ଠା-୭

- ମିଥ୍ୟା ପ୍ରଚାର ବ୍ୟତୀତ ସରକାର ସମସ୍ତ କ୍ଷେତ୍ରରେ ବିଫଳ
- ମନ୍ଥର ବଜେଟ ବ୍ୟୟ ଲୋକଙ୍କୁ ଅଧିକାରରୁ ବଞ୍ଚିତ କରିଛି
- ସରକାରୀ କାର୍ଯ୍ୟ କେବଳ ସ୍ଲୋଗାନ ଓ ଫଟୋରେ ସୀମିତ

### ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ବୈଠକ

# ରତ୍ନଭଣ୍ଡାର ଗଣତିମଣତି ଖୁବ୍‌ଶୀଘ୍ର

- ଏସ୍‌ଓପି ସମ୍ପର୍କରେ ମୁଖ୍ୟମନ୍ତ୍ରୀ କଲେ ବିସ୍ତୃତ ଆଲୋଚନା
- ୧୯୭୮ ର ତାଲିକା ସହ ହେବ ଅଳଙ୍କାର ମେଳକ
- ଫଟୋଗ୍ରାଫି ସହ ପ୍ରସ୍ତୁତ ହେବ ଡିଜିଟାଲ୍ କାଟାଲଗ୍



■ ଭୁବନେଶ୍ୱର, ୧୬।୨ (ସମିସ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀମନ୍ଦିରର ରତ୍ନଭଣ୍ଡାରରେ ଥିବା ସୁନା ଅଳଙ୍କାର ଓ ମୋତିମାଣିକ୍ୟର ଖୁବ୍‌ଶୀଘ୍ର ଗଣତିମଣତି ଆରମ୍ଭ ହେବ। ଶେଷଥର ପାଇଁ ଗଣତି-ମଣତି ପ୍ରକ୍ରିୟା ୧୯୭୮ରେ ହୋଇଥିଲା। ତେଣୁ ବର୍ତ୍ତମାନର ପ୍ରକ୍ରିୟାରେ ସମ୍ପତ୍ତିର ଗଣତି ସମୟରେ ଏହାକୁ ୧୯୭୮ର ତାଲିକା ସହିତ ମେଳକ କରାଯାଇ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯିବ। ସମ୍ପୂର୍ଣ୍ଣ ପ୍ରକ୍ରିୟାର ଫଟୋଗ୍ରାଫି ସହିତ ଡିଜିଟାଲ୍ କାଟାଲଗ୍ ପ୍ରସ୍ତୁତ କରାଯିବାକୁ ନିଷ୍ପତ୍ତି ହୋଇଛି। ସୋମବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରୁ ଏହା ଜଣାଯାଇଛି। ବୈଠକରେ ପୁରୀ ଶ୍ରୀମନ୍ଦିରର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ରତ୍ନାଳଙ୍କାର ଗଣତିମଣତି ସଂପର୍କରେ ବିସ୍ତୃତ ଉପସ୍ଥାପନା ରଖିଥିଲେ। ସୂଚନାଯୋଗ୍ୟ ଯେ ଗଣତିମଣତିର ସମସ୍ତ ପୂର୍ବ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ସମାପ୍ତ ହୋଇଛି। ବାହାର ଓ ଭିତର ରତ୍ନଭଣ୍ଡାରର ସମ୍ପୂର୍ଣ୍ଣ ମରାମତି ଓ ସଂରକ୍ଷଣ କାର୍ଯ୍ୟ ଇତି ▶ପୃଷ୍ଠା-୭

## ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ପରଲୋକ

■ ସମ୍ବଲପୁର, ୧୬।୨ (ସମିସ): ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ବିଶିଷ୍ଟ ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ ଡାକ୍ତର ରାସେଶ୍ୱରୀ ପାଣିଗ୍ରାହୀଙ୍କ ସୋମବାର ସଂଧ୍ୟାରେ ପରଲୋକ ହୋଇଯାଇଛି। ତାଙ୍କୁ ୭୯

ଶୋକ ବ୍ୟକ୍ତ କଲେ ମୋହନ, ନବୀନ, ଧର୍ମେନ୍ଦ୍ର



ବର୍ଷ ହୋଇଥିଲା। ପ୍ରାୟ ୧ ବର୍ଷ ହେଲା ସେ ସ୍ନାୟୁଜନିତ ରୋଗରେ ପୀଡ଼ିତ ଥିଲେ। ଶାନ୍ତିନଗରସ୍ଥିତ ବାସଭବନରେ ଏକ ଡାକ୍ତରୀ ଦଳ ତାଙ୍କର ଚିକିତ୍ସା କରୁଥିଲେ। ଗତକାଲିଠାରୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଥିଲା। କିନ୍ତୁ ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ତାଙ୍କର ପରଲୋକ ହୋଇଯାଇଥିଲା। ଏହି ଖବର ପ୍ରଚାରିତ ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତିବିଶେଷ ଗଭୀର ଶୋକବ୍ୟକ୍ତ କରିଛନ୍ତି। ▶ପୃଷ୍ଠା-୭

## ଆଜିଠୁ ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା

■ ଭୁବନେଶ୍ୱର, ୧୬।୨(ସମିସ): କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ପରିଚାଳିତ ଦଶମ ଓ ଦ୍ୱାଦଶ ପରୀକ୍ଷା ଆସନ୍ତାକାଲି ଅର୍ଥାତ୍ ମଙ୍ଗଳବାରଠାରୁ ଆରମ୍ଭ ହେବ। ଚଳିତବର୍ଷ ଉଭୟ ଶ୍ରେଣୀରେ ପ୍ରାୟ ୪୩ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ଦଶମ ଶ୍ରେଣୀରେ ପ୍ରାୟ ୨୫ ଲକ୍ଷ ୮ ହଜାର ଓ ଦ୍ୱାଦଶରେ ପ୍ରାୟ ୧୮ ଲକ୍ଷ ୫୯ ହଜାରରୁ ଅଧିକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସକାଳ ସାଢ଼େ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇ ଦିନ ସାଢ଼େ ୧ଟା ପର୍ଯ୍ୟନ୍ତ ଚାଲିବ। ପରୀକ୍ଷାର ଅଧଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ▶ପୃଷ୍ଠା-୭

- ଚଳିତ ବର୍ଷରୁ ୨ଟି ବୋର୍ଡ ପରୀକ୍ଷା
- ପ୍ରଥମ ପରୀକ୍ଷା ନ ଦେଲେ ଦ୍ୱିତୀୟରେ ମିଳିବନି ସୁଯୋଗ

# ଜେଲ୍‌ରେ ବିକ୍ରମଙ୍କୁ ମାରିବାକୁ ଷଡ଼ଯନ୍ତ୍ର !




- ବିନା ଚିକିତ୍ସାରେ ଡାକ୍ତରଖାନାରୁ ପୁଣି ଜେଲ୍‌କୁ ନେଲା ପୁଲିସ
- କୋର୍ଟରେ ହାଜର ଲାଗି ଚକ୍ରାନ୍ତ କରିଛି ପୁଲିସ: ବିକ୍ରମଙ୍କ ଓକିଲ

■ ବ୍ରହ୍ମପୁର, ୧୬।୨ (ସମିସ): ଜେଲରେ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ମାରିଦେବାକୁ ଷଡ଼ଯନ୍ତ୍ର କରାଯାଉଛି। ଏଥିପାଇଁ ପୁଲିସ, ଡାକ୍ତର ମିଳିତ ଭାବରେ ଚକ୍ରାନ୍ତ ଚଳାଇଥିବା ସନ୍ଦେହ ଘନୀଭୂତ ହେଉଛି ବୋଲି ବିକ୍ରମଙ୍କ ପରିବାର ଏବଂ ସମର୍ଥକ ଅଭିଯୋଗ କରିଛନ୍ତି। ବିଭିନ୍ନ ରୋଗର ଚିକିତ୍ସା ପାଇଁ ବିକ୍ରମଙ୍କୁ ଜେଲ କର୍ତ୍ତୃପକ୍ଷ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ବିନା ଚିକିତ୍ସାରେ ତରବରିଆ ଭାବରେ ତାଙ୍କୁ ଜେଲ୍‌କୁ ପୁଲିସ ଫେରାଇ ନେଇଛି। ତାଙ୍କର ଅସ୍ତ୍ରୋପଚାର ଆବଶ୍ୟକତା ଥିବା ଓ ଏଥିପାଇଁ ବିକ୍ରମ ସମ୍ମତି ଦେବା ସତ୍ତ୍ୱେ ପୁଲିସ ଏହାକୁ କର୍ଣ୍ଣପାତ କରିନାହିଁ। ଡାକ୍ତରମାନେ ବି ପୁଲିସ କଥାରେ ଘୋଷା ଶୁଆ ପରି ହଁ ଭରି ବିକ୍ରମଙ୍କୁ ପୁଣି ଜେଲ୍ ପଠାଇବାରେ ସହଯୋଗ କରିଥିବା ଅଭିଯୋଗ ହୋଇଛି।

ବିଭିନ୍ନ ରୋଗରେ ପୀଡ଼ିତ ହେବା ପରେ ବିକ୍ରମଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ୫ ଦିନ ଧରି ବିଭିନ୍ନ ପରୀକ୍ଷାନିରୀକ୍ଷା କରାଗଲା, ନିଦାନ ରିପୋର୍ଟରେ ରୋଗ ଚିହ୍ନଟ ହେଲା। ଜଣେ ପୂର୍ବତନ ବିଧାୟକ ଭାବରେ ତାଙ୍କର ଚିକିତ୍ସା ବ୍ୟୟ ରାଜ୍ୟ ସରକାର ବହନ କରିବା କଥା, ମାତ୍ର ଚିକିତ୍ସା ବ୍ୟୟ ବହନ କରିବା ତ ଦୂରର କଥା; ଡ଼ାକ୍ତରଖାନାରେ ତାଙ୍କର ଚିକିତ୍ସା ବି କରାଗଲା ନାହିଁ। ବିନା ଚିକିତ୍ସାରେ ତରବରିଆ ଭାବେ ବିକ୍ରମ ପଣ୍ଡାଙ୍କୁ ବଳପୂର୍ବକ ଜେଲ୍‌କୁ ପଠାଯିବା ପରେ ତାଙ୍କୁ ଜେଲ ମଧ୍ୟରେ ବିନା ଚିକିତ୍ସାରେ ମାରିଦେବାକୁ ଷଡ଼ଯନ୍ତ୍ରର ଗନ୍ଧ ବାରିଛନ୍ତି ତାଙ୍କ ସମର୍ଥକ।

ଅଦାଲତ ବିକ୍ରମଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ରିପୋର୍ଟ ତଲବ କରିବା ପରେ ତାଙ୍କର ଚିକିତ୍ସା ପାଇଁ ୬ଜଣ ବିଶେଷଜ୍ଞଙ୍କୁ ନେଇ ସ୍ୱତନ୍ତ୍ର ଟିମ୍ ଗଠିତ ହୋଇଥିଲା। ଟିମ୍‌ର ପରାମର୍ଶ କ୍ରମେ ପୁଲିସ ଉପସ୍ଥିତିରେ ଏମ୍‌କେସିଜି ମେଡିକାଲରେ କରାଯାଇଥିବା ସିଟିସ୍କାନ, ଏମ୍‌ଆରଆଇ, ଅଲଟ୍ରାସାଉଣ୍ଡ ଓ ଏକ୍ସ-ରେ ଆଦି ରିପୋର୍ଟ ଆଧାରରେ ଚିକିତ୍ସା ଜାରି ରହିଥିଲା। ବିକ୍ରମଙ୍କ ଗଲବ୍ଲାଡରରେ ପଥୁରୀ ବାହାରିଥିଲା ଏହା ସହିତ ମଳକଣ୍ଟକ ଓ ଅର୍ଶ ରୋଗରେ ସେ ପୀଡ଼ିତ ▶ପୃଷ୍ଠା-୭

# ୯ କୋଟିର ଚେକ୍ ବାଉନ୍ସ ମାମଲାରେ ରାଜପାଲଙ୍କୁ ଜାମିନ



ନୂଆଦିଲ୍ଲୀ, ୧୬।୨(ଏଜେନ୍ସି): ୯ କୋଟି ଟଙ୍କାର ଚେକ୍ ବାଉନ୍ସ ମାମଲାରେ ତିହାର ଜେଲ୍‌ରେ ଥିବା ବଲିଉଡ ଅଭିନେତା ରାଜପାଲ ଯାଦବଙ୍କୁ ସୋମବାର ଦିଲ୍ଲୀ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ୫୪ ବର୍ଷୀୟ ଏହି ହାସ୍ୟ ଅଭିନେତା ନିଜର ନିର୍ଦ୍ଦେଶିତ ସିନେମା 'ଅତା ପତା ଲାପତା' (୨୦୧୨) ପାଇଁ 'ମୁରଲୀ ପ୍ରୋଜେକ୍ଟ ପ୍ରାଇଭେଟ ଲମିଟେଡ'ରୁ ୫ କୋଟି ଟଙ୍କା ଋଣ ନେଇଥିଲେ। ଫିଲ୍ମଟି ବକ୍ସ ଅଫିସରେ ସାଂଘାତିକ ଭାବେ ଫ୍ଲପ ହୋଇଥିଲା। ଫଳରେ ସେ ପ୍ରଭୁତ କ୍ଷତି ସହିଥିଲେ। ସମୟକ୍ରମେ ଚେକ୍ ବାଉନ୍ସ, ସୁଧ ଓ ଜରିମାନା ସହ ଋଣର ପରିମାଣ ୯ କୋଟି ଟଙ୍କାରେ ପହଞ୍ଚିଥିଲା। ଋଣ ପରିଶୋଧ ପାଇଁ ରାଜପାଲ ଅନେକ ଚେକ୍ ଦେଇଥିଲେ ମଧ୍ୟ ସେଗୁଡିକ ବାଉନ୍ସ ହୋଇଥିଲା। ଯାହା ଫଳରେ ତାଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇଥିଲା। ବାରମ୍ବାର ପ୍ରତିଶ୍ରୁତି ସତ୍ତ୍ୱେ ଟଙ୍କା ପୈଠ ନ କରିବାରୁ କୋର୍ଟ ତାଙ୍କୁ ଆତ୍ମସମର୍ପଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଚଳିତ ମାସ ୫ ତାରିଖରେ ସେ ତିହାର ଜେଲ୍‌ରେ ଆତ୍ମସମର୍ପଣ କରିଥିଲେ ଓ ତାଙ୍କ ୬ ମାସ ଜେଲ ଦଣ୍ଡାଦେଶ ହୋଇଥିଲା। ରାଜପାଲ ଅଭିଯୋଗକାରୀ କମ୍ପାନୀର ବ୍ୟାଙ୍କ ଆକାଉଣ୍ଟରେ ଦେଢ଼ କୋଟି ଟଙ୍କା ଜମା କରିବା ପରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଶର୍ମା ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। କୋର୍ଟ ତାଙ୍କୁ ପାସପୋର୍ଟ ଦାଖଲ କରିବାକୁ ଓ ବିନା ଅନୁମତିରେ ଦେଶ ଛାଡ଼ି ନ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମାର୍ଚ୍ଚ ୧୮ରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ତାଙ୍କୁ ଆଭାସୀ କିମ୍ବା ବ୍ୟକ୍ତିଗତ ଭାବେ ଉପସ୍ଥିତ ରହିବାକୁ କୁହାଯାଇଛି। ଏହି ସଙ୍କଟ ମଧ୍ୟରେ ତାଙ୍କୁ ସାହାଯ୍ୟ କରିବାକୁ ସଲମାନ ଖାନ, ଅଜୟ ଦେବଗନ, ଡେଭିଡ ଧାୱନ, ସୋନୁ ସୁଦ, ଗୁରୁ ରାନ୍ଧୱା ଓ ମିକା ସିଂଙ୍କ ଭଳି ତାରକା ଆଗେଇ ଆସିଥିଲେ। ତାଙ୍କ ପତ୍ନୀ ରାଧା ଯାଦବ ଏହି ସାହାଯ୍ୟ ପାଇଁ ସମସ୍ତଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଆଜି ଶପଥ ନେବେ ତାରିକ ରହେମାନ



ଢାକା, ୧୬।୨(ଏଜେନ୍ସି): ବାଂଲାଦେଶରେ ଆଉ ଏକ ନୂଆ ଯୁଗର ଆରମ୍ଭ ହେବାକୁ ଯାଉଛି। ସଂସଦ ନିର୍ବାଚନରେ ବିପୁଳ ଭୋଟରେ ବିଜୟୀ ହୋଇଥିବା ବାଂଲାଦେଶ ନେସନାଲ ପାର୍ଟିର ମୁଖ୍ୟ ତାରିକ ରହେମାନ ଆସନ୍ତାକାଲି ନୂଆ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଏଥିରେ ଦେଶ ବିଦେଶର ଅନେକ ବରିଷ୍ଠ ନେତା ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ଏହି ଉତ୍ସବକୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଯିବା ଲାଗି ଆମନ୍ତ୍ରଣ ମିଳିଥିଲେ ମଧ୍ୟ ଫ୍ରାନ୍ସ ରାଷ୍ଟ୍ରପତିଙ୍କ ଭାରତ କାର୍ଯ୍ୟକ୍ରମ ଯୋଗୁଁ ସେ ଢାକା ଯିବା ସମ୍ଭାବନା ନାହିଁ। ତାଙ୍କ ସ୍ଥାନରେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଯିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ କାମଚଳା ସରକାରଙ୍କ ପରାମର୍ଶଦାତା ମହମ୍ମଦ ୟୁନୁସ ଇସ୍ତଫା ଦେଇଛନ୍ତି।

ଇତିମଧ୍ୟରେ ଶେଖ ହସିନାଙ୍କ ସରକାର ପତନ ପରେ ଗଠିତ ଅନ୍ତରୀଣ ସରକାରର ମୁଖ୍ୟ ମହମ୍ମଦ ୟୁନୁସଙ୍କ ସରକାରଙ୍କ ମନ୍ତ୍ରୀମାନଙ୍କ ସମ୍ପତ୍ତି ବିପୁଳ ବୃଦ୍ଧି ଘଟିଛି। ଶୀର୍ଷ ୪ ମନ୍ତ୍ରୀ ସମ୍ପତ୍ତିରେ ସବୁଠାରୁ ଅଧିକ ବଢ଼ିଛି। ଏହି ଅନ୍ତରୀଣ ସରକାରଙ୍କ ମୁଖ୍ୟ ୟୁନୁସଙ୍କ ସମ୍ପତ୍ତି ଗୋଟିଏ ବର୍ଷରେ ପ୍ରାୟ ୧୧ ପ୍ରତିଶତ ବୃଦ୍ଧି ଘଟିଛି। ୟୁନୁସଙ୍କ ସମ୍ପତ୍ତି ଏବେ ସାଢ଼େ ୧୨ କୋଟି ଟଙ୍କା ହୋଇଯାଇଛି, ଯେଉଁଥିରେ ୧ କୋଟି ୩୦ ଲକ୍ଷ ଟଙ୍କାର ବୃଦ୍ଧି ଘଟିଛି। ଅନ୍ତରୀଣ ସରକାରଙ୍କ ୪ ମନ୍ତ୍ରୀମାନଙ୍କ ମଧ୍ୟରେ ୟୁନୁସ୍‌ଙ୍କର ସବୁଠାରୁ ଅଧିକ ବଢ଼ିଛି। ଦ୍ୱିତୀୟ ସ୍ଥାନରେ ଅବାସ ମନ୍ତ୍ରୀ ଅଦିଲୁର ରହମାନଙ୍କ ସମ୍ପତ୍ତିରେ ୧ କୋଟି ୨୩ ଲକ୍ଷ ଟଙ୍କା ବୃଦ୍ଧି ହୋଇଛି। ୟୁନୁସଙ୍କ ୨୧ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୧୮ ଜଣଙ୍କ ବୃଦ୍ଧି ଘଟିଛି। ଏହା ପରେ ସେ ଅନ୍ତରୀଣ ସରକାରଙ୍କ ମନ୍ତ୍ରୀମାନଙ୍କ ସମ୍ପତ୍ତି ବୃଦ୍ଧିର ତଦନ୍ତ ପାଇଁ କମିଶନ ଗଠନ କରିପାରନ୍ତି।

ଇତିମଧ୍ୟରେ ୟୁନୁସ ପୁଣିଥରେ ଏବେ ଫ୍ରାନ୍ସ ରାଜଧାନୀ ପ୍ୟାରିସ୍‌ରେ ବସବାସ କରିବା ପାଇଁ ପ୍ରସ୍ତୁତ ହେଉଛନ୍ତି। ସୂଚନାଯୋଗ୍ୟ ଯେ, ୟୁନୁସ ବାଂଲାଦେଶର ଏକମାତ୍ର ନୋବେଲ ପୁରସ୍କାର ବିଜେତା। ମାଇକ୍ରୋ ଫାଇନାନ୍ସ କ୍ଷେତ୍ରରେ ସେ ଜଣେ ବଡ଼ ନାମ। ଶେଖ ହସିନାଙ୍କ ସରକାରଙ୍କ ସମୟରେ ତାଙ୍କ ବିରୋଧରେ ଦୁର୍ନୀତି ମାମଲା ରୁଜୁ ହୋଇଥିଲା, କିନ୍ତୁ ସେ କ୍ଷମତାକୁ ଆସିବା ପରେ ନିଜ ବିରୋଧରେ ଥିବା ମାମଲାଗୁଡ଼ିକୁ ପ୍ରତ୍ୟାହାର କରିନେଥିଲେ। ସେପଟେ ତାରିକ ରହେମାନଙ୍କ ବିଏନ୍‌ପି ପାର୍ଟିର ବୃହତ ବିଜୟ ସହ ଆଇଟି ମନ୍ତ୍ରୀ ଥିବା ଫୈଜ ଅହମ୍ମଦ ତୈୟବ ନେଦରଲାଣ୍ଡ ଫେରିଯାଇଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ସେ ବିଦେଶୀ କମ୍ପାନୀଗୁଡ଼ିକ ସପକ୍ଷରେ ନିଷ୍ପତ୍ତି ନେଇଥିବାରୁ ଅନେକ ଆପତ୍ତି ଉଠିଥିଲା। ସେହିପରି ୟୁନୁସ ସରକାରଙ୍କ ପରିବେଶ ମନ୍ତ୍ରୀ ସୈୟିଦା ରିଜୱାନା କହିଛନ୍ତି ଯେ, ଫୈଜ ନିଜ ପରିବାର ସହ ନେଦରଲାଣ୍ଡରେ ରୁହନ୍ତି ଓ ସେ କେବଳ ସରକାରରେ ସାମିଲ ହେବାକୁ ବାଂଲାଦେଶ ଆସିଥିଲେ। ଇତିମଧ୍ୟରେ ସଂସଦର ସୂଚାରୁ ପରିଚାଳନା ପାଇଁ ତାରିକ ରହେମାନ ଜମାତ-ଇ-ଇସଲାମୀର ମୁଖ୍ୟ ଶଫିକୁର ରହେମାନଙ୍କୁ ଭେଟି ବୁଝାମଣା କରିଛନ୍ତି। ଅନ୍ୟପଟେ ରାଜଧାନୀ ଢାକାରେ ଚୀନ୍ ଓ ପାକିସ୍ତାନ ଦୂତାବାସରେ ବୈଠକ ବଢ଼ିବାରେ ଲାଗିଛି।

## ହିନ୍ଦୁ ନେତାଙ୍କୁ ମନ୍ତ୍ରୀ କରିପାରନ୍ତି ତାରିକ

ଢାକା, ୧୬।୨(ଏଜେନ୍ସି): ନିର୍ବାଚନରେ ବିପୁଳ ବହୁମତ ହାସଲ କରିଥିବା ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ନୂଆ ସରକାର ଗଠନ ପାଇଁ ପ୍ରସ୍ତୁତି ଚଳାଇଛି। ସରକାରଙ୍କ ତରଫରୁ ନିର୍ବାଚିତ ସାଂସଦମାନଙ୍କ ଗେଜେଟ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନିର୍ବାଚନରେ ଦଳରୁ ୨ ଜଣ ହିନ୍ଦୁ ସାଂସଦ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଢାକା-୩ ଆସନରୁ ବିଜୟୀ ହୋଇଥିବା ଗୋୟେଶ୍ୱର ଚନ୍ଦ୍ର ରୟଙ୍କୁ ନୂତନ କ୍ୟାବିନେଟ୍‌ରେ ସାମିଲ କରାଯାଇପାରେ। ଗୋୟେଶ୍ୱର ହେଉଛନ୍ତି, ବିଏନ୍‌ପିର ଜଣେ ପ୍ରଭାବଶାଳୀ ନେତା। ସେ ପ୍ରାୟ ୩୦ ବର୍ଷ ତଳେ (୧୯୯୧ରୁ ୧୯୯୬) ମଧ୍ୟରେ ଖାଲେଦା ଜିଆଙ୍କ ସରକାରରେ ରାଷ୍ଟ୍ରମନ୍ତ୍ରୀ ଥିଲେ। ଗୋୟେଶ୍ୱର ବାଂଲାଦେଶ ରାଜନୀତିରେ ହିନ୍ଦୁ ସମ୍ପ୍ରଦାୟର ଏକ ପ୍ରମୁଖ ଚେହେରା। ସେ ନିକଟରେ ଅନୁଷ୍ଠିତ ନିର୍ବାଚନରେ ଜମାତର ପ୍ରାର୍ଥୀଙ୍କୁ ପ୍ରାୟ ୧୭ ହଜାର ଭୋଟରେ ପରାସ୍ତ କରିଥିଲେ। ଉଲ୍ଲେଖଥାଉ କି, ଏଥର ନିର୍ବାଚନରେ ୪ ଜଣ ସଂଖ୍ୟାଲଘୁ ସାଂସଦ ନିର୍ବାଚିତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଦୁଇଜଣ ଲେଖାଏ ହିନ୍ଦୁ ଓ ବୌଦ୍ଧଧର୍ମର। ଗୋୟେଶ୍ୱର ଓ ନିତାଇ ରୟ ଚୌଧୁରୀ ହିନ୍ଦୁ ସାଂସଦ ହୋଇଥିବା ବେଳେ ସାଚିଙ୍ଗ ପ୍ରୁ ଓ ଦୀପେନ ଦେୱାନ ବୌଦ୍ଧ ଧର୍ମର। ନିତାଇ ହେଉଛନ୍ତି ଗୋୟେଶ୍ୱରଙ୍କ ସମୁଦି।

# ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ !



■ ସୁପ୍ରିମକୋର୍ଟଙ୍କ ନାପସନ୍ଦ; ବିବାହ ନ ହେବା ପର୍ଯ୍ୟନ୍ତ ଯୁବକ ଯୁବତୀ ଅପରିଚିତ
■ କାହା ଉପରେ ଭରସା କରିବା ଅନୁଚିତ

ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି): ବିବାହର ମିଥ୍ୟା ପ୍ରତିଶ୍ରୁତି ଏବଂ ଦୁଷ୍କର୍ମ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ସୋମବାର ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ବିବାହ ପୂର୍ବରୁ ଶାରୀରିକ ସମ୍ପର୍କ ରଖିବାକୁ ନେଇ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ବିବାହ ପୂର୍ବରୁ ଜଣେ ଯୁବକ ଏବଂ ଯୁବତୀ କେମିତି ଶାରୀରିକ ସମ୍ପର୍କ ରଖିପାରନ୍ତି? ଏହା ଆମ ବୁଝିବା ବାହାରେ ବୋଲି ଜଷ୍ଟିସ ବିଭି ନାଗରତ୍ନା ଏବଂ ଜଷ୍ଟିସ ଉଜ୍ଜ୍ୱଳ ଭୂୟାଁଙ୍କ ଖଣ୍ଡପୀଠ କହିଛନ୍ତି। ଜଷ୍ଟିସ ନାଗରତ୍ନା କହିଥିଲେ ଯେ ଆମେ ପୁରୁଣା ଚିନ୍ତାଧାରାର ହୋଇପାରୁ, କିନ୍ତୁ ବିବାହ ନ ହେବା ପର୍ଯ୍ୟନ୍ତ ଯୁବକ ଏବଂ ଯୁବତୀ ଅପରିଚିତ ହୋଇଥାନ୍ତି। ସେମାନେ ବହୁତ ସାବଧାନ ରହିବା ଉଚିତ। କାହା ଉପରେ ମଧ୍ୟ ଭରସା କରିବା ଅନୁଚିତ। ୨୦୨୨ରେ ମ୍ୟାଟ୍ରିମୋନିଆଲ ୱେବସାଇଟରେ ଯୁବକ ଏବଂ ଯୁବତୀ ପରସ୍ପରକୁ ଭେଟିଥିଲେ ବୋଲି କୋର୍ଟଙ୍କୁ କୁହାଯାଇଥିଲା।

ଅଭିଯୋଗକାରୀ ଯୁବତୀଙ୍କ ପକ୍ଷରୁ କୁହାଯାଇଥିଲା ଯେ ମହିଳାଙ୍କୁ ବିବାହ କରିବାକୁ ପୁରୁଷ ପ୍ରତିଶ୍ରୁତି ଦେଇଥିଲେ। ପରେ ଦୁବାଇ ଯାଇ ମହିଳା ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏହାର ଭିଡିଓ ରେକର୍ଡିଂ କରି ପୁରୁଷ କ୍ରମାଗତ ଭାବେ ତାଙ୍କ ସହ ସମ୍ପର୍କ ରଖି ଚାଲିଥିଲେ। ପରେ ବିବାହ କରିବାକୁ ମନା କରିଦେଇଥିଲେ। ଉକ୍ତ ପୁରୁଷଙ୍କ ଜାମିନ ଆବେଦନ ଉପରେ ଶୁଣାଣି କରି କୋର୍ଟ ଉପରୋକ୍ତ ଟିପ୍ପଣୀ ଦେଇଥିଲେ। ସେ ପୂର୍ବରୁ ବିବାହିତ ଥିବା ଏବଂ ପରେ ଅନ୍ୟ ମହିଳାଙ୍କୁ ବିବାହ କରିଥିବା ଅଭିଯୋଗ ଲାଗିଥିଲା। ପୂର୍ବରୁ ନିମ୍ନ କୋର୍ଟ ଏହି ମାମଲାରେ ଅଭିଯୁକ୍ତର ଜାମିନକୁ ଖାରଜ କରିଦେଇଥିଲେ।

ସୁପ୍ରିମକୋର୍ଟରେ ଶୁଣାଣି ସମୟରେ ଜଷ୍ଟିସ ନାଗରତ୍ନା କହିଥିଲେ ଯେ ଯୁବତୀ ଉକ୍ତ ପୁରୁଷଙ୍କୁ ଭେଟିବା ପାଇଁ ଦୁବାଇ କାହିଁକି ଯାଇଥିଲେ। ଯଦି ମହିଳା ବିବାହକୁ ନେଇ ଏତେ ଗମ୍ଭୀର ଥିଲେ ତେବେ ଦୁବାଇ ଯିବାର ନ ଥିଲା। ଏହା ଏଭଳି ମାମଲା ନୁହେଁ, ଯାହାକୁ ନେଇ ମକଦ୍ଦମା ଚଲାଯିବ ଏବଂ ଦଣ୍ଡ ଦିଆଯିବ। କାରଣ ଉଭୟେ ସହମତିରେ ଶାରୀରିକ ସମ୍ପର୍କ ରଖିଥିଲେ। ଯୁବତୀଙ୍କୁ କ୍ଷତିପୂରଣ ଦେଇ ମାମଲାର ରଫାଦଫା କରିବାକୁ ଖଣ୍ଡପୀଠ ଅଭିଯୁକ୍ତର ଓକିଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୁବତୀଙ୍କ ଓକିଲଙ୍କୁ ମଧ୍ୟ ଚୁକ୍ତି କରିବାକୁ ପରାମର୍ଶ ଦିଆଯାଇଛି। ଉଭୟ ପକ୍ଷର ରାୟ ଜାଣିବା ପର୍ଯ୍ୟନ୍ତ ଶୁଣାଣିକୁ ବୁଧବାର ଯାଏ ସ୍ଥଗିତ ରଖାଯାଇଛି।

## ହିମନ୍ତ ବିଶ୍ୱଶର୍ମାଙ୍କ ବିରୋଧରେ ପିଟିସନ, ଶୁଣାଣି ପାଇଁ ମନାକଲେ ସୁପ୍ରିମକୋର୍ଟ

■ ଗୌହାଟୀ ହାଇକୋର୍ଟ ଯିବାକୁ ନିର୍ଦ୍ଦେଶ
■ ତ୍ୱରିତ ଶୁଣାଣି କରିବେ ହାଇକୋର୍ଟ

ନୂଆଦିଲ୍ଲୀ, ୧୬।୨(ଏଜେନ୍ସି): ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମାଙ୍କ ଏକ ଭାଇରାଲ ଭିଡ଼ିଓ ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରି ଦାଏର ଆବେଦନକୁ ସୁପ୍ରିମକୋର୍ଟ ସୋମବାର ପ୍ରତ୍ୟାଖାନ କରିଛନ୍ତି। ସେହି ଭିଡିଓରେ ମୁଖ୍ୟମନ୍ତ୍ରୀ ଜଣେ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ସଦସ୍ୟଙ୍କୁ ରାଇଫଲ ଯୋଗ ଟାର୍ଗେଟ କରି ଗୁଳି ଚଳାଉଥିବା ଦର୍ଶା ଯାଇଥିଲା। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଏବଂ ଜଷ୍ଟିସ ବିପୁଲ ଏମ ପାଞ୍ଚୋଲୀଙ୍କ ଖଣ୍ଡପୀଠ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ କୋର୍ଟକୁ ଯିବା ଏକ ଟ୍ରେଣ୍ଡ ହୋଇ ଗଲାଣି। କୋର୍ଟକୁ ରାଜନୈତିକ ଖେଳପଡ଼ିଆ କରନ୍ତୁ ନାହିଁ। ଆବେଦନକାରୀଙ୍କୁ ଗୌହାଟୀ ହାଇକୋର୍ଟ ଯିବାକୁ ଖଣ୍ଡପୀଠ କହିଛନ୍ତି। ଯଦି ହାଇକୋର୍ଟରୁ ଆଶ୍ୱସ୍ତି ନମିଳେ, ତେବେ ସୁପ୍ରିମକୋର୍ଟ ଆସନ୍ତୁ। ଆମେ ହାଇକୋର୍ଟଙ୍କୁ ଏହି ମାମଲାରେ ଶୀଘ୍ର ଶୁଣାଣି ପାଇଁ ଅନୁରୋଧ କରିବୁ। ଉଲ୍ଲେଖଥାଉ କି, ଜାନୁଆରୀ ୮ ତାରିଖରେ ଆସାମ ବିଜେପିର ଏକ୍ସ ହ୍ୟାଣ୍ଡଲରୁ ଏକ ଭିଡିଓ ପୋଷ୍ଟ କରାଯାଇଥିବା କଂଗ୍ରେସ ଦାବି କରିଥିଲା। ସେଥିରେ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ରାଇଫଲ ସାହଯ୍ୟରେ ଦୁଇ ଜଣ ସଂଖ୍ୟାଲଘୁଙ୍କ ଉପରେ ଗୁଳି ଚଳାଉଥିବାର ଦେଖାଯାଇଥିଲା। ଏହାକୁ ନେଇ କଂଗ୍ରେସ କହିଥିଲା ଯେ, ଏହା ସଂଖ୍ୟାଲଘୁଙ୍କ ବିରୋଧରେ ଗଣସଂହାର ପାଇଁ ଏକ ଆହ୍ୱାନ ସଦୃଶ। ମାତ୍ର ବିବାଦ ବଢ଼ିବା ପରେ ବିଜେପିଏହି ଭିଡ଼ିଓକୁ ଡିଲିଟ କରିଦେଇଥିଲା।

## ମୁଁ ଗାନ୍ଧୀବାଦୀ; ରାହୁଲବାଦୀ ନୁହେଁ: ମଣିଶଙ୍କର

ନୂଆଦିଲ୍ଲୀ, ୧୬।୨ (ଏଜେନ୍ସି): ବିରୋଧୀଙ୍କ 'ଇଣ୍ଡିଆ' ମେଣ୍ଟକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ମଝବୁତ କରିପାରିବେ। ଏହି ମେଣ୍ଟର ନେତୃତ୍ୱ ନେବାର ଷ୍ଟାଲିନ ହିଁ ଉପଯୁକ୍ତ ବ୍ୟକ୍ତି। ମାତ୍ର ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ପ୍ରଧାନମନ୍ତ୍ରୀ ହୋଇପାରନ୍ତି। ସଂଗଠନକୁ ମଝବୁତ ଏବଂ ଏକାଠି ରଖିବା ପାଇଁ ଏଭଳି ଜଣେ ବ୍ୟକ୍ତିଙ୍କୁ ଇଣ୍ଡିଆ ମେଣ୍ଟର ଦାୟିତ୍ୱ ଦେବା ଉଚିତ। ଷ୍ଟାଲିନ ଗତ ବର୍ଷେ ହେଲା ସଙ୍ଘୀୟ ଢାଞ୍ଚାକୁ ମଝବୁତ କରିବା ପାଇଁ ସବୁ ପଦକ୍ଷେପ ନେଇଛନ୍ତି। ସେ 'ସୁଟ୍ ବୁଟ୍ ସରକାର' କିମ୍ବା 'ଚୌକିଦାର ଚୋର ହୈ' ଭଳି ସ୍ଲୋଗାନ ଦେଇନାହାନ୍ତି। ରାହୁଲଙ୍କୁ ପ୍ରଧାନମନ୍ତ୍ରୀ କରିବାର ମାର୍ଗରେ ଷ୍ଟାଲିନ ଆସିବେ ନାହିଁ। ଏକ ସାକ୍ଷାତକାରରେ କଂଗ୍ରେସ ନେତା ମଣିଶଙ୍କର ଆୟର ଏହି ଦାବି କରିଛନ୍ତି। ସେ କହିଛନ୍ତି ଯେ ମୁଁ ଦଳର ସଦସ୍ୟ ବୋଲି ରାହୁଲ ଭୁଲି ଯାଇଛନ୍ତି। ଏଥିପାଇଁ ମୁଁ ଗାନ୍ଧୀବାଦୀ, ନେହେରୁବାଦୀ, ରାଜୀବବାଦୀ, କିନ୍ତୁ ରାହୁଲବାଦୀ ନୁହେଁ। ଏହି ସାକ୍ଷାତକାରରେ ସେ ଅନେକ କଂଗ୍ରେସ ନେତାଙ୍କୁ ମଧ୍ୟ ସମାଲୋଚନା କରିଛନ୍ତି। ଶଶି ଥରୁରଙ୍କୁ ମଣିଶଙ୍କର ପାକିସ୍ତାନ ବିରୋଧୀ କହିଛନ୍ତି। ଥରୁର ପରବର୍ତ୍ତୀ ବିଦେଶମନ୍ତ୍ରୀ ହେବାକୁ ଚାହୁଥିବା ଉଲ୍ଲେଖ କରିଛନ୍ତି। ସେହିପରି କଂଗ୍ରେସ ପ୍ରବକ୍ତା ପବନ ଖେଡ଼ାଙ୍କୁ ଆୟର ଶୁଆ ସହ ତୁଳନା କରିଛନ୍ତି। ଜୟରାମ ରମେଶ ଯାହା କହୁଛନ୍ତି ତାହା ଖେଡ଼ା ଦୋହରାଉଛନ୍ତି। କଂଗ୍ରେସ ସହ ସମ୍ବନ୍ଧକୁ ନେଇ ଆୟର କହିଛନ୍ତି ଯେ ଗତ କିଛି ବର୍ଷ ହେଲା ଦଳ ସହ ମୋର କୌଣସି ସମ୍ପର୍କ ନାହିଁ।

# ଚିନ୍ତା ବଢ଼ାଇଲାଣି ସାମାଜିକ ଗଣମାଧ୍ୟମ

**୧୬ ବର୍ଷରୁ କମ୍ ପିଲାଙ୍କ ଉପରେ କଟକଣା ଲଗାଇବ ବ୍ରିଟେନ**

ଲଣ୍ଡନ, ୧୬।୨(ଏଜେନ୍ସି): ବ୍ରିଟେନ ସରକାର ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କ ପାଇଁ ସାମାଜିକ ଗଣମାଧ୍ୟମ ବ୍ୟବହାର ଉପରେ ଦୃଢ଼ କଟକଣା ଲଗାଇବାକୁ ଯୋଜନା କରୁଛି। ଏଥିସହିତ ଆର୍ଟିଫିସିଆଲ (ଏଆଇ) ଚାଟ୍‌ବଟ୍‌ଗୁଡ଼ିକ ଉପରେ ମଧ୍ୟ ନିୟନ୍ତ୍ରଣ ପାଇଁ ବିଚାର କରାଯାଉଛି। ଏହି ନିଷ୍ପତ୍ତି ପଛରେ ଏଲନ ମସ୍କଙ୍କ ଏଆଇ ପ୍ଲାଟଫର୍ମ 'ଗ୍ରକ୍' ସହ ଜଡ଼ିତ ନିକଟରେ ହୋଇଥିବା ବିବାଦ ରହିଛି। ଗ୍ରକ୍ ବ୍ୟବହାର କରି କିଛି ଯୌନ ଉଦ୍ଦୀପକ ବା ଆପତ୍ତିଜନକ ଛବି ପ୍ରସ୍ତୁତ କରାଯାଇଛି ଯାହା ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ୧୬ ବର୍ଷରୁ କମ୍ ବୟସର ପିଲାମାନଙ୍କୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମରୁ ଦୂରେଇ ରଖିବା ପାଇଁ ସରକାର ଏକ ନୂତନ ଆଇନ୍ ଆଣିବାକୁ ଚାହୁଁଛନ୍ତି। ଗ୍ରକ୍ ମାମଲା ପରେ ଏହି ସମସ୍ୟା ଅତି ଗମ୍ଭୀର ହୋଇଛି, ଯେଉଁଥିରେ ଏଆଇ ବ୍ୟବହାର କରି କ୍ଷତିକାରକ କଣ୍ଟେଣ୍ଟ ପ୍ରସ୍ତୁତ କରାଯାଉଥିବାର ଦେଖାଯାଇଛି। ବ୍ରିଟେନର ଶିକ୍ଷା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଏହି ଦିଗରେ ଦ୍ରୁତଗତିରେ କାର୍ଯ୍ୟ କରୁଥିବା ଜଣାଯାଇଛି।

# ଡାକ୍ତରାଣୀଙ୍କ ମୃତ୍ୟୁ ପରେ... ୬୦ କୋଟି ଟଙ୍କାର ସମ୍ପତ୍ତି ପାଇଁ ଟଣାଓଟରା



ଜବଲପୁର, ୧୬।୨(ଏଜେନ୍ସି): ଜବଲପୁରରେ ଜଣେ ବରିଷ୍ଠ ନେତ୍ର ବିଶେଷଜ୍ଞ ତଥା ମହିଳା ଡାକ୍ତରଙ୍କ ପରଲୋକ ପରେ ତାଙ୍କ ସମ୍ପତ୍ତି ନେଇ ବିବାଦ ଆରମ୍ଭ ହୋଇଛି। ଏହି ମହିଳା ଡାକ୍ତର ହେଉଛନ୍ତି ହେମଲତା ଶ୍ରୀବାସ୍ତବ। ହେମଲତାଙ୍କ ମୃତ୍ୟୁ ପରେ ତାଙ୍କର ୬୦ କୋଟି ଟଙ୍କାର ସମ୍ପତ୍ତିକୁ ନେଇ ଏକ ବଡ଼ ବିବାଦ ଦେଖାଦେଇଛି। ୮୧ ବର୍ଷୀୟା ହେମଲତା ରବିବାର ସନ୍ଧ୍ୟାରେ ପରଲୋକଗମନ କରିଥିଲେ। କିନ୍ତୁ ତାଙ୍କ ଅନ୍ତିମ ସଂସ୍କାର ପୂର୍ବରୁ ହିଁ ତାଙ୍କ ସାମ୍ରାଜ୍ୟର ଉତ୍ତରାଧିକାରୀ କିଏ ହେବ ସେ ନେଇ ସହରରେ ଚର୍ଚ୍ଚା ଚାଲିଛି। ହେମଲତା ଜବଲପୁରର ସବୁଠାରୁ ହାଇପ୍ରୋଫାଇଲ ଏରିଆ 'ରାଇଟ ଟାଉନ୍'ର ଏକ ବିଶାଳ ବଙ୍ଗଳାରେ ଏକାକୀ ରହୁଥିଲେ। ଗତବର୍ଷ ତାଙ୍କ ସ୍ୱାମୀ ଓ ୨୦୨୨ରେ ତାଙ୍କ ଏକମାତ୍ର ପୁଅ (ସେ ମଧ୍ୟ ଡାକ୍ତର ଥିଲେ) ମୃତ୍ୟୁ ଘଟିଥିଲା। ଫଳରେ ସେ ଏକା ଏକା ନିଃସଙ୍ଗ ଜୀବନଯାପନ କରୁଥିଲେ। ଜାନୁଆରୀ ୧୨ରେ ସେ ନିଜର ୮୧ତମ ଜନ୍ମଦିବସ ପାଳନ କରିଥିଲେ। କିନ୍ତୁ ତାଙ୍କ ଅସୁସ୍ଥତାର ସୁଯୋଗ ନେଇ କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ୍‌ରେ ସ୍ୱାକ୍ଷର କରାଯାଇଛି। ଏହି ସମ୍ପତ୍ତିକୁ ଏବେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତିବିଶେଷ ଦାବି କରିବା ପରେ ବିବାଦ ଆରମ୍ଭ ହୋଇଛି। ହେମଲତା ନିଜ ଇଚ୍ଛାରେ ତାଙ୍କ ଜମିକୁ ଏକ ମେମୋରିଆଲ ହସ୍ପିଟାଲ ପାଇଁ ଦାନ କରିଛନ୍ତି ବୋଲି ଡାକ୍ତର ସୁମିତ କୁହନ୍ତି। ତାଙ୍କୁ ଶାରୀରିକ ଓ ମାନସିକ ଚାପ ପକାଇ ଦାନପତ୍ରରେ ସ୍ୱାକ୍ଷର କରାଯାଇଛି ବୋଲି ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମ୍‌ଏ) ଦାବି କରିଛି।

ପୁଣି କିଛିଦିନ ପୂର୍ବରୁ ଖବର ଆସିଥିଲା ଯେ, ତାଙ୍କ ସାନ ଭଉଣୀ ଓ ଭିଣୋଇ ତାଙ୍କୁ ବନ୍ଦୀ କରି ରଖିଥିଲେ ଏବଂ ତାଙ୍କୁ ଉଚିତ ଖାଦ୍ୟ ଓ ପାନୀୟ ଦିଆଯାଉ ନଥିଲା। ପରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ତେଣେ ଗାୟତ୍ରୀ ମନ୍ଦିର ଟ୍ରଷ୍ଟ କହିଛି ଯେ ହେମଲତା ତାଙ୍କର ସମସ୍ତ ସମ୍ପତ୍ତି ଟ୍ରଷ୍ଟକୁ ଦେବାକୁ ଇଚ୍ଛା ପ୍ରକାଶ କରିଥିଲେ। ରାଇଟ୍ ଟାଉନ୍‌ରେ ଥିବା ସମ୍ପତ୍ତିଟି ମ୍ୟୁନିସପାଲ କର୍ପୋରେସନ ଅଧିନରେ ଅଛି, ତେଣୁ ଏହାକୁ ଆଇନଗତ ଭବେ ଦାନ କରାଯାଇପାରିବ ନାହିଁ। ହେମଲତା ତାଙ୍କ ପରବର୍ତ୍ତୀ ବୟାନରେ ସମ୍ପତ୍ତିଟି ଦାନ କରିବା କଥାକୁ ଅସ୍ୱୀକାର କରିଥିଲେ। ବର୍ତ୍ତମାନ ଏହି ସମଗ୍ର ମାମଲା ଏସ୍‌ଡିଏମ୍ କୋର୍ଟକୁ ପଠାଯାଇଛି ଓ ଆଇନ୍‌ଗତ ବ୍ୟବସ୍ଥା ଅନୁଯାୟୀ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ।

# ଏପଷ୍ଟିନର ଶିକାର ହୋଇଥିଲେ ଭାରତୀୟ ଯୁବତୀ

## ରହିଛି ପୂର୍ବତନ କେନ୍ଦ୍ରମନ୍ତ୍ରୀ ହର୍ଷବର୍ଦ୍ଧନଙ୍କ ନାମ

ୱାଶିଂଟନ, ୧୬।୨ (ଏଜେନ୍ସି): .ଯୌନ ଅପରାଧୀ ଜେଫ୍ରି ଏପଷ୍ଟିନ ସମ୍ବନ୍ଧିତ ଫାଇଲରୁ ନୂଆ ଖୁଲାସା ହୋଇଛି। ଜଣେ ଭାରତୀୟ ଯୁବତୀ ଏପଷ୍ଟିନର ଶିକାର ହୋଇଥିବା ଜଣାପଡ଼ିଛି। ଦଲିଲ ଅନୁଯାୟୀ, ଆମେରିକୀ ଅଧିକାରୀମାନେ କ୍ଷତିପୂରଣ ଦେବା ପାଇଁ ପୀଡ଼ିତାଙ୍କୁ ଭାରତରେ ଖୋଜି ଥିଲେ। ଏ ନେଇ ୨୦୨୦ ଜାନୁଆରୀ ୧୩ରେ ଆମେରିକା ଅଧିକାରୀଙ୍କ ମଧ୍ୟରେ ହୋଇଥିବ ଇମେଲ ବାର୍ତ୍ତାଳାପ ମଧ୍ୟ ସାମ୍ନାକୁ ଆସିଛି। ଏଥିରେ ଭାରତରେ ଥିବା ପୀଡ଼ିତାଙ୍କ ଠିକଣା ଏବଂ ସୂଚନା ସଂଗ୍ରହ କରିବାକୁ କୁହାଯାଇଛି। ଭାରତରେ ଥିବା ଆମେରିକା ଦୂତାବାସ ମାଧ୍ୟମରେ ଯୋଗାଯୋଗ କରିବା ପାଇଁ ଏପରି କୁହାଯାଇଥିଲା। ୨୦୧୯ ଅଗଷ୍ଟରେ ଜେଲ୍‌ରେ ଏପଷ୍ଟିନର ମୃତ୍ୟୁ ପରେ ଏହି ଇମେଲ କରାଯାଇଥିଲା। ଜାରି ଦଲିଲରେ ଏହାର ଶୀର୍ଷକ 'ଏପଷ୍ଟିନ ଭିକ୍ଟିମ୍ସ' ରହିଛି। ସେହିପରି ନୂଆ ଫାଇଲ୍ସରେ ୨୦୧୪ ଜୁନ୍ ୫ରେ ବିଲ୍ ଗେଟ୍ସ ଏବଂ ଏପଷ୍ଟିନଙ୍କ ମଧ୍ୟରେ ହୋଇଥିବା ଇମେଲରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଡ. ହର୍ଷବର୍ଦ୍ଧନଙ୍କ ନାମ ରହିଛି। ଗେଟ୍ସଙ୍କୁ ଏପଷ୍ଟିନ ପଚାରୁଛି ଯେ ସେପ୍ଟେମ୍ବର ୧୭ରେ ଡ. ହର୍ଷବର୍ଦ୍ଧନଙ୍କ ସହ ତାଙ୍କର ବୈଠକ ଅଛି କି? ସେ ସମୟରେ ହର୍ଷବର୍ଦ୍ଧନ କେନ୍ଦ୍ରମନ୍ତ୍ରୀ ଥିଲେ। ଏହା ବ୍ୟତୀତ ୨୦୧୭ ଏପ୍ରିଲ ୨ର ଏକ ଇମେଲରେ ଭାରତର ପିଆର କମ୍ପାନୀ ପ୍ରମୋଟର ଦିଲୀପ ଚେରିୟନଙ୍କ ନାମ ରହିଛି। ଏହି ମେଲରେ ଦିଲୀପଙ୍କୁ ଭେଟିବାକୁ ଚାହାନ୍ତି କି ବୋଲି ସହଯୋଗୀ ଗିନୋ ୟୁ ଯୌନ ଅପରାଧୀ ଏପଷ୍ଟିନକୁ ପଚାରୁଛି। ଏଥିରେ ଲେଖାଥିଲା ଯେ ଦିଲୀପ ପ୍ୟାରେସରେ ଏପ୍ରିଲ ୩ରୁ ୬ ପର୍ଯ୍ୟନ୍ତ ରହିବେ। ସେ ୧୬୦ ନିୟୁତ ଡଲାରର କମ୍ପାନୀ ବିକ୍ରି କରିବେ।

## ଆସନ୍ତା ସପ୍ତାହରେ ଇସ୍ରାଏଲ ଯାଇପାରନ୍ତି ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୬।୨(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସପ୍ତାହରେ ଇସ୍ରାଏଲ ଗସ୍ତରେ ଯାଇପାରନ୍ତି। ଏହି ଗସ୍ତ ଫେବୃଆରୀ ୨୪ ଓ ୨୫ରେ ହେବାର ସମ୍ଭାବନା ରହିଛି। ଯଦିଓ ଭାରତ ପକ୍ଷରୁ ଏ ନେଇ କୌଣସି ଆନୁଷ୍ଠାନିକ ଘୋଷଣା କରାଯାଇନାହିଁ। କିନ୍ତୁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ଏହି ସମ୍ଭାବ୍ୟ ଗସ୍ତ ସମ୍ପର୍କରେ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ତୃତୀୟ କାର୍ଯ୍ୟକାଳରେ ପ୍ରଥମଥର ପାଇଁ ଇସ୍ରାଏଲ ଗସ୍ତରେ ଯିବେ। ଏହାପୂର୍ବରୁ ସେ ୨୦୧୭ ରେ ଇସ୍ରାଏଲ ଗସ୍ତ କରିଥିଲେ। ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦୁଇ ଦେଶ ମଧ୍ୟରେ ପ୍ରତିରକ୍ଷା, ଆତଙ୍କବାଦ ବିରୋଧରେ ସହଯୋଗ ଏବଂ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ଭଳି ନୂତନ ଜ୍ଞାନକୌଶଳ କ୍ଷେତ୍ରରେ ସମ୍ପର୍କକୁ ଅଧିକ ମଜବୁତ କରିବା।

## ଧାର୍ମିକସ୍ଥଳରେ ମହିଳା ବିରୋଧୀ ପ୍ରଥାର ଯାଞ୍ଚ କରିବେ ସୁପ୍ରିମକୋର୍ଟ

ତିରୁଅନନ୍ତପୁରମ, ୧୬।୨(ଏଜେନ୍ସି): କେରଳର ବିଶ୍ୱ ପ୍ରସିଦ୍ଧ ସବରୀମାଲା ମନ୍ଦିରରେ ମହିଳାଙ୍କ ପ୍ରବେଶକୁ ନେଇ ବିବାଦ ପରେ ସୁପ୍ରିମକୋର୍ଟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟଙ୍କ ଏକ ୯ ଜଣିଆ ଖଣ୍ଡପୀଠ ବିଭିନ୍ନ ଧାର୍ମିକ ସ୍ଥଳରେ ପ୍ରଚଳିତ ମହିଳା ବିରୋଧୀ ପ୍ରଥାଗୁଡ଼ିକର ସାମ୍ବିଧାନିକ ବୈଧତା ପରୀକ୍ଷା କରିବେ। ଏହି ଶୁଣାଣି କେବଳ ସବରୀମାଲା ମାମଲାରେ ସୀମିତ ନ ରହି ଧର୍ମ ଏବଂ ସମାନତା ମଧ୍ୟରେ ଥିବା ସମ୍ପର୍କର ଏକ ବଡ଼ ପରିସରକୁ ଅନୁଧ୍ୟାନ କରିବ। ଧାର୍ମିକ ସ୍ୱାଧୀନତା ଓ ବ୍ୟକ୍ତିଗତ ସମାନତା ଅଧିକାର ମଧ୍ୟରେ କିପରି ସନ୍ତୁଳନ ରକ୍ଷା କରାଯିବ କୋର୍ଟ ତାହା ସ୍ଥିର କରିବ। ଏହି ଖଣ୍ଡପୀଠ ମସ୍‌ଜିଦରେ ମହିଳାଙ୍କ ପ୍ରବେଶ, ପାର୍ସୀ ମହିଳାଙ୍କ ଅଗ୍ନି ମନ୍ଦିର ପ୍ରବେଶ ଏବଂ ଦାଉଦି ବୋହରାଙ୍କ ସମ୍ପ୍ରଦାୟରେ ପ୍ରଚଳିତ ମହିଳା ସୁନ୍ନତ ଭଳି ପ୍ରସଙ୍ଗ ଉପରେ ଆଲୋଚନା କରିପାରନ୍ତି। କେଉଁ ରୀତିନୀତି ଧର୍ମର ଅବିଚ୍ଛେଦ୍ୟ ଅଙ୍ଗ ଓ କେଉଁଗୁଡ଼ିକ ମୌଳିକ ଅଧିକାରର ଉଲ୍ଲଂଘନ କରୁଛନ୍ତି ସେ ସମ୍ପର୍କରେ ଏକ ସ୍ପଷ୍ଟ ମାର୍ଗଦର୍ଶିକା ପ୍ରସ୍ତୁତ କରାଯିବ ବୋଲି କୁହାଯାଇଛି।

● ରାସାୟନିକ କାରଖାନାରେ ବିସ୍ଫୋରଣ

## ୮ ଜୀବନ୍ତ ଦଗ୍ଧ; ୪ ଗୁରୁତର

ଜୟପୁର, ୧୬।୨(ଏଜେନ୍ସି): ରାଜସ୍ଥାନ ଭିୱାଡ଼ିସ୍ଥିତ ଏକ ରାସାୟନିକ କାରଖାନାରେ ହଠାତ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏଥିରେ ୮ ଜଣ ଶ୍ରମିକ ଜୀବନ୍ତ ଦଗ୍ଧ ହୋଇଯାଇଥିବା ବେଳେ ୪ ଜଣ ଗୁରୁତର ଭାବେ ପୋଡ଼ି ଯାଇଛନ୍ତି। ସେମାନଙ୍କୁ ଦିଲ୍ଲୀ ଏମ୍ସକୁ ପଠାଇ ଦିଆଯାଇଛି। ମୃତକଙ୍କ ମଧ୍ୟରୁ ୩ ଜଣଙ୍କ ପରିଚୟ ମିଳିଛି। ଏହି କାରଖାନରେ ବେଆଇନ୍ ଭାବେ ବାଣ ପ୍ରସ୍ତୁତ କରାଯାଉଥିଲା। ଘଟଣାସ୍ଥଳରୁ ବାରୁଦ, ବାଣ ଓ ପ୍ୟାକିଂ ପାଇଁ ବ୍ୟବହୃତ ଡବା ମିଳିଛି। ଏହି ଦୁର୍ଘଟଣା ସୋମବାର ସାକାଳ ପ୍ରାୟ ସାଢ଼େ ୯ଟାରେ ଖୁସଖେଡ଼ା କାରୌଲୀ ଶିଳ୍ପାଞ୍ଚଳରେ ଘଟିଥିଲା। ସେହି ସମୟରେ ୨୫ ଜଣ ଶ୍ରମିକ କାମ କରୁଥିଲେ। ବିସ୍ଫୋରଣ ଓ ନିଆଁ ଏତେ ଭୟଙ୍କର ଥିଲା ଯେ ମୃତଦେହଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ଜଳିଯାଇଛି। କେତେକ ମୃତ ଦେହର ଖାଲି କଙ୍କାଳ ରହିଛି। ଶରୀରର ଅଙ୍ଗପ୍ରତ୍ୟଙ୍ଗ ଏଣେତେଣେ ବିଛାଡ଼ି ହୋଇ ପଡ଼ିଥିଲା। ଏହାକୁ ଉଦ୍ଧାରକରୀ ଦଳ ପଲିଥିନରେ ସଂଗ୍ରହ କରିଥିଲା। ଏହି ବାଣ କାରଖାନର ମାଲିକଙ୍କ ନାମ ରାଜେନ୍ଦ୍ର ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ମୃତକଙ୍କ ମଧ୍ୟରୁ ୫ ଜଣ ବିହାର ମୋତିହାରୀର ବାସିନ୍ଦା। ଏହି ଅଗ୍ନିକାଣ୍ଡରେ ଜଣେ ମା' ଓ ତାଙ୍କ ୪ ମାସର ଶିଶୁ ପୁତ୍ର ମଧ୍ୟ ଜୀବନ୍ତ ଦଗ୍ଧ ହୋଇଯାଇଥିବା ଖବର ମିଳିଛି।

## ପାକ ଥାନାରେ ଆକ୍ରମଣ; ୨ ମୃତ

ନୂଆଦିଲ୍ଲୀ, ୧୬।୨(ଏଜେନ୍ସି): ପାକିସ୍ତାନର ଖାଇବର ପଖତୁନଖ୍ୱା ରାଜ୍ୟରେ ବନ୍ନୁ ଜିଲ୍ଲାରେ ଏକ ଥାନା ଉପରେ ଆକ୍ରମଣ ହୋଇଛି। ଥାନାରେ ଏକ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏହି ବିସ୍ଫୋରଣରେ ଅତିକମ୍‌ରେ ଦୁଇଜଣ ମୃତ୍ୟୁବରଣ କରିଥିବା ବେଳେ ୧୪ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ଶିଶୁ ସାମିଲ ଅଛି। ପୁଲିସ ଦେଇଥିବା ସୂଚନା ଅନୁଯାୟୀ ଏକ ମୋଟରସାଇକେଲର ବିସ୍ଫୋରକ ସାମଗ୍ରୀ ରଖାଯାଇଥିଲା। ଏହାକୁ ବିସ୍ଫୋରଣ କରି ଉଡ଼ାଇ ଦିଆଯାଇଛି। ଏହି ଆକ୍ରମଣ ପାଇଁ ଏପର୍ଯ୍ୟନ୍ତ କୌଣସି ସଂଗଠନ ନିଜକୁ ଦାୟୀ କରିନାହାନ୍ତି।

# ଆଜି ସୂର୍ଯ୍ୟ ପରାଗ; ୨ରେ ଚନ୍ଦ୍ର ଗ୍ରହଣ

ଭୁବନେଶ୍ୱର,୧୬।୨(ସମିସ): ଆସନ୍ତା କାଲି ସଂଗଠିତ ହେବ ବର୍ଷର ପ୍ରଥମ ବଳୟ ସୂର୍ଯ୍ୟ ପରାଗ। ଆସନ୍ତା କାଲି ଏହା ଆଫ୍ରିକା ଓ ଦକ୍ଷିଣ ଆମେରିକାର ଦକ୍ଷିଣଭାଗ, ପ୍ରଶାନ୍ତ ମହାସାଗର, ଆଟଲାଣ୍ଟିକ, ଭାରତ ମହାସାଗରର କିଛି ଅଞ୍ଚଳରେ ଦୃଶ୍ୟମାନ ହେବ। ସେହିପରି ଆଣ୍ଟାର୍କଟିକାର କିଛି ଅଞ୍ଚଳରେ ଏହା ଦେଖାଦେବ। ଭାରତୀୟ ସମୟ

## କୁମ୍ଭ ରାଶିରେ ପଞ୍ଚଗ୍ରହୀ ରାଜଯୋଗ, ୪ ରାଶି ପାଇଁ ଶୁଭ ଫଳ



ଦିନ ୩ଟା ୨୬ ମିନିଟ୍‌ରୁ ପରାଗ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ୫୭ ମିନିଟ୍‌ରେ ଶେଷ ହେବ। ତେବେ ଭାରତ ବା ଓଡ଼ିଶାରେ ଏହା ଦୃଶ୍ୟମାନ ହେବ ନାହିଁ। ଅନ୍ୟପକ୍ଷରେ ଆସନ୍ତା ୨ ତାରିଖରେ ଦୋଳ ପୂର୍ଣ୍ଣମୀରେ ଚନ୍ଦ୍ରଗ୍ରହଣ ଅନୁଷ୍ଠିତ ହେବ ଏବଂ ଏହା ଭାରତରେ ଆଂଶିକ ଭାବରେ ଦୃଶ୍ୟମାନ ହେବ।

ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଗୋଟିଏ ମାସରେ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣକୁ ଏକ ବିରଳ ଘଟଣା ଭାବରେ ଗଣାଯାଏ । ସେହିପରି ୧୭ ତାରିଖରେ କୁମ୍ଭ ରାଶିରେ ଏକ ବିରଳ ଓ ପାଞ୍ଚ ଶକ୍ତିଶାଳୀ ଗ୍ରହଙ୍କ ଯୋଗ (ପଞ୍ଚଗ୍ରହୀ ରାଜଯୋଗ) ଘଟିବାକୁ ଯାଉଛି । ଯାହାକୁ ବୈଦିକ ଜ୍ୟୋତିଷରେ କୁମ୍ଭ ଷ୍ଟେଲିଅମ ଭାବରେ ବର୍ଣ୍ଣନା କରାଯାଇଛି।

ପରିବର୍ତ୍ତନଶୀଳ ଗ୍ରହ ସ୍ଥିତି ଯୋଗୁଁ ଫେବୃଆରୀ ମାସକୁ ଜ୍ୟୋତିଷ ଦୃଷ୍ଟିକୋଣରୁ ବିଶେଷ ଭାବରେ ବିବେଚନା କରାଯାଉଛି। ବୈଦିକ ପଞ୍ଜିକାନୁସାରେ ବୁଧ, ଶୁକ୍ର ଏବଂ ରାହୁ ବର୍ତ୍ତମାନ ଶନି ସହିତ କୁମ୍ଭ ରାଶିରେ ଅଛନ୍ତି। ଫେବୃଆରୀ ୧୩ ତାରିଖରେ ସୂର୍ଯ୍ୟ ମଧ୍ୟ କୁମ୍ଭ ରାଶିରେ ପ୍ରବେଶ କରିଛନ୍ତି। ଫେବୃଆରୀ ୧୭ ତାରିଖରେ ଚନ୍ଦ୍ରଙ୍କ ଆଗମନ ପରେ ପଞ୍ଚଗ୍ରହୀ ଯୋଗ ସୃଷ୍ଟି କରିବ। ଚନ୍ଦ୍ର ଫେବୃଆରୀ ୧୯ ତାରିଖ ସକାଳ ପର୍ଯ୍ୟନ୍ତ କୁମ୍ଭ ରାଶିରେ ରହିବେ, ତେଣୁ ଏହି ଦୁଇଟି ଦିନ ଏକ ବିଶେଷ ପ୍ରଭାବ ପକାଇବ। ବୁଧାଦିତ୍ୟ ଏବଂ ଶଶା ଯୋଗ ପରି ପାଞ୍ଚ ରାଜଯୋଗର ପ୍ରାୟ ୩୦୦ ବର୍ଷରେ ଥରେ ଘଟିଥାଏ ବୋଲି ଜ୍ୟୋତିଷାଚାର୍ଯ୍ୟମାନେ ମତ ଦେଇଥାଆନ୍ତି। ଏପରି ଗ୍ରହର ଏକତ୍ରୀକରଣ ଦ୍ୱାରା ପ୍ରଯୁକ୍ତିବିଦ୍ୟା, ରାଜନୀତିରେ ପ୍ରମୁଖ ପରିବର୍ତ୍ତନ ଆଣିପାରେ ବୋଲି କିଛି ଜ୍ୟୋତିଷ ଶାସ୍ତ୍ରବିତ୍ ପୂର୍ବାନୁମାନ କରିଛନ୍ତି। ତେବେ ଏହା କିଛି ରାଶି ପାଇଁ ବେଶ୍ ଭଲ ଫଳ ଦେଇପାରେ ବୋଲି ଜ୍ୟୋତିଷ ଶାସ୍ତ୍ରୀମାନେ ମତ ଦେଇଛନ୍ତି। ମେଷ ରାଶିର ବ୍ୟକ୍ତିବିଶେଷଙ୍କ ପାଇଁ ନୂତନ କର୍ମନିଯୁକ୍ତି ସୃଷ୍ଟି ହୋଇପାରେ, ମିଥୁନ ରାଶି ବ୍ୟକ୍ତିଙ୍କ ପାଇଁ ଏହା ଆର୍ଥିକ ଆଶ୍ୱସ୍ତି ଆଣିବ, ସିଂହ ରାଶିର ବ୍ୟକ୍ତିଙ୍କ ପାଇଁ କାର୍ଯ୍ୟକ୍ଷେତ୍ରରେ ସମର୍ଥନ ମିଳିବ ଓ ଆୟର ନୂତନ ପନ୍ଥା ବାହାରିବ, ସେହିପରି କନ୍ୟାରାଶି ଜାତ ବ୍ୟକ୍ତିଙ୍କ ଆର୍ଥିକ ପରିସ୍ଥିତି ଅପେକ୍ଷାକୃତ ଉନ୍ନତ କରିବ ଓ ଜୀବନରେ ସ୍ଥିରତା, ସନ୍ତୁଳନ ଆଣିବ ବୋଲି କୁହାଯାଉଛି।

# ଦିନରେ ଖରା; ରାତିରେ ଶୀତ, ଭୋର୍‌ରେ କୁହୁଡ଼ି

ଭୁବନେଶ୍ୱର,୧୬।୨(ସମିସ): ରାଜ୍ୟରେ ଏବେ ମିଶ୍ରିତ ପାଣିପାଗ ଦୃଶ୍ୟମାନ ହେଉଛି। ରାତିରେ ଥଣ୍ଡା ସାଙ୍ଗକୁ ଭୋର୍ ସମୟରେ ଅନେକ ସ୍ଥାନରେ କୁହୁଡି କଲବଲ କରୁଛି। ଏହାସହିତ ଦିନ ବେଳା ଖରା ମଧ୍ୟ ଟାଣ ହେଉଥିବାରୁ ତାପମାତ୍ରା ୩୫ ଡିଗ୍ରୀ ଅତିକ୍ରମ କରୁଛି। ବର୍ତ୍ତମାନ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ସ୍ୱାଭାବିକ ତୁଳନାରେ ପ୍ରାୟ ୩ ଡିଗ୍ରୀ କମ୍ ରହିଛି। ଏଥିପାଇଁ ଥଣ୍ଡା ଜାରି ରହିଛି। ତେବେ ଆସନ୍ତା ୩ ଦିନ ମଧ୍ୟରେ ପାରଦ ୨ରୁ ୩ ଡିଗ୍ରୀ ସେଲସିୟସ୍ ବଢ଼ିବାର ସମ୍ଭାବନା ରହିଛି। ଏହା ସତ୍ତ୍ୱେ ମଧ୍ୟ ଥଣ୍ଡା କିଛି ମାତ୍ରାରେ ଜାରି ରହିବାର ଆକଳନ କରାଯାଇଛି। ଏହି ସମୟରେ ପଶ୍ଚିମ ଓଡ଼ିଶାରେ ରାତିର ତାପମାତ୍ରା ୧୫ ଡିଗ୍ରୀ ସହ ଫୁଲବାଣୀ ଓ ରାଉରକେଲାରେ ୧୨ ଡିଗ୍ରୀ, ଝାରସୁଗୁଡ଼ାରେ ୧୩, ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ସୁନ୍ଦରଗଡ଼ ଓ କେନ୍ଦୁଝରରେ ୧୪ଡିଗ୍ରୀ ରହିପାରେ। କିନ୍ତୁ ଉପକୂଳ ଓଡ଼ିଶାର ଅଧିକାଂଶ ସ୍ଥାନରେ ୧୮ ଡିଗ୍ରୀ ବା ଏହାଠାରୁ ଅଧିକ ରହିପାରେ। ଅନ୍ୟପଟେ ରାଜ୍ୟକୁ ଏବେ କିଛି ମାତ୍ରାରେ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ହେତୁ କୁହୁଡ଼ି ସ୍ଥିତି ଜାରି ରହିଛି। ସୋମବାର ସକାଳୁ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଘନ କୁହୁଡ଼ି ଦୃଶ୍ୟମାନ ହୋଇଛି। ବିଶେଷ କରି ଚାନ୍ଦବାଲିରେ ଘନ କୁହୁଡ଼ି ଯୋଗୁଁ ଦୃଶ୍ୟମାନ କ୍ଷମତା ୩୦ ମିଟରକୁ ଖସିଆସିଥିବା ବେଳେ ଭୁବନେଶ୍ୱରରେ ମଧ୍ୟ ସକାଳୁ ସକୁଳା କୁହୁଡ଼ି ଦୃଶ୍ୟମାନ ହୋଇଛି। ମଙ୍ଗଳବାର କେନ୍ଦ୍ରାପଡ଼ା, ଖୋର୍ଦ୍ଧା, କଟକ, ଜଗତସିଂହପୁର, ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଘନ କୁହୁଡ଼ି ନେଇ ପାଣିପାଗ କେନ୍ଦ୍ର ଆକଳନ ଜାରି କରିଛି।

## ସର୍ବଦଳୀୟ ବୈଠକ ଶେଷ

# ସହଯୋଗ ଲୋଡ଼ିଲେ ବାଚସ୍ପତି



ଭୁବନେଶ୍ୱର,୧୬।୨(ସମିସ): ବିଧାନସଭାର ବଜେଟ ଅଧିବେଶନ ପୂର୍ବରୁ ସୋମବାର ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି। ଅଧିବେଶନ କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ବାଚସ୍ପତି ସମସ୍ତଙ୍କର ସହଯୋଗ ଲୋଡ଼ିଛନ୍ତି।

ବିଧାନସଭା ସମ୍ମିଳନୀ କକ୍ଷରେ ଆହୂତ ବୈଠକରେ ଶାସକ ବିଜେପି ବିରୋଧୀ ବିଜେଡି, କଂଗ୍ରେସ ଓ ସିପିଏମ୍ ବିଧାୟକ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସରକାରୀ ଦଳ ମୁଖ୍ୟ ସଚେତକ ସରୋଜ ପ୍ରଧାନ, ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର ବୈଠକରେ ଉପସ୍ଥିତ ଥିଲେ। ଏହାସହ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ, ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ ବୈଠକରେ ଶୃଙ୍ଖଳିତ ଅଧିବେଶନ ନେଇ ନିଜର ମତାମତ ରଖିଥିଲେ।

ବୈଠକ ସମ୍ପର୍କରେ ସୂଚନା ଦେଇ ସଂସଦୀୟ ବ୍ୟାପାର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି ଯେ ଆସନ୍ତା ଅଧିବେଶନ ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ସହଯୋଗ କରିବାକୁ ବୈଠକରେ ସମସ୍ତେ ସହମତି ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଯେ ସପ୍ତଦଶ ବିଧାନସଭାର ଷଷ୍ଠ ଅର୍ଥାତ ବଜେଟ ଅଧିବେଶନ ଦୁଇଟି ପର୍ଯ୍ୟାୟରେ ଆସନ୍ତାକାଲି(୧୭ ତାରିଖ)ରୁ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଅଧିବେଶନରେ ମୋଟ ୨୮ଟି କାର୍ଯ୍ୟ ଦିବସ ରହିଛି।

## କଂଗ୍ରେସ ଉଠାଇବ ଧାନ ମଣ୍ଡି, ଆଇନଶୃଙ୍ଖଳା, ମହାନଦୀ ପ୍ରସଙ୍ଗ

ଭୁବନେଶ୍ୱର,୧୬।୨(ସମିସ): ବିଧାନସଭାର ବଜେଟ୍ ଅଧିବେଶନରେ ସରକାରଙ୍କୁ ଘେରିବାକୁ ରଣନୀତି ପ୍ରସ୍ତୁତ କରିଛି ରାଜ୍ୟ କଂଗ୍ରେସ। ଅନେକ ପ୍ରସଙ୍ଗ ମଧ୍ୟରୁ ଦଳ ଚାଷୀଙ୍କ ସମସ୍ୟାକୁ ପ୍ରାଥମିକତା ଦେବ। ସୋମବାର ସନ୍ଧ୍ୟାରେ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦଳ ଏ ସଂକ୍ରାନ୍ତରେ ନକ୍ସା ପ୍ରସ୍ତୁତ କରିଛି। ବୈଠକରେ ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଯୋଗ ଦେଇ ବିଧାନସଭାରେ ଦଳର ରଣନୀତି କିପରି ରହିବ, ସେ ସମ୍ପର୍କରେ ବିଧାୟକମାନଙ୍କୁ ଅବଗତ କରାଇଛନ୍ତି।



ବୈଠକ ସମ୍ପର୍କରେ ସୂଚନା ଦେଇ କଂଗ୍ରେସ ବିଧାୟକ ଦଳ ଉପନେତା ଅଶୋକ ଦାସ କହିଛନ୍ତି, ରାଜ୍ୟରେ ବର୍ତ୍ତମାନ କୃଷକ ସମସ୍ୟା ସବୁଠୁ ଜଟିଳ ସ୍ଥିତିରେ ପହଞ୍ଚିଛି। ସବୁ ଜିଲ୍ଲାରେ ମଣ୍ଡି ଅବ୍ୟବସ୍ଥା ଲାଗି ରହିଥିବା ଯୋଗୁଁ ଚାଷୀମାନେ ରାଜରାସ୍ତାରେ ବସିଛନ୍ତି। ସରକାରଙ୍କୁ କିପରି ଚାଷୀ ଖୁସି ଥିବା ନେଇ ଦେଖାଯାଉଛି, ସେନେଇ କଂଗ୍ରେସ ଦଳ ଗୃହରେ ପ୍ରଶ୍ନ ଉଠାଇବ ବୋଲି ସେ କହିଛନ୍ତି। ସେହିପରି ନିଯୁକ୍ତି ନଥିବା ଯୋଗୁଁ ରାଜ୍ୟରୁ ଲଗାତାର ଭାବେ ବେକାରୀ ସମସ୍ୟା ବଢୁଛି ଓ ଦାଦନ ଯାଇ ବାହାରେ ଓଡ଼ିଶା ଶ୍ରମିକମାନେ ନିର୍ଯ୍ୟାତନାର ଶିକାର ହେଉଥିବା ପ୍ରସଙ୍ଗ ମଧ୍ୟ ଗୃହରେ ଉଠିବ ବୋଲି ସେ କହିଛନ୍ତି। ଏହା ବ୍ୟତୀତ ବର୍ତ୍ତମାନ ରାଜ୍ୟରେ ବ୍ୟାପକ ଭାବେ ଟେଣ୍ଡର ଫିକ୍ସିଂ ଓଡ଼ିଆଙ୍କୁ କାମ ନ ମିଳିବା ଭଳି ସମସ୍ୟା ବଢ଼ି ଚାଲିଛି। ସବୁଠୁ ବଡ଼ ସମସ୍ୟା ଏବେ ରାଜ୍ୟବାସୀଙ୍କ ମହାନଦୀ ଜଳ ବିବାଦ ଉଭା ହୋଇଛି। ଓଡ଼ିଶାର ଜୀବନରେଖା କୁହାଯାଉଥିବା ମହାନଦୀକୁ ନେଇ ଓଡ଼ିଶା ସରକାର କାହିଁକି ଉଦାସୀନତା ଦେଖାଉଛନ୍ତି ସେନେଇ ଦଳ ଜବାବ ମାଗିବ ବୋଲି ସେ କହିଛନ୍ତି। ସେହିପରି ରତ୍ନଭଣ୍ଡାର ଗଣତି ମଣତିରେ ବିଳମ୍ବ କଥା ମଧ୍ୟ ଦଳ ଉଠାଇବାକୁ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ରାଜ୍ୟରେ ଆଇନଶୃଙ୍ଖଳା ସ୍ଥିତି ଭୁଶୁଡ଼ି ପଡ଼ିବା ଓ ଛୋଟ ସ୍କୁଲ୍ ପିଲାଙ୍କ ବ୍ୟାଗରୁ ମଦ ବୋତଲ ଓ ବନ୍ଧୁକ ବାହାରିବା ଭଳି ସ୍ଥିତି କାହିଁକି ସୃଷ୍ଟି ହୋଇଛି, ସେହି ପ୍ରସଙ୍ଗରେ ମଧ୍ୟ ସରକାରଙ୍କୁ ଦଳ ଜବାବ ତଲବ କରିବ ବୋଲି ସେ କହିଛନ୍ତି। ଏହି ବୈଠକରେ ବିଧାୟକ ସିଏସ୍ ରାଜନ ଏକା, ମଙ୍ଗୁ ଖିଲ, ସୋଫିଆ ଫିରଦୋସ, ସାଗର ଚରଣ ଦାସ, ପବିତ୍ର ସାଉଣ୍ଟାଙ୍କ ସମେତ ଆପାଲା କାଡ୍ରାକ ସ୍ୱାମୀ ପ୍ରମୁଖ ସାମିଲ ହୋଇଥିଲେ।

## ବିଜେପି ବିଧାୟକ ଦଳ ବୈଠକ

# ସବୁ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ

ଭୁବନେଶ୍ୱର,୧୬।୨(ସମିସ): ବଜେଟ ଅଧିବେଶନରେ ବିରୋଧୀ ଦଳ ପକ୍ଷରୁ ଯେଉଁ ପ୍ରସଙ୍ଗ ଉପସ୍ଥାପନା କରାଯିବ, ସମସ୍ତ ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ପ୍ରସ୍ତୁତ ଅଛୁ। ଏଥି ସହ ୧୯ ମାସର ବିଜେପି ସରକାରର ସମସ୍ତ ଉପଲବ୍ଧତାକୁ ଆମେ ଲୋକଙ୍କ ସମ୍ମୁଖରେ ଉପସ୍ଥାପନା କରିବୁ ବୋଲି ସଂସଦୀୟ ବ୍ୟାପର ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ବିଜେପି ପକ୍ଷରୁ ସୋମବାର ସନ୍ଧ୍ୟାରେ ବିଜେପି ବିଧାୟକ ଦଳ ବୈଠକ ଅନୁଷ୍ଠିତ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ରାଜ୍ୟ ସାଧାରଣ ସଂପାଦକ (ସଂଗଠନ) ମାନସ କୁମାର ମହାନ୍ତି, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ଲତା ଉସେଣ୍ଡିଙ୍କ ସମେତ ସମସ୍ତ ମନ୍ତ୍ରୀ ଏବଂ ବିଧାୟକ ଏହି ବୈଠକରେ ଯୋଗ ଦେଇ ରଣନୀତି ସଂପର୍କରେ ବିସ୍ତୃତ ଆଲୋଚନା କରିଥିଲେ ବୋଲି ମନ୍ତ୍ରୀ ଡ.ମହାଲିଙ୍ଗ ସୁଚନା ଦେଇଛନ୍ତି।



# କଳା ତାଲିକାଭୁକ୍ତ କମ୍ପାନୀକୁ +୨ ଖାତା ମୂଲ୍ୟାୟନ ଦାୟିତ୍ୱ

## ବିଜୁ ଯୁବ ଓ ଛାତ୍ର ଜନତା ଦଳର ଆନ୍ଦୋଳନ ଚେତାବନୀ

ଭୁବନେଶ୍ୱର, ୧୬ ।୨(ସମିସ): ଆଉ ମାତ୍ର ଦୁଇଦିନ ପରେ ଯୁକ୍ତ ଦୁଇ ପରୀକ୍ଷା ଆରମ୍ଭ ହେବ। ପରୀକ୍ଷା ପାଇଁ ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାବେଳେ ପରୀକ୍ଷା ଖାତା ଦେଖାକୁ ନେଇ ସାଂଘାତିକ ତଥ୍ୟ ପଦାକୁ ଆସିଛି। କଳା ତାଲିକାଭୁକ୍ତ ହୋଇଥିବା ତେଲଙ୍ଗାନାସ୍ଥିତ ଏକ କମ୍ପାନୀକୁ ଯୁକ୍ତ ଦୁଇ କଳା ପରୀକ୍ଷା ଖାତା ମୂଲ୍ୟାଙ୍କନ କରିବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍ଏସ୍ଇ) ପକ୍ଷରୁ ନିଯୁକ୍ତ କରାଯାଇଥିବା ବିଜେଡି ଅଭିଯୋଗ କରିଛି।

ବିଜେଡି ଛାତ୍ର ଜନତା ଦଳ ରାଜ୍ୟ ସଭାନେତ୍ରୀ ଇପସିତା ସାହୁ କହିଛନ୍ତି ଯେ ତେଲେଙ୍ଗାନାର ଗ୍ଲୋବାନିଆଟେକନୋଲୋଜି ପ୍ରାଇଭେଟ ଲିମିଟେଡ୍ ଏକ କଳା ତାଲିକାଭୁକ୍ତ କମ୍ପାନୀ। ଏହି କମ୍ପାନୀ ପାଇଁ ତେଲେଙ୍ଗାନାରେ ୧୯ ଜଣ ପିଲା ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହାସହ ସହବନ୍ଧିତ ଥିବା ଆଉ ଏକ କମ୍ପାନୀର ନାଁ ପରିବର୍ତ୍ତନ କରି କୋମେଟ୍ ଏଜୁକେଟ୍ ପ୍ରାଇଭେଟ୍ ଲିମିଟେଡ୍‌କୁ +୨ କଳା ଛାତ୍ରଛାତ୍ରୀଙ୍କ ପରୀକ୍ଷା ଖାତା ମୂଲ୍ୟାଙ୍କନ




ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ଟେଣ୍ଡର ପ୍ରକ୍ରିୟାକୁ ମାଡ଼ି ମୋକଚି ଦିଆଯାଇଛି। ଦାୟିତ୍ୱ ପାଇଥିବା କମ୍ପାନୀର କିଛି ଅନଲାଇନ୍ ଟେଣ୍ଡର ପ୍ରକ୍ରିୟା ନାହିଁ। ଟେଣ୍ଡରରେ ଧାର୍ଯ୍ୟ କରାଯାଇଥିବା ମାନଦଣ୍ଡକୁ କୋମେଟ୍ ଏଜୁକେଟ୍ ପ୍ରାଇଭେଟ୍ ଲିମିଟେଡ୍ ପୂରଣ କରୁନାହିଁ। ଫଳରେ କେଉଁ ଆଧାରରେ ରାଜ୍ୟର ମେଧାବୀ ଛାତ୍ରଛାତ୍ରୀଙ୍କ ଖାତା ଦେଖିବାକୁ ସମ୍ପୃକ୍ତ କମ୍ପାନୀକୁ ଦିଆଯାଇଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଗୋଟିଏ କମ୍ପାନୀ ଭିନ୍ନ ଭିନ୍ନ ନାଁରେ ଟେଣ୍ଡରରେ ଭଗନେଇଥିବା ଅଭିଯୋଗ କରିବା ସହ କଳା ତାଲିକାଭୁକ୍ତ କମ୍ପାନୀକୁ ବାଦ୍ ଦେବାକୁ ସେ ଦାବି କରିଛନ୍ତି। ଏହି କମ୍ପାନୀକୁ ଦାୟିତ୍ୱ ଦେବା ପଛରେ ମୁଖ୍ୟମନ୍ତ୍ରୀ ନା ଗଣଶିକ୍ଷା ମନ୍ତ୍ରୀଙ୍କ ସ୍ୱାର୍ଥ ରହିଛି ବୋଲି ଶ୍ରୀମତି ସାହୁ ପ୍ରଶ୍ନ କରିଛନ୍ତି। ଛାତ୍ରଛାତ୍ରୀଙ୍କ ସୁରକ୍ଷିତ ଶୈକ୍ଷିକ ଭବିଷ୍ୟତ ପାଇଁ ଏହି କମ୍ପାନୀକୁ ପ୍ରତ୍ୟାହାର କରା ନଗଲେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ପକ୍ଷରୁ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

# ମହୁମାଛି ଆକ୍ରମଣରେ ପୋଷ୍ଟ ପିଅନଙ୍କ ମୃତ୍ୟୁ

ରାଇରଙ୍ଗପୁର, ୧୬।୨(ସମିସ): ବାଘୁଆ ମହୁମାଛି ଆକ୍ରମଣରେ ଜଣେ ପୋଷ୍ଟ ପିଅନଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ଗୋରୁମହିଷାଣୀ ଥାନା ଅନ୍ତର୍ଗତ ବଡ଼ମୌଦା ପୋଷ୍ଟ ଅଫିସର ପିଅନ ତଥା ଶୁଧେନ୍ୟ ପାରମାଣିକ(୬୫)। ରବିବାର ଶୁଧେନ୍ୟ ଘର ନିକଟସ୍ଥ ଆମ୍ବ ବଗିଚାକୁ ଯାଇଥିବା ବେଳେ ସେଠାରେ କିଛି ବାଘୁଆ ମହୁମାଛି ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଆଜି ସକାଳୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡ଼ିବାରୁ ପରିବାରଲୋକ ତାଙ୍କୁ ଗୋରୁମହିଷାଣୀ ହସ୍ପିଟାଲ ଓ ପରେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲକୁ ସ୍ଥାନାନ୍ତର କରଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି।

# ଓଲଟିଲା ଟ୍ରକ୍; ଲୋକେ ବୋହି ନେଲେ ବସ୍ତାବସ୍ତା ଅଦା

ବସ୍ତାବ୍ଲକ୍,୧୬।୨(ସମିସ): ନୟନଯୋରିକୁ ଓଲଟିଲା ଟ୍ରକ୍। ଲୋକେ ବୋହିନେଲେ କ୍ୱିଣ୍ଟାଲ କ୍ୱିଣ୍ଟାଲ ଅଦା। ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୬୦ନମ୍ବର ଜାତୀୟ ରାଜପଥର ମଥାନୀ ନିକଟରେ ଆଜି ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି। ସୋମବାର ଭୋର୍‌ରେ ଏକ ଅଦା ବୋଝେଇ ଟ୍ରକ୍ ବାଲେଶ୍ୱର ସହର ଅଭିମୁଖେ ଯାଉଥିବା ବେଳେ ମଥାନୀ ନିକଟରେ



ଦୁର୍ଘଟଣାଗ୍ରସ୍ତ ହୋଇ ରାସ୍ତାକଡ଼ ନୟନଯୋରିକୁ ଓଲଟି ପଡ଼ିଥିଲା। ସେଥିରେ ବୋଝେଇ ହୋଇଥିବା ଅଦା ତଳେ ବିକ୍ଷିପ୍ତ ହୋଇ ଏଣେତେଣେ ପଡ଼ିଥିଲା। ଏହା ଦେଖି ସ୍ଥାନୀୟ ଲୋକ ଅଦା ଗୋଟାଇବାକୁ ଲାଗି ପଡ଼ିଥିଲେ। ଅପରପକ୍ଷେ, ଏହି ଦୁର୍ଘଟଣାରେ ଟ୍ରକ୍‌ର ଚାଳକ ଓ ହେଲ୍ପର୍ ଆହତ ହୋଇଥିଲେ।

# ଆର୍‌ଟିଇ ନାମଲେଖାରେ ଆସିବ ସ୍ୱଚ୍ଛତା

ଭୁବନେଶ୍ୱର,୧୬ ।୨(ସମିସ): ଘରୋଇ ଶିକ୍ଷାନୁଷ୍ଠାନରେ ଆର୍‌ଟିଇ ଆଧୀନରେ ମାଗଣା ନାମଲେଖା ପାଇଁ ଚୟନ ପ୍ରକ୍ରିୟାକୁ ଅଧିକ ସୁଗମ କରାଯିବ। ଆବେଦନ କରିବାଠାରୁ ଆରମ୍ଭ କରି ଆବଶ୍ୟକ ପ୍ରମାଣପତ୍ର ଦାଖଲ ଓ ଆବେଦନ ଖାରଜ କରିବାର କାରଣ ସମ୍ପର୍କରେ ଅଭିଭାବକଙ୍କୁ

## ଖାରଜ ପୂର୍ବରୁ କାରଣ ଦର୍ଶାଇବା ସହ ତ୍ରୁଟି ସୁଧାରିବାକୁ ମିଳିବ ଅଭିଭାବକଙ୍କୁ ମିଳିବ ସୁଯୋଗ

ଅବଗତ କରାଯିବ। ଏଥିପାଇଁ ଗଣଶିକ୍ଷା ସଚିବଙ୍କ ସହ ଓଡ଼ିଶା ଅଭିଭାବକ ମହାସଂଘ ଆଜି ଆଲୋଚନା କରିଛି।

ଆର୍‌ଟିଇ ନାମଲେଖା ପାଇଁ ପାରଦର୍ଶୀ ପୋର୍ଟାଲରେ ଥିବା ବିଭିନ୍ନ ସମସ୍ୟା ଓ ସ୍ୱଚ୍ଛତା ସମ୍ପର୍କରେ ମହାସଂଘ ପକ୍ଷରୁ ବିଭାଗୀୟ ସଚିବଙ୍କୁ ଅବଗତ କରାଯାଇଛି। ଏପିରିକି, ଗତବର୍ଷ ବିଇଓମାନଙ୍କ ଅବହେଳା ଯୋଗୁଁ ୮୫୦୦ଟି ଆବେଦନକୁ କୌଣସି କାରଣ ନଦର୍ଶାଇ ଖାରଜ କରି ଦିଆଯାଇଥିବା ଦର୍ଶାଯାଇଛି। ଏଣୁ, ଏଥିରେ ସ୍ୱଚ୍ଛତା ଆଣିବାକୁ ମହାସଂଘ ଦାବି କରିଛି। ବିଭାଗୀୟ ସଚିବ ଏନ୍. ତିରୁମାଳା ନାଏକ ଦାବି ସମ୍ପର୍କରେ ଅବଗତ ହେବା ପରେ ସ୍ୱଚ୍ଛତା ଆଣିବାକୁ ପଦକ୍ଷେପ ନେଇଛନ୍ତି। ଆର୍‌ଟିଇ ଆବେଦନର ଯାଞ୍ଚ ବେଳେ ଅଭିଭାବକମାନଙ୍କୁ ସଂଶୋଧନ ପାଇଁ ଅନୁମତି ଦିଆଯିବ।

ଏହାସହ ରେଜିଷ୍ଟ୍ରିଭୁକ୍ତ ନମ୍ବରରେ ସମସ୍ୟା ଥିଲେ, ମେସେଜ୍ ପଠାଇବାର ବ୍ୟବସ୍ଥା କରାଯିବ। ଏନେଇ ବ୍ଲକ୍ ଓ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବାକୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ସଚିବ ନିର୍ଦ୍ଦେଶ ଦେଇଥିବା ମହାସଂଘ ପକ୍ଷରୁ କୁହାଯାଇଛି। ଏହି ଆଲୋଚନାରେ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ବାଳ ମୁକୁନ୍ଦ ଭୂୟାଁଙ୍କ ସମେତ ଅତିରିକ୍ତ ସଚିବ ଲୋପାମୁଦ୍ରା ମହାନ୍ତି, ଯଦୁମଣି ମହାଲା ଓ ଦୁର୍ଗା ମହାପାତ୍ର ଉପସ୍ଥିତ ଥିବା ବେଳେ ମହାସଂଘର ଏକ ଉଚ୍ଚସ୍ତରୀୟ କମିଟି ଅଂଶଗ୍ରହଣ କରିଥିବା କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଷୋୟୀ ସୂଚନା ଦେଇଛନ୍ତି।

## ବିଚିତ୍ର ନିୟମ

# ଓଡ଼ିଶା ଗାଡ଼ିକୁ ଫିଟ୍‌ନେସ୍ ଦେବେ ଆନ୍ଧ୍ର-ଛତିଶଗଡ଼

## ବାହାର ରାଜ୍ୟରେ ଫିଟ୍‌ନେସ୍ କରିବାକୁ ଗାଡ଼ି ମାଲିକ ଅମଙ୍ଗ

ଭୁବନେଶ୍ୱର,୧୬।୨(ସମିସ): ଦେଶରେ ଚାଲୁଥିବା ଗାଡ଼ିଗୁଡ଼ିକ କେବଳ ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର (ଏଟିଏସ୍)ରେ ନିଜର ଫିଟନେସ୍ ଯାଞ୍ଚ କରି ସାର୍ଟିଫିକେଟ୍ ପାଇଲେ ଏହାକୁ ବୈଧ ବୋଲି ଗ୍ରହଣ କରାଯାଉଛି। କେନ୍ଦ୍ରୀୟ ମୋଟର ଯାନ ଆଇନ ସଂଶୋଧନ ପରେ ଗତ ଏପ୍ରିଲ୍ ୨୦୨୫ଠାରୁ ବାଣିଜ୍ୟିକ ଯାନ ଗୁଡ଼ିକ ପାଇଁ ଏଭଳି ନିୟମ କରାଯାଇଛି। ନୂତନ ବ୍ୟବସ୍ଥାରେ ମାନୁଆଲ୍ ଫିଟନେସ୍ ପରୀକ୍ଷଣକୁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିବା ବେଳେ ଫିଟନେସ୍ ପରୀକ୍ଷଣ କେବଳ ସ୍ୱୟଂଚାଳିତ ପରୀକ୍ଷଣ ଷ୍ଟେସନ୍ (ଏଟିଏସ୍) ମାଧ୍ୟମରେ ହିଁ କରାଯିବାକୁ ବାଧ୍ୟତାମୂଳକ କରାଯାଇଛି। ଏହା ଦ୍ୱାରା ସ୍ୱଚ୍ଛତା, ପ୍ରଯୁକ୍ତି-ଆଧାରିତ ଏବଂ ବୈଜ୍ଞାନିକ ପଦ୍ଧତିରେ ଗାଡ଼ି ଫିଟନେସ୍ ପରୀକ୍ଷଣକୁ ସୁନିଶ୍ଚିତ କରି ହେବ ବୋଲି କେନ୍ଦ୍ର ସରକାର କହୁଛନ୍ତି। ମାତ୍ର ଓଡ଼ିଶାର ଉପାନ୍ତ ଜିଲ୍ଲାଗୁଡ଼ିକରେ ଏପରି ବ୍ୟବସ୍ଥା ନ ଥିବାରୁ ପଡ଼ୋଶୀ ଛତିଶଗଡ଼ ଓ ଆନ୍ଧ୍ରରେ ଫିଟନେସ ପରୀକ୍ଷା ପାଇଁ ସରକାରଙ୍କ ନିୟମ ସାଧାରଣରେ ବିସ୍ମୟ ସୃଷ୍ଟି କରିଛି ।

ଓଡ଼ିଶା ଭଳି ରାଜ୍ୟ ପାଇଁ କେନ୍ଦ୍ର ସରକାରଙ୍କ ଏହି ନିୟମ ଏବେ ବଡ଼ ଆହ୍ୱାନ ସାଜିଛି। ରାଜ୍ୟରେ ବର୍ତ୍ତମାନ ପର୍ଯ୍ୟନ୍ତ ଗୋଟିଏ ମାତ୍ର ଏଟିଏସ୍ କଟକରେ କାର୍ଯ୍ୟକ୍ଷମ ରହିଛି। ଅନ୍ୟ ଜିଲ୍ଲାରେ ମାନୁଆଲ ଭାବରେ ଚାଲୁଥିବା ଫିଟନେସ କେନ୍ଦ୍ରଗୁଡ଼ିକରୁ ସାର୍ଟିଫିକେଟ ଜାରି କ୍ଷମତା ପ୍ରତ୍ୟାହାର କରି ନିଆଯାଇଛି। ପରିଣତିସ୍ୱରୂପ ଓଡ଼ିଶାରେ ଏଟିଏସ୍ ନଥିବାରୁ ଗାଡ଼ି ମାଲିକମାନେ ଫିଟ୍‌ନେସ୍ ଟେଷ୍ଟ କରାଇବାରେ ବ୍ୟାପକ ସମସ୍ୟା ଭୋଗୁଛନ୍ତି ଓ ଫିଟନେସ୍ ନ ଥିଲେ ମୋଟା ଅଙ୍କର ଜରିମାନା ଲାଗୁ ଥିବାରୁ ମାଲିକମାନେ ଏବେ ମୁଣ୍ଡରେ ହାତ ଦେଇଛନ୍ତି।

ରାଜ୍ୟ ପରିବହନ ବିଭାଗକୁ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରଣାଳୟ ଦେଇଥିବା ନିର୍ଦ୍ଦେଶ ଅନୁସାରେ ଓଡ଼ିଶାର ୨୫ଟି ଆର୍‌ଟିଓ/ଏମ୍‌ଭିଆଇଙ୍କ ଅଧିନରେ ଚାଲିଥିବା ମାନୁଆଲ୍ ଟେଷ୍ଟିଂ କେନ୍ଦ୍ରରୁ ସାର୍ଟିଫିକେଟ ଜାରି କ୍ଷମତା ଅପସାରଣ କରିନିଆଯାଇଛି। ତେଣୁ ଓଡ଼ିଶାରେ କଟକଠାରେ ଗୋଟିଏ ଏଟିଏସ୍ କାର୍ଯ୍ୟକ୍ଷମ ରହିଥିବାରୁ ଏଠାରେ ୧୨ ଟି ଆର୍‌ଟିଓ ଅଧିନରେ ଥିବା ଗାଡ଼ିଗୁଡ଼ିକୁ ଫିଟନେସ ଟେଷ୍ଟ କରାଯାଇ ପାରିବ। ଅବଶିଷ୍ଟ ୧୪ ଆର୍‌ଟିଓ ଅନ୍ତର୍ଗତ ଗାଡ଼ିଗୁଡ଼ିକ ପଡ଼ୋଶୀ ରାଜ୍ୟରେ ଫିଟନେସ ଟେଷ୍ଟ କରାଇବେ। ମୟୂରଭଞ୍ଜର ଗାଡ଼ିଗୁଡ଼ିକ ପାଇଁ ଝାଡ଼ଖଣ୍ଡର ପୂର୍ବ ସିଂହଭୂମି କେନ୍ଦ୍ରର ଠିକଣା ଦିଆଯାଇଥିବା ବେଳେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି ପାଇଁ ଛତିଶଗଡ଼ର ଜଗଦଲପୁର ଏଟିଏସ୍ ଠିକଣା ଦିଆଯାଇଛି। ଝାରସୁଗୁଡ଼ା, ରାଉରକେଲା, ସୁନ୍ଦରଗଡ଼, ରାଇରଙ୍ଗପୁର ଓ ବରଗଡ଼ ଆରଟିଓ ଅଧିନରେ ଥିବା ଗାଡ଼ିଗୁଡ଼ିକ ପାଇଁ ଛତିଶଗଡ଼ର ରାଇଘର ଏବଂ ରାୟଗଡ଼ା, ଗଜପତି, ଗଞ୍ଜାମ ଓ ଭଞ୍ଜନଗର ଆରଟିଓ ଅଧୀନସ୍ଥ ଗାଡ଼ିଗୁଡ଼ିକ ଫିଟନେସ କରାଇବା ପାଇଁ ଆନ୍ଧ୍ରର ଶ୍ରୀକାକୁଲମ ଯିବାକୁ ପଡ଼ିବ ।

ସୂଚନା ଥାଉ କି ରାଜ୍ୟରେ ବର୍ତ୍ତମାନ ପ୍ରାୟ ୩୫-୪୦ ଲକ୍ଷ ବାଣିଜ୍ୟିକ ଗାଡ଼ି ଚଳ ପ୍ରଚଳ ହେଉଛି। ଏହି ଗାଡ଼ିଗୁଡ଼ିକ ପାଇଁ ୨ ବର୍ଷରେ ଥରେ ଫିଟନେସ୍ ସାର୍ଟିଫିକେଟ୍ ଆବଶ୍ୟକତା ପଡୁଛି। ତେଣୁ ଗାଡ଼ିମାଲିକମାନେ ବାହାର ରାଜ୍ୟକୁ ତେଲ ପୋଡ଼ି ଟ୍ୟାକ୍ସ ଦେଇ ଯିବାକୁ ଅରାଜି ହେବା ପରେ ରାଜ୍ୟ ସରକାର କେନ୍ଦ୍ର ନିକଟରେ ଗୁହାରି କରିଥିଲେ ଏବଂ ଏହାର ଅବଧି ମାର୍ଚ୍ଚ ୨ ପର୍ଯ୍ୟନ୍ତ ରହିଛି। ଏହାପରେ ପୁଣି ସେମାନଙ୍କୁ ଫିଟନେସ କରାଇବା ଅନିବାର୍ଯ୍ୟ ହୋଇ ପଡ଼ିବ। ଏହି ପରିପ୍ରେକ୍ଷୀରେ ଉପଯୁକ୍ତ ଭିତ୍ତିଭୂମି ପ୍ରସ୍ତୁତ ନ କରି କେଉଁ ସ୍ଥିତିରେ ଏଭଳି ନିୟମଗାଡ଼ି ମାଲିକମାନଙ୍କ ଉପରେ ଲଦି ଦିଆଯାଇଛି, ତାକୁ ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠିଛି।

NACO
10001/61/2526
OSACS
ଆସନ୍ତୁ ଆମେ ଏଚ୍.ଆଇ.ଭି./ଏଡ୍ସ ସଂକ୍ରମଣକୁ ରୋକିବା
ଏଚ୍.ଆଇ.ଭି. କିପରି ବ୍ୟାପେ
ଅସୁରକ୍ଷିତ ଯୌନ ସଂପର୍କ ଦ୍ୱାରା
ଏଚ.ଆଇ.ଭି. ସଂକ୍ରମିତ ରକ୍ତ କିମ୍ବା ରକ୍ତଜାତ ପଦାର୍ଥ ବ୍ୟବହାର ଦ୍ୱାରା
ବିଶୋଧିତ ହୋଇ ନ ଥିବା ଛୁଞ୍ଚି ବା ପୂର୍ବରୁ ବ୍ୟବହୃତ ଛୁଞ୍ଚି ଦ୍ୱାରା
ଏଚ.ଆଇ.ଭି. ସଂକ୍ରମିତ ମା' ଠାରୁ ତା'ର ଶିଶୁକୁ ବ୍ୟାପିଥାଏ
ଏଚ୍.ଆଇ.ଭି. କିପରି ବ୍ୟାପେ ନାହିଁ
ସଂକ୍ରମିତ ବ୍ୟକ୍ତିଙ୍କ ସହ ହାତ ମିଳାଇବା ଦ୍ୱାରା
ସଂକ୍ରମିତ ବ୍ୟକ୍ତିଙ୍କ ସହିତ ଏକା ସହ କାର୍ଯ୍ୟ କରିବା ଦ୍ୱାରା
ସଂକ୍ରମିତ ବ୍ୟକ୍ତିଙ୍କର ସରଞ୍ଜାମ ଓ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ବ୍ୟବହାର କରିବା ଦ୍ୱାରା
ସଂକ୍ରମିତ ବ୍ୟକ୍ତିଙ୍କ ଦ୍ୱାରା ବ୍ୟବହୃତ ଶୌଚାଳୟ ବ୍ୟବହାର କରିବା ଦ୍ୱାରା
ସଂକ୍ରମିତ ବ୍ୟକ୍ତିଙ୍କୁ କାମୁଡ଼ିଥିବା ମଶା କାମୁଡିବା ଦ୍ୱାରା
OIPR-10001/10060/2/25-26/0001
Follow us on : BREAKFREE https://breakfreeindia.org
AIDS Helpline 1097
ଅଧିକ ଜାଣିବା ପାଇଁ ନିଃଶୁଳ୍କ ଟେଲିଫୋନ୍ ନମ୍ବର ୧୦୯୭ ରେ ଯୋଗାଯୋଗ କରନ୍ତୁ।

### ଅବହେଳିତ ଥୁଆମୂଳରାମପୁର ପ୍ରାଣୀ ଚିକିତ୍ସାଳୟ

# ଚତୁର୍ଥଶ୍ରେଣୀ କର୍ମଚାରୀଙ୍କ ହାତରେ ଚିକିତ୍ସାଳୟର ଭାଗ୍ୟ

**ଥୁଆମୂଳରାମପୁର, ୧୬ ।୨(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକର ପ୍ରାଣୀ ଚିକିତ୍ସାଳୟ ଏବେ ଅବହେଳାର ସମ୍ମୁଖୀନ। ଗ୍ରାମାଞ୍ଚଳର ଚାଷୀ ଓ ପଶୁପାଳକଙ୍କ ପାଇଁ ଅତ୍ୟନ୍ତ ଜରୁରୀ ଚିକିତ୍ସାଳୟରେ ମୌଳିକ ସୁବିଧାର ଅଭାବ ଦେଖାଯାଉଛି। ଏଠାରେ ନିୟୋଜିତ ପ୍ରାଣୀ ଚିକିତ୍ସକଙ୍କୁ ଚିକିତ୍ସା ସେବା ପରିବର୍ତ୍ତେ ଜଗୁଆଳି (ଚୌକିଦାର) ଭୂମିକା ପାଳନ କରିବାକୁ ବାଧ କରାଯାଉଛି। ଫଳସ୍ୱରୂପ ପଶୁମାନଙ୍କର ସଠିକ୍ ଚିକିତ୍ସା, ଟିକାକରଣ ଓ ଆପାତକାଳୀନ ସେବା ପ୍ରଭାବିତ ହେଉଛି।ସେଥିପାଇଁ ସରକାରୀ ପ୍ରାଣୀପାଳନ ଯୋଜନାଗୁଡ଼ିକ ମଧ୍ୟ ବାଟବଣାର ଶିକାର ହେଉଛି। ଯୋଜନାର ଲାଭ ସଠିକ୍ ହିତାଧିକାରୀଙ୍କୁ ମିଳୁନଥିବା ଅଭିଯୋଗ ଉଠିଛି। ହିତାଧିକାରୀ ଚୟନରେ ଚଞ୍ଚକତା ଓ ପକ୍ଷପାତ ହେଉଥିବାରୁ ଅନେକ ଗରିବ ପଶୁପାଳକ ଯୋଜନାରୁ ବଞ୍ଚିତ ରହୁଥିବା ଅଭିଯୋଗ ମଧ୍ୟ ରହିଆସିଛି। ପ୍ରାଣୀ ବିଭାଗ ଅଧିକାରୀମାନେ ହଜାର ହଜାର ଟଙ୍କା ଦରମା ପାଉଥିବା ବେଳେ ଭବାନୀପାଟଣା ରହି ନିଜ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରୁଛନ୍ତି। ପ୍ରାୟ ସମୟ କାର୍ଯ୍ୟାଳୟ କବାଟରେ ତାଲା ଝୁଲୁଥିବା ବେଳେ ଅଧିକାରୀମାନେ କେବେ ଆସୁଛନ୍ତି ଯାଉଛନ୍ତି କେହି ଜାଣି ପାରନ୍ତିନି। ଯାହା ଅତ୍ୟନ୍ତ ବିଡମ୍ବନାର ବିଷୟ। ଅନ୍ୟପକ୍ଷରେ ଗ୍ରାମାଞ୍ଚଳରେ ଥିବା ଗୋ ପାଳକମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଥୁଆମୂଳ ରାମପୁର ବ୍ଲକରେ ୮ ଟି ଏଲଆଇ ସେଣ୍ଟର ଥିବା ବେଳେ ସେଥି ମଧ୍ୟରୁ ଡୁମେରପଦର, ଅନ୍ତ୍ରୀ, ମହୁଲପାଟଣା, ବଡ଼ଛତ୍ରଙ୍ଗ, ଗୋପାଳପୁର, କର୍ଲାପଟ, କେରପାଇ ଓ ଗୁଣପୁର ଅଛି। ଗୋପାଳପୁର ଓ ବଡ଼ଛତ୍ରଙ୍ଗ ବ୍ୟତୀତ କେଉଁଠି ମଧ୍ୟ କର୍ମଚାରୀ ରହୁନାହାନ୍ତି। ଅଞ୍ଚଳରେ ଥିବା ଗୃହ ପାଳିତ ପଶୁ ପାଇଁ ଏଲ୍‌ଆଇମାନେ ସବୁବେଳେ ସତର୍କ ସହିତ ସଜାଗ ରହିବା କଥା। ହେଲେ ବ୍ଲକରେ ଓଲଟା ଦେଖିବାକୁ ମିଳେ। ବ୍ଲକ ମୁଖ୍ୟାଳୟରେ ଡାକ୍ତର କିମ୍ବା ଅଧିକାରୀ ରହୁନଥିବା ବେଳେ ଗାଁର କଥା କିଏ ପଚାରେ। ସରକାରୀ ଅନୁସାରେ ଅଫିସ ଗୃହ କେବଳ ଅଫିସ କାମ ହେବା କଥା, ହେଲେ ଏଠି ଅଫିସ କାମ ବଦଳରେ ଅସଜଡା ପରିବେଶ ସୃଷ୍ଟି ହୋଇଥାଏ। ଏହି କାର୍ଯ୍ୟାଳୟ ଦ୍ୱାରା ପରିଚାଳିତ ବିଭିନ୍ନ ଯୋଜନାରେ ମଧ୍ୟ ବ୍ୟାପକ ଅନିୟମିତତା ହେଉଥିବା ଅଭିଯୋଗ ମଧ୍ୟ ସାମ୍ନାକୁ ଆସିଛି। କୌଣସି ଅଧିକାରୀ ଏନେଇ ସୁପରଭିଜନ କରୁନଥିବା ଯୋଗୁଁ ଏଲ୍‌ଆଇମାନେ ଠିକ ଭବେ ନିଜ କର୍ତ୍ତବ୍ୟ ପାଳନ କରୁନଥିବା ଅଭିଯୋଗ ହୋଇଛି।ଏହି ପ୍ରାଣୀ ଚିକିତ୍ସାଳୟରେ ଡାଟାଏଣ୍ଟ୍ରି ଅପରେଟର ନାହିଁ କି ରୋଗୀ ଚିହ୍ନଟ ପାଇଁ ଲ୍ୟାବର କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ଅନେକ ଥର ଅଭିଯୋଗ କଲେ ମଧ୍ୟ ଦାୟିତ୍ୱରେ ଥିବା ଅଧିକାରୀ କିଛି କର୍ଣ୍ଣପାତ କରୁନାହାଁନ୍ତି।ତୁରନ୍ତ ପ୍ରାଣୀ ବିଭାଗ ଉଚ୍ଚସ୍ତରୀୟ ତଦନ୍ତ କରି କାର୍ଯ୍ୟରେ ଅବହେଳା କରୁଥିବା ଅଧିକାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହୋଇଛି। ଏନେଇ ପ୍ରାଣୀବିଭାଗ ଅଧିକାରୀ ମାନଙ୍କୁ ଦୃଷ୍ଟି ଆକର୍ଷଣ କରିବା ପାଇଁ ଯୋଗାଯୋଗ କରୁଥିଲେ ସୁଦ୍ଧା କେହି ମଧ୍ୟ ଫୋନ ଉଠାଉନାହାନ୍ତି।




### ଥୁଆମୂଳରାମପୁର ବ୍ଲକ୍‌କୁ ଡିଏମ୍‌ଏଫ୍‌ରେ ସମ୍ପୂର୍ଣ୍ଣ ଅନ୍ତର୍ଭୁକ୍ତ ଦାବି

# ସରପଞ୍ଚ ସଂଘ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

**ଥୁଆମୂଳରାମପୁର, ୧୬ ।୨(ସମିସ):** କଳାହାଣ୍ଡି ଜିଲ୍ଲାର ଥୁଆମୂଳରାମପୁର ବ୍ଲକ ଅଧୀନ ସମସ୍ତ ପଞ୍ଚାୟତକୁ ଡିଏମ୍‌ଏଫ୍ (ଜିଲ୍ଲା ଖଣିଜ ପାଣ୍ଠି)ରେ ସମ୍ପୂର୍ଣ୍ଣ ଭାବେ ଅନ୍ତର୍ଭୁକ୍ତ କରିବା ସହିତ ସରପଞ୍ଚମାନଙ୍କୁ ଅନୁମୋଦନର କ୍ଷମତା ପ୍ରଦାନ କରାଯିବା ଦାବିରେ ସୋମବାର ବ୍ଲକ ସରପଞ୍ଚ ସଂଘ ପକ୍ଷରୁ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ବିଡ଼ିଓଙ୍କ ଜରିଆରେ ଦିଆଯାଇଥିଲା। ଦାବିପତ୍ରରେ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ପଞ୍ଚାୟତ ସ୍ତରରେ ୭୩ତମ ସମ୍ବିଧାନ ସଂଶୋଧନ ଆଇନ ଅନୁଯାୟୀ ଗ୍ରାମସଭାରେ ଯେଉଁ କାର୍ଯ୍ୟ ଯୋଜନା ଓ ପ୍ରସ୍ତାବ ଆଲୋଚନା ହୋଇ ସମ୍ମତି ମିଳୁଛି। ସେଗୁଡ଼ିକୁ ଉପରସ୍ତରରେ କ୍ଷୁର୍ଣ୍ଣ କରାଯାଉଛି। ଗ୍ରାମସଭା କେବଳ ଔପଚାରିକତାରେ ସୀମିତ ହୋଇ ରହିଯାଉଛି ଏବଂ ଉନ୍ନୟନମୁଖୀ ଡିଏମ୍‌ଏଫ୍ ଅନୁଦାନ ପଞ୍ଚାୟତସ୍ତରରେ ପହଞ୍ଚିବା ପୂର୍ବରୁ ଅନ୍ୟାନ୍ୟ ସ୍ତରରେ ମନମୁଖି ଭାବରେ କାର୍ଯ୍ୟ ଖସଡା ପ୍ରସ୍ତୁତ ହେଉଛି। ସରପଞ୍ଚ ସଂଘ ଦାବି କରିଛି ଯେ ପଞ୍ଚାୟତ ସମିତି ଅଧ୍ୟକ୍ଷ, ବିଧାୟକ ଓ ସାଂସଦମାନେ ନିଜେ ମନମତାରେ ଡିଏମ୍‌ଏଫ୍ ଅନୁଦାନ ବ୍ୟବହାର କରି ବ୍ଲକ ବାହାର ଅଞ୍ଚଳରେ ମଧ୍ୟ କାମ କରାଇ ଆସୁଛନ୍ତି। ଯାହା ଫଳରେ ଥୁଆମୂଳ ରାମପୁର ବ୍ଲକର ଉନ୍ନୟନ ପଛକୁ ଠେଲିଯାଉଛି ଏବଂ ଅଞ୍ଚଳବାସୀଙ୍କ ସହ ଅନ୍ୟାୟ ହେଉଛି। ଦାବିପତ୍ରରେ ଦୁଇଟି ପ୍ରମୁଖ ଦାବି ଉଠାଯାଇଛି ଯଥା ଥୁଆମୂଳ ରାମପୁର ବ୍ଲକର ସମସ୍ତ ପଞ୍ଚାୟତକୁ ସମ୍ପୂର୍ଣ୍ଣ ଭାବେ ଡିଏମ୍‌ଏଫ୍ ଅନ୍ତର୍ଭୁକ୍ତ କରାଯାଉ ଏବଂ ପ୍ରତ୍ୟେକ ପଞ୍ଚାୟତର ସରପଞ୍ଚଙ୍କୁ ଡିଏମ୍‌ଏଫ୍ ଅନୁଦାନରୁ କମ୍ ସେ କମ୍ ୧୦ ପ୍ରତିଶତ ରାଶି ଅନୁମୋଦନ କରିବାର କ୍ଷମତା ପ୍ରଦାନ କରାଯାଉ। ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ସରପଞ୍ଚ ସଂଘର ସଭାପତି ବଳଭଦ୍ର ଜାନୀଙ୍କ ନେତୃତ୍ୱରେ କାଣିଗୁମା ସରପଞ୍ଚ ଧ୍ରୁବକାନ୍ତ ମାଝୀ, ଗୋପାଳପୁର ସରପଞ୍ଚ ବେଣୀ ମାଝୀ, ତଳାମପଦର ସରପଞ୍ଚ ପ୍ରକାଶ ମାଝୀ, ଗୋପୀନାଥପୁର ସରପଞ୍ଚ ଧନସିଂ ମାଝୀ, ତଳଝାପି ସରପଞ୍ଚ ଶୋଭାସିଂ ମାଝୀ ସହ ଅନେକ ସରପଞ୍ଚ ଉପସ୍ଥିତ ଥିଲେ। ସମସ୍ତେ ମିଶି ବିଡ଼ିଓ ଧ୍ରୁବ ଚରଣ ମୁଦୁଲିଙ୍କୁ ଦାବିପତ୍ର ହସ୍ତାନ୍ତର କରିଥିଲେ। ଯଦି ଦାବିଗୁଡ଼ିକୁ ଶୀଘ୍ର ପୂରଣ କରାଯିବ ନାହିଁ, ତେବେ ଆଗାମୀ ଦିନରେ ବଡ଼ ଆନ୍ଦୋଳନର ପଥକୁ ଯିବାକୁ ସେମାନେ ବାଧ ହେବେ ବୋଲି ସଂଘର ସଭାପତି ବଳଭଦ୍ର ଜାନୀ ସୂଚନା ଦେଇଛନ୍ତି।



### ୧୯ରୁ ମାଟ୍ରିକ ପରୀକ୍ଷା

# ୯ କେନ୍ଦ୍ରରେ ୧୪୭୧ପରୀକ୍ଷାର୍ଥୀ

**କୋକସରା, ୧୬।୨ (ସମିସ):** ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଆସନ୍ତା ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ସେନେଇ ଆରମ୍ଭ ହୋଇଗଲାଣି ପ୍ରସ୍ତୁତି। ପ୍ରଶ୍ନ ଓ ଉତ୍ତର ପତ୍ର ପାଇଁ କେନ୍ଦ୍ର ପରିଚାଳକ ବା ସୁପରିଟେଣ୍ଡେଣ୍ଟ ସଜାଗ ହୋଇ ରହିଛନ୍ତି। ଚଳିତ ଥର କପି ରୋକିବାକୁ ବିଶେଷ ପଦକ୍ଷେପ ନିଆଯାଇଛି। ସକାଳ ୯ଟାରେ ପରୀକ୍ଷା ହେବାକୁ ଥିବାବେଳେ ୭ଟା ୩୦ରୁ ୮ଟା ୧୫ ସୁଦ୍ଧା ପରୀକ୍ଷା କେନ୍ଦ୍ରରେ ପ୍ରବେଶ କରିବା ନେଇ ସୂଚନା ରହିଛି। ଚଳିତ ବର୍ଷ କୋକସରା ବ୍ଲକରେ ୯ ଗୋଟି ପରୀକ୍ଷା କେନ୍ଦ୍ରରେ ମୋଟ ୧୪୭୧ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନେଇ ସୂଚନା ମିଳିଛି। ବ୍ଲକର ଜବାହର ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ସମେତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କାଉଡୋଲା, ଲଡୁଗାଁ ଉଚ୍ଚ ବିଦ୍ୟାଳୟ, ବୁଢ଼ାରଜା ଉଚ୍ଚ ବିଦ୍ୟାଳୟ ଆମପାଣି, ଏସ୍‌ଏସଡି ଉଚ୍ଚ ବିଦ୍ୟାଳୟ ଆମପାଣି, ଇନ୍ଦ୍ରାବତୀ ଉଚ୍ଚ ବିଦ୍ୟାଳୟ ଡଙ୍ଗରୀଗୁଡା, ଡହଗାଁ ଉଚ୍ଚ ବିଦ୍ୟାଳୟ, ଟେମରା ଇନ୍ଦ୍ରା ମେମୋରିଆଲ ହାଇସ୍କୁଲ, ମହାତ୍ମାଗାନ୍ଧୀ ଉଚ୍ଚ ବିଦ୍ୟାଳୟ ମାଝୀଗୁଡା ଆଦି କେନ୍ଦ୍ରରେ ବ୍ଲକର ୨୪ ଗୋଟି ଉଚ୍ଚ ବିଦ୍ୟାଳୟର ମୋଟ ୧୪୭୧ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବା ନେଇ ନୋଡାଲ ପରୀକ୍ଷା କେନ୍ଦ୍ର ଅଧିକାରୀ ତଥା କୋକସରା ଜବାହର ଉଚ୍ଚ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ସୁଧୀର କୁମାର ପଣ୍ଡା ସୂଚନା ଦେଇଛନ୍ତି। ପରୀକ୍ଷାକୁ ଅବାଧ ଓ ନିରପେକ୍ଷ କରିବା ସହ କପି ରୋକିବାକୁ କେନ୍ଦ୍ର ଗୁଡ଼ିକରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଚଳିତ ବର୍ଷ ନୋଡାଲ ପରୀକ୍ଷା କେନ୍ଦ୍ରରୁ ପରୀକ୍ଷାର ଲାଇଭ ଷ୍ଟ୍ରିମିଙ୍ଗ୍ ହେଉଥିବା ନେଇ ସୂଚନା ଦିଆଯାଇଛି।

### ୧୮ ରୁ ଦ୍ୱାଦଶ ପରୀକ୍ଷା

# ପରୀକ୍ଷା ଦେବେ ଜିଲ୍ଲାରେ ୧୬୬୩୧ ଛାତ୍ରଛାତ୍ରୀ

**ଭବାନୀପାଟଣା, ୧୬ ।୨(ସମିସ):** କଳାହାଣ୍ଡି ଜିଲ୍ଲାରେ ଚଳିତ ସିଏଚ୍‌ଏସଇ (ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ) ଦ୍ୱାଦଶ (ଯୁକ୍ତ+୨) ବୋର୍ଡ ପରୀକ୍ଷା ପାଇଁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ୧୮ ତାରିଖରୁ ପରୀକ୍ଷା ଆରମ୍ଭ ହେବ ।୧୦ଟି ହବ ସେଣ୍ଟରକୁ ପ୍ରଶ୍ନପତ୍ର ପହଞ୍ଚି ସାରିଛି ବୋଲି ସୂଚନା ମିଳିଛି। ଜିଲ୍ଲାରେ ୭୧ଟି ପରୀକ୍ଷା କେନ୍ଦ୍ର ହୋଇଛି। ଚଳିତବର୍ଷ କଳାହାଣ୍ଡି ଜିଲ୍ଲାରେ ରେଗୁଲାରରେ ସମୁଦାୟ ୪ଟି ବିଭାଗରେ ୧୬୬୩୧ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ଏଥିରେ କଳାରେ ୧୨୦୬୨, ବାଣିଜ୍ୟରେ ୩୫୭, ବିଜ୍ଞାନରେ ୩୮୯୯ ଓ ଭୋକେସ ନାଲ୍ ରେ ୩୧୪ ଜଣ ପରୀକ୍ଷା ଦେବେ ବୋଲି ଜଣାପଡ଼ିଛି। କପି ରୋକିବା ପାଇଁ ହବ ସେଣ୍ଟର ଗୁଡିକରେ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ ଓ ପରୀକ୍ଷା କେନ୍ଦ୍ର ଗୁଡିକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଗଠିତ ସ୍କ୍ୱାର୍ଡ ଓ ୩ ପ୍ରକାର ଫ୍ଲାଇଙ୍ଗ ସ୍କ୍ୱାର୍ଡ ନିୟୋଜିତ ରହିବେ।ହବ ସେଣ୍ଟର ଗୁଡିକରେ ଏଆଇ କ୍ୟାମେରା ଓ ପରୀକ୍ଷା କେନ୍ଦ୍ରମାନଙ୍କରେ ସିସିଟିଭି କ୍ୟାମେରା ଲଗାଯାଇଛି। ପରୀକ୍ଷା ଦିନ ସକାଳୁ ହବ ସେଣ୍ଟରରୁ ପରୀକ୍ଷା କେନ୍ଦ୍ର ଗୁଡିକୁ ପ୍ରଶ୍ନପତ୍ର ପଠାଯିବ ବୋଲି ଜଣାପଡ଼ିଛି। ପରୀକ୍ଷାକୁ କିପରି ଶାନ୍ତି ଓ ଶୃଙ୍ଖଳା ସହିତ ପରିଚାଳନା କରାଯିବ ନେଇ ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି।

# କୃଷି ଜିଲ୍ଲା ଅଧିକାରୀଙ୍କ କାର୍ଯ୍ୟାଳୟରୁ ଚୋରି

**ଧର୍ମଗଡ଼, ୧୬ ।୨(ସମିସ):** ଧର୍ମଗଡ଼ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରୁ ବିଳମ୍ବିତ ରାତ୍ରିରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି ।ଏନେଇ ଜିଲ୍ଲା କୃଷି ଅଧିକାରୀ ଧର୍ମଗଡ଼ ଥାନାରେ ଅଭିଯୋଗ କରିଛନ୍ତି। ମିଳିଥିବା ସୂଚନା ମତେ ବିଳମ୍ବିତ ରାତିରେ ଦୁର୍ବୃତ୍ତ ପଛ ପଟ ଗ୍ରିଲ୍ ଭାଙ୍ଗି କାର୍ଯ୍ୟାଳୟରେ ପଶି ଗୋଟେ କମ୍ପ୍ୟୁଟର, ପ୍ରିଣ୍ଟ ମେସିନ୨ଟି ଇନଭେଟର ନେଇଯାଇଛନ୍ତି। ଝରକା ପଛ ପଟୁ ଗ୍ରିଲ୍ ଭାଙ୍ଗି ନେଇଥିବା ଜଣାପଡ଼ିଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଧର୍ମଗଡ଼ ସହରରେ ଚୋରି ହାରି ବୃଦ୍ଧି ପାଉଥିବା ବେଳେ ପୁଲିସର ଦକ୍ଷତା ପ୍ରତି ପ୍ରଶ୍ନ ଉଠିଛି। ପୁଲିସ ରାତିରେ କଡା ପହରା ମାରିବା ଜରୁରୀ ଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ ଥିବା ସାଧାରଣରେ ମତ ପ୍ରକାଶ ପାଉଛି।



# ପୋରାଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ



**ଜୁନାଗଡ଼, ୧୬ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ପୋରାଗାଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କନ୍ଦର୍ପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜୁନାଗଡ଼ ବିଆରସିସି ସୁଶାନ୍ତ ଠାକୁର, ମୁଖ୍ୟବକ୍ତା ଭାବେ ଭବାନୀପାଟଣା ଏବିଇଓ ଜଗଦୀଶ ଚନ୍ଦ୍ର ମୁଣ୍ଡ, ସମ୍ମାନି ତ ଅତିଥି ଏବିଇଓ କ୍ଷୀରୋଦ ଭୋଇ, ପୂର୍ବତନ ପ୍ରଧାନଶିକ୍ଷକ ଅଜିତ ପାଢ଼ୀ, ପରିଚାଳନା କମିଟିର ସଭାପତି ସୁରେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ବାର୍ଷିକ ବିବରଣୀ ପ୍ରଧାନଶିକ୍ଷକ ଦାଶ ପାଠ କରିଥିବା ବେଳେ ସହକାରୀ ଶିକ୍ଷକ ଅଲେଖ ଚଣ୍ଡୀ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣୀ ସଭାକୁ ଶିକ୍ଷୟତ୍ରୀ ସଂଯୁକ୍ତା ଦାଶ ଓ ଖେଳଶିକ୍ଷକ ଅକ୍ଷୟ ମିଶ୍ର ପରିଚାଳନା କରିଥିଲେ। ବିଜ୍ଞାନ ଶିକ୍ଷକ ଉମାଚରଣ ବେହେରା ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଯାହାକି ବେଶ ଚିତାକର୍ଷକ ହୋଇଥିଲା।

# ଶ୍ରୀ ସାଇ କଲେଜରେ ବିଦାୟ ସମ୍ବର୍ଦ୍ଧନା ଉତ୍ସବ

**ନୂଆପଡ଼ା, ୧୬।୨ (ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଘାଟିପଡ଼ାସ୍ଥିତ ଶ୍ରୀସାଇ କଲେଜରେ ବିଦାୟକାଳୀନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜର ଯୁକ୍ତ ଦୁଇ ଶେଷ ବର୍ଷ ଓ ଯୁକ୍ତ ତିନି ଶେଷ ବର୍ଷର ଛାତ୍ରଛାତ୍ରୀଙ୍କୁ ସଭାରେ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ କଲେଜ ଅଧ୍ୟକ୍ଷ ଡ.ଅଶୋକ କୁମାର ପଟ୍ଟନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବରେ ଓଡ଼ିଆ ବିଭାଗର ଅଧ୍ୟାପକ ବୈଲୋଚନ ସାହୁ ଓ ଶାରୀରିକ ଶିକ୍ଷା ଶିକ୍ଷକ ଦୁଷ୍ମନ୍ତ କୁମାର ସାହୁ ଓ ପ୍ରଶାସକ ମୁକେଶ କୁମାର ରାଉତ ଯୋଗ ଦେଇଥିଲେ। ପ୍ରଥମେ ସ୍ୱରସ୍ୱତୀଙ୍କ ଫୋଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ପୂଜାର୍ଚ୍ଚନା କରାଯାଇଥିଲା। ପୁରାତନ ଛାତ୍ରଛାତ୍ରୀ ନିଜର ଅନୁଭୂତି ବଖାଣିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଓଡ଼ିଆ ଅଧ୍ୟାପିକା ପ୍ରିୟମ୍ବଦା ବିଶି ପରିଚାଳନା କରିଥିବାବେଳେ ତପସ୍ୱିନୀ ନାଥ, ଅଶ୍ୱିନୀ କରେଇ, ଇପଡେଶ ମେହେର, ଆଲୋକ ନିଆଲ, ସିପ୍ରା ଗୁଆ, ଶ୍ରଦ୍ଧାଞ୍ଜଳି ବେହେରା, ଶ୍ରୀମା ଓଝା, ପୁନମ ଭୁସାଗର, ସଜନୀ ଶବର, ଶାନ୍ତିଲତା ବେହେରା, ବୀଣାପାଣି ସାହୁ, ନିଖିଳଚନ୍ଦ୍ର ପଣ୍ଡା, ଯସ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।ଶେଷରେ ରାଜନୀତି ଅଧ୍ୟାପିକା ତନ୍ମୟୀ ବିଶି ଧନ୍ୟବାଦ ଅର୍ପଣ କରିଥିଲେ।

### ଚନାବେଡାରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର

# ଜିଲ୍ଲାରେ ୧୪୧ତମ ବର୍ତ୍ତନ ବ୍ୟାଙ୍କ ଉଦ୍‌ଘାଟିତ

**ନୂଆପଡ଼ା/ଖଡ଼ିଆଳ, ୧୬ ।୨(ସମିସ):** ସୋମବାର ଖଡିଆଳ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ପରେ ଅପରାହ୍ନରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଚନାବେଡା ପଞ୍ଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଓ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ଜିଲ୍ଲାପାଳଙ୍କ ସହିତ ଉପ ଜିଲ୍ଲାପାଳ ସୁର୍ମି ସୋରେନ, ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ କ୍ଷମାନିଧୀ ଭୋଇ, ସିଡିଏମଓ ଡ.ଧନେଶ୍ୱର ସେଠୀ, ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଡ଼ବା, ସରପଞ୍ଚ ମଥାମଣି ତାଣ୍ଡି ପ୍ରମୁଖ ଯୋଗ ଦେଇଥିଲେ। ପରେ ପଞ୍ଚାୟତରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଶିଶୁ କନ୍ୟାକୁ ଆଶିର୍ବାଦ କରିବା ସହିତ ଉପହାର ପ୍ରଦାନ କରିଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ସାତ ଜଣ ଗର୍ଭବତୀଙ୍କୁ ଫଳମୂଳ, ପନିପରିବା, ପୁଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଭେଟି ଦେଇଥିଲେ। ଏହାପରେ ଜିଲ୍ଲାରୁ ପ୍ରବାସୀ ଶ୍ରମିକ ସମସ୍ୟା ଦୂର କରିବା ପାଇଁ ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ସଭାରେ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଜନସାଧାରଣଙ୍କୁ ନିଜ ନିଜ ବିଭାଗର ଜନ କଲ୍ୟାଣକାରୀ ଯୋଜନା ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ। ଏହା ସହିତ ନୂଆପଡ଼ା ଥରେ ମାତ୍ର ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲା ଘୋଷିତ ହୋଇଥିବାରୁ ଏସବୁର ବ୍ୟବହାର ନ କରିବାକୁ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏହା ସହିତ ବିବାହ ତଥା ପର୍ବ ପର୍ବାଣୀରେ ପ୍ଲାଷ୍ଟିକ ଖଲି ଦନା ଗ୍ଲାସ୍ ଇତ୍ୟାଦିର ବ୍ୟବହାର ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ଜିଲ୍ଲାପାଳ ଜିଲ୍ଲାର ୧୪୧ ତମ ବର୍ତ୍ତନ ବ୍ୟାଙ୍କର ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଜିଲ୍ଲାର ପ୍ରଥମ 'ସ୍ୱଚ୍ଛତା ମିତ୍ର'ପୁରସ୍କାର ଯାଗର ସଭାପତି ମହେନ୍ଦ୍ର ଯୋଶୀଙ୍କୁ ପ୍ରଦାନ କରିଥିଲେ। ଜିଲ୍ଲାପାଳ ସମସ୍ତଙ୍କୁ ସଂବୋଧନ କରି ଜିଲ୍ଲା ପ୍ରଶାସନ ସମସ୍ତ ଶ୍ରମିକଙ୍କୁ ଖାଦ୍ୟ, ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ସୁବିଧା ସହିତ ଜୀବନ ଜୀବିକା ନିର୍ବାହ ପାଇଁ ବିଭିନ୍ନ ଯୋଜନାରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ସମସ୍ତେ ମିଶି ନୂଆପଡ଼ାକୁ ପ୍ରବାସୀ ଶ୍ରମିକ ଏବଂ ପ୍ଲାଷ୍ଟିକ ମୁକ୍ତ ଜିଲ୍ଲାରେ ପରିଣତ କରିବା ପାଇଁ ଆହ୍ୱାନ ଦେଇଥିଲେ। ସଭାରେ ଦୁଇଜଣ ଶ୍ରେଷ୍ଠ ଶ୍ରୋତା, ମନରେଗା ଯୋଜନାରେ ଅଧିକ ଦିନ କାମ କରିଥିବା ଶ୍ରମିକଙ୍କୁ ସମ୍ବର୍ଦ୍ଧିତ କରା ଯାଇଥିଲା। ଶେଷରେ ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଅତିଥିମାନେ ପକ୍ଷୀମାନଙ୍କ ପାଇଁ ଖାଦ୍ୟ ଜଳ ଯୋଗାଇ ଦେଇଥିଲେ। ଶିବିରକୁ ଖଡିଆଳ ବିଡ଼ିଓ, ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପ୍ରୋଗ୍ରାମ ଅଫିସର୍ ନମିତା ପାଢ଼ୀ, ଖଡିଆଳ ସିଡିପିଓ ଲତା ଦିଗାଲ, ସ୍ଥାନୀୟ ସରପଞ୍ଚ, ପଞ୍ଚାୟତିରାଜ ବିଭାଗ, ଜଙ୍ଗଲ ବିଭାଗ ପ୍ରମୁଖ ଆୟୋଜନ କରିଥିଲେ।



# ବାଇକ୍ ଦୁର୍ଘଟଣା ; ବାପା ପୁଅ ଗୁରୁତର

**କୋକସରା, ୧୬ ।୨(ସମିସ):** ୨୬ ନମ୍ବର ଜାତୀୟ ରାଜପଥର କୋକସରା କେନାଲ ଛକ ନିକଟରେ ସୋମବାର ଦୁଇ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ବରାଡଙ୍ଗା ଗ୍ରାମର ତ୍ରିଲୋଚନ ରାଉତ (୪୦) ଓ ତାଙ୍କ ପୁଅ ବାସୁଦେବ ରାଉତ (୧୭) ଗୁରୁତର ଆହତ ହୋଇଛନ୍ତି। କୋକସରାରୁ ତ୍ରିଲୋଚନ ଓ ତାଙ୍କ ପୁଅ ବାସୁଦେବ କୌଣସି କାମ ସାରି ବାଇକ୍ ଯୋଗେ ନିଜ ଗାଁ ବରାଡଙ୍ଗା ଯାଉଥିବା ସମୟରେ ୨୬ ନମ୍ବର ଜାତୀୟ ରାଜପଥର କେନାଲ ଛକ ନିକଟରେ ତାଙ୍କ ବାଇକ୍‌କୁ ସାମ୍ନାପଟୁ ଆସୁଥିବା ଅନ୍ୟ ଏକ ବାଇକ ଧକ୍କା ଦେଇ ଫେରାର ମାରିଥିଲା ।ବାପା ଓ ପୁଅ ବାଇକରୁ ଛିଟିକିପଡ଼ି ରାସ୍ତାରେ ପଡ଼ିଥିଲେ। ଖବର ପାଇ କୋକସରା ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୁରୁତରଙ୍କୁ ଉଦ୍ଧାର କରି କୋକସରା ମେଡିକାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଗୁରୁତର ବାପପୁଅ କୋକସରା ମେଡ଼ିକାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

# ସାରାବଙ୍ଗ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ




**ନୂଆପଡ଼ା, ୧୬।୨ (ସମିସ):** ନୂଆପଡ଼ା ଜିଲ୍ଲା ସଦରବ୍ଲକ ସାରାବଙ୍ଗ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାମନ୍ଦିର ପରିଚାଳନା ସଭାପତିଙ୍କ ଲାଲ ସିଂ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ସମ୍ମାନିତ ଅତିଥିଭାବେ ଭରତ ଦାସ ସନ୍ଥକବୀର ମନ୍ଦିର ଟ୍ରଷ୍ଟ ସଭାପତି, ବିଜେପି ଜିଲ୍ଲା ସଭାପତି କମଲେଶ ଦୀକ୍ଷିତ, ମୁଖ୍ୟବକ୍ତାଭାବେ ବିଶ୍ୱମ୍ବର ରାଉତରାୟ ଯୋଗ ଦେଇଥିଲେ। ସମ୍ପାଦକ ହୋମଲାଲ ମାଝୀ, ପ୍ରଧାନ ଆଚାର୍ଯ୍ୟ ଦେବେନ୍ଦ୍ର ନାଗ ପ୍ରମୁଖ ମଞ୍ଚାସୀନ ଥିଲେ। ଓଡ଼ିଶା-ଛତିଶଗଡ଼ ସୀମାନ୍ତ ବର୍ତ୍ତି ସାରାବଙ୍ଗ ଭଳି ହିନ୍ଦୀ ଭାଷା ଭାଷୀ ଅଞ୍ଚଳରେ ଓଡ଼ିଆ ଭାଷାର ଅଭିଯାନ ଚଳାଇ ବାରେ ସଫଳ ହୋଇଛି ବୋଲି ଅତିଥିମାନେ କହିଥିଲେ। ଗୁରମା ଜ୍ୟୋତୀ ଦୀକ୍ଷିତ ଓ ଗୁରଜୀ ଅଜୟ ସାହୁ ମଞ୍ଚ ପରିଚାଳନା କରିଥିଲେ। ଅତିଥିଙ୍କ ଦ୍ୱାରା କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ନେତା ରାମ ଦଣ୍ଡସେନା ପରିଚାଳନା କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗୁରୁଜୀ ଯୋଗେଶ ମାଝୀ ପରିଚାଳନା କରିଥିଲେ। ଗୁରୁଜୀ କୁଳେନ୍ଦ୍ର ମାଝୀ ଏବଂ ସ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭୋଳାନାଥ ଦେୱାଙ୍ଗନ, ମନିଜର ଆର୍ଯ୍ୟ, ପ୍ରକାଶ ଦୀକ୍ଷିତ, କୁଶଳ ପଟେଲ, ପଙ୍କଜ ପଟେଲ, ଗୋବିନ୍ଦ ଦଣ୍ଡସେନା, ଜିରାଖନ ରାଉତ, ପୁନିତ ରାଉତ ପ୍ରମୁଖ ସହଯୋଗ କରିଥିଲେ।

# ଚାଲିଛି ଶହେ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା ଓ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ

**କଲମପୁର, ୧୬ ।୨(ସମିସ)**

କଳାହାଣ୍ଡି ଜିଲ୍ଲା କଲମପୁର ବ୍ଲକରେ କୌଣସି କଳକାରଖାନା ନ ଥିବା ବେଳେ ପୂର୍ବ ପାର୍ଶ୍ୱରେ ବଣପାହାଡ଼ ଘେରି ରହିଛି। କଲମପୁର ବ୍ଲକ ୧୧ଟି ପଞ୍ଚାୟତକୁ ନେଇ ଗଠିତ ହୋଇଥିବା ବେଳେ ୧୧ପଞ୍ଚାୟତର ମଧ୍ୟସ୍ଥଳରେ ଚିରସ୍ରୋତା ହାତୀ ନଦୀ ପ୍ରବାହିତ ହେଉଛି। ଗ୍ରାମ ସଂଖ୍ୟା ୫୨ ଖଣ୍ଡ ହୋଇଥିବା ବେଳେ ଜନ ସଂଖ୍ୟା ପ୍ରାୟ ୬୦ ହଜାର ରହିଛି। ବ୍ଲକବାସୀଙ୍କ ଲାଗି କଲମପୁର ସଦରମହକୁମାରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଥିବା ବେଳେ ବନ୍ଧକନା ଠାରେ ସ୍ୱାସ୍ଥ୍ୟ ଉପକେନ୍ଦ୍ର ଓ ବଡକୁଟ୍ଟ ଠାରେ ହୋମିଓପାଥି ଚିକିତ୍ସାଳୟ ରହିଛି। କଲମପୁର ଚିକିତ୍ସାଳୟ ରୋଗୀସେବା ନେଇ ଆଖ ପାଖ ଅଞ୍ଚଳରେ ସୁନାମ ଅର୍ଜନ କରିଥିବା ବେଳେ ବନ୍ଧକନା ଉପସ୍ୱାସ୍ଥ୍ୟ କେନ୍ଦ୍ରରେ ସେତେଟା ସୁଫଳ ମିଳିପାରୁନାହିଁ। ବଡକୁଟ୍ଟ ହୋମିଓପାଥି ଚିକିତ୍ସାଳୟ ଏକ ପ୍ରକାର ଦେବାଳିଆ ଅବସ୍ଥାରେ ଗତି କରୁଛି। ଏସବୁକୁ ଦୃଷ୍ଟିରେ ରଖି ପୂର୍ବତନ ସରକାର କଲମପୁରରେ ଶହେ ଶଯ୍ୟା ବିଶିଷ୍ଟ ଚିକିତ୍ସାଳୟ ନିର୍ମାଣର ପରିକଳ୍ପନା କରିଥିଲେ। ଏବେ ପ୍ରଥମ ମହଲା କାମ ସମ୍ପୂର୍ଣ୍ଣ କରିସାରିଛି। ଏଠାରେ ସୂଚନା ଫଳକ ଲାଗି ନ ଥିବାରୁ ସଠିକ ତଥ୍ୟ ମିଳିପାରିନାହିଁ। କିନ୍ତୁ ଯୁଦ୍ଧକାଳିନ ଭିତ୍ତିରେ ଚିକିତ୍ସାଳୟ ନିର୍ମାଣ କାମ ଆଗେଇ ଚାଲିଛି। ନିର୍ମାଣାଧୀନ ଚିକିତ୍ସାଳୟ ସମ୍ମୁଖରେ ଦଶ କୋଟି ଅଟକଳରେ ବସ୍‌ଷ୍ଟାଣ୍ଡ ନିର୍ମାଣର ଶୁଭାରମ୍ଭ ହୋଇଯାଇଛି। ସ୍ଥାନ ଚିହ୍ନଟ ସହିତ ନିଅ ଖୋଳା ଆରମ୍ଭ ହୋଇଛି। ପୁଲିସ ହାଉସିଂ ବୋର୍ଡ କାମ ସମ୍ପାଦନ କରୁଥିବା ବେଳେ ପ୍ରାୟ ଦଶ କୋଟି ଟଙ୍କା ଅଟକଳରେ ନିର୍ମାଣ ହେଉଥିବା ବିଭାଗୀୟ ଯନ୍ତ୍ରୀ ଗୁପ୍ତ ବାବୁ କହିଛନ୍ତି। କିନ୍ତୁ ଏଠାରେ ମଧ୍ୟ ସୂଚନା ଫଳକ ଲାଗି ନ ଥିବାରୁ ସଠିକ ତଥ୍ୟ ମିଳି ପାରିନାହିଁ। କଲମପୁର ନିକଟବର୍ତ୍ତୀ ପାର୍କିଗୁଡା ଗ୍ରାମରେ ଏ ଦୁଇ ବଡ ପ୍ରକଳ୍ପ ନିର୍ମାଣ ହେଉଥିବା ବେଳେ ଲୋକେ ସଂକିର୍ଣ୍ଣ ରାସ୍ତାଘାଟକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହି ଦୁଇ ବଡ ପ୍ରକଳ୍ପ ସହିତ ସେଠାରେ ପୂର୍ବରୁ ସ୍ଥାପିତ ୩୩ କେଭି ବିଦ୍ୟୁତ୍ ଷ୍ଟ୍ରକଚର ଓ ଆଦର୍ଶ ବିଦ୍ୟାଳୟ ରହିଛି। ଦୈନିକ ଶହ ଶହ ଲୋକ ସେହି ରାସ୍ତାରେ ଯାତାୟାତ କରିବା ସହିତ ବହୁ ସଂଖ୍ୟାରେ ଯାନବାହାନ ମଧ୍ୟ ଚଳାଚଳ କରିବ। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷେ ପାର୍କିଗୁଡା ଗ୍ରାମରେ



### ବିଜେଡି ସରକାର ସମୟରେ ହୋଇଥିଲା ଆରମ୍ଭ

ପ୍ରାୟ ୪୧ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ରହିଛି। ଏହି ସରକାରୀ ଜମିକୁ ଭୂମିହୀନମାନଙ୍କ ଠାରୁ ଅଧିକ ଜମି ଥିଲାବାଲା ଲୋକେ ଜବରଦଖଲ କରିଛନ୍ତି। ଏପରିକି କେତେକ ଲୋକେ ବିଭାଗ ସହିତ ସଲାସୁତୁରା କରି ଗୋଚର, ଜଳଚର, ଅନାବାଦୀ, ଜଙ୍ଗଲ ଜମିକୁ ନିଜ ନାମରେ ରେକର୍ଡଭୁକ୍ତ କରି ନେଇଥିବା ଅଭିଯୋଗ ହେଉଛି। ଏହି ସବୁ ଜମି ଉଦ୍ଧାର କଲେ ଜନସାଧାରଣଙ୍କ କାର୍ଯ୍ୟରେ ବ୍ୟବହାର କରିବାକୁ ସାଧାରଣରେ ମତପ୍ରକାଶ ପାଇଛି।

## ରାଉରକେଲାରେ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରର ଶୁଭାରମ୍ଭ

# ଟ୍ରାଫିକ୍ ସୁପରିଚାଳନା, ଅପରାଧିକ ଗତିବିଧି ଉପରେ ରଖିବ ନଜର





ରାଉରକେଲା, ୧୬।୨(ସମିସ)

ରାଉରକେଲା ୱାନ୍ ପରିସରରେ ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ତରଫରୁ ନିର୍ମିତ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କେନ୍ଦ୍ରର (ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର) ଶୁଭାରମ୍ଭ ହୋଇଯାଇଛି। ରାଉରକେଲା ମହାନଗର ନିଗମ ଆୟୁକ୍ତ ତଥା ରାଉରକେଲା ସ୍ମାର୍ଟ ସିଟି ସିଇଓ

### ୪ ସ୍ଥାନରେ କାର୍ଯ୍ୟକ୍ଷମ

ସୁଶ୍ରୀ ଦୀନା ଦସ୍ତଗୀର୍ ସୋମବାର ଏହି କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହି ବ୍ୟବସ୍ଥା ସହରରେ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା, ଶାନ୍ତି ଶୃଙ୍ଖଳା ରକ୍ଷା, ଅପରାଧିକ ଗତିବିଧି ଉପରେ ନଜର ରଖିବାରେ ବିଶେଷ ସହାୟକ ହେବ। ରାଉରକେଲା ସହରରେ ୧୩ଟି ସ୍ଥାନରେ ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ୍ ରହିଥିବା ବେଳେ ଆମ୍ବାଗାନ୍, ଡିଏଭି ଛକ, ଟ୍ରାଫିକ୍ ଛକ, ଗଡ଼ିଆଟୋଲା ପ୍ରମୁଖ ୪ଟି ସ୍ଥାନରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଏହି ଟ୍ରାଫିକ୍ କଣ୍ଟ୍ରୋଲ ସିଷ୍ଟମ୍ କାର୍ଯ୍ୟକାରୀ ହେବା ଫଳରେ ଟ୍ରାଫିକ୍ ବ୍ୟବସ୍ଥାର ସୁପରିଚାଳନା ହେବା ସହ ଟ୍ରାଫିକ୍ ନିୟନ୍ତ୍ରଣ ସ୍ୱୟଂଚାଳିତ ଭାବରେ କରାଯାଇପାରିବ। ଅଟୋମେଟିକ ନମ୍ବର ପ୍ଲେଟ୍



ରେକୋଗନାଇଜେସନ ସହ ଦ୍ରୁତ ଗତିରେ ଗାଡ଼ି ଚାଳନା, ଭୁଲ୍ ରାସ୍ତାରେ ଗାଡ଼ି ଚଳାଇବା, ବିନା ସିଟ୍ ବେଲ୍ଟରେ ଗାଡ଼ି ଚାଳନା ଆଦି ରୋକାଯିବା ସହ ନିୟମ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ଇ-ଚାଲାଣ ଜାରି କରାଯିବ। ଯାହା ସହରର ଟ୍ରାଫିକ୍ ବ୍ୟବସ୍ଥାକୁ ଆହୁରି ସୁଦୃଢ କରିବ। ରାଉରକେଲା ସହର ଉପରେ ନଜର ରଖିବା ନିମନ୍ତେ ବିଭିନ୍ନ ସ୍ଥାନରେ ୬୦୦ରୁ ଅଧିକ ସିସି କ୍ୟାମେରା ଲଗାଯାଇଛି। ଯାହା ସହରରେ ଅପରାଧିକ କାର୍ଯ୍ୟକଳାପ ରୋକିବାରେ ବିଶେଷ ଭାବେ ସହାୟକ ହେବା ସହ ଆଇନ୍ ଶୃଙ୍ଖଳା ବ୍ୟବସ୍ଥାକୁ ମଧ୍ୟ ସୁଦୃଢ଼ କରିବ। ଏଥିସହ ସାର୍ବଜନୀନ ସୂଚନା ତଥା କୌଣସି ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀକାଳୀନ ବାର୍ତ୍ତା ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସହରର ୧୦ଟି ସ୍ଥାନରେ ରହିଛି ପବ୍ଲିକ୍ ଆନାଉନ୍ସମେଣ୍ଟ ସିଷ୍ଟମ୍। ଏହା ସହ ୨୦ଟି ସ୍ଥାନରେ ଏମର୍ଜେନ୍ସି କଲ୍ ବକ୍ସ ରହିଥିବା ବେଳେ ସେଥିମଧ୍ୟରୁ ୧୪ଟି କାର୍ଯ୍ୟକ୍ଷମ ରହିଛି।

## 'ଓଡ଼ିଶା ପାଠ୍ୟକ୍ରମ ରୂପରେଖ' ତାଲିମ ଉଦ୍‌ଯାପିତ



ରାଉରକେଲା, ୧୬।୨(ସମିସ): ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଡେଲି ମାର୍କେଟ, ସରକାରୀ ଉଚ୍ଚ ବିଦ୍ୟାଳୟ ସେକ୍ଟର-୨୦ ଓ ସରକାରୀ ଉଚ୍ଚ ବିଦ୍ୟାଳୟ ବିଶ୍ରାରେ ଦ୍ୱିତୀୟ ପର୍ଯ୍ୟାୟରେ ୫ ଦିନିଆ ବ୍ଲକସ୍ତରୀୟ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଓ ନୂତନ ପାଠ୍ୟ ପୁସ୍ତକ ସଞ୍ଚାଳନ ନିମନ୍ତେ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ପ୍ରବୋଧନ ତାଲିମ୍ କାର୍ଯ୍ୟକ୍ରମ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହା ଫେବୃଆରୀ ୯ ରୁ ଆରମ୍ଭ ହୋଇ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ସିଆରସିସି ଦିପ୍ତିମୟୀ ପରିଡ଼ା, ସିଆରସି ବିଦ୍ୟୁତ୍‌ଲତା ସୂତାର, ସହକାରୀ ଶିକ୍ଷକ ସରସ୍ୱତୀ ପଟେଲ, ସୁଷମା ଜେନା, ସିଆରସି. ସିପ୍ରା ସାହୁ, ସହକାରୀ ଶିକ୍ଷକ ରାଜଶ୍ରୀ ପରିଜା, ସୁଭଶ୍ରୀ ସେଠି, ମନୋରମା ବେହେରା, ସିଆରସିସି ଜନ୍ ପ୍ରକାଶ ଲମ୍‌ଗା, ସିଆରସିସି ଗୋବିନ୍ଦ ଚନ୍ଦ୍ର ସେଠି, ସିଆରସି ବିଦ୍ୟୁତ୍‌ମୟୀ ମିଶ୍ର, ସହକାରୀ ଶିକ୍ଷକ ସୁଜାତା ପ୍ରଧାନ ଓଡ଼ିଶା ପାଠ୍ୟକ୍ରମ ରୂପରେଖ ଉପରେ ବିଶ୍ରା ବ୍ଲକର ୧୭ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୨୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦ୍‌ଯାପନୀ ଦିବସରେ ବିଇଓ ସୁପ୍ରଭାତ କୁମାର ବେହେରା ଓ ଏବିଇଓ ସତ୍ୟଭାମା ବେହେରା ଉପସ୍ଥିତ ଥିଲେ। ଶେଷରେ ସାଧନ କର୍ମୀ ଓ ପ୍ରଶିକ୍ଷାର୍ଥୀମାନେ ନିଜ ନିଜର ଅନୁଭୂତି ବିଷୟରେ କହିଥିଲେ। ସମସ୍ତ ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ପୁରୁଣାପାଣି ଗ୍ରାମର ମହିଳାଙ୍କୁ ସିଲେଇ ତାଲିମ୍



ରାଉରକେଲା, ୧୬।୨(ସମିସ): ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ ସିଏସ୍‌ଆର କାର୍ଯ୍ୟାଳୟ ସ୍ଥିତ ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନରେ ଏକ ସ୍ୱତନ୍ତ୍ର ସିଲେଇ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସମାରୋହର ଉଦ୍‌ଘାଟନୀ ଅଧିବେଶନରେ ସିଏସ୍‌ଆର ବିଭାଗର ଜିଏମ୍ ଇନ୍‌ଚାର୍ଜ ମୁନମୁନ୍ ମିତ୍ର ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ୍ ବିଭାବସୁ ମଲ୍ଲିକ, ଡିଜିଏମ ଆରଏସ୍ ବାରା, ଡିଜିଏମ ଟିବି ଟପ୍ପୋ, ଏଜିଏମ ବିନାୟକ ଜେନାଙ୍କ ସହ ଉଷା ସିଲାଇ ସ୍କୁଲ ଏବଂ ଗ୍ରାମ ଉଥାନର ପ୍ରତିନିଧି ଓ କାରଖାନାର ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏଥିରେ କୁଆଁରମୁଣ୍ଡା ବ୍ଲକର ବାଣିଗୁଣି ଗ୍ରାମ ଏବଂ ବିସ୍ରା ବ୍ଲକର ଝିରପାଣି ପୁନଃବସତି କଲୋନୀର ସ୍ୱୟଂ ସହାୟକ ଗୋଷ୍ଠୀର ୧୧ ଜଣ ମହିଳା ଅଂଶଗ୍ରହଣ କରିବେ। ପ୍ରାରମ୍ଭରେ ଟିବି ଟପ୍ପୋ ସମାବେଶକୁ ସ୍ୱାଗତ କରିଥିବା ବେଳେ ସିଏସଆର ବିଭାଗର ଡେପୁଟି ମ୍ୟାନେଜର ଏସ୍‌କେ ସୁକୁଲା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଜାହିଦ ଅଖତାର ସଂଯୋଜନା କରିଥିଲେ। ଏହି ପ୍ରଶିକ୍ଷଣର ପ୍ରଥମ ପର୍ଯ୍ୟାୟରେ ସିଲେଇ ମେସିନ୍ ସଂସ୍ଥାପନ, ମରାମତି ଏବଂ ସେବା, ଡିଜାଇନ୍ ଏବଂ ପ୍ୟାଟର୍ଣ୍ଣ ତିଆରି, ମାପ କୌଶଳ ଏବଂ କଟିଂ, ସିଲେଇ, ପୋଷାକ ଫିଟିଂ, ହେମିଂ ଏବଂ ଇଣ୍ଟରଲକିଂ, ପ୍ୟାକେଜିଂ ଏବଂ ଫାଷ୍ଟିଂ ସହ ନିର୍ଦ୍ଦିଷ୍ଟ ପୋଷାକ ତିଆରି ତାଲିମ ପ୍ରଦାନ କରାଯିବ। ପରେ ପ୍ରତ୍ୟେକ ପ୍ରଶିକ୍ଷାର୍ଥୀଙ୍କୁ ଏକ ବାଣିଜ୍ୟିକ ସିଲେଇ ମେସିନ୍ ପ୍ରଦାନ କରାଯିବ। ଦ୍ୱିତୀୟ ପର୍ଯ୍ୟାୟରେ ଛଅ ମାସ ପରେ ସାଇଟରେ ୧୦ ଦିନିଆ ରିଫ୍ରେସର୍ କୋର୍ସ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି।

## ବ୍ରାହ୍ମଣୀ ନଦୀରେ ବୁଡ଼ି ଯୁବକ ମୃତ

ବଣାଇଁ, ୧୬।୨(ସମିସ): ବ୍ରାହ୍ମଣୀ ନଦୀକୁ ମାଛ ଧରିବାକୁ ଯାଇଥିବା ବେଳେ ପାଣିରେ ବୁଡ଼ିଯାଇ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ବଣାଇଁ ଉପଖଣ୍ଡ ଲହୁଣୀପଡ଼ା ଥାନା ଜାଙ୍ଗଡ଼ା ଗ୍ରାମର ଜୟନ୍ତ ପେଣ୍ଟେଇ (୩୧)। ସେ ଅପରାହ୍ନରେ ନିଜ ସ୍ତ୍ରୀଙ୍କ ସହ ବ୍ରାହ୍ମଣୀ ନଦୀକୁ ମାଛ ଧରିବାକୁ ଯାଇଥିଲେ। ମାଛ ଧରିସାରି ଗାଧୋଇବା ବେଳେ ଅସାବଧାନତା ଯୋଗୁଁ ଗୋଡ଼ ଖସିଯିବାରୁ ସେ ଗଭୀର ଜଳରେ ବୁଡି ଯାଇଥିଲେ। ସ୍ଥାନୀୟ ଲୋକେ ନଦୀରୁ ତାଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଲହୁଣୀପଡ଼ା ପୁଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

## ରାସ୍ତା ଉପରେ ଆମ୍ବୁଲାନ୍ସ ପାର୍କିଂକୁ ନେଇ ଅସନ୍ତୋଷ




ରାଉରକେଲା, ୧୬।୨(ସମିସ): ସବୁବେଳେ ଚଳଚଞ୍ଚଳ ରହୁଥିବା ଉଦିତନଗର ଓଭରବ୍ରିଜ ତଳେ ଥିବା ମୁଖ୍ୟ ରାସ୍ତାରେ ଆମ୍ବୁଲାନ୍ସ ପାର୍କିଂ କରାଯିବାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ରିଜ୍ ତଳେ କିଛି ଦିନ ହେବ ଏକ ଆମ୍ବୁଲାନ୍ସ ପାର୍କିଂ ହୋଇଛି। ଆମ୍ବୁଲାନ୍ସ ଯେପରି ପାର୍କିଂ ହୋଇଛି ପ୍ରାୟ ଅଧା ରାସ୍ତା ଅବରୋଧ ହୋଇଛି। ଯାହାଦ୍ୱାରା ରାସ୍ତା ସଙ୍କୁଚିତ ହେଉଛି। ଫଳରେ ଯାତାୟତରେ ଲୋକେ ଅସୁବିଧା ଭୋଗୁଛନ୍ତି। ରାସ୍ତାର ବୁଲାଣି ସ୍ଥାନରେ ଆମ୍ବୁଲାନ୍ସ ଥିବାରୁ ତଥା ବ୍ରିଜର ପିଲର ପଛ ପଟେ ଥିବାରୁ ଦୂରରୁ ଦେଖା ଯାଉନାହିଁ। ଫଳରେ ହଠାତ୍ ଯଦି କିଏ ଅସାବଧାନତା ହୁଏ ତେବେ ଦୁର୍ଘଟଣା ଥାୟ ବୋଲି ସାଧାରଣରେ ଶୁଣିବାକୁ ମିଳିଛି। ଉକ୍ତ ରାସ୍ତା ଦେଇ ପ୍ରତ୍ୟେକ ଦିନ ପ୍ରଶାସନିକ କର୍ମଚାରୀ ଯାତାୟାତ କରୁଥିବା ବେଳେ ଏଥିପ୍ରତି ଦୃଷ୍ଟି ଦେଉ ନଥିବା ଅଭିଯୋଗ ହୋଇଛି। ଯାନ୍ତ୍ରିକ ତ୍ରୁଟି ଯୋଗୁଁ ପାର୍କିଂ କରାଯାଇଥିବା ଲୋକେ ସନ୍ଦେହ କରୁଥିବା ବେଳେ ଏଭଳି ଜନଗହଳିପୂର୍ଣ୍ଣ ରାସ୍ତାରେ ଦିନ ଦିନ ଧରି ଆମ୍ବୁଲାନ୍ସ ପାର୍କିଂ କେତେ ଦୂର ଯୁକ୍ତିଯୁକ୍ତ ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି। କୌଣସି ଏକ ବଡ଼ ଦୁର୍ଘଟଣା ଘଟିବା ପୂର୍ବରୁ ଆମ୍ବୁଲାନ୍ସକୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ଦାବି ହୋଇଛି।


## ସିଇଏମ୍-ଆର୍‌ଏସ୍‌ଇ ବିଭାଗର ୨୫ ଠିକା ଶ୍ରମିକ ପୁରସ୍କୃତ



ରାଉରକେଲା, ୧୬।୨(ସମିସ): ରାଉରକେଲା ଇସ୍ପାତ କାରଖାନାର ସେଣ୍ଟ୍ରାଲାଇଜ୍ଡ ଇଲେକ୍ଟ୍ରିକାଲ୍ ମେଣ୍ଟେନାନ୍ସ-ରିପେୟାର ସପ୍ ଇଲେକ୍ଟ୍ରିକାଲ୍ ବିଭାଗର ସମ୍ମିଳନୀ ହଲ୍‌ରେ ବିଭାଗର ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଠିକା ଶ୍ରମିକଙ୍କ ଅନୁକରଣୀୟ ପ୍ରୟାସକୁ ସ୍ୱୀକୃତି ଦେବା ପାଇଁ ଏକ ତତ୍କାଳ ସ୍ୱୀକୃତି ପୁରସ୍କାର ସମାରୋହ ଆୟୋଜନ କରାଯାଇଥିଲା। ସପଫ୍ଲୋର ସଫେଇ, ସବୁଜିମା ବିକାଶ, ଗୁଣାଶକ ରକ୍ଷଣାବେକ୍ଷଣ ଏବଂ ବିଭାଗରେ ଏକ ସୁରକ୍ଷିତ ପରିବେଶ ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ ସହାୟତା ସେବା ପାଇଁ ସିଇଏମ-ଆରଏସଇ ବିଭାଗର ପ୍ରାୟ ୨୫ ଜଣ ଠିକା ଶ୍ରମିକଙ୍କୁ ତତ୍କାଳ ସ୍ୱୀକୃତି ଯୋଜନା ଅଧୀନରେ ପୁରସ୍କୃତ କରାଯାଇଥିଲା। ସିଇଏମ୍‌ର ଜିଏମ ଇନଚାର୍ଜ ତଥା ଏକ୍ଟିଙ୍ଗ ସିଜିଏମ ଇଲେକ୍ଟ୍ରିକଲ ଏସ୍‌କେ ପୋଲାକି ଏହି ସମାରୋହରେ ଅଧ୍ୟକ୍ଷତା କରି ପୁରସ୍କାର ପ୍ରଦାନ କରିଥିଲେ। ପୁରସ୍କାର ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ଶ୍ରୀ ପୋଲାକି ସେମାନଙ୍କର ଉତ୍ସର୍ଗୀକୃତତା ଏବଂ ଆନ୍ତରିକ ପ୍ରୟାସକୁ ପ୍ରଶଂସା କରିଥିଲେ। ସେ ସିଇଏମ-ଆରଏସଇ ବିଭାଗରେ ପରିଷ୍କାର ପରିଚ୍ଛନ୍ନତା, ସବୁଜିମା, ଗୁଣାତ୍ମକ ମାନ ଏବଂ ସୁରକ୍ଷା ବଜାୟ ରଖିବା ପ୍ରତି ସମାନ ଉତ୍ସାହ ଏବଂ ପ୍ରତିବଦ୍ଧତା ପ୍ରଦର୍ଶନ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସିଇଏମ-ଆରଏସଇ ବିଭାଗର ସେକ୍ସନ ମୁଖ୍ୟ କେ. ତିର୍କୀ, ମାନବ ସମ୍ବଳ ବିଭାଗର ସିନିୟର ମ୍ୟାନେଜର ପ୍ରଶାନ୍ତ କୁମାର ଜେନା, ଡେପୁଟି ମ୍ୟାନେଜର ବିଜ୍ଞାନ ପାତ୍ର, ବିଭାଗର ବରିଷ୍ଠ ଅଧିକାରୀ ଏବଂ ସମ୍ପୃକ୍ତ ଠିକାଦାରଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସିଇଏମ-ଆରଏସଇ ବିଭାଗର ଡେପୁଟି ମ୍ୟାନେଜର ଅକ୍ଷୟ କୁମାର ନାୟକ ସଂଯୋଜନା କରିଥିଲେ।

## ରାଜଗାଙ୍ଗପୁରରେ ଅଭିଯୋଗ ଶୁଣାଣି

ରାଉରକେଲା, ୧୬।୨(ସମିସ): ରାଜଗାଙ୍ଗପୁର ବ୍ଲକ ପରିସରରେ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ. ଶୁଭଙ୍କର ମହାପାତ୍ର, ଆରକ୍ଷୀ ଅଧିକ୍ଷକ ଅମ୍ରିତ ପାଲ କୌର ଯୋଗଦେଇ ଜନସାଧାରଣଙ୍କର ଅଭିଯୋଗ ଗୁଡ଼ିକର ଶୁଣାଣି କରିଥିଲେ। ଆଜି ମୋଟ ୯୪ ଗୋଟି ଅଭିଯୋଗ ଆସିଥିଲା। ସେଥିମଧ୍ୟରୁ ୪୬ ଗୋଟି ବ୍ୟକ୍ତିଗତ ଅଭିଯୋଗ ରହିଥିବାବେଳେ ୪୫ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଏହି ଅଭିଯୋଗଗୁଡ଼ିକ ମଧ୍ୟରୁ ୬ ଗୋଟି ଅଭିଯୋଗ ଗୁଡ଼ିକର ତତ୍‌କ୍ଷଣାତ ସମାଧାନ କରାଯାଇଥିଲା। ସେହିପରି ମୁଖ୍ୟମନ୍ତ୍ରୀ




ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ନିମନ୍ତେ ୩ ଗୋଟି ଆବେଦନ ରହିଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ରାଉରକେଲା ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠୀ, ସଦର ଉପଜିଲ୍ଲାପାଳ ତେଜସ୍ୱିନୀ ବେହେରା, ପିଏ ଆଇଟିଡିଏ ଧିରେନ୍ଦ୍ର ସେଠୀ, ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବ୍ରହ୍ମାକୁମାରୀ କାର୍ଯ୍ୟାଳୟରେ ତ୍ରିମୂର୍ତ୍ତି ଶିବ ଜୟନ୍ତୀ



ରାଉରକେଲା, ୧୬।୨(ସମିସ): ମହାଶିବରାତ୍ରି ଉପଲକ୍ଷେ ରାଜସ୍ଥାନ ସେବାସଦନ ନିକଟସ୍ଥ ବ୍ରହ୍ମା କୁମାରୀ ରାଉରକେଲା ଶାଖାର ଡାଇମଣ୍ଡ ଭବନରେ ଧୁମ୍‌ଧାମରେ ୯୦ତମ ତ୍ରିମୂର୍ତ୍ତୀ ଶିବ ଜୟନ୍ତୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଶ୍ୱେତା ଭଉଣୀ, ପାନପୋଷ ଉପଜିଲ୍ଲାପାଳ ବିଜୟ ନାୟକ, ରଘୁନାଥପାଲି ବିଧାୟକ ଦୁର୍ଗା ଚରଣ ତନ୍ତୀ, ବ୍ରହ୍ମା କୁମାରୀଜ୍ ରାଉରକେଲା ସବ୍‌ଜୋନ୍ ସେବା ପ୍ରଭାରୀ ବିମଳା ଦିଦି, ଆରଏସପିର ପୂର୍ବତନ ଡିଆଇସି ଅତନୁ ଭୌମିକ, ପୂର୍ବତନ ରାଉରକେଲା ଚାମ୍ବର ଅଫ କମର୍ସ ପଦ୍ମଚରଣ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ବ୍ରହ୍ମା କୁମାରୀଜ୍ ଏକ ଆଧ୍ୟାତ୍ମିକ ଶିକ୍ଷାନୁଷ୍ଠାନ। ଏହା ୧୫୦ ଦେଶରେ ନିଜର ୧୦, ୦୦୦ରୁ ଊର୍ଦ୍ଧ୍ୱ ଶାଖା ଦ୍ୱାରା ମୂଲ୍ୟନିଷ୍ଠ, ନିଶାମୁକ୍ତ ସମାଜର ଗଠନ କରିବାରେ ପ୍ରୟାସରତ। ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ମହାଶିବରାତ୍ରିର ଶୁଭକାମନା ଓ ଅଭିନନ୍ଦନ ଜଣାଇବା ସହିତ ବ୍ରହ୍ମାକୁମାରିଜ୍ ଦ୍ୱାରା ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମର ଆନନ୍ଦ ଉଠାଇଥିଲେ। କାର୍ଯ୍ୟକ୍ରମରେ ଅଞ୍ଜଳି ଦିଦି, ସୀମା ଦିଦି, ମିତା ଦିଦି, ମୋହନ ଭାଇ, ନାୟକ ଭାଇ, ପ୍ରତାପ ଭାଇ, ବିଜୟ ଭାଇ ତଥା ବ୍ରହ୍ମା କୁମାରୀ ରାଉରକେଲା ପରିବାରର ଅନେକ ଭାଇ ଓ ଭଉଣୀମାନେ ସହଯୋଗ ଦେଇଥିଲେ। ୪୦୦ରୁ ଊର୍ଦ୍ଧ୍ୱ ବ୍ରହ୍ମା କୁମାରୀ ଭାଇ ଓ ଭଉଣୀ ଯୋଗ ଦେଇଥିଲେ।

## ଇକୋ କ୍ଲବ୍ ଛାତ୍ରଛାତ୍ରୀଙ୍କ ଖଣ୍ଡାଧାର ପ୍ରକୃତି ନିବାସ ପରିଦର୍ଶନ



ବଣାଇଁ, ୧୬।୨(ସମିସ): ବଣାଇଁଗଡ଼ ମହାବିଦ୍ୟାଳୟର ଅଧ୍ୟକ୍ଷ ଜେନାମଣି ସାହୁଙ୍କ ଅଧ୍ୟକ୍ଷତାରେ ବଣାଇଁ ଗଡ଼ ମହାବିଦ୍ୟାଳୟ ଇକୋ କ୍ଲବ୍ ଛାତ୍ରଛାତ୍ରୀଙ୍କୁ ନେଇ ଖଣ୍ଡାଧାର ପ୍ରକୃତି ନିବାସଠାରେ ପରିବେଶ ଶୈକ୍ଷିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ, ୧୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ, କର୍ମଚାରୀ, ୧୦ଜଣ ଜଙ୍ଗଲ ବିଭାଗ କର୍ମଚାରୀମାନଙ୍କୁ ନେଇ ପ୍ରକୃତି ନିବାସ ପରିଦର୍ଶନ କରିବା ସହ ପରିବେଶ ସମ୍ବନ୍ଧରେ ବିଭିନ୍ନ ତଥ୍ୟ ଶିକ୍ଷା ଲାଭ କରିଥିଲେ। ମୁଖ୍ୟଅତିଥି ରୂପେ ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର ଯୋଗଦେଇ ଆଗାମୀ ଦିନରେ ପରିବେଶର ସୁରକ୍ଷା ସହ ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ବିଭିନ୍ନ ପ୍ରକାରର ଶିକ୍ଷାଦାନ ଉପରେ ଆଲୋକପାତ କରିଥିଲେ। ସେଠାରେ ସେମାନେ ପ୍ରକୃତି ସହିତ ସଂଯୋଗ ସ୍ଥାପନ କରିବା ଓ ପରିବେଶ ସଫା ଓ ସବୁଜ ରଖିବାର ମହତ୍ତ୍ୱ ଜାଣିପାରିଲେ। ଛାତ୍ରଛାତ୍ରୀମାନେ ଖଣ୍ଡାଧାର ଜଳପ୍ରପାତ ସହ ଜଙ୍ଗଲ ସବୁଜିମାର ସୁରକ୍ଷା ବିଷୟରେ ଜାଣିବାର ସୁଯୋଗ ପାଇଥିଲେ। ବନଖଣ୍ଡରେ କାର୍ଯ୍ୟରତ ଜୀବ ବିଜ୍ଞାନୀ ଓ ପରିବେଶବିତ୍ ସଞ୍ଜୟ କୁମାର ପାଇରା ପକ୍ଷୀ, ଗଛଲତା, ପଶୁପକ୍ଷୀ ଓ ବିଭିନ୍ନ ପ୍ରଜାତିର ପ୍ରଜାପତି ଏବଂ ସରିସୃପ ସମ୍ବନ୍ଧରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଶେଷରେ ପରିବେଶ ସମ୍ବନ୍ଧରେ ଏକ କୁଇଜ ପ୍ରତିଯୋଗିତା କରାଯାଇଥିଲା।

## ବନାଗ୍ନି ରୋକିବାକୁ ବନ ବିଭାଗର ପ୍ରସ୍ତୁତି

# ଜଙ୍ଗଲ ନିଆଁ ୫୦ ପ୍ରତିଶତ ହ୍ରାସ କରିବାକୁ ଲକ୍ଷ୍ୟ

ରାଉରକେଲା, ୧୬।୨(ସମିସ)

୨୦୨୬ ବର୍ଷ ପାଇଁ ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷଣ ବିଭାଗର ସମସ୍ତ ଡିଭିଜନରେ ଜଙ୍ଗଲ ନିଆଁକୁ ୫୦ ପ୍ରତିଶତ ହ୍ରାସ କରିବା ପାଇଁ ଏକ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ଆଜି ରାଉରକେଲା ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ରାମାସ୍ୱାମୀ ପି। ସେ କହିଛନ୍ତି, ୨୦୨୫ରେ ରେକର୍ଡ ହୋଇଥିବା ମୋଟ ୫, ୧୯୦ ଜଙ୍ଗଲ ଅଗ୍ନିକାଣ୍ଡକୁ ଆଧାର କରି ୨୦୨୬ ପାଇଁ ୨, ୫୯୫ ବନାଗ୍ନି ସେଣ୍ଟର କରାଯାଇଛି। ସେଥିମଧ୍ୟରେ ବଣାଇଁରେ ୫୦୫, ଦେବଗଡ଼ରେ ୬୭୮, କେଉଁଝରରେ ୩୬୪, ରାଉରକେଲାରେ ୨୫୭ ଏବଂ ସୁନ୍ଦରଗଡ଼ରେ ୭୯୧ଟି ଅଗ୍ନି ନିର୍ବାପନ କେନ୍ଦ୍ର କରାଯାଇଛି। ଜଙ୍ଗଲ ନିଆଁକୁ ଆୟତ୍ତ କରିବା ପାଇଁ ୮୩୨ ଜଣ ବନ ଅଗ୍ନିଶମ କର୍ମଚାରୀଙ୍କ ସହ ୫୫୩ ଜଣ ଅଗ୍ନିଶମ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଅଗ୍ନିକାଣ୍ଡ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ତୁରନ୍ତ ପ୍ରଭାବିତ



ସ୍ଥାନରେ ପହଞ୍ଚିବେ ଏବଂ ସମୟସୀମା ମଧ୍ୟରେ ଅଗ୍ନି ବ୍ଲୋୟର ବ୍ୟବହାର କରି ନିଆଁକୁ ଲିଭାଇବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଜଙ୍ଗଲ ଅଞ୍ଚଳରେ ଦେଖାଯାଉଥିବା ଯେକୌଣସି ଅଗ୍ନିକାଣ୍ଡ ଘଟଣା କିମ୍ବା ବିପଦ ବିଷୟରେ ସମୟୋଚିତ ସୂଚନା ପ୍ରଦାନ କରିବାରେ ସାମ୍ବାଦିକଙ୍କ ସହାୟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଜନସାଧାରଣଙ୍କ ମଧ୍ୟରେ ପ୍ରତିରୋଧକ ବାର୍ତ୍ତା ପ୍ରସାର କରିବାକୁ ଏବଂ ଅଗ୍ନି ସମ୍ପର୍କିତ ଯେକୌଣସି ସୂଚନାକୁ ନିର୍ଦ୍ଧାରିତ ବିଭାଗ-ୱାରୀ ସଂଯୋଜକଙ୍କ ନିକଟରେ ତୁରନ୍ତ ପହଞ୍ଚାଇବାକୁ ଗଣମାଧ୍ୟମକୁ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅନୁରୋଧ କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ପୃଥିବୀ ପୃଷ୍ଠରୁ ଆମେ ଯଦି ଯୁଦ୍ଧର ସମ୍ପୂର୍ଣ୍ଣ ବିଲୋପ ନ କରିବା ତେବେ ଯୁଦ୍ଧ ଆମ ପୃଥିବୀକୁ ନିଶ୍ଚିହ୍ନ କରିଦେବ।
-ହାରି ଟ୍ରୁମ୍ୟାନ୍

## ଉପବାଚସ୍ପତି ପଦର ଗୁରୁତ୍ୱ

ସଦନ ପରିଚାଳନାରେ ଶୃଙ୍ଖଳା ରକ୍ଷା ଏବଂ କ୍ଷମତା ଓ ବିରୋଧୀ ସଦସ୍ୟଙ୍କୁ ନିଜର ବକ୍ତବ୍ୟ ରଖିବା ସକାଶେ ସୁବିଧା ସୁଯୋଗ ପ୍ରଦାନକୁ ଦୃଷ୍ଟିରେ ରଖି ଲୋକସଭା ଭଳି ଅନ୍ୟ ବ୍ୟବସ୍ଥାପିକା ବ୍ୟବସ୍ଥାରେ ବାଚସ୍ପତି ଓ ଉପବାଚସ୍ପତି ପଦବୀ ରହିଛି। ଭାରତୀୟ ସମ୍ବିଧାନର ଧାରା ଅନୁଯାୟୀ ସଦନରେ ବାଚସ୍ପତି ଓ ଉପବାଚସ୍ପତି ରହିବା ଅନିବାର୍ଯ୍ୟ। ତେବେ କେଉଁ ପରିସ୍ଥିତିରେ ଲୋକସଭାରେ ଉପବାଚସ୍ପତି ପଦ ଗତ ୭ ବର୍ଷ ହେଲା ପୂରଣ କରାଯାଇ ନାହିଁ ଏବଂ ଉଦ୍ଦେଶ୍ୟମୂଳକ ଭାବେ ଏହି ପଦ ଶୂନ୍ୟ ରଖି କ୍ଷମତାସୀନ ମେଣ୍ଟ କେଉଁ ସୁଯୋଗ ହାସଲ କରିଛି ତାହା ଆଲୋଚନା ଦାବି କରେ। ଲୋକସଭାର ପରମ୍ପରା ଅନୁଯାୟୀ ଦୁଇପକ୍ଷଙ୍କୁ ସଦନରେ ସମାନ ସୁବିଧାସୁଯୋଗ ଦେବା ସକାଶେ ଉପବାଚସ୍ପତି ପଦ ବିରୋଧୀଦଳକୁ ପ୍ରତିନିଧିତ୍ୱ କରିବାକୁ ଛାଡ଼ି ଦିଆଯାଇଥାଏ। ସାପ ମରିବନି କି ବାଡ଼ି ଭାଙ୍ଗିବନି ନ୍ୟାୟରେ କ୍ଷମତା ଉପବାଚସ୍ପତି ନିର୍ବାଚନ କ୍ଷେତ୍ରରେ ପରମ୍ପରା ନ ଭାଙ୍ଗିଲେ ମଧ୍ୟ ସେହି ଗୁରୁତ୍ୱପୂର୍ଣ୍ଣ ପଦ ପୂରଣ ନ କରି ଗୃହ ପରିଚାଳନା ଦାୟିତ୍ୱ ସଂପୂର୍ଣ୍ଣ ନିଜ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି। ଏକ୍ଷେତ୍ରରେ ଯେପରି ସାମାନ୍ୟ ଓଜନ ବିଲମ ନହୁଏ ସେଥିପ୍ରତି କ୍ଷମତା ଆବଶ୍ୟକତାରୁ ଯେ ଅଧିକ ସତର୍କ ତାହା ଏକାଧିକ ଘଟଣାରୁ ସ୍ପଷ୍ଟ।

ଏହି ପ୍ରସଙ୍ଗ ଉପରେ ଆଲୋଚନା ବେଳେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ଙ୍କ କାହିଁକି ଓ କେଉଁ ପରିସ୍ଥିତିରେ ଇସ୍ତଫା ଦେଲେ ସେ ସଂପର୍କରେ ସମସ୍ତେ ଅବଗତ। ଉପରାଷ୍ଟ୍ରପତି ସାମ୍ବିଧାନିକ ବ୍ୟବସ୍ଥା ଦୃଷ୍ଟିରୁ ଉଚ୍ଚ ସଦନ ବା ରାଜ୍ୟସଭାର ଅଧ୍ୟକ୍ଷ ରହିଥା'ନ୍ତି। ଶାସକ ଦଳର ବିପୁଳ ସଂଖ୍ୟାଗରିଷ୍ଠତା ଆଧାରରେ ଧନଖଡ଼ ନିର୍ବାଚିତ ହୋଇଥିଲେ। ସରକାରଙ୍କ ପ୍ରତି ତାଙ୍କର ଆନୁଗତ୍ୟ ପ୍ରଶ୍ନାତୀତ। ଏହାସତ୍ତ୍ୱେ ବିରୋଧୀ ନେତା ଓ ସଦସ୍ୟଙ୍କ ଜଷ୍ଟିସ ବର୍ମାଙ୍କ ବିରୋଧରେ ଆଗତ ମହାଅଭିଯୋଗ ନେଇ ପ୍ରାଧାନ୍ୟ ଦେବା ଘଟଣା ସରକାରଙ୍କ ହଜମ ହେଲାନି। ବିରୋଧୀ ନେତାଙ୍କ ସହ ତାଙ୍କର ଯୋଗାଯୋଗକୁ ଷଡ଼ଯନ୍ତ୍ର ରୂପରେ ଦେଖି କ୍ଷମତା ଧନଖଡ଼ଙ୍କୁ ପଦମର୍ଯ୍ୟାଦାରୁ ହଟାଇବାକୁ ଚାହିଁଲା। ସେ ଯେହେତୁ ବ୍ୟବସ୍ଥାର ଅଂଶବିଶେଷ ଥିଲେ ବୁଝିପାରିଥିଲେ ତାଙ୍କର ଭବିଷ୍ୟତ କ'ଣ ହେବାକୁ ଯାଉଛି। ସେ ନିଜ ପଦରୁ ଇସ୍ତଫା ଦେଲେ।

ଏକଥା ଏଠାରେ ଉଲ୍ଲେଖ କରିବାର ଉଦ୍ଦେଶ୍ୟ ହେଲା, ସଂସଦର ଦୁଇ ସଦନ ପରିଚାଳନା ସଂପୂର୍ଣ୍ଣ ରୂପେ ନିୟନ୍ତ୍ରଣରେ ରଖିବାକୁ ଚାହାନ୍ତି ସରକାର। ତେଣୁ ଉଦ୍ଦେଶ୍ୟମୂଳକ ଭାବେ ଲୋକସଭାର ଉପବାଚସ୍ପତି ପଦ ପୂରଣ କରାଯାଇନାହିଁ। ସରକାର ଏହା ଫଳରେ ପରମ୍ପରା ଭଙ୍ଗର ବଦନାମ ମୁଣ୍ଡାଇଲେ ନାହିଁ କି ବିରୋଧୀଙ୍କୁ କ୍ଷମତାବିରୋଧୀ ଆଭିମୁଖ୍ୟ ଉପସ୍ଥାପନର ଥିବା ସୀମିତ ସୁଯୋଗକୁ ଏକପ୍ରକାର ନିକୁଚି କରିଦେଇଛନ୍ତି। ବାଚସ୍ପତିଙ୍କ ଅନୁପସ୍ଥିତିରେ ଗୃହ ପରିଚାଳନା ଦାୟିତ୍ୱ ତୁଲାଇବା ପାଇଁ ଉପବାଚସ୍ପତିଙ୍କ ଭଳି ବରିଷ୍ଠ ସଦସ୍ୟଙ୍କୁ ମନୋନୀତ କରାଯାଉଛି। ଉଭୟ ଦୃଷ୍ଟିକୋଣରୁ ବିଚାର କଲେ ସରକାର ଗୃହରେ ନିରାପଦ ଆଧିପତ୍ୟ ବିସ୍ତାର କରିବାର ସୁଯୋଗ ପାଉଛନ୍ତି।

ସଂସଦର ବଜେଟ ଅଧିବେଶନ ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଗୃହକୁ ମୁଲତବୀ ରଖିବା ପୂର୍ବରୁ ଉପୁଜିଥିବା ଘଟଣା ସଂପର୍କରେ ଆମେ ଦୃଷ୍ଟି ଆକର୍ଷଣ କରିବାକୁ ଚାହୁଁଛୁ। ବାଚସ୍ପତି ଲୋକସଭାରେ ବିରୋଧୀଦଳ ନେତାଙ୍କ ବକ୍ତବ୍ୟ ଉପରେ କ୍ରମାଗତ ଟିପ୍ପଣୀ ଦେଇ କିଛି ବିବାଦୀୟ ପ୍ରସଙ୍ଗ ଉପସ୍ଥାପନରେ କଟକଣା ପ୍ରୟୋଗ କରିବାରୁ ତାଙ୍କ ବିରୋଧରେ ଅନାସ୍ଥା ବା ମହାଅଭିଯୋଗ ଆଗତ ପାଇଁ ନୋଟିସ ଦିଆଗଲା। ତେଣିକି ନିଜର ଆତ୍ମମର୍ଯ୍ୟାଦା ରକ୍ଷା ହେଉ କିମ୍ବା କୌଣସି ବୈଧାନିକ ପ୍ରତିବନ୍ଧ ସୃଷ୍ଟି ଉଦ୍ଦେଶ୍ୟରେ ବାଚସ୍ପତି ଗୃହରେ ଅନୁପସ୍ଥିତ ରହିଲେ। ଏଭଳି ସ୍ଥିତିରେ ଉପବାଚସ୍ପତିଙ୍କ ଭୂମିକାର ସ୍ୱତନ୍ତ୍ର ଗୁରୁତ୍ୱ ରହିଛି। ଉପବାଚସ୍ପତି ପଦ ପୂରଣରେ ପରମ୍ପରା ରକ୍ଷା କରାଯାଇଥିଲେ ବିରୋଧୀ ପରିସ୍ଥିତିର ସୁଯୋଗ ନେଇଥା'ନ୍ତେ। ଗୃହ ପରିଚାଳନା କରିବା ପାଇଁ ଗଠିତ ତାଲିକାରେ ଥିବା ବରିଷ୍ଠ ସଦସ୍ୟ ଜଗଦମ୍ବିକା ପାଲଙ୍କୁ ସୁଯୋଗ ମିଳିଲା। ସଂସଦର ଘଟଣାକ୍ରମକୁ ଅନୁଧ୍ୟାନ କଲେ କିଭଳି ଓ କେଉଁ ପରିସ୍ଥିତିରେ ସେ ସରକାରଙ୍କୁ ସୁରକ୍ଷା ଦେଇଥିଲେ ତାହା ସାମ୍ନାକୁ ଆସିଯିବ। ସେଦିନ ବିରୋଧୀ ଦଳ ନେତାଙ୍କ ଅନୁପସ୍ଥିତିରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିରୋଧୀଙ୍କ ମୁକାବିଲା କରୁଥିଲେ। ପ୍ରସଙ୍ଗ କ୍ରମେ ସେ ବିରୋଧୀଦଳ ନେତାଙ୍କୁ ପ୍ରାମାଣିକ ତଥ୍ୟ ଉପସ୍ଥାପନ କରିବାକୁ ଆହ୍ୱାନ ଦେଇ ସରକାରଙ୍କୁ ଅଡୁଆରେ ପକାଇଦେଲେ। ଗୃହ ପରିଚାଳନା କରୁଥିବା ଜଗଦମ୍ବିକା ଏଭଳି ଏକ ପ୍ରତିକୂଳ ସ୍ଥିତିରୁ ସରକାରଙ୍କୁ କେବଳ ଉଦ୍ଧାର କଲେନି ସଂସଦୀୟ ବ୍ୟାପାର ମନ୍ତ୍ରୀଙ୍କ ଅପରିପକ୍ୱତାକୁ ମଧ୍ୟ ପଦାରେ ପକାଇଦେଲେ। ଏକ୍ଷେତ୍ରରେ ଯଦି ବିରୋଧୀ ଦଳକୁ ପ୍ରତିନିଧିତ୍ୱ କରୁଥିବା ଉପବାଚସ୍ପତି ଗୃହ ପରିଚାଳନା କରୁଥା'ନ୍ତେ ତେବେ କଥା ସରିଥା'ନ୍ତା।

ବାଚସ୍ପତିଙ୍କ ବିରୋଧରେ ଆଗତ ଅନାସ୍ଥାପ୍ରସ୍ତାବ ସଂପର୍କରେ ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଆଲୋଚନା ହେବ। ଏହାକୁ କେନ୍ଦ୍ର କରି ବାଦବିବାଦ ଉପୁଜିବା ଏକପ୍ରକାର ସ୍ଥିର। ମହାଅଭିଯୋଗ ପ୍ରସ୍ତାବରେ ସରକାର ଯେ ପରାଜିତ ହେବେ ଓ ଓମ୍ ବିରଳା ପଦମର୍ଯ୍ୟାଦା ଚାଲିଯିବ ଏକଥା ନୁହେଁ। ଏଠାରେ ମୁଖ୍ୟ ପ୍ରସଙ୍ଗ ହୋଇଛି ଉପବାଚସ୍ପତି ପଦ ଖାଲି ପଡ଼ିଥିବା ବେଳେ ନିଷ୍ପତ୍ତି ଗ୍ରହଣ କିଏ ଓ କିପରି କରିବ ସେ ସଂପର୍କରେ ସଂବିଧାନ ଓ ଗୃହ ନିୟମାବଳୀରେ କୌଣସି ସ୍ପଷ୍ଟ ଉଲ୍ଲେଖ ନାହିଁ। ସଂସଦୀୟ ବ୍ୟବସ୍ଥା ଅନୁଯାୟୀ ୧୪ ଦିନିଆ ନୋଟିସ ଅବଧି ପରେ ବିରୋଧୀଦଳ ପକ୍ଷରୁ ଆଗତ ମହାଅଭିଯୋଗ ଉପରେ ଆଲୋଚନା ପାଇଁ ଦିନ ଧାର୍ଯ୍ୟ କରାଯିବ। ବାଚସ୍ପତିଙ୍କ ବିରୋଧରେ ପ୍ରସ୍ତାବ ଆଗତ କରାଯାଇଥିବାରୁ ସେ ନିଜେ ଏହାର ଗ୍ରହଣୀୟତା ସଂପର୍କରେ ନିଷ୍ପତ୍ତି ନେଇପାରିବେ ନାହିଁ। ଅସ୍ପଷ୍ଟ ନିୟମାବଳୀର ସୁଯୋଗ କିଏ ନେବ ସେ ସଂପର୍କରେ କିଛି ମତାମତ ଦେବା ଅନାବଶ୍ୟକ। ତେବେ ଏହି ଘଟଣାକ୍ରମରୁ ଉପବାଚସ୍ପତି ପଦ ଖାଲିରଖିବାର ଉଦ୍ଦେଶ୍ୟ ସ୍ପଷ୍ଟ ହୋଇଯାଇଛି।

ଗୋଟିଏ ଦିଗରେ ବିରୋଧୀଦଳ ନେତାଙ୍କ ବିରୋଧରେ ଆଗତ ସବ୍‌ଷ୍ଟାନ୍‌ସିଆଲ୍ ମୋସନ୍ ଓ ବିରୋଧୀଙ୍କ ପକ୍ଷରୁ ଆସିଥିବା ମହାଅଭିଯୋଗର ଭବିଷ୍ୟତ ଏକ ଅନିଶ୍ଚିତତା ଦେଇ ଗତି କରୁଛି। ଉପବାଚସ୍ପତି ପଦ ଖାଲିପଡ଼ିଥିବାରୁ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଯେଉଁ ଅଚଳାବସ୍ଥା ସୃଷ୍ଟି ହୋଇଛି ତାହା ସଂସଦୀୟ ଇତିହାସରେ କିଛି ନୂଆ ପରମ୍ପରା ସୃଷ୍ଟି କରିବାକୁ ଯାଉଛି। ବ୍ୟବସ୍ଥାପିକା ଆମ ବ୍ୟବସ୍ଥାର ଅନ୍ୟତମ ମୁଖ୍ୟ ଅଙ୍ଗ। ତେଣୁ କିଛି ମତାମତ ଦେବା ପୂର୍ବରୁ ସମୟକୁ ଅପେକ୍ଷା କରିବା ଉଚିତ୍ ହେବ।

## ବେଦ ଓ ମାନବଜୀବନ

ଡ. ନିରଞ୍ଜନ ମିଶ୍ର

ବେଦ ସମଗ୍ର ବ୍ରହ୍ମାଣ୍ଡର ସର୍ବପ୍ରଥମ ଓ ସର୍ବବନ୍ଦ୍ୟ ଗ୍ରନ୍ଥ, ଯାହା କି ଅନାଦି ଅନନ୍ତକାଳରୁ ବିଦ୍ୟମାନ। ସମସ୍ତ ଜ୍ଞାନର ଭବ୍ୟଭଣ୍ଡାର ଏହି ବେଦ ଅପୌରୁଷେୟ। ଅର୍ଥାତ୍ କୌଣସି ମନୁଷ୍ୟ ଦ୍ୱାରା ରଚିତ ହୋଇନାହିଁ। ବେଦ ସମଗ୍ର ମାନବ ଜୀବନର ସମ୍ବିଧାନ ଏବଂ ମାନବ ସମେତ ସମସ୍ତ ପ୍ରାଣୀମାନଙ୍କର ପଥପ୍ରଦର୍ଶକ। ବେଦ ଆମକୁ ଶିଖାଇଥାଏ ଜୀବନର ଉଦ୍ଦେଶ୍ୟ କ'ଣ ହେବା ଆବଶ୍ୟକ। ଆମମାନଙ୍କର ଦୈନନ୍ଦିନ ଜୀବନ କିଭଳି ସୁନ୍ଦର ଓ ସୁଖମୟ ହେବ ତାର ମଧ୍ୟ ସହଜ ଓ ସୁଗମ ନିର୍ଦ୍ଦେଶ ବେଦରେ ମିଳିଥାଏ। ବେଦର ସ୍ୱରୂପ ବର୍ଣ୍ଣନା କରିବାକୁ ଯାଇ ସୂତ୍ରକାର ମହର୍ଷି ଆପସ୍ତମ୍ବ କହିଛନ୍ତି- **'ମନ୍ତ୍ରବ୍ରାହ୍ମଣୟୋର୍ବେଦନାମଧେୟମ୍।'** ଅର୍ଥାତ୍ ମନ୍ତ୍ର ଓ ବ୍ରାହ୍ମଣଭାଗର ସମନ୍ୱୟକୁ ବେଦ କୁହାଯାଏ। ପୁଣି କୁହାଯାଇଅଛି **'ଋଷୟଃ ମନ୍ତ୍ରଦ୍ରଷ୍ଟାରଃ'**। ଅର୍ଥାତ୍ ତପୋନିଷ୍ଠ ମୁନିଋଷିମାନଙ୍କର ତୀବ୍ର ତପୋବଳ ଦ୍ୱାରା ବା ସେମାନଙ୍କ ସମାଧି ଅବସ୍ଥାରେ ମନ୍ତ୍ର ସ୍ୱୟଂ ପ୍ରକାଶ ଲାଭ କରିଥାଏ। ତେଣୁ କୁହାଯାଏ ବେଦ ହେଉଛି ଆଦିମ ଆର୍ଯ୍ୟର କଳ୍ପନାର କମନୀୟ କେନ୍ଦ୍ରସ୍ଥଳ। ପୃଥିବୀର କୌଣସି ସାହିତ୍ୟ ବେଦ ସହିତ ତୁଳନୀୟ ନୁହଁ। କାରଣ ଏହାର ମନୋହର ବୈଶିଷ୍ଟ୍ୟ, ଗରିମାମୟ ଭାବଗାମ୍ଭୀର୍ଯ୍ୟ, ଅର୍ଥସୌଷ୍ଠବ ଓ ତତ୍ତ୍ୱ ପ୍ରଚୋଦିତ ନିର୍ଦ୍ଦେଶ ସମୂହ ସର୍ବୋତ୍କୃଷ୍ଟ। ଆଦିମ ମାନବର ଇତିହାସ, ସଂସ୍କୃତି ତଥା ଜୀବନନିର୍ବାହ ପଦ୍ଧତିର ପରିପ୍ରକାଶ ହିଁ ବେଦ।

ଯଦ୍ୟପି ଏହି ବେଦ ମୂଳତଃ ଏକ, ତଥାପି ବେଦର ସ୍ୱରୂପ ଭେଦକୁ ଆଧାର କରି ବେଦବ୍ୟାସ ଏହାକୁ ଋକ୍, ଯଜୁଃ, ସାମ, ଅଥର୍ବ ଆଦି ଚାରିଭାଗରେ ବିଭକ୍ତ କରିଛନ୍ତି। ଋକ୍‌ବେଦ ପଦ୍ୟମୟୀ, ଯଜୁର୍ବେଦ ଗଦ୍ୟମୟୀ, ସାମବେଦ ଗାନମୟୀ। ଅଥର୍ବବେଦରେ ଋକ୍‌ବେଦର ପ୍ରଭାବ ଅନେକାଂଶରେ ଦେଖାଯାଇଥାଏ। ଯେଉଁ ବେଦରେ ମନ୍ତ୍ରମାନଙ୍କର ଉପସ୍ଥିତି ପାଦଯୁକ୍ତ ଅର୍ଥସମନ୍ୱିତ ଛନ୍ଦୋବଦ୍ଧ କ୍ରମରେ ସଙ୍କଳିତ ହୋଇଥାଏ ତାହା ଋକ୍‌ବେଦ। ଠିକ୍ ସେହିଭଳି ଯେଉଁ ବେଦରେ ଋଚାମାନଙ୍କର ସଙ୍କଳନ ଗାନ ପ୍ରକାରରେ ଉପଲବ୍ଧ, ତାହା ସାମବେଦ। ଯେଉଁ ବେଦରେ କର୍ମକାଣ୍ଡ ବା ଯାଗଯଜ୍ଞାଦି ସଂବନ୍ଧିତ ମନ୍ତ୍ରମାନଙ୍କର ସଙ୍କଳନ ବହୁଳ ଭାବରେ ଦେଖାଯାଏ ତାହା ଯଜୁର୍ବେଦ। ଯେଉଁ ବେଦରେ ଅଭିଚାର, ବିବିଧରୋଗ ନିବାରକ ତଥା ଅତ୍ୟନ୍ତ ଆଧୁନିକବିଜ୍ଞାନାଦି ସମର୍ଥିତ ମନ୍ତ୍ରମାନଙ୍କର ସଙ୍କଳନ କରାଯାଇଅଛି ତାହା ଅଥର୍ବବେଦ। ଋକ୍ ବେଦର ଉପବେଦ ଆୟୁର୍ବେଦ, ଯଜୁର୍ବେଦର ଉପବେଦ ଧନୁର୍ବେଦ, ସାମବେଦର ଉପବେଦ ଗାନ୍ଧର୍ବବେଦ ଏବଂ ଅଥର୍ବବେଦର ଉପବେଦ ସ୍ଥାପତ୍ୟବେଦ ଅଟେ।

ପ୍ରତି ବେଦ ନିଜନିଜ ବ୍ରାହ୍ମଣ, ଆରଣ୍ୟକ, ଉପନିଷଦ୍ ଦ୍ୱାରା ସମୃଦ୍ଧ। ଏହିପରି ଭାବରେ ମନ୍ତ୍ର ଭାଗକୁ ସଂହିତା, ମନ୍ତ୍ରର ବ୍ୟାଖ୍ୟା ଭାଗକୁ ବ୍ରାହ୍ମଣ, ମନ୍ତ୍ର ଓ ବ୍ରାହ୍ମଣରେ ପ୍ରତିପାଦିତ ତତ୍ତ୍ୱଗୁଡ଼ିକର ଆଧ୍ୟାତ୍ମିକ ଓ ଦାର୍ଶନିକ ବ୍ୟଖ୍ୟା ଭାଗକୁ ଆରଣ୍ୟକ, ମନ୍ତ୍ର ଓ ବ୍ରାହ୍ମଣରେ ଆଲୋଚିତ ବ୍ରହ୍ମ ଓ ଆତ୍ମା ବିଷୟକ ବିଚାରଭାଗକୁ ଉପନିଷଦ୍ କୁହାଯାଏ। ପୁନଶ୍ଚ ଏହି ବେଦ ଶିକ୍ଷା, କଳ୍ପ, ନିରୁକ୍ତ, ଛନ୍ଦ, ଜ୍ୟୋତିଷ, ବ୍ୟାକରଣ ପ୍ରଭୃତି ଛଅଟି ଅଙ୍ଗ ଦ୍ୱାରା ପରିବେଷ୍ଟିତ। ଏହି ଛଅଗୋଟି ଅଙ୍ଗ ଦ୍ୱାରା ବେଦର ଅର୍ଥଜ୍ଞାନ ସମ୍ଭବ ହୋଇଥାଏ।

ଏହି ବିଶ୍ୱବିଶ୍ରୁତ ଓ ଚିରଭାସ୍ୱର ବେଦର ଉପାଦେୟତା ଆମମାନଙ୍କ ଜୀବନ ପାଇଁ କ'ଣ ରହିଛି, ସେ ସମ୍ବନ୍ଧରେ କିଞ୍ଚିତ୍ ଆଲୋଚନା କରିବା। ମନୁଷ୍ୟର ପ୍ରଥମ ଆବଶ୍ୟକ ତା'ର ପରିବାର। ପରିବାରଟି ସମୃଦ୍ଧ ହେଲେ ସେ ମଧ୍ୟ ସମୃଦ୍ଧଯୁକ୍ତ ହୋଇଥାଏ। ଆମର ପରସ୍ପର ପ୍ରତି ସୌହାର୍ଦ୍ଦପୂର୍ଣ୍ଣ ବ୍ୟବହାର, କଥୋପକଥନ, ମନୋଭାବ ତଥା କର୍ତ୍ତବ୍ୟବୋଧ ସମ୍ବନ୍ଧରେ ସୁନ୍ଦର ନିର୍ଦ୍ଦେଶାବଳୀ ବେଦରେ ମିଳିଥାଏ। ବେଦରେ ସମଗ୍ର ବିଶ୍ୱକୁ ଗୋଟିଏ ପରିବାର ଭାବରେ ଗ୍ରହଣ କରାଯାଇଛି। ଏଣୁ କୁହାଯାଇଛି - 'ଯତ୍ର ବିଶ୍ୱଂ ଭବତ୍ୟେକନୀଡ଼ମ୍।' ପରିବାରରେ ସୁଖ ଓ ସୌହାର୍ଦ୍ଦର ମୂଳ ଆଧାର ପ୍ରେମ। ପରିବାରରେ ଓ ସମାଜରେ ଯଦି ପରସ୍ପର ମଧ୍ୟରେ ପ୍ରେମ ରହିଛି ତେବେ ସେ ପରିବାର ଓ ସମାଜ ସମୃଦ୍ଧ ହୋଇଥାଏ। ଏଣୁ ବେଦର ନିର୍ଦ୍ଦେଶ ଏହା ଯେ ପରିବାରର ସମସ୍ତ ସଦସ୍ୟ/ସଦସ୍ୟାମାନଙ୍କ ମଧ୍ୟରେ ନିଃସ୍ୱାର୍ଥପର ପ୍ରେମସଂପର୍କ ରହିବା ବାଞ୍ଛନୀୟ। ପରିବାରରେ ସମସ୍ତେ ମିଳିମିଶି ରହିବା ସହ ପରସ୍ପର ମଧୁର ବଚନ ପ୍ରୟୋଗ ଦ୍ୱାରା ସମସ୍ତ କାର୍ଯ୍ୟ ସଂପାଦନ କରିବା ଉଚିତ୍। ଏଣୁ ଅଥର୍ବବେଦରେ କୁହାଯାଇଛି ଯେ - 'ମା ଭ୍ରାତା ଭ୍ରାତରଂ ଦ୍ୱିକ୍ଷନ୍, ମା ସ୍ୱସାରମୁତ ସ୍ୱସା। ସମ୍ୟଞ୍ଚ ସବ୍ରତା ଭୂତ୍ୱା, ବାଚଂ ବଦତ ଭଦ୍ରୟା।'

ପରିବାରରେ ପୁତ୍ର ସର୍ବଦା ମାତା ଓ ପିତାଙ୍କର ଆଜ୍ଞାକାରୀ ହେବା ସହ ପିତାଙ୍କର କର୍ମରେ ସହଯୋଗୀ ଏବଂ ମାତା ପ୍ରତି ସଦା ଆଦରଭାବ ରଖିବା ଉଚିତ୍। ଗୃହରେ ସର୍ବଦା ପତ୍ନୀର ବ୍ୟବହାର ମଧୁମୟ ହେବା ସହ ତା'ର ବାଣୀ ମଧ୍ୟ ଶାନ୍ତିପ୍ରଦାୟିନୀ ହେବା ଆବଶ୍ୟକ। ଏଣୁ କୁହାଯାଇଅଛି - 'ଅନୁବ୍ରତଃ ପିତୁଃ ପୁତ୍ରୋ ମାତ୍ରା ଭବତୁ ସଂମନାଃ। ଜାୟା ପତ୍ୟେ ମଧୁମତୀଂ ବାଚଂ ବଦତୁ ଶାନ୍ତିବାନ୍।'

ବେଦରେ ଗୃହପତ୍ନୀକୁ ଅତି ଆଦର ସ୍ଥାନରେ ରଖାଯାଇଛି। କାରଣ ସେ ସମଗ୍ର ପରିବାରର ଭରଣପୋଷଣ କରିଥାଏ। ଏଣୁ ପତ୍ନୀକୁ ପୁରନ୍ଧ୍ର ତଥା ଗୃହସ୍ୱାମିନୀ ବୋଲି ସଂବୋଧନ କରାଯାଇଛି। ପତ୍ନୀର ପ୍ରଥମ ଚିନ୍ତନ ହେଉଛି ସେ ଯେଉଁ ପରିବାରକୁ ଆସିଛି ସେହି ପରିବାରର ସମୃଦ୍ଧିରେ ହିଁ ତା'ର ସମୃଦ୍ଧି। ଏଣୁ କୁହାଯାଇଛି 'ଯଥା ସିନ୍ଧୁର୍ନଦୀନାଂ ସାମ୍ରାଜ୍ୟଂ ମୁଷୁବେ ବୃଷା। ଏବା ତ୍ୱଂ ସମ୍ରାଜ୍ଞେଧି ପତ୍ୟୁରସ୍ତଂ ପରେତ୍ୟ।' ଅର୍ଥାତ୍ ଯେଉଁଭଳି ସମୁଦ୍ର ନଦୀମାନଙ୍କ ଉପରେ ନିଜର ଆଧିପତ୍ୟ ବିସ୍ତାର କରିଥାଏ ଠିକ୍ ସେହିଭଳି ତୁମେ ମଧ୍ୟ ନିଜ ପତିଗୃହର ଗୃହସ୍ୱାମିନୀ ହୁଅ।

ଆହୁରି ମଧ୍ୟ ସୁସମାଜ ପ୍ରତିଷ୍ଠା ବିଷୟରେ ଅନେକ ନିର୍ଦ୍ଦେଶମାନ ବେଦରୁ ପ୍ରାପ୍ତ ହୋଇଥାଏ। ସମାଜ ବ୍ୟକ୍ତିର ଦର୍ପଣ। ବ୍ୟକ୍ତିର ଆଚାର, ବିଚାର, ଦର୍ଶନ, କର୍ତ୍ତବ୍ୟ, ସଂସ୍କୃତି ପ୍ରଭୃତି ସମାଜରେ ହିଁ ପ୍ରତିବିମ୍ବିତ ହୋଇଥାଏ। ସମାଜର ଉତ୍ଥାନ-ପତନ, ଆରୋହ-ଅବରୋହ, ଉନ୍ନତି-ଅବନତି ଓ ଉତ୍କର୍ଷ-ଅପକର୍ଷ ବ୍ୟକ୍ତିର ଚାରିତ୍ରିକ ଉନ୍ନତି ଓ ଅବନତି ଉପରେ ନିର୍ଭର କରେ। ବ୍ୟକ୍ତିର ଉନ୍ନତିର ମୂଳମନ୍ତ୍ର ଚାରିତ୍ରିକ ଉନ୍ନତି, ଯେଉଁଥିରେ ତା'ର ସମସ୍ତ ସଦ୍‌ଗୁଣମାନଙ୍କର ସମାବେଶ ହୋଇଥାଏ। ତେଣୁ ସମାଜକୁ ସମୃଦ୍ଧ କରିବାକୁ ହେଲେ ସମାଜର ଧାର୍ମିକ, ସାମାଜିକ, ଆର୍ଥିକ ଓ ଚାରିତ୍ରିକ ଦିଗଗୁଡ଼ିକୁ ସମୃଦ୍ଧ କରିବାକୁ ପଡ଼ିଥାଏ। କାରଣ ଧାର୍ମିକ ଭାବନା ବ୍ୟତିରେକ ସମାଜରେ ଅନାଚାର, ପାପ, ହିଂସା, ଅନୈତିକତାର ବାତାବରଣ ସୃଷ୍ଟି ହୋଇଥାଏ। ଏଣୁ ବେଦର ନିର୍ଦ୍ଦେଶ ଏହା ଯେ ପରମାତ୍ମାଙ୍କର ସର୍ବବ୍ୟାପକତାକୁ ମନରେ ରଖି ଶୁଭକର୍ମମାନ କରିବା ଉଚିତ୍। ନିଜର ପୁରୁଷାର୍ଥ ଦ୍ୱାରା ପ୍ରାପ୍ତ ଧନର ଉପଯୋଗ କରିବା ଆବଶ୍ୟକ। ଜୀବନରେ ତ୍ୟାଗର ଭାବନାର ମଧ୍ୟ ରଖିବା ଆବଶ୍ୟକ, ଯାହାଦ୍ୱାରା ଜୀବନ ସୁଖମୟ ହୋଇଥାଏ।

ଅଥର୍ବବେଦ ଅନୁସାରେ ଜୀବନରେ ଆସ୍ତିକତା ଦ୍ୱାରା ସମାଜରେ ପଶୁପକ୍ଷୀ ଓ ମନୁଷ୍ୟ ସୁଖପୂର୍ବକ ବଞ୍ଚିପାରିବେ। ଋଗ୍‌ବେଦାନୁଯାୟୀ ସମସ୍ତ ସୁଖ ଓ ଶାନ୍ତିର ମୂଳ ଈଶ୍ୱର ଉପାସନା ହିଁ ଅଟେ। ସମାଜରେ ନିଜନିଜ ଭିତରେ ଥିବା ଉଚ୍ଚନୀଚ ଭାବନାକୁ ପରିତ୍ୟାଗ କରି ସମଭାବାପନ୍ନ ହେବା ଦ୍ୱାରା ସମାଜ ବିକାଶ ହୋଇଥାଏ। ଋଗ୍‌ବେଦର ଅତି ପ୍ରସିଦ୍ଧ 'ସୌମନସ୍ୟ ସୂକ୍ତ'ର କିଛି ମନ୍ତ୍ରର ଭାବାର୍ଥ ଏଠାରେ ଅବତାରଣା କରୁଛି, ଯାହା କି ସମାଜ ମଧ୍ୟରେ ଏକ ସୌଭ୍ରାତ୍ରଭାବନାର ତରଙ୍ଗ ସ୍ୱରୂପ ଉତ୍ତୁଙ୍ଗ ସେତୁଟିଏ ପ୍ରତିଷ୍ଠା କରୁଛି - ଓଁ ସଂଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍। ଦେବା ଭାଗଂ ଯଥା ପୂର୍ବେ ସଞ୍ଜାନାନା ଉପାସତେ।' ଅର୍ଥାତ୍- ହେ ଧର୍ମନିରତ ମନୁଷ୍ୟଗଣ! ଆପଣମାନେ ପରସ୍ପର ଏକ ହୋଇ ରହନ୍ତୁ, ଏକତ୍ର ହୋଇ ପ୍ରେମପୂର୍ଣ୍ଣ ବାର୍ତ୍ତାଳାପ କରନ୍ତୁ, ସମାନମନା ହୋଇ ଜ୍ଞାନଲାଭ କରନ୍ତୁ, ଯେପରି ଶ୍ରେଷ୍ଠ ମନୀଷୀମାନେ ଏକତ୍ର ହୋଇ ଜ୍ଞାନାର୍ଜନ ପୂର୍ବକ ପରମେଶ୍ୱରଙ୍କୁ ଉପାସନା କରନ୍ତି, ସେପରି ଆପଣମାନେ ପରସ୍ପର ମଧ୍ୟରେ ବିରୋଧ ଭାବ ତ୍ୟାଗ କରି ଏକମତ ହୋଇ କର୍ତ୍ତବ୍ୟ କରିଚାଲନ୍ତୁ। ଆମ ସମସ୍ତଙ୍କର ପ୍ରାର୍ଥନା ଏକପ୍ରକାର ହେଉ। ଭେଦଭାବରହିତ ହୋଇ ପରସ୍ପର ଏକତ୍ର ଭାବରେ ମନ-ଚିତ୍ତ-ବିଚାରକୁ ସମାନ କରି ରୁହ। ମୁଁ ସମସ୍ତଙ୍କର ମଙ୍ଗଳ ପାଇଁ ସମାନ ମନ୍ତ୍ରକୁ ଅଭିମନ୍ତ୍ରିତ କରି ହବି ପ୍ରଦାନ କରୁଛି। 'ଓଁ ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ। ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି।' ଆମ ସମସ୍ତଙ୍କର ସଂକଳ୍ପ ଏକ ସମାନ ହେଉ। ଆମର ହୃଦୟ ଏକ ସମାନ ହେଉ। ଆମର ମନ ଏକ ସମାନ ହେଉ। ଯଦ୍ୱାରା ଆମର କାର୍ଯ୍ୟ ପରସ୍ପର ମଧ୍ୟରେ ପୂର୍ଣ୍ଣରୂପରେ ସଂଗଠିତ ହେବ।

ଏହିପରି ସାମ୍ପ୍ରତିକ ଭାବରେ ଆମଜୀବନକୁ ମଧୁମୟ କରିବା ପାଇଁ ବେଦୋକ୍ତ ବିଷୟଗୁଡ଼ିକର ନିତାନ୍ତ ଆବଶ୍ୟକ ରହିଛି। ସମ୍ପ୍ରତି ଭୌତିକବିଜ୍ଞାନର ଚରମ ଅବସ୍ଥାରେ ଆମେମାନେ ଉପନୀତ। ତେଣୁ କ୍ରମଶଃ ଆମେମାନେ ଆଧ୍ୟାତ୍ମିକତା ପ୍ରତି ବିମୁଖ ହେଉଛେ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଉପରୋକ୍ତ ବିଷୟଗୁଡ଼ିକର ଅପେକ୍ଷା ସମାଜ ପାଇଁ ଅବଶ୍ୟ ରହିଛି।

ଉପାଚାର୍ଯ୍ୟ,
ବେଦବିଭାଗ ରାଷ୍ଟ୍ରୀୟସଂସ୍କୃତ ବିଶ୍ୱବିଦ୍ୟାଳୟ, ତିରୁପତି

## ଶିଶୁ, ସୃଜନଶୀଳତା ଓ ସ୍ୱାଧୀନତା

ସତ୍ୟରଞ୍ଜନ ସାହୁ

ଶିଶୁର ଅନ୍ତର୍ନିହିତ ଗୁଣର ବିକାଶ ସହିତ ସୃଜନଶୀଳତା ଶବ୍ଦଟି ଯୋଡ଼ି ହୋଇଯାଏ। ଶିଶୁର ପ୍ରାରମ୍ଭିକ ଅବସ୍ଥା ହିଁ ସୃଜନଶୀଳତାର ପ୍ରଥମ ପାହାଚ। ପ୍ରତିଟି ଶିଶୁ ନିଜସ୍ୱ କଳ୍ପନାଶକ୍ତି ଧାରଣ କରି ଜନ୍ମଲାଭ କରିଥା'ନ୍ତି। ତା'କୁ ଯଦି ପେନସିଲ୍, ପେନ୍, ପ୍ଲାଷ୍ଟିକ୍ କ୍ରେୟନ୍ସ କିମ୍ବା ଅଏଲ ପାଷ୍ଟେଲ୍ ଖଣ୍ଡିଏ ଦେଇ ଦେବା ତତ୍‌କ୍ଷଣାତ ସେ କାଗଜ, ବହିପତ୍ର, ଘରର କାନ୍ଥ ଓ ଚଟାଣରେ ତା'ର ଭାବନାଶକ୍ତିକୁ ପରିପ୍ରକାଶ କରିଦେଇପାରେ। ସେ ସମୟରେ ଜାଣି ନଥାଏ ଯେ, ସେ ଯାହାବି ଅଙ୍କନ କରିଛି ତାହା କେତେଦୂର ବାସ୍ତବ କିମ୍ବା ଅବାସ୍ତବ। ଯାହା ମନକୁ ଆନ୍ଦୋଳିତ କରେ ସବୁକୁ ବିନା ଦ୍ୱନ୍ଦ୍ୱ, ଭୟ କିମ୍ବା ସମାଲୋଚନାକୁ ଭ୍ରୂକ୍ଷେପ ନକରି ଆଙ୍କିବାକୁ ଚେଷ୍ଟା କରିଥାଏ। ଅଜାଣତରେ ଧୀରେ ଧୀରେ ତା' ଭିତରେ ଥିବା ଆତ୍ମବିଶ୍ୱାସ ସୁଦୃଢ଼ ହୁଏ। ତତ୍‌ସହିତ ନିଜ ଭାବନାଶକ୍ତି ଏବଂ ସୁଖ, ଦୁଃଖ ଓ ଆବେଗକୁ ପରିପ୍ରକାଶ କରିବାର ସ୍ୱାଧୀନତାକୁ ସେ ପ୍ରାପ୍ତ କରିଥାଏ। ଏହିକ୍ରମରେ ଶିଶୁଟିର ମାନସିକ ଭାବାବେଗ ଶକ୍ତିଶାଳୀ ହେବାରେ ଲାଗିଥାଏ। ସୁତରାଂ ଭିନ୍ନ ଢଙ୍ଗରେ ଚିନ୍ତା କରିପାରୁଥିବା ଶିଶୁଟି ପରବର୍ତ୍ତୀ ସମୟରେ ସମ୍ମୁଖୀନ ହେବାକୁ ଥିବା ସମସ୍ୟା ଓ ପରିସ୍ଥିତିକୁ ନିଜସ୍ୱ ଢଙ୍ଗରେ ସମାଧାନ କରିବାରେ ସଫଳ ହୁଏ।

ବୟସ ଓ ଶ୍ରେଣୀ ବୃଦ୍ଧି ହେବା ସହିତ କ୍ରମଶଃ ସେ ନୀତି, ନିୟମ, ଶୃଙ୍ଖଳା ଓ ଅନୁଶାସନ ଭିତରେ ଆବଦ୍ଧ ହୋଇଯାଏ, ଯାହାକି ଜୀବନ ନିର୍ମାଣ ପାଇଁ ଆବଶ୍ୟକ ମଧ୍ୟ। ମାତ୍ର ଯେତେବେଳେ ଏହା ସୃଜନଶୀଳତା ଏବଂ ଏହାର ବିକାଶ ପରିସରକୁ ଆସେ, ତାହା ଅଜାଣତରେ ତା'ର କଳ୍ପନାଶକ୍ତିକୁ ସଙ୍କୁଚିତ କରିଦେଇଥାଏ। ଉଦାହରଣ ସ୍ୱରୂପ ଚିତ୍ରକୁ ଏମିତି ଆଙ୍କିବା ଦରକାର, ରଙ୍ଗକୁ ଏଭଳି ଭାବରେ ହିଁ ରଙ୍ଗାୟିତ କରିବା ଜରୁରୀ, ନ ହେଲେ ଭୁଲ ହୋଇଯିବ ଇତ୍ୟାଦି। ଏହାଫଳରେ ସେ ଅତ୍ୟଧିକ ସଚେତନ ହୋଇଉଠେ। ଶ୍ରେଣୀକକ୍ଷରେ ଯଦି କୌଣସି ବିଷୟଭିତ୍ତିକ ଛବି କରିବାକୁ ଦିଆଯିବ ପରିଶେଷରେ ନିର୍ଯାସ ଏଇୟା ବାହାରିବ ଯେ, ସମସ୍ତ ଛାତ୍ରଛାତ୍ରୀଙ୍କ ଛବି ସମ୍ପୂର୍ଣ୍ଣ ଭାବରେ ଏକରକମର। ଛବିରେ ରଙ୍ଗଦେବାର ଶୈଳୀ ମଧ୍ୟ ସମାନ। ଏଭଳି ତଥାକଥିତ ଅନୁଶାସନରେ ଛାତ୍ରଟି ତା'ର ନିଜସ୍ୱ କଳ୍ପନାଶକ୍ତିକୁ ପ୍ରୟୋଗ କରିବାରୁ ବଞ୍ଚିତ ହୋଇଥାଏ।

ସମୟକ୍ରମେ ସୃଜନମୟ ଶିଳ୍ପୀଟି ତା ଚତୁଃପାର୍ଶ୍ୱର ମତ ଓ ମନ୍ତବ୍ୟ ଦ୍ୱାରା ଅତ୍ୟଧିକ ସଚେତନ ଓ ହତୋତ୍ସାହିତ ହୋଇଉଠିଥାଏ। ଏଇ ଯେମିତି ବାପା-ମା' କହନ୍ତି, 'ପାଠଶାଠ କିଛି ନାଇଁ, ଏଇ ଚିତ୍ରଫିତ୍ର କଲେ କ'ଣ ହେବ? ଆଜି ପର୍ଯ୍ୟନ୍ତ ତ ଠିକ୍ ଭାବରେ ଆମ୍ବ ବାଇଗଣଟେ ଆଙ୍କି ପାରିଲୁନି। ପୁରସ୍କାର ତ ଦୂରର କଥା। ଏମିତି ଏପଟ ସେପଟ ଚିତ୍ରଗୁଡ଼ା ଖାଲି ଆଙ୍କୁଥା'। ସେ ପ୍ରଧାନବାବୁଙ୍କ ଝିଅ ତା' ବାପାଙ୍କ ଫଟୋକୁ ଅବିକଳ ଆଙ୍କି ଦେଉଛି। ଆଜି ରଙ୍ଗ ଆଣିଦିଅ, କାଲି ତୂଳୀ ଆଣିଦିଅ କହୁଥା'। ତୋ ଦ୍ୱାରା କିଛି ହେବନି।' ବିଦ୍ୟାଳୟରେ ଶିକ୍ଷକ ମଧ୍ୟ ଗୁଡ଼ାଏ କହିପକାନ୍ତି। ଯଦି ଅନ୍ୟକୌଣସି ବିଷୟରେ ନମ୍ବର କମିଯାଏ, ସେଇ ଚିତ୍ର ଓ ସୃଜନଶୀଳତାର ଉଦାହରଣ ଦେଇ ଶ୍ରେଣୀଗୃହରେ ସମସ୍ତଙ୍କ ସାମ୍ନାରେ ତା'କୁ ଲଜ୍ଜିତ କରାଯାଏ। ସାଙ୍ଗସାଥୀଙ୍କୁ ମଧ୍ୟ ସୁଯୋଗ ମିଳିଯାଏ ଅଟ୍ଟହାସ୍ୟ କରିବା ପାଇଁ। ଏପରି ନିରୁତ୍ସାହିତ ମନ୍ତବ୍ୟଗୁଡ଼ାକ ଛାତ୍ରଟିର ମାନସିକ ପ୍ରେକ୍ଷାପଟରେ ଏକ ହତୋତ୍ସାହିତର ମଞ୍ଜି ଅଙ୍କୁରୋଦ୍‌ଗମ ହେବାର ପରିବେଶଟିଏ ସୃଷ୍ଟି କରେ। ହଠାତ୍ ଫୁଟି ଉଠୁଥିବା ସୃଜନାତ୍ମକ ପୁଷ୍ପଟି ମଉଳିବା ଆରମ୍ଭ କରେ। ପରିଣାମ ସ୍ୱରୂପ, ଭବିଷ୍ୟତରେ କୌଣସି ସୃଜନାତ୍ମକ କାର୍ଯ୍ୟକଳାପରେ ଜଡ଼ିତ ରଖିବାଠାରୁ ନିଜକୁ ଦୂରେଇ ରଖିଥାଏ। ସମୟକ୍ରମେ ସେ ଜଣେ ଲାଜୁଆ ଓ ଦୁର୍ବଳିଆ ମଣିଷ ପରି ନିଜକୁ ଦେଖିଥାଏ।

ଥରେ ଭାବନ୍ତୁ ତ ବିଦ୍ୟାଳୟର ଷାଣ୍ମାସିକ କିମ୍ବା ବାର୍ଷିକ ପରୀକ୍ଷାରେ ଆମ ପୁଅ କିମ୍ବା ଝିଅଟି ସେତେଟା ଉତ୍ସାହଜନକ ନମ୍ବର ରଖିପାରିନାହିଁ। ପରିଣାମ ସ୍ୱରୂପ ପ୍ରଥମରୁ ତୃତୀୟ ସ୍ଥାନ ଭିତରେ କୌଣସି ଗୋଟିଏ ସ୍ଥାନ ଅଳଙ୍କୃତ କରିବାରେ ଅସମର୍ଥ ହେଉଛି। ତଥାପି ପରବର୍ତ୍ତୀ ଦିନ ଅତ୍ୟନ୍ତ ଉତ୍ସାହ ଓ ଆଗ୍ରହ ସହକାରେ ଜାଣିବାର ମନୋଭାବ ନେଇ ବିଦ୍ୟାଳୟକୁ ଯାଉଛି। ଠିକ୍ ସେହି ପ୍ରକାରରେ ଅଭିଭାବକ ଭାବରେ ସୃଜନଶୀଳତା କ୍ଷେତ୍ରରେ ମଧ୍ୟ ସମପରିମାଣର ଆଶା ଓ ଉତ୍ସାହ ଆମ ପୁଅ ଓ ଝିଅଙ୍କ ପ୍ରତି ପୋଷଣ କରିବାର ଆବଶ୍ୟକତା ଅଛି।

ଏଇ ଯେମିତି ଛୋଟପିଲାଟି ବିଦ୍ୟାଳୟରୁ ଫେରି ଶିକ୍ଷକ ଦେଇଥିବା ଚିଠିକୁ ମା' ହାତକୁ ବଢ଼େଇ ଦେଇଛି। ଚିଠିକୁ ପଢ଼ି ମା'ର ଆଖିରୁ ସ୍ୱତଃପ୍ରବୃତ୍ତ ଭାବରେ ଦୁଇଟୋପା ଲୁହ ବାହାରି ଆସିଛି। ମା' ଆଖିରେ ଲୁହ ଦେଖି ସେ ପ୍ରଶ୍ନ କରିଛି। କିନ୍ତୁ ଗୋଟେ ସ୍ମିତହାସ୍ୟ ଦେଇ ମା' କହିଛନ୍ତି - ଶିକ୍ଷକ ଲେଖିଛନ୍ତି ଯେ, ଆପଣଙ୍କ ପୁଅ ଅତ୍ୟନ୍ତ ମେଧାବୀ ସମ୍ପନ୍ନ ଓ ପ୍ରତିଭାଶାଳୀ। ତା'କୁ ପଢ଼େଇବା ପାଇଁ ଆମ ପାଖରେ ସାମର୍ଥ୍ୟବାନ ଶିକ୍ଷକ ନାହାନ୍ତି। ଭଲ ହେବ ଆପଣ ନିଜେ ତା'କୁ ପଢ଼ାନ୍ତୁ।' ମା'ଙ୍କ ସେହି ପ୍ରେରଣାଦାୟୀ ବାକ୍ୟରେ ସେହି ପିଲାଟିର ଜୀବନ ପରିବର୍ତ୍ତନ ହୋଇଯାଉଛି ଏବଂ ପରବର୍ତ୍ତୀ ସମୟରେ ସେ ବିଶ୍ୱର ପ୍ରସିଦ୍ଧ ବୈଜ୍ଞାନିକ ଥୋମାସ୍ ଆଲଭା ଏଡିସନ ଭାବେ ଆବିର୍ଭାବ ହେଉଛନ୍ତି। ମା'ଙ୍କ ମୃତ୍ୟୁ ପରେ ଆଲ୍‌ଭା ସେହି ଚିଠିକୁ ଯେତେବେଳେ ପଢ଼ନ୍ତି ଆଶ୍ଚର୍ଯ୍ୟଚକିତ ଓ ଭାବବିହ୍ୱଳ ହୋଇଯାଇଛନ୍ତି। ସେଥିରେ ଲେଖାଥିଲା - 'ଆପଣଙ୍କ ପୁଅ ମାନସିକ ସ୍ତରରେ ଦୁର୍ବଳ ଓ ଧୀର ଛାତ୍ର। ଆମ ବିଦ୍ୟାଳୟରେ ପଢ଼େଇବା ପାଇଁ ଆମେ ଅସମର୍ଥ।'

ଏଣୁ ସର୍ବଦା କଠୋର ବାକ୍ୟ ପ୍ରୟୋଗ କରି ଶିଶୁକୁ ଆୟତ୍ତରେ ରଖିବା ଅପେକ୍ଷା ଉତ୍ସାହଜନକ ଓ ପ୍ରେରଣାଦାୟୀ ମନ୍ତବ୍ୟରେ ତାକୁ ପ୍ରଶଂସିତ କରିବା ଦରକାର। ସେଥିରୁ ହୃଦୟଙ୍ଗମ କରିବ ଯେ, ଶିକ୍ଷଣୀୟ ଓ ସୃଜନାତ୍ମକ ପ୍ରକ୍ରିୟାରେ ଭୁଲ କରିବା, ଶତ ପ୍ରତିଶତ ଅର୍ଜନ କରି ନ ପାରିବା କିମ୍ବା ନିରାଶ ହେବା ଏକ ଅଂଶ। ତତ୍‌କ୍ଷଣାତ୍ ସେ ନିଜକୁ ଜଣେ ସ୍ଥିତପ୍ରଜ୍ଞ, ନିର୍ଭୀକ ଓ ଆତ୍ମବିଶ୍ୱାସରେ ପରିପୂର୍ଣ୍ଣ ଛାତ୍ରଟି ପରି ଅନୁଭବ କରିବ। ପ୍ରସିଦ୍ଧ ଚିତ୍ରଶିଳ୍ପୀ ପାବ୍ଲୋ ପିକାଶୋ କହିଛନ୍ତି - 'ପ୍ରତିଟି ଶିଶୁ ଜଣେ କଳାକାର। ସମସ୍ୟାର ବିଷୟ ହେଉଛି ବଡ଼ ହେବା ପରେ କିପରି ସେ ଜଣେ କଳାକାର ହୋଇ ରହିପାରିବ।' ତେଣୁ ସୃଜନଶୀଳତା ହେଉଛି ଶିଶୁ ତଥା ମନୁଷ୍ୟ ଜୀବନ ପାଇଁ ଏକ ଅମ୍ଳାନ ସନ୍ଦେଶ।

ଯଦୁମଣିପାଟଣା(ସମ୍ବଲପୁର),
ମୋ: ୯୦୭୮୦୨୫୪୭୬

## ପିଏମ୍୨.୫: ମାନସିକ ଚାପ ଓ ଦୁଶ୍ଚିନ୍ତା

ବିଜ୍ଞାନ ବାର୍ତ୍ତା

ଶ୍ରୀନନ

ଏବେ ବିଶ୍ୱସମ୍ମୁଖରେ ସବୁଠାରୁ ଭୟାବହ ବିପଦ ରୂପେ ମୁଣ୍ଡ ଟେକିଛି ବାୟୁ ପ୍ରଦୂଷଣ। ୨୦୨୨ରେ ବାୟୁପ୍ରଦୂଷଣ ଜନିତ ମୃତ୍ୟୁସଂଖ୍ୟା ବିଶ୍ୱରେ ୮.୧ ନିୟୁତ ଥିବା ବେଳେ ଭାରତରେ ୧.୭ ନିୟୁତ ଥିଲା। ଫଳରେ ଆମ ଦେଶର ପ୍ରାୟ ୯.୫ଶତାଂଶ ମୋଟ ଘରୋଇ ଉତ୍ପାଦ(ଜିଡିପି) କ୍ଷତିଗ୍ରସ୍ତ ହେଉଛି। ବାୟୁପ୍ରଦୂଷଣ ଯୋଗୁଁ ବୃଦ୍ଧି ପାଉଥିବା ରୋଗଗୁଡ଼ିକ ମଧ୍ୟରେ ଶ୍ୱାସକ୍ରିୟାଜନିତ (୨୯.୮%), ଦୀର୍ଘସ୍ଥାୟୀ ଫୁସ୍‌ଫୁସ୍ ରୋଗ (୨୯.୨%), ହୃଦ୍‌ଘାତ (୨୩.୮%), ସଂଘାତ (୮%) ଏବଂ ଫୁସ୍‌ଫୁସ୍ କର୍କଟ ରୋଗ (୮%)।

ଏହିସବୁ ଶାରୀରିକ ରୋଗ ବ୍ୟତୀତ ବାୟୁପ୍ରଦୂଷଣ ଯୋଗୁଁ ବିସ୍ମୃତି, ମାନସିକ ଚାପ, ଦୁଶ୍ଚିନ୍ତା ଆଦିର ଆଶଙ୍କା ବିପଜ୍ଜନକ ଭାବେ ବୃଦ୍ଧି ପାଉଛି ବୋଲି ଜଣାପଡ଼ିଛି ଦିଲ୍ଲୀସ୍ଥିତ ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନ, ବେଙ୍ଗାଲୁରୁ ସ୍ଥିତ ଜାତୀୟ ମାନସିକ ସ୍ୱାସ୍ଥ୍ୟ ଓ ସ୍ନାୟୁ ବିଜ୍ଞାନ ସଂସ୍ଥାନ ଏବଂ ସେଣ୍ଟଜନ୍ ମେଡିକାଲ୍ କଲେଜର ଗବେଷକମାନଙ୍କ ଦ୍ୱାରା ମିଳିତଭାବେ ଅନୁଷ୍ଠିତ ଏକ ଅଧ୍ୟୟନରୁ। ଏହାର ଫଳାଫଳ ପ୍ରକାଶ ପାଇଛି ଆନ୍ତର୍ଜାତିକ ଗବେଷଣା ପତ୍ରିକା 'ଆଇ-ସାଇନସ୍'ର ଜାନୁୟାରୀ ୨୦୨୬ ସଂଖ୍ୟାରେ।

ଗବେଷକମାନେ ପଞ୍ଜାବ, ଉତ୍ତର ପ୍ରଦେଶ, ରାଜସ୍ଥାନ ଓ ଆସାମ ସମେତ ୧୨ଟି ରାଜ୍ୟର ପ୍ରାୟ ୩୫ ହଜାର ପ୍ରାପ୍ତବୟସ୍କଙ୍କଠାରେ କରିଥିବା ପରୀକ୍ଷାରୁ ଜଣାପଡ଼ିଛି ଯେ ଅଧିକ ସମୟ ଧରି ୨.୫ ମାଇକ୍ରୋମିଟର ବ୍ୟାସ ବିଶିଷ୍ଟ ବାୟୁରେ ଭାସମାନ ସୂକ୍ଷ୍ମ କଣିକା ବା ପାର୍ଟିକ୍ୟୁଲେଟ୍ ମାଟର୍ ୨.୫ (ପିଏମ୍.୨.୫) କୁ ଉନ୍ମୁକ୍ତ ରହିବା ୮ ଶତାଂଶ ଅଧିକ ମାନସିକ ଚାପ ଏବଂ ପ୍ରାୟ ୫ ଶତାଂଶ ଅଧିକ ଦୁଶ୍ଚିନ୍ତା ବୃଦ୍ଧି ସହିତ ସଂପୃକ୍ତ। ଏହି ଅଧ୍ୟୟନକାରୀମାନଙ୍କ ମଧ୍ୟରୁ ଅନ୍ୟତମ ସର୍ବଭାରତୀୟ ଆୟୁର୍ବିଜ୍ଞାନ ସଂସ୍ଥାନର ଡାକ୍ତର ଆନନ୍ଦ କ୍ରିଷ୍ଣା କହନ୍ତି ଯେ ଏହି କଣିକାଗୁଡ଼ିକର କମ୍ ସମୟ ସଂପର୍କରେ ଆସିଲେ ମଧ୍ୟ ତାହାର ପ୍ରଭାବ ବେଶ୍ ପରିଲକ୍ଷିତ ହୁଏ। ପୁନଶ୍ଚ ସାଧାରଣଭାବେ ସାରା ଦୁନିଆରେ ଏବଂ ବିଶେଷଭାବେ ଆମଦେଶରେ ଏଭଳି ବାୟୁ ସେବନ କରୁଥିବା ଲୋକଙ୍କ ସଂଖ୍ୟା ଖୁବ୍ ଅଧିକ। ଅତଏବ ତାହା ମାନସିକ ଚାପ ଓ ଦୁଶ୍ଚିନ୍ତାର ଭାରକୁ ବଢ଼ାଇ ଦିଏ। ଏହି ଭାର ସର୍ବାଧିକ ହେଉଛି ୪୦ ରୁ ୪୯ ବର୍ଷ ବୟସ୍କ ସହରାଞ୍ଚଳର ଲୋକଙ୍କ ଉପରେ ଏବଂ ବିଶେଷ କରି, ନିମ୍ନ ଆୟକାରୀ ବର୍ଗଙ୍କଠାରେ। ଆଞ୍ଚଳିକତା ଦୃଷ୍ଟିରୁ ବିଚାର କଲେ ମାନସିକଚାପ ସହିତ ଭାରତର ପୂର୍ବାଞ୍ଚଳ ଏବଂ ଦୁଶ୍ଚିନ୍ତା ସହିତ ପଶ୍ଚିମାଞ୍ଚଳର ଲୋକେ ଅଧିକ ସଂପୃକ୍ତ। ପୁନଶ୍ଚ ବର୍ଷାଋତୁ ପରେ ପରେ ବାୟୁ ପ୍ରଦୂଷଣ ବଢ଼ିବା ସହିତ ମାନସିକ ରୋଗ ମଧ୍ୟ ବୃଦ୍ଧି ପାଉଛି।

ତେବେ ଏହିଗବେଷଣାରୁ ଏହାର ନିର୍ଦ୍ଦିଷ୍ଟ କ୍ରିୟାବିଧି ଜାଣିବା ସମ୍ଭବ ହୋଇ ପାରିନାହିଁ। ଏକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ଏହି ଅଧ୍ୟୟନ କେବେଳ ପିଏମ୍ ୨.୫ ମଧ୍ୟରେ ସୀମିତ ନ ଥିଲା। ବାୟୁରେ ଥିବା ଅନ୍ୟାନ୍ୟ ରାସାୟନିକ ପ୍ରଦୂଷକ କଥା ମଧ୍ୟ ବିଚାରକୁ ନେଇଥିଲା। ଜଣାପଡ଼ିଥିଲା ଯେ ଟ୍ରାଫିକ, ଶିଳ୍ପକ୍ଷେତ୍ର ଓ କୃଷିକାର୍ଯ୍ୟ ଆଦି ଦ୍ୱାରା ଉତ୍ପନ୍ନ ପଦାର୍ଥଗୁଡ଼ିକ ମଧ୍ୟରେ ମୁଖ୍ୟଥିଲା 'ସଲ୍‌ଫେଟସ୍ ନାଇଟ୍ରେଟସ୍' ଓ 'ଆମୋନିଆ', ଯାହାକି ମାନସିକ ଚାପ ସହିତ ସଂପର୍କିତ। ଏହାବ୍ୟତୀତ ଡିଜେଲ୍ ଓ ଅନ୍ୟ ଜୀବାଶ୍ମ ଇନ୍ଧନରୁ ନିର୍ଗତ ଅଙ୍ଗାର କଣା ଅଧିକ ସଂପୃକ୍ତ ଥିଲା ଦୁଶ୍ଚିନ୍ତା ସହିତ। ଗବେଷକମାନେ କହନ୍ତି ଯେ ଏହି ପ୍ରଦୂଷଣକାରୀ ଉପାଦାନଗୁଡ଼ିକୁ ଚିହ୍ନଟ କରିବା ଫଳରେ ବର୍ତ୍ତମାନ ଦେଶର ବିଭିନ୍ନ ଅଞ୍ଚଳରେ ବାୟୁର ମାନକ ନିମ୍ନଗାମୀ ହୋଇ ଚାଲିଥିବା ଦୃଷ୍ଟିରୁ ତାହାର ନିର୍ଗମନ ଉତ୍ସକୁ ନିୟନ୍ତ୍ରଣ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇ ପାରିବ। ଆଇନ ପ୍ରଣୟନ ସହିତ ଅନ୍ୟାନ୍ୟ ପଦକ୍ଷେପ ନେଇହେବ।

ଆଧୁନିକ କୃତ୍ରିମ ଉପଗ୍ରହ ଦ୍ୱାରା ସଂଗୃହୀତ ତଥ୍ୟାବଳୀ ଏବଂ ବାୟୁ ମଣ୍ଡଳର ମଡେଲିଂ ବ୍ୟବହାର କରି ଏକ ବର୍ଷ ଧରି ଗୁଜୁରାଟ, ମଣିପୁର, ମଧ୍ୟପ୍ରଦେଶ, ଛତିଶଗଡ଼, ପଶ୍ଚିମବଙ୍ଗ, ତାମିଲ୍‌ନାଡୁ ଏବଂ କେରଳର ବିଭିନ୍ନ ଅଞ୍ଚଳର ପ୍ରଦୂଷଣ ସମ୍ମୁଖିନ ହେଉଥିବା ଜନବସତିକୁ ନିକଟରେ ଆକଳନ କରାଯାଇଛି। ଜନସ୍ୱାସ୍ଥ୍ୟ ବିଶାରଦମାନଙ୍କ ମତରେ ଏହି ଅଧ୍ୟୟନ ଫଳରେ ପ୍ରଦୂଷଣଜନିତ ମାନସିକ ରୋଗର ଚିକିତ୍ସା ଓ ନିରାକରଣ ଲାଗି ସରକାରଙ୍କୁ ବଜେଟ୍‌ରେ ଅଧିକ ଅର୍ଥବ୍ୟବସ୍ଥା ସହିତ ଏହାର ନିୟନ୍ତ୍ରଣ ଓ ନିରାକରଣ ଲାଗି ନୀତିନିର୍ଦ୍ଧାରଣକୁ ଅଧିକ ଗୁରୁତ୍ୱଦେବା ସମ୍ଭବ ହୋଇପାରିବ। ସାଧାରଣ ଲୋକେ ମଧ୍ୟ ଏହାକୁ ନେଇ ସଚେତକ ହେବେ।।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୭୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।
କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।


# ଶୋଇଥିବା ବେଳେ ହୋଟେଲ ମାଲିକଙ୍କୁ ନିର୍ମମ ହତ୍ୟା

ବାଲେଶ୍ୱର/ସିମୁଳିଆ, ୧୬।୨ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ୧୬ନଂ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ଜୟ ମା' ଦୁର୍ଗା ହୋଟେଲ ମାଲିକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ସିମୁଳିଆ ଥାନା ବାଙ୍ଗରଖଡ଼ିଗଡ଼ିଆ ପଞ୍ଚାୟତ ଛଚିନ୍ଦା ଗ୍ରାମର ଗଜେନ୍ଦ୍ର ପଣ୍ଡା (୫୮)। ଗଜେନ୍ଦ୍ର ଗତ ରାତିରେ ହୋଟେଲରେ ଶୋଇଥିବା ବେଳେ କେହି ଦୁର୍ବୃତ୍ତ ତାଙ୍କ ମୁଣ୍ଡକୁ ହାଣି ହତ୍ୟା କରିଛି। ସିମୁଳିଆ ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ସୂଚନାନୁଯାୟୀ, ସିମୁଳିଆ ଥାନାଠାରୁ ୩କିମି ଦୂର ଜାତୀୟ ରାଜପଥ ପାର୍ଶ୍ୱରେ ଗଜେନ୍ଦ୍ର ୨ମାସ ତଳେ ଏକ ହୋଟେଲ କରିଥିଲେ। ରାତିରେ ହୋଟେଲ ବନ୍ଦ ହେବା ପରେ ସେ ସେଠାରେ ଶୋଇଥା'ନ୍ତି। ସବୁଦିନ ପରି ରବିବାର ରାତିରେ ବି ସେ ହୋଟେଲ ବନ୍ଦ କରି ଶୋଇଥିଲେ। ସକାଳେ ହୋଟେଲ ରୋଷେୟା ରମେଶ ଦାସ ପହଞ୍ଚିବା ପରେ ଗଜେନ୍ଦ୍ର ଏକ କମ୍ବଳ ଘୋଡ଼ି ହୋଇଥିବା ଦେଖିବାକୁ ପାଇଥିଲେ। କିନ୍ତୁ, ଦୀର୍ଘ ସମୟ ପର୍ଯ୍ୟନ୍ତ ନ ଉଠିବାରୁ ତାଙ୍କର ସନ୍ଦେହ ହୋଇଥିଲା। କମ୍ବଳ ଟେକିବାରୁ ଗଜେନ୍ଦ୍ରଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇଥିବା ଦେଖିବାକୁ ପାଇଥିଲେ।

# ଜଳପ୍ରପାତରେ ବୁଡ଼ି ଛତିଶଗଡ଼ ପୁଲିସ ଏସ୍ଆଇ ନିଖୋଜ

କୋଟପାଡ/କୁସୁମି, ୧୬।୨(ସମିସ): କୋରାପୁଟ ଜିଲ୍ଲା କୋଟପାଡ଼ ଥାନା ଅନ୍ତର୍ଗତ ଗୁଲୁମୀ ଜଳପ୍ରପାତରେ ବୁଡ଼ି ଛତିଶଗଡ଼ ପୁଲିସର ଜଣେ ସବ୍-ଇନ୍ସପେକ୍ଟର୍ ନିଖୋଜ ହୋଇଯାଇଛନ୍ତି। ସୂଚନାନୁଯାୟୀ, ଗତକାଲି ଗୁଲୁମୀରେ ନଗରନାର ଥାନାର ୫ଜଣ କର୍ମଚାରୀ ପିକନିକ୍ କରିବାକୁ ଆସିଥିଲେ। ସେମାନଙ୍କ ମଧ୍ୟରୁ



ସବ୍-ଇନ୍ସପେକ୍ଟର ଆକାଶ ଚୌଧୁରୀ ପାଣିରେ ବୁଡ଼ି ଯାଇଥିଲେ। ସୋମବାର ଏ ସମ୍ପର୍କରେ କୋଟପାଡ଼ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ପୁଲିସ ଟିମ୍ ସହ କୋଟପାଡ଼ ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ୍ ନିଖୋଜ ସବ୍-ଇନ୍ସପେକ୍ଟରଙ୍କୁ ଖୋଜାଖୋଜି କରୁଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୩ ଅଭିଯୁକ୍ତଙ୍କୁ...

ବନ୍ଧୁଙ୍କୁ ଟଙ୍କା ମାଗିଥିଲେ। ଟଙ୍କା ଦେବାକୁ ମନା କରିବାରୁ ସେମାନେ ୩ ଜଣ ପୁରୁଷ ପର୍ଯ୍ୟଟକଙ୍କୁ କେନାଲକୁ ଠେଲି ଦେଇ ମହିଳାଙ୍କୁ ଯୌନ ନିର୍ଯାତନା ଦେଇଥିଲେ। କେନାଲକୁ ଫିଙ୍ଗାଯାଇଥିବା ପୁରୁଷମାନଙ୍କ ମଧ୍ୟରୁ ଦୁଇଜଣ ପହଁରି ନିଜ ଜୀବନ ବଞ୍ଚାଇବାରେ ସଫଳ ହୋଇଥିବା ବେଳେ ଓଡ଼ିଶାର ଜଣେ ପର୍ଯ୍ୟଟକ ପାଣିରେ ବୁଡ଼ି ପ୍ରାଣ ହରାଇଥିଲେ। ଖବର ମିଳିବା ପରେ ପୁଲିସ ତୁରନ୍ତ ଚଢ଼ାଉ କରି ଏହି ତିନି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ଦେଶ ବିଦେଶରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଗଙ୍ଗାବତୀ ଜିଲ୍ଲା ଏବଂ ସେସନ୍ସ କୋର୍ଟରେ ଏହି ମାମଲାର ବିଚାର ଚାଲିଥିଲା। କୋର୍ଟ ଆଜି ଏହି ଦଣ୍ଡାଦେଶ ଶୁଣାଇଛନ୍ତି। ବିଚାରପତି ଏହି ଅପରାଧକୁ 'ଅତି ବିରଳରୁ ବିରଳତମ' ଶ୍ରେଣୀଭୁକ୍ତ କରିବା ସହ ଦୋଷୀମାନଙ୍କୁ କଠୋର ଦଣ୍ଡ ସ୍ୱରୂପ ଫାଶୀ ଆଦେଶ ଦେଇଛନ୍ତି।

### ସୁରୁଖୁରୁରେ ଚାଲିବ...

ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନେଇ ମଧ୍ୟ ଗୃହ ହୁଲୁସ୍ଥୁଲୁ କରିବାକୁ ମଧ୍ୟ ବିରୋଧୀ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟରେ ମହିଳା ବିରୋଧୀ ଅତ୍ୟାଚାର ସୀମା ଟପୁଥିବା ବେଳେ ଦୁଷ୍କର୍ମ ତଥା ଗଣଦୁଷ୍କର୍ମ ଘଟଣାରେ ଓଡ଼ିଶା ଜାତୀୟ ସ୍ତରରେ ଦୁର୍ନାମ ଅର୍ଜିଛି। ସେହିପରି ନାବାଳିକା ଏବଂ ଦଳିତଙ୍କ ପ୍ରତି ଅତ୍ୟାଚାର ମଧ୍ୟ ସାଧାରଣରେ ଚିନ୍ତାର କାରଣ ପାଲଟିଛି। ଏପରି ସମ୍ବେଦନଶୀଳ ପ୍ରସଙ୍ଗ ନିହାତି ଭାବରେ ଗୃହରେ ଉତ୍ଥାପନ ହେବ ବୋଲି ଉଭୟ ବିଜେଡ଼ି ଓ କଂଗ୍ରେସ ଗୃହରେ ଉଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ଓଡ଼ିଶାର ଜୀବନରେଖା ମହାନଦୀକୁ ନେଇ ସରକାରଙ୍କ ଲୁଚକାଳି ଖେଳ ଏବଂ ଛତିଶଗଡ଼ ସହ ଆପୋଷ ସର୍ତ୍ତକୁ ଗୋପନ ରଖିବାକୁ ନେଇ ମଧ୍ୟ ଗୃହରେ ଦୃଢ଼ ସ୍ୱର ରଖିପାରନ୍ତି ବିରୋଧୀ। ଏତଦ୍ ବ୍ୟତୀତ ବଜେଟ ଆବଣ୍ଟିତ ଅର୍ଥ ଖର୍ଚ୍ଚରେ ମନ୍ଥରତା, ସ୍ମାର୍ଟ ମିଟର, ପିୟୁସିସି, ରତ୍ନଭଣ୍ଡାର ଚାବି, ରାଜ୍ୟରେ କୁଳପତି ପଦବୀ ଖାଲି, ତୃଣମୂଳସ୍ତରରେ ବିକାଶ କାର୍ଯ୍ୟ ଠପ୍, ଲଘୁ ଖଣିଜ ଦ୍ରବ୍ୟର ଚୋରାଚାଲାଣ ଆଦି ପ୍ରସଙ୍ଗକୁ ନେଇ ମଧ୍ୟ ଗୃହ ସରଗରମ ରହିବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ ଯେ ବିରୋଧୀଙ୍କ ହଟ୍ଟଗୋଳ କାରଣରୁ ମୌସୁମୀ ଅଧିବେଶନ ନିର୍ଦ୍ଧାରିତ ୧୮ ଟି କାର୍ଯ୍ୟଦିବସ ପୂର୍ବରୁ ଶେଷ ହୋଇଥିଲା। ବିରୋଧୀଙ୍କ ମୁଡକୁ ଦେଖିଲେ ବଜେଟ ଅଧିବେଶନର ମାହୋଲ ମଧ୍ୟ ଗରମ ରହିବା ନେଇ ଆଶଙ୍କା ରହିଛି। ତେଣୁ ବଜେଟ ଅଧିବେଶନ ସରକାରଙ୍କ ପାଇଁ ସହଜ ହୋଇ ନ ପାରେ ବୋଲି କୁହାଯାଉଛି।

ଏପଟେ ବିରୋଧୀଙ୍କ ସମସ୍ତ ଗଠନମୂଳକ ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ପ୍ରସ୍ତୁତ ବୋଲି ଶାସକ ଦଳ ଦମ୍ଭୋକ୍ତି ପ୍ରକାଶ କରିଛି। ପୁନଶ୍ଚ ଆସନ୍ତା ଅଧିବେଶନରେ କେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଧେୟକ ସରକାର ଆଣିବେ ବୋଲି ସୂଚନା ମିଳିଛି। ଏଥିରେ ବିଧାୟକଙ୍କ ଦରମା ତଥା ପୂର୍ବ ବିଧାୟକଙ୍କ ପେନସନ ବୃଦ୍ଧି ସଂକ୍ରାନ୍ତ ଗତ ଅଧିବେଶନ ନିଷ୍ପତ୍ତିର ପୁନଃର୍ବିଚାର ହୋଇପାରେ ବୋଲି କୁହାଯାଉଛି। ବଜେଟ ଅଧିବେଶନରେ ମୋଟ ୨୮ ଟି କାର୍ଯ୍ୟଦିବସ ରହିଛି। ଦୁଇଟି ପର୍ଯ୍ୟାୟରେ ଅଧିବେଶନ ଚାଲିବାକୁ ଥିବାବେଳେ ଫେବୃଆରୀ ୧୭ ତାରିଖରୁ ଆରମ୍ଭ ହୋଇ ଏହା ଏପ୍ରିଲ ୮ ତାରିଖ ଯାଏଁ ଚାଲିବ। ପ୍ରଥମ ଦିନ ଅର୍ଥାତ୍ ଆସନ୍ତାକାଲି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଗୃହରେ ଅଭିଭାଷଣ ରଖିବେ। ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ଗୃହରେ ବଜେଟ ଆଗତ କରିବେ ଓ ମାର୍ଚ୍ଚ ୩୧ରେ ଗୃହରେ ବ୍ୟୟମଞ୍ଜୁରୀ ବିଧେୟକ ଆଗତ ହେବ।

### ଚାଷୀ, ମହିଳାଙ୍କ...

ବିଧାୟକଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବିଧାୟକମାନଙ୍କୁ ନବୀନ କହିଛନ୍ତି ଯେ ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତାକାଲିଠାରୁ ଆରମ୍ଭ ହେବାକୁ ଯାଉଛି । ଆମକୁ ଏହାକୁ ଗମ୍ଭୀରତାର ସହ ନେବାକୁ ପଡ଼ିବ ଏବଂ ବିଭିନ୍ନ କ୍ଷେତ୍ରରେ ସରକାରଙ୍କ ବିଫଳତା ପାଇଁ ସରକାରଙ୍କୁ ଘେରିବାକୁ ଯଥାସମ୍ଭବ ପ୍ରୟାସ କରିବାକୁ ହେବ। ବର୍ତ୍ତମାନର ଡବଲ୍ ଇଞ୍ଜିନ୍ ସରକାର ସ୍ଲୋଗାନ ଏବଂ ଫଟୋ-ଉଠାରେ ବ୍ୟସ୍ତ ଥିବାବେଳେ ଆମର କୃଷକମାନେ ମଣ୍ଡିରେ ଖୋଲା ଆକାଶ ତଳେ ଥଣ୍ଡାରେ ରାତି ବିତାଉଛନ୍ତି। ସେମାନଙ୍କ କଷ୍ଟ ଉପାର୍ଜିତ ଫସଲକୁ କାକର ଏବଂ ଚୋରି ଠାରୁ ରକ୍ଷା କରୁଛନ୍ତି। ବିଜେଡି ହେଉଛି ଏକମାତ୍ର ଦଳ ଯାହା ସବୁ ସମୟରେ କୃଷକମାନଙ୍କ ସହିତ ଛିଡା ହୋଇଛି । ଏହି ସରକାରଙ୍କ କୃଷକ ବିରୋଧୀ ମନୋଭାବ ବିରୋଧରେ ଲଢ଼େଇ କରୁଛି। ଗତ ମାସରୁ କୃଷକଙ୍କ ସମସ୍ୟାକୁ ନେଇ ଆମ ଦଳ ରାଜରାସ୍ତାରେ ଲଢ଼େଇ କରୁଛି। ବିଭିନ୍ନ ଜିଲ୍ଲାରେ ବିଶାଳ ସମାବେଶ ଏବଂ ବିକ୍ଷୋଭ ପାଇଁ ମୁଁ ଆପଣ ସମସ୍ତଙ୍କୁ ଅଭିନନ୍ଦନ ଜଣାଉଛି ବୋଲି ନବୀନ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ଫେବୃଆରୀ ୯ ତାରିଖରେ ମୁଁ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ମଣ୍ଡିରେ ଚାଲିଥିବା ବେଆଇନ କଟନୀ ଛଟନୀ, ଇନପୁଟ ସବସିଡି ପ୍ରଦାନ କ୍ଷେତ୍ରରେ ୧୫୦ କ୍ୱିଣ୍ଟାଲ ସିଲିଂ, ମଣ୍ଡିରେ ୪୮ ଘଣ୍ଟାରୁ ଅଧିକ ସମୟ ପରେ ମଧ୍ୟ ଦେୟ ପ୍ରଦାନରେ ବିଳମ୍ବତା ତଥା ଧାନର ଅଭାବୀ ବିକ୍ରି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲି। ଆଗାମୀ ବିଧାନସଭା ଅଧିବେଶନରେ ସରକାରଙ୍କୁ ବିଜେଡି ଏନେଇ ଦୃଢ଼ ଜବାବ୍ ମାଗିବ। ସରକାରଙ୍କ ବିଫଳତା ପାଇଁ ଉତ୍ତର ଦାୟିତ୍ୱ ସୁନିଶ୍ଚିତ କରିବା ପାଇଁ ଆମେ ପ୍ରତ୍ୟେକ ସଂସଦୀୟ କାର୍ଯ୍ୟପ୍ରଣାଳୀ ଯଥା ପ୍ରଶ୍ନ, କକ୍ଷତ୍ୟାଗ ଏବଂ ଗୃହ ମଧ୍ୟରେ ବିରୋଧ ପ୍ରଦର୍ଶନ କରିବୁ। ଡିସେମ୍ବର ମାସ ପର୍ଯ୍ୟନ୍ତ ସରକାରଙ୍କ ବଜେଟ ଖର୍ଚ୍ଚ ପାଖାପାଖି ୪୭ ପ୍ରତିଶତ ଥିଲା। ଆର୍ଥିକ ବର୍ଷର ଶେଷ ୧୦ ମାସରେ କେତେକ ବିଭାଗର ଖର୍ଚ୍ଚ ୧୫ ପ୍ରତିଶତଠାରୁ ମଧ୍ୟ କମ୍ ରହିଛି। ବିଭାଗଗୁଡ଼ିକ ଦ୍ୱାରା କମ୍ ଖର୍ଚ୍ଚ ହେବାର ଅର୍ଥ ହେଉଛି ଲୋକମାନଙ୍କୁ ସେମାନଙ୍କର ଯଥାର୍ଥ ଅଧିକାରରୁ ବଞ୍ଚିତ କରିବାର ଏକ ସଙ୍କେତ। ଏତଦ୍ ବ୍ୟତୀତ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତିର ସମ୍ପୂର୍ଣ୍ଣ ଅବନତି ଏକ ବଡ଼ ଚିନ୍ତାର ବିଷୟ । ଦିନରେ ମଧ୍ୟ ରାଜ୍ୟରେ ଆମର ମହିଳା ଏବଂ ପିଲାମାନେ ସୁରକ୍ଷିତ ନାହାନ୍ତି। ସେହିପରି ମହାନଦୀ ସମସ୍ୟା ଏଯାବତ୍ ଅମୀମାଂସିତ ରହିଛି। ଛତିଶଗଡ଼ ସରକାରଙ୍କ ହାତରେ ଥିବା ଅଦୃଶ୍ୟ ଖେଳରେ ରାଜ୍ୟ ସରକାର କୌଣସି ଆଗ୍ରହ ଦେଖାଉ ନାହାନ୍ତି ଏବଂ ଏକପ୍ରକାରର ମୂକ ଦର୍ଶକ ପାଲଟି ଯାଇଛନ୍ତି। ମୁଖ୍ୟ ବିରୋଧୀ ଦଳ ଭାବେ, ଆମେ ଆମର କୃଷକ, ମହିଳା, ଛାତ୍ରଛାତ୍ରୀଙ୍କ ସ୍ୱାର୍ଥ ତଥା ଓଡ଼ିଆ ଅସ୍ମିତାର ସୁରକ୍ଷା ପାଇଁ ବିଧାନସଭାରେ ଆକ୍ରମଣାତ୍ମକ ଭାବେ ଲଢ଼େଇ କରିବାକୁ ନବୀନ ଆହ୍ୱାନ ଦେଇଛନ୍ତି। ଏହି ବୈଠକରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ଉପମୁଖ୍ୟ ସଚେତକ ପ୍ରତାପ କେଶରୀ ଦେବ ତଥା ଅନ୍ୟ ବିଧାୟକମାନେ ଉପସ୍ଥିତ ଥିଲେ।

### ଆଜିଠୁ ସିବିଏସ୍‌ଇ...

ପହଞ୍ଚିବାକୁ ଛାତ୍ରଛାତ୍ରୀମାନଙ୍କୁ ସିବିଏସ୍‌ଇ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଅପରପକ୍ଷେ, ଚଳିତ ଶିକ୍ଷାବର୍ଷରୁ ଦୁଇଟି ବୋର୍ଡ ପରୀକ୍ଷା ଅନୁଷ୍ଠିତ କରିବାକୁ ସିବିଏସ୍‌ଇ ପକ୍ଷରୁ ହୋଇଥିବା ନିଷ୍ପତ୍ତିକୁ ନେଇ ବହୁ ଅଭିଭାବକ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ବ୍ୟକ୍ତିଗତ ବା ସ୍ୱାସ୍ଥ୍ୟଗତ ସମସ୍ୟା ପାଇଁ ପ୍ରଥମ ବୋର୍ଡ ପରୀକ୍ଷା ଦେବାକୁ ଅକ୍ଷମ ହେଲେ ଦ୍ୱିତୀୟ ବୋର୍ଡ ପରୀକ୍ଷା ଦେଇପାରିବେ ନା ନାହିଁ ବୋଲି ପ୍ରଶ୍ନ କରିଥିଲେ। ଏପରିକି, କିଛି ଅଭିଭାବକ ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ପ୍ରଥମ ବୋର୍ଡରେ ଅନୁପସ୍ଥିତ ରହିବେ ଓ ଦ୍ୱିତୀୟ ବୋର୍ଡ ପରୀକ୍ଷା ଦେବେ ବୋଲି ଅନୁରୋଧ କରିବାରୁ ଏନେଇ ସିବିଏସ୍‌ଇ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ବୋର୍ଡ ପକ୍ଷରୁ କୁହାଯାଇଛି ଯେ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରଥମ ବୋର୍ଡ ପରୀକ୍ଷାରେ ଯୋଗଦେବା ବାଧ୍ୟତାମୂଳକ। ଉତ୍ତୀର୍ଣ୍ଣ ହୋଇଥିବା ବା ପରୀକ୍ଷା ଦେଇଥିବା ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ, ଗଣିତ, ସାମାଜିକ ବିଜ୍ଞାନ ଏବଂ ଭାଷା ମଧ୍ୟରୁ ଯେକୌଣସି ତିନୋଟି ବିଷୟରେ ଆଉଥରେ ପରୀକ୍ଷା ଦେଇ ଉତ୍ତମ ପ୍ରଦର୍ଶନ କରିବାକୁ ଅନୁମତି ଦିଆଯିବ। ପରୀକ୍ଷା ସମ୍ପର୍କରେ ଅଧିକ ସ୍ପଷ୍ଟୀକରଣ ଦେଇ ସିବିଏସ୍‌ଇ ପରୀକ୍ଷା ନିୟନ୍ତ୍ରକ ସନ୍ୟମ ଭରଦ୍ୱାଜ କହିଛନ୍ତି ଯେ ଯଦି ଜଣେ ଛାତ୍ର ପ୍ରଥମ ବୋର୍ଡ ପରୀକ୍ଷାରେ ତିନି କିମ୍ବା ତା'ଠାରୁ ଅଧିକ ବିଷୟରେ ପରୀକ୍ଷା ନ ଦିଅନ୍ତି, ତେବେ ସେମାନଙ୍କୁ ଦ୍ୱିତୀୟ ପରୀକ୍ଷାରେ ବସିବାକୁ ଅନୁମତି ଦିଆଯିବ ନାହିଁ। ସେମାନଙ୍କୁ କେବଳ ପରବର୍ତ୍ତୀ ବର୍ଷ ଫେବୃଆରୀ ମାସରେ ହେବାକୁ ଥିବା ମୁଖ୍ୟ ପରୀକ୍ଷା ଦେବାକୁ ଅନୁମତି ଦିଆଯିବ।

### ରତ୍ନଭଣ୍ଡାର ଗଣତିମଣତି...

ମଧ୍ୟରେ ସରିଛି। ସମଗ୍ର ପ୍ରକ୍ରିୟା ୯୫ ଦିନରେ ଓ ୩୩୩ ଘଣ୍ଟାର କାମରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ଦ୍ୱାରା ସମ୍ପୂର୍ଣ୍ଣ କରାଯାଇଛି। ବର୍ତ୍ତମାନ ଗଣତିମଣତି ପାଇଁ ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। ବୈଠକର ଆଲୋଚନାରୁ ଜଣାଯାଇଛି ଯେ ଗଣତିମଣତି ପାଇଁ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଏସଓପି ଶ୍ରୀମନ୍ଦିର ପରିଚାଳନା କମିଟି ଦ୍ୱାରା ପ୍ରସ୍ତୁତ କରାଯାଇଛି। ସରକାରଙ୍କ ଅନୁମୋଦନ ପରେ ଏହା ଆରମ୍ଭ କରାଯିବ। କଡ଼ା ସୁରକ୍ଷା ମଧ୍ୟରେ ସମ୍ପୂର୍ଣ୍ଣ ସ୍ୱଚ୍ଛତାର ସହ ଏହି ପ୍ରକ୍ରିୟା କାର୍ଯ୍ୟକାରୀ କରାଯିବ। ବୈଠକରେ ଚଳିତ ବର୍ଷର ରଥଯାତ୍ରାର ପ୍ରସ୍ତୁତି ପ୍ରକ୍ରିୟା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଫାଶି କାଠ ଓ ଚନ୍ଦନ କାଠର ବ୍ୟାପକ ଆବଶ୍ୟକତା ରହୁଥିବାରୁ ଏଥିପାଇଁ ବନପ୍ରକଳ୍ପ ଜରିଆରେ ଏହି ଗଛଗୁଡିକ ଲଗାଇବା ପାଇଁ ପ୍ରସ୍ତାବ ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶଦାତା ପ୍ରକାଶ ମିଶ୍ର, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡ. ପବିତ୍ର ମୋହନ ସାମଲ ଏବଂ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

### ଡାକ୍ତର ରାସେଶ୍ୱରୀ...

ଗତ ୨୦୧୪ ସାଧାରଣ ନିର୍ବାଚନରେ ରାସେଶ୍ୱରୀ ବିଜେଡି ଟିକଟରେ ସମ୍ବଲପୁର ନିର୍ବାଚନମଣ୍ଡଳୀରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସମାଜ ପ୍ରତି ତାଙ୍କ ଅବଦାନକୁ ସ୍ୱୀକାର କରି, ଓଡ଼ିଶାର ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏବଂ ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ଦଳରେ ଯୋଗଦେବାକୁ ନିମନ୍ତ୍ରଣ କରିବା ସହ ସମ୍ମାନଜନକ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିବା ପାଇଁ ଦଳୀୟ ଟିକଟ ପ୍ରଦାନ କରିଥିଲେ। ୨୦୧୪ରୁ ୨୦୧୯ ମସିହା ପର୍ଯ୍ୟନ୍ତ ସମ୍ବଲପୁର ବିଧାୟିକା ଭାବେ ସେ ସମ୍ବଲପୁରର ବିକାଶ ପାଇଁ ଅନେକ କାର୍ଯ୍ୟ କରିଥିଲେ। ତାଙ୍କୁ ଦଳର ମୁଖପାତ୍ର ଭାବରେ ନିଯୁକ୍ତ କରାଯାଇଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ କମିଟି ସମେତ ଓଡ଼ିଶା ବିଧାନସଭାର ବିଭିନ୍ନ କମିଟିରେ ମଧ୍ୟ ତାଙ୍କୁ ନିଯୁକ୍ତ କରାଯାଇଥିଲା। ସେ ରାଜ୍ୟ ବିଧାନସଭାରେ ବିଭିନ୍ନ ବିତର୍କରେ ସକ୍ରିୟ ଭାବରେ ଅଂଶଗ୍ରହଣ କରୁଥିଲେ।

୧୯୪୬ ଅକ୍ଟୋବର ୨୮ ରେ ସମ୍ବଲପୁର ଜିଲ୍ଲାର ବରଗାଁର ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ଜନ୍ମିତ ରାସେଶ୍ୱରୀ ବୁର୍ଲାସ୍ଥିତ ତତ୍କାଳୀନ ଆୟୁର୍ବିଜ୍ଞାନ ମହାବିଦ୍ୟାଳୟରୁ ଡାକ୍ତରୀ ଶିକ୍ଷା ଲାଭ କରି ଓଡ଼ିଶା ସରକାରଙ୍କ ଅଧୀନରେ ୧୯ ୭୨ ମସିହାରେ ଚିକିତ୍ସକ ଭାବେ ଚାକିରି ଜୀବନ ଆରମ୍ଭ କରିଥିଲେ। ସ୍ତ୍ରୀରୋଗ ଓ ପ୍ରସୂତି (ଓଆଣ୍ଡଜି) ରେ ସ୍ନାତକୋତ୍ତର ପରେ ସେ ଓଡ଼ିଶାର ତିନୋଟି ସରକାରୀ ମେଡିକାଲ କଲେଜରେ କାର୍ଯ୍ୟ କରିଥିଲେ। ଶେଷରେ ବୁର୍ଲାର ବୀର ସୁରେନ୍ଦ୍ର ସାଏ ମେଡିକାଲ କଲେଜର ଓଆଣ୍ଡଜି ବିଭାଗର ପ୍ରଫେସର୍ ଏବଂ ବିଭାଗୀୟ ମୁଖ୍ୟ ଭାବରେ ଅବସର ଗ୍ରହଣ କରିଥିଲେ। ସେ ଗରିବ ଏବଂ ଅସହାୟ ଲୋକଙ୍କୁ ମାଗଣା ଚିକିତ୍ସା ସହାୟତା ପ୍ରଦାନ କରୁଥିଲେ। ତାଙ୍କର ସରଳତା, ଆନ୍ତରିକତା, ସଚ୍ଚୋଟତା, ସାଧୁତା ଏବଂ ସୌହାର୍ଦ୍ଦପୂର୍ଣ୍ଣ ଆଚରଣ ତାଙ୍କୁ ସମସ୍ତଙ୍କ ପ୍ରିୟ କରିଥିଲା। ଜଣେ ଲୋକପ୍ରିୟ ଡାକ୍ତର ହେବା ବ୍ୟତୀତ ସେ ସମ୍ବଲପୁରର ଅନେକ ସାମାଜିକ, ସାଂସ୍କୃତିକ ଏବଂ ଧାର୍ମିକ ସଂଗଠନ ସହିତ ମଧ୍ୟ ଜଡ଼ିତ ଥିଲେ। ଶିଶୁ ଚିକିତ୍ସାଳୟ ନିର୍ମାଣ ପାଇଁ ଏକ ପ୍ଲଟ୍ ଦାନ କରିବାର ତାଙ୍କର ଆଭିମୁଖ୍ୟ ସୂଚାଇ ଦିଏ ଯେ ସେ କେତେ ସକ୍ରିୟ ରୋଟାରିଆନ୍। ତାଙ୍କ ଜନ୍ମଭୂମି ବରଗାଁର ଜଗନ୍ନାଥ ମନ୍ଦିରକୁ ପୈତୃକ ସମ୍ପତ୍ତିର ଅଂଶସ୍ୱରୂପ ୨.୫ ଏକର ଚାଷ ଜମି ଦାନ କରିଥିଲେ। ଏହାସହ ବୁର୍ଲାରେ ଜଗନ୍ନାଥ ମନ୍ଦିର ନିର୍ମାଣ ପାଇଁ ବିଭିନ୍ନ ପ୍ରକାର ସହାୟତା କରିବା ସହ ଏହାର ଟ୍ରଷ୍ଟର ସଭାପତି ଥିଲେ। ସେ ଗଙ୍ଗାଧର ମେହେର କଲେଜ କଲେଜ ଭଳି ବହୁ ଅନୁଷ୍ଠାନର ଗଭର୍ଣ୍ଣିଂ ବଡିର ସଦସ୍ୟ ଏବଂ ପଶ୍ଚିମ ଓଡ଼ିଶାର ଅନେକ ଶିକ୍ଷାନୁଷ୍ଠାନର ସଭାପତି ଭାବେ ଶିକ୍ଷାଗତ ପରିସ୍ଥିତିକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହା ବ୍ୟତୀତ ସେ ଏଫ୍‌ଓଜିଏସ୍‌ଆଇ, ଆଇଏମ୍‌ଏ, ଆଇଏସ୍‌ଓପିଏଆର୍‌ବି ଆଦି ସ୍ଥାନୀୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ଚିକିତ୍ସା ସଂଗଠନ ଭଳି ଅନେକ ଡାକ୍ତରୀ ସଂଘର ପଦାଧିକାରୀଙ୍କ ତାଲିକାରେ ଥିଲେ।

ପଶ୍ଚିମ ଓଡ଼ିଶାର ଗରିବ ଏବଂ ଅସହାୟଙ୍କ ପ୍ରତି ତାଙ୍କର ଦାନଶୀଳ କାର୍ଯ୍ୟ ଏବଂ ସେବା ପାଇଁ ତାଙ୍କୁ ୨୦୧୦ ମସିହାରେ ଅଖିଳ ଭାରତୀୟ ସ୍ତରରେ ଇନ୍ଦିରା ପ୍ରିୟଦର୍ଶିନୀ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ତାଙ୍କୁ ୨୦୧୪ ବର୍ଷ ପାଇଁ ସର୍ବୋତ୍ତମ ବିଧାୟକ ଭାବେ ମଧ୍ୟ ସମ୍ମାନିତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ତାଙ୍କୁ ସ୍ଥାନୀୟ ତଥା ରାଜ୍ୟସ୍ତରରେ ସମ୍ବର୍ଦ୍ଧିତ ଓ ପୁରସ୍କୃତ କରାଯାଇଥିଲା।

ରାସେଶ୍ୱରୀ ପାଣିଗ୍ରାହୀଙ୍କ ଦେହାନ୍ତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏକ୍ସ ଜରିଆରେ କହିଛନ୍ତି, ବରିଷ୍ଠ ନେତ୍ରୀ, ସମ୍ବଲପୁରର ପୂର୍ବତନ ବିଧାୟିକା ତଥା ବିଶିଷ୍ଟ ଚିକିତ୍ସିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଦେହାନ୍ତ ବିଷୟରେ ଜାଣି ଦୁଃଖିତ। ଶୋକସନ୍ତପ୍ତ ପରିବାର ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇବା ସହ ଦିବଙ୍ଗତ ଆତ୍ମାର ଶାନ୍ତି ପାଇଁ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି ବୋଲି ଉଲ୍ଲେଖ କରିଛନ୍ତି।

ସେହିପରି ନବୀନ ଉଲ୍ଲେଖ କରିଛନ୍ତି, ସମ୍ବଲପୁରର ପୂର୍ବତନ ବିଧାୟିକା ଡା. ରାସେଶ୍ୱରୀ ପାଣିଗ୍ରାହୀଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ସ୍ୱାସ୍ଥ୍ୟସେବା ସହ ଜନପ୍ରତିନିଧି ଭାବେ ଲୋକଙ୍କ ପାଇଁ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାର ସଦସ୍ୟଙ୍କ ପ୍ରତି ନବୀନ ସମବେଦନା ଜଣାଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏକ୍ସରେ ଉଲ୍ଲେଖ କରିଛନ୍ତି ଯେ ଡାକ୍ତର ପାଣିଗ୍ରାହୀ କେବଳ ଜଣେ ଜନପ୍ରତିନିଧି ନ ଥିଲେ, ବରଂ ଜଣେ ସେବାଭିମୁଖୀ ବ୍ୟକ୍ତିତ୍ୱ ଭାବେ ସମ୍ବଲପୁରରେ ଘରେ ଘରେ ସୁପରିଚିତ ଥିଲେ। ସମ୍ବଲପୁର ବିଧାୟିକା ଭାବେ ଅଞ୍ଚଳର ବିକାଶ ପାଇଁ ସେ ସର୍ବଦା ଚେଷ୍ଟା କରୁଥିଲେ। ଶିକ୍ଷା ଏବଂ ନାରୀ ସଶକ୍ତୀକରଣ କ୍ଷେତ୍ରରେ ତାଙ୍କର କାର୍ଯ୍ୟ ଚିରସ୍ମରଣୀୟ ହୋଇ ରହିବ।

### ଜେଲ୍‌ରେ ବିକ୍ରମଙ୍କୁ...

ଥିବା ଜଣା ପଡ଼ିଥିଲା। ମଳକଣ୍ଟକ ଓ ଅର୍ଶ ଭଳି ରୋଗର ପ୍ରତିକାର ପାଇଁ ଡ଼ାକ୍ତରମାନେ ଔଷଧ ଲେଖିଥିଲେ ଓ ଗଲବ୍ଲାଡର ଷ୍ଟୋନ ପାଇଁ ସର୍ଜରୀ ଆବଶ୍ୟ ଜରୁରୀ ବୋଲି କୁହାଯାଇଥିଲା। ଡ଼ାକ୍ତରୀ ଟିମ୍‌ର ଅଧ୍ୟକ୍ଷ ତଥା ଏମକେସିଜି ଅଧୀକ୍ଷକ ପ୍ରଫେସର ଡାକ୍ତର ଦୁର୍ଗାମାଧବ ଶତପଥୀ, ଡ଼ିନ୍ ତଥା ପ୍ରିନ୍ସିପାଲ ପ୍ରଫେସର ଡାକ୍ତର ସୁଚିତ୍ରା ଦାଶ ମଧ୍ୟ ଏହା ସ୍ୱୀକାର କରିଥିଲେ। ଏଥିପାଇଁ ଆଜି ବିଭିନ୍ନ ପରୀକ୍ଷା କରାଯିବା ପରେ ମଙ୍ଗଳବାର କିମ୍ବା ବୁଧବାର ଲାପ୍ରୋସ୍କୋପି ସର୍ଜରୀ କରାଯିବାକୁ ଆପାତତଃ ନିଷ୍ପତ୍ତି ହୋଇଥିଲା। ମାତ୍ର ଆଜି ପୁଲିସ କର୍ତ୍ତୃପକ୍ଷ ସର୍ଜରୀ ପାଇଁ ବିକ୍ରମ ଅରାଜି ଥିବା ଦର୍ଶାଇ ତାଙ୍କୁ ମେଡିକାଲରୁ ତରବରିଆ ଭାବେ ଜେଲ୍‌କୁ ସ୍ଥାନାନ୍ତର କରାଯାଇଛି। ବିକ୍ରମଙ୍କ ନିକଟରେ ଥିବା ତାଙ୍କ ପତ୍ନୀ, ପୁଅ, ବାପା ଓ ଭଉଣୀ କାହାକୁ କିଛି ସୂଚନା ନଦେଇ ତଳ ମହଲାରେ ଡାକ୍ତରଙ୍କ ସହ ଆଲୋଚନା କରାଯିବ ବୋଲି ମିଛ କହି ବିକ୍ରମଙ୍କୁ ତଳକୁ ନିଆଯାଉଥିଲା। ଏହି ସମୟରେ କିଛି ସନ୍ଦେହ କରି ବିକ୍ରମଙ୍କ ପରିବାର ବର୍ଗ ପଚରା ଉଚରା କରିବା ପରେ ତାଙ୍କୁ ଜେଲ ନିଆଯାଉଥିବା ଜଣା ପଡ଼ିଥିଲା। ଯାହାକୁ ତାଙ୍କ ପରିବାରବର୍ଗ ବିରୋଧ କରିଥିଲେ। ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି ହୋଇଥିବା ବିକ୍ରମଙ୍କୁ ବିନା ଚିକିତ୍ସାରେ ପୁଣି ଜେଲ୍ ଫେରାଇ ନିଆଯିବା ଘଟଣାକୁ ନେଇ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ତେବେ ସଶସ୍ତ୍ର ପୁଲିସ ସହାୟତାରେ ବିକ୍ରମଙ୍କୁ ବଳପୂର୍ବକ ଜେଲକୁ ନିଆଯାଇଥିଲା।

ସର୍ଜରୀ ପାଇଁ ବିକ୍ରମ ଅରାଜି ବୋଲି ପୁଲିସ କହୁଥିବାବେଳେ ଏହାକୁ ନିଜେ ବିକ୍ରମ ଅସ୍ୱୀକାର କରିଛନ୍ତି। ବଡ଼ ପାଟିରେ ତାଙ୍କର ଚିକିତ୍ସା ଓ ସର୍ଜରୀ କରାଯିବାକୁ ସେ କହୁଥିଲେ ହେଁ କେହି ତାକୁ କର୍ଣ୍ଣପାତ କରିନାହାନ୍ତି। ଯାହାକୁ ନେଇ ତାଙ୍କୁ ଜେଲରେ ମାରିଦେବାକୁ ଷଡ଼ଯନ୍ତ୍ର ହୋଇଥିବା ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି। ବିକ୍ରମଙ୍କ ଓକିଲ ଦୀପକ ପଟ୍ଟନାୟକ କହିଛନ୍ତି ଯେ ଜଣେ ରୋଗୀ ହିସାବରେ ସମସ୍ତ ରିପୋର୍ଟ ସତ୍ତ୍ୱେ ବିକ୍ରମଙ୍କୁ ଚିକିତ୍ସା ନକରି ଫେରାଇ ଦେବା ନିମନ୍ତେ ସେ ସିଧା ଡାକ୍ତରୀ ଟିମକୁ ଦାୟୀ କରିଛନ୍ତି। ବିକ୍ରମଙ୍କ ସ୍ୱାସ୍ଥ୍ୟରେ କିଛି ଅଘଟଣ ଘଟିଲେ ସେଥିପାଇଁ ଜେଲ ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ସହିତ ପୁଲିସ ପ୍ରଶାସନ ଦାୟୀ ରହିବେ ବୋଲି ସେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି। ଏନେଇ ସେ ମଙ୍ଗଳବାର କୋର୍ଟରେ ପିଟିସନ ଦାଖଲ କରିବେ ଏବଂ ଆବଶ୍ୟକ ସ୍ଥଳେ ଜାତୀୟ ମାନବାଧିକାର ଆୟୋଗଙ୍କ ଦ୍ୱାରସ୍ଥ ହେବେ ବୋଲି ମଧ୍ୟ ସୂଚନା ଦେଇଛନ୍ତି। ଅପରପକ୍ଷରେ ବିକ୍ରମଙ୍କ ଚିକିତ୍ସାକୁ ନେଇ ମଧ୍ୟ ବାହ୍ୟ ଶକ୍ତିର ଚାପ କାମ କରୁଥିବା ଅଭିଯୋଗ କରିଛନ୍ତି।

ସେପଟେ ବିକ୍ରମଙ୍କ ପାଇଁ ଗଠିତ ସ୍ୱତନ୍ତ୍ର ଟିମର ଅଧ୍ୟକ୍ଷ ତଥା ଡାକ୍ତରଖାନାର ଅଧୀକ୍ଷକ ପ୍ରଫେସର ଦୁର୍ଗାମାଧବ ଶତପଥି କହିଛନ୍ତି ବିକ୍ରମଙ୍କ ଗଲବ୍ଲାଡର ଷ୍ଟୋନ ପାଇଁ ସର୍ଜରୀ ଜରୁରୀ। ତେବେ ବିକ୍ରମ ସହମତି ପ୍ରକାଶ କରୁନଥିବା ନେଇ ଡାକ୍ତରୀ ଟିମ୍‌ର ରିପୋର୍ଟ ଆଧାରରେ ତାଙ୍କୁ ଡିସଚାର୍ଜ କରାଯାଇଥିବା ସେ କହିଛନ୍ତି। ବିକ୍ରମଙ୍କ ପ୍ରତି ପ୍ରଶାସନର ଏଭଳି ମନୋଭାବକୁ ନେଇ ସାଧାରଣରେ ବେଶ ଆଲୋଚନା ହେବା ସହିତ ଅସନ୍ତୋଷ ଦେଖିବାକୁ ମିଳିଛି।


**AFFIDAVIT**

By virtue of an affidavit sworn before The Executive Magistrate, Nayagarh, dated: 10/11/2025, I, ABHAY EZEE S/o-Late Aparti Muduli, resident of Road Side, Near Post Office, Itamati, Nayagarh, Pin-752068, Odisha declare that I have change my name from BHASKAR CHANDRA MUDULI to ABHAY EZEE. Henceforth, I shall be known as **ABHAY EZEE** for all purpose.

**ABHAY EZEE**

**AFFIDAVIT**

By virtue of an affidavit sworn before **Executive Magistrate, Rayagada, No. 134 dated 16.02.2026**, I, **Arna Bag,** aged about 25 years, D/o- Mahadev Bag, permanent resident of Vill. Kalahandipada, PO- JK Pur, PS- Chandili, Block/Dist- Rayagada, 765017 declare that I have changed my name from **Anu Shriya Chhatriya to Arna Bag.** Henceforth, I shall be known as **Arna Bag** for all purposes.

**Sd/- ARNA BAG**

**AFFIDAVIT**

By virtue of an affidavit sworn before **Executive Magistrate, Phulabani, No. 297, dated 16/02/2026,** I, LANKESHWARA DIGAL, resident of At– Jalapadar, PO- Salaguda, PS- Gochhapada, Dist- Kandhamal, Odisha – 762002, do hereby declare that I have changed my name from **LANKE DIGAL to LANKESHWARA DIGAL.** Henceforth, I shall be known as **LANKESHWARA DIGAL** for all purposes.

**AFFIDAVIT**

By virtue of an affidavit sworn before the **Executive Magistrate, Rasulpur No 849 dated 16/04/2025.** I, **MUSHA BHUYAN**, S/O-DURLABH BHUYAN resident of Takuathenga, Jabara, Kuakhia, Jajpur declare that **Musa Bhuyan, S/o- Durlabh Bhuyan and Nabaghana Bhuyan, S/o- Durlabh Bhuyan** are same and one person.

**AFFIDAVIT**

I, Sekh Abdul Khalid S/o Sekh Abdul Rasid At- Osanga, PO- Osanga, PS- Mahanga, Dist- Cuttack Rural, PIN- 754206 Declare by this affidavit No. 6165 dated- 13/02/2026 that now onwards I shall be known as **SK ABDUL KHALID** for all future purposes.

**LOST**

I, **Debasis Parija,** aged about 50 years, S/o: Late Santosh Parija is Resident at Kaithla, PO: Paida, PS: Ersama, Dist.: Jagatsinghpur, Odisha, PIN-754138, Aaddhar No.: 429221478750, Mob.: 9439250354. Wish to create a mortgage on the property Dist.: Khurda, Tahasil: Bhubaneswar, PS: Bhubaneswar, PS No.: 7, Sub-Registrar: Khandagiri, Mouza: Ranasinghpur, Khat No.: 233/1249, Plot No.: 285/813, Area: Ac0.049decs, with Status: Stitiban, (Freehold) Kissam: Gharabari (Homestead) Loan from LIC HFL Bhubaneswar the Previous link Deeds as follows Original Regd. Sale Deed bearing Document No.: 5039, Dtd.: 15.11.2000 executed by Bhagaban Sarangi represented through his GPA Holder Sarada Mishra in favour of Sri Guru Prasad Dash. Original Mutation ROR of Mouza: Ranasinghpur issued in the name Sri Guru Prasad Dash in respect of Khata No.: 233/226. Original Regd. Sale Deed bearing Document No.: 11132004206, Dtd. 28.08.2020 executed by Guru Prasad Dash in favour of Ujjwal Prasad Dash. Original Mutation ROR of Mouza: Ranasinghpur issued in the name Ujjwal Prasad Dash in respect of Khata No.: 233/1249, of my property was lost on Dtd. 10.02.2026 at Khandagiri area in this regard, I filed a lost report at Khandagiri police station, Bhubaneswar, Khurda, Sl No. 017 Dtd.13.02.2026, Please Contact within 15 days Advocate: Manas Kumar Nayak, Mob.: 8908257113

GOVERNMENT OF ODISHA
OFFICE OF THE SUPERINTENDING
ENGINEER RURAL WORKS DIVISION, KESINGA
25001/176/2526

1st Corrigendum Notice No.- 56, Date-11.02.2026

The 1st corrigendum to Bid identification No. RWKSNG-online-11/25-26

1. The details of corrigendum as table below.

As per tender Notice

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical | Financial (Double Cover) |
| Superintending Engineer, Rural Works Division, Kesinga | RWKSNG-online-11/25-26 | 31.01.2026 at 11.00 A.M | 11.02.2026 upto 17.00 P.M. | 09.02.2026 upto 11.00 A.M | 12.02.2026 at 11.00 AM | Will be intimated separately |

As per tender Notice

| Procurement officer | Bid Identification No. | Availability of Tender online for bidding | | Last date & time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical | Financial (Double Cover) |
| Superintending Engineer, Rural Works Division, Kesinga | RWKSNG - online- 11/25-26 | 16.02.2026 at 11.00 A M | 26.02.2026 upto 17.00 P.M. | 23.02.2026 upto 11.00 A.M | 27.02.2026 at 11.00 AH | Will be intimated separately |

2. The work at Sl no. 2 & 3 of annexure is cancelled due to unavoidable circumstances.
All other terms and conditions remain unchanged.

Superintending Engineer
Rural Works Division, Kesinga

OIPR-25001/25153/1/25-26/0001

25001/181/2526
E.Mail – rw_sundargarh@yahoo.co.in

GOVERNMENT OF ODISHA OFFICE OF THE SUPERINTENDING ENGINEER RURAL WORKS DIVISION, SUNDARGARH

E-PROCUREMENT NOTICE BID IDENTIFICATION NO. ONLINE-SESNG-28 of 2025-26

1. Name of the Work :- Road Work
2. Total No. of works :- 2 no Road
3. Estimated cost :- From Rs.9.62 Lakhs to Rs. 13.37 Lakhs
4. Class of contractor :- C &'D'
5. Period of completion :- 01 calendar months
6 Type of Tender :- Single Cover
7. Other details

| Procurement Officer | Bid Identification No. | Availability of Tender On-line for bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Executive Engineer, Rural Works Division, Sundargarh | Online-SESNG-28 of 2025-26 | 20.02.2026 11.00 A.M | 27.02.2026 5.00 P.M |

Further details can be seen from the website www.tendersorissa.gov.in

Executive Engineer Rural Works Division, Sundargarh

OIPR-25001/25046/1/25-26/0005

25001/178/2526
E-mail: eerw_ptng@yahoo.in
Phone No – 06658-222121

GOVT OF ODISHA
OFFICE OF THE SUPERINTENDING ENGINEER,
RURAL WORKS DIVISION PATNAGARH

e Procurement Notice

IFB IDENTIFICATION NO. EEPTNG- Online-21/2025-26

| | | | |
|---|---|---|---|
| 1. | Name of work | : | Repair & renovation of Building works |
| 2. | Total no of work | : | 03 (Three) No works |
| 3. | Time for completion | : | 03 (Three) Calendar Month |
| 4. | Approximate estimated cost | | 16.03 to 38.14 lakhs |
| 5. | Mode of Submission of tender | : | Tender should be submitted online in www.tendersorissa.gov.in |
| 6. | Other details are as follow | | |

| Procurement Officer | Bid Identification No. | Availability of Tender online for bidding | | Last date and time of seeking tender clarification | Date & time of opening of tender |
|---|---|---|---|---|---|
| | | From | To | | |
| Executive Engineer, R.W.Divn., Patnagarh | EEPTNG-Online-21/2025-26 | 19.02.2026 at 11.00 AM | 11.03.2026 upto 5.00 P.M | 10.03.2026 upto 5.00 PM | 12.03.2026 at 11.000 A.M |

- Further details can be seen from the website www.tendersorissa.gov.in
- Any Corrigendum/Addendum will be displayed in the above e tender website only.

-Sd- Executive Engineer
R.W.Division, Patnagarh

OIPR-25001/25154/1/25-26/0002

**WANTED**

A well-established firm invites applications for the following positions:

1. Senior Accountant - (1 No.)
Experience : 10 yrs. above
2. Junior Accountant - (1 No.)
Experience : 2-5 yrs. above
3. Supervisor - (2 Nos.)
Experience : 2-5 yrs. above
4. Sales Executive - (1 No.)
Experience : 2-5 yrs. above

Salary: Best in the industry | Location : Bhubaneswar

Interested candidates can send their CV to
Email: 19sanatang@gmail.com

Contact
7978386707

OFFICE OF THE DIVISIONAL FOREST OFFICER,
SAMBALPUR FOREST DIVISION
Near Jail Chhak, E.mail- dfo.sambalpur@odisha.gov.in
Phone/Fax- 0663-2910121
8001/78/2526

CORRIGENDUM NOTICE

In continuation to this Office Notice No. 766 dated. 03.02.2026 regarding the Tender Sale Notice of 30 (Thirty) nos of confiscated vehicles U/s- 56 of OFA, 1972 of Sambalpur Forest Division has been rectified due to technical issue.
The Revised Tender Sale Notice of 30 (Thirty) nos of confiscated vehicles U/s- 56 of OFA, 1972 of Sambalpur Forest Division is enclosed herewith.
Other term & conditions will remain un-changed.
Copy to all concerned they are requested to take note of this change.
This Corrigendum notice is made with the approval of the undersigned.

Sd/- Divisional Forest Officer,
Sambalpur Forest Division

OIPR-8001/8104/1/25-26/0001

**PUBLIC NOTICE**

It is declared that the property G. A Department Plot No. D-9, Area-100'X110' (i.e 11000 Sq. ft.) as per Drawing No. C-3654 corresponds to Revenue Mutation Khata No. 347/127, Plot No. 161 Area- Ac. 0.250 dcml. Which Corresponding Hal Settlement Khata No. 184 under District- Khurda, Tahasil - Bhubaneswar, SRO- Bhubaneswar P.S.: Bhubaneswar, Thana No.75, Mouza - Buxi Jagabandhu Nagar, Unit No. 29, Bhubaneswar Sahar in respect of the project named and styled as "CHANDRALOK" belong to the developer M/s T.M. Construction who is the Attorney holder of (1) Smt. Shailarani Mishra W/o- Durgamadhaba Mishra, (2) Swayam Mishra S/o- Jeevesh Mishra (3) Samhita Chaudhuri D/o- Jeevesh Mishra (4) Taramani Mishra W/o- Late Jeevesh Mishra (5) Pranesh Mishra S/o- Late Durgamadhaba Mishra vide Regd. Deed of GPA No. 11082106822 Dtd. 17.06.2021, Un Regd. Development Agreement Dtd. 09.06.2021, availing the Inventory Funding loan and has been Equitable Mortgage with DCB Bank Ltd., Chandrasekharpur Branch, Bhubaneswar, Dist-Khordha. Any person/s having objection may contact Sri Priyabrat Nayak, Advocate, Mob: 9337618821 within 15 days.

Leadership and beyond
ଦି ନ୍ୟୁ ଇଣ୍ଡିଆ ଏସ୍ୟୋରେନ୍ସ କମ୍ପନୀ ଲିମିଟେଡ
The New India Assurance Co. Ltd
India's Premier Multinational General Insurance Company

ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ (୫୫୦୦୦୦)
ପ୍ରଥମ ମହଲା, ଆଲୋକ ଭାରତୀ ଟାୱର, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭, ଫୋନ୍:୦୬୭୪-୨୫୪୫୪୬୭

ଟେଣ୍ଡର ବିଜ୍ଞପ୍ତି

ଟେଣ୍ଡର ରେଫ. ନଂ: ବିବିଏସ୍‌ଆର୍‌ଓ/ଇଏସବିଡି/ଭଦ୍ରକ ବିଓ/ଇଣ୍ଟେରିୟର ରିଫର୍ବିସମେଣ୍ଟ/ସିଭିଲ ଏବଂ ଇଲେକ୍ଟ୍ରିକ କାର୍ଯ୍ୟ

ଆମର ଭଦ୍ରକ କାର୍ଯ୍ୟାଳୟ ସା: ବିଶ୍ୱାଳ କମ୍ପ୍ଲେକ୍ସ, ସମରାଇପୁର, ପୋଷ୍ଟ: ପ୍ରାଚୀ ନଗର, ଭଦ୍ରକ-୭୫୬୧୮୧ର ଆଭ୍ୟନ୍ତରୀଣ ନବୀକରଣ ନିମନ୍ତେ କଣ୍ଟ୍ରାକ୍ଟର ନିଯୁକ୍ତି ହେତୁ ଆଗ୍ରହୀ ପକ୍ଷ / ଫାର୍ମମାନଙ୍କ ଠାରୁ ଅନଲାଇନ ପଦ୍ଧତିରେ ୨ଟି ବିଡ୍ ବ୍ୟବସ୍ଥାରେ ଇ-ଟେଣ୍ଡର ଆହ୍ୱାନ କରାଯାଉଛି। ସବିଶେଷ ବିବରଣୀ / କାଗଜାତ୍ ଆମର ୱେବସାଇଟ୍: www.newindia.co.in (public notice section) & www.tenderwizard.com NIAEPROC ରେ ଉପଲବ୍ଧ।

ସଂଶୋଧନ / ଶୁଦ୍ଧିପତ୍ର / ରଦ୍ଦ / ପୁନଃ ଟେଣ୍ଡର ଇତ୍ୟାଦି ଯଦିଥାଏ ତାହା କେବଳ ଉପରୋକ୍ତ ୱେବସାଇଟରେ ପ୍ରକାଶିତ ହେବ। ସାଇଟରେ ପ୍ରି-ବିଡ୍ ମିଟିଙ୍ଗ୍ ତା.୨୩.୦୨.୨୦୨୬ ଅପରାହ୍ନ ୩.୦୦ ଘଟିକାରେ ଅନୁଷ୍ଠିତ ହେବ। ଇ-ଟେଣ୍ଡର ଦାଖଲର ଅନ୍ତିମ ତାରିଖ ୦୯.୦୩.୨୦୨୬ ଅପରାହ୍ନ ୫.୦୦ଘଟିକା, ତତ୍‌ପରେ ତା ୧୦.୦୩.୨୦୨୬ (ଆପାତତଃ)ରେ ଟେକ୍ନିକାଲ ବିଡ୍ ଏବଂ ଆର୍ଥିକ ବିଡ୍ ଖୋଲାଯିବ।

ସ୍ୱା/- ମୁଖ୍ୟ କ୍ଷେତ୍ରୀୟ ପ୍ରବନ୍ଧକ
କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର
CIN No.- L66000MH1919GOI000526

## ଧାନକିଣା ଅନିୟମିତତା

# ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ଚିଠିରେ ଜଣାଇଲେ ଦୀପାଳି

**ଚାଷୀଙ୍କ ବକେୟା ଧାନ କିଣିବା ସହ ଟୋକନର ନବୀକରଣ ଦାବି**

ଝାରସୁଗୁଡ଼ା,୧୬।୨(ସମିସ): ଜିଲ୍ଲାରେ ଏପର୍ଯ୍ୟନ୍ତ ଚାଷୀଙ୍କ ଧାନ ବିକ୍ରି ହୋଇପାରି ନାହିଁ। ଚାଷୀଙ୍କ ଧାନ କିଣିବା, ଧାନ କ୍ରୟ ଅନିୟମିତତା, ଟାର୍ଗେଟ ନିର୍ଦ୍ଧାରଣ ସହିତ ଲାପ୍ସ ହୋଇ ଯାଇଥିବା ଟୋକନ ଗୁଡିକର ନବୀକରଣ ପାଇଁ ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ତଥା ବିଜେଡିର ରାଜ୍ୟ ସାଧାରଣ ସମ୍ପାଦିକା ଦୀପାଳି ଦାସ ଓଡ଼ିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ଯୋଗାଣ ବିଭାଗର ମନ୍ତ୍ରୀଙ୍କୁ ସୋମବାର ଚିଠି ଲେଖିଛନ୍ତି। ଜିଲ୍ଲାର ଅନେକ ଚାଷୀ ଖରିଫ ଋତୁର ଧାନ ବିକ୍ରି କରି ପାରି ନାହାନ୍ତି ଏବଂ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯେଉଁ ମାନଙ୍କର ଟୋକନ ଧାନ ବିକ୍ରି ପାଇଁ ବର୍ତ୍ତମାନ ପର୍ଯ୍ୟନ୍ତ ଆସିନାହିଁ, ସେମାନଙ୍କୁ ତୁରନ୍ତ ଧାନ ବିକ୍ରିର ସୁଯୋଗ ଦେବା ସହ ମଣ୍ଡି ଗୁଡିକୁ ଅବଶିଷ୍ଟ ଟାର୍ଗେଟ ତୁରନ୍ତ ପ୍ରଦାନ କରାଯାଉ। ଟାର୍ଗେଟ ଅଭାବ ଯୋଗୁଁ ବହୁ ଚାଷୀଙ୍କ ଟୋକନ ଲାପ୍ସ ହୋଇଛି। ଲାପ୍ସ ଟୋକନ ଗୁଡ଼ିକର ଶୀଘ୍ର ନବୀକରଣ କରି ଚାଷୀଙ୍କ ଧାନ କିଣାଯାଉ ବୋଲି ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ତଥା ବିଜେଡି ନେତ୍ରୀ ଦୀପାଳି ଦାସ ଖାଉଟି ଓ ଯୋଗାଣ ମନ୍ତ୍ରୀଙ୍କୁ ଦେଇଥିବ। ଚିଠିରେ ଉଲ୍ଲେଖ କରିଛନ୍ତି। ଏହା ସହିତ ଜିଲ୍ଲାର ଜଳସେଚିତ ଜମି ଗୁଡିକରେ ଏକର ପ୍ରତି ବିକ୍ରି ପାଇଁ ଦିଆଯାଇଥିବା ଧାନର ପରିମାଣ ୧୩ କ୍ୱିଣ୍ଟାଲରୁ ୧୯ କ୍ୱିଣ୍ଟାଲ କରାଯାଉ, ୧୫୦ କ୍ୱିଣ୍ଟାଲ ଧାନରୁ ଅଧିକ ଧାନ ବିକ୍ରୟ କରିଥିବା ଚାଷୀଙ୍କୁ ଇନପୁଟ ସବସିଡି ତୁରନ୍ତ ପ୍ରଦାନ କରାଯାଉ। ଜିଲ୍ଲାରେ ଚାଷୀ ବହୁ ମାନସିକ, ଶାରୀରିକ ଓ ଆର୍ଥିକ ନିର୍ଯାତନାର ଶିକାର ହେଲେଣି। ଜିଲ୍ଲାର କିର୍ମିରା, ଲଇକେରା, କୋଲାବିରା, ଲଖନପୁର, ଝାରସୁଗୁଡ଼ା ଆଦି ବ୍ଲକ୍ ଚାଷୀଙ୍କ ଧାନ ବିକ୍ରିର ସମସ୍ତ ସମସ୍ୟା ତୁରନ୍ତ ସମାଧାନ କରିବା ପାଇଁ ଖାଉଟି ଓ ଯୋଗାଣ ମନ୍ତ୍ରୀଙ୍କୁ ଦୀପାଳି ଚିଠି ଲେଖି ଅନୁରୋଧ କରିଛନ୍ତି।

## ଛାତ୍ରୀଙ୍କୁ ଭାଲେଣ୍ଟାଇନ୍ ସପ୍ତାହ ଶିକ୍ଷା ଦେଇଥିବା ଶିକ୍ଷକ ନିଲମ୍ବିତ



ଦେବଗଡ଼,୧୬।୨(ସମିସ): କୁଣ୍ଢେଇଗୋଲା ସରକାରୀ ବିଦ୍ୟାଳୟରେ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକଙ୍କ ଭାଲେଣ୍ଟାଇନ୍ ଦିବସ ପାଠ ପଢ଼ାଇବା ଓ ଛାତ୍ରୀଙ୍କୁ ଆଶାଳୀନ ମନ୍ତବ୍ୟ ଘଟଣାରେ ଜେଲ ହାଜତରେ ଥିବା ଅଭିଯୁକ୍ତ ବିଜ୍ଞାନ ଶିକ୍ଷକ ତପନ ମିଶ୍ରଙ୍କୁ ନିଲମ୍ବିତ କରାଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଆଦେଶ ସଂଖ୍ୟା ୭୪୯/ତା ୧୬/୨/୨୬ରିଖ ଅନୁଯାୟୀ ଅଭିଯୁକ୍ତ ବିଜ୍ଞାନ ଶିକ୍ଷକକୁ ଜିଲ୍ଲା ଶିକ୍ଷାଧିକାରୀ ଗେହ୍ରା କୁଜୁର ନିଲମ୍ବନ କରିଛନ୍ତି। ଅତିରିକ୍ତ ଜିଲ୍ଲା ଜଜ ତଥା ସ୍ୱତନ୍ତ୍ର ପକ୍ସୋ କୋର୍ଟରେ ଆସନ୍ତାକାଲି ଅଭିଯୁକ୍ତ ବିଜ୍ଞାନ ଶିକ୍ଷକଙ୍କ ଜାମିନ ଆବେଦନର ଶୁଣାଣି ହେବ ବୋଲି ଜଣାପଡିଛି। ଶନିବାର ଠାରୁ ବିଚାର ବିଭାଗୀୟ ହାଜତରେ ତପନ ରହିଛନ୍ତି। ପୀଡିତା ଛାତ୍ରୀର ମା'ଙ୍କ ଅଭିଯୋଗ ଆଧାରରେ କୁଣ୍ଢେଇଗୋଲା ଥାନାରେ ମାମଲା ରୁଜୁ ହୋଇଥିଲା। ପୂର୍ବରୁ ୨୦୨୧ରେ ମଧ୍ୟ ଅଭିଯୁକ୍ତ ଶିକ୍ଷକ ବିରୁଦ୍ଧରେ ବୁଢ଼ାପାଳ ସ୍କୁଲର ଜଣେ ଅଭିଭାବକଙ୍କ ରିପୋର୍ଟ ଆଧାରରେ କୁଣ୍ଢେଇଗୋଲା ଥାନାରେ ମାମଲା ରୁଜୁ ହୋଇଥିବା ସୂଚନା ରହିଛି।

## ବାଇକ୍ ଦୁର୍ଘଟଣାରେ ଶିକ୍ଷକ ଗୁରୁତର

ରିଆମାଳ,୧୬।୨(ସମିସ): ଜାତୀୟରାଜପଥରେ ଙ୍ଗାଳପାଲି ଠାରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ପରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ପ୍ରଶାନ୍ତ ଗଡନାୟକ ଗୁରୁତର ହୋଇଛନ୍ତି। ସେ ଆଜି ବ୍ଲକ୍‌କୁ ଏକ ତାଲିମ ପାଇଁ ଆସି ସନ୍ଧ୍ୟା ୫ରେ ବାଇକ୍‌ରେ ଫେରୁଥିବା ବେଳେ ରେଙ୍ଗାଳପାଲି ଠାରେ ଭାରସାମ୍ୟ ହରାଇ ଦୁର୍ଘଟଣା ହେବାରୁ ଛିଟିକି ପଡିବାରୁ ତାଙ୍କ ମୁହଁରେ ଆଘାତ ଲାଗିଛି। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ଛତାବର ମେଡିକାଲରେ ଭର୍ତ୍ତି କରିଥିଲେ। ଖବର ପାଇ ରିଆମାଳ ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ବିମାନବନ୍ଦରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର




ଝାରସୁଗୁଡ଼ା,୧୬।୨(ସମିସ): ଓଡ଼ିଶା-ଭାରତୀୟ ବିମାନବନ୍ଦର ପ୍ରାଧିକରଣ (ଏଏଆଇ) ଯାଜ୍ଞସେନୀ ହସ୍ପିଟାଲର ସହଯୋଗରେ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରରେ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ଯାତ୍ରୀ, ଏଏଆଇ କର୍ମଚାରୀ, ଅଂଶୀଦାର, ବିମାନ କମ୍ପାନୀ ଏବଂ ଦର୍ଶକଙ୍କ ପାଇଁ ନିଃଶୁଳ୍କରେ ଅସ୍ଥି ଖଣିଜ ଘନତ୍ୱ (ବିଏମଡି), ହିମୋଗ୍ଲୋବିନ ଏବଂ ର୍ୟାଣ୍ଡମ ବ୍ଲଡ ସୁଗାର (ଆରବିଏସ) ପରୀକ୍ଷା କରାଯାଇଥିଲା। ଏଥିରେ ଡ.ଏସ୍‌ଜେ ପଟେଲ ଏବଂ ଡ.ରୀନା ନାୟକ ଡାକ୍ତରୀ ପରାମର୍ଶ ପ୍ରଦାନ କରିଥିଲେ। ପ୍ରତିରୋଧକ ସ୍ୱାସ୍ଥ୍ୟସେବା ଓ ରକ୍ତହୀନତା, ମଧୁମେହ ଏବଂ ଅଷ୍ଟିଓପୋରୋସିସ୍ ଭଳି ସାଧାରଣ ସ୍ୱାସ୍ଥ୍ୟ ସମସ୍ୟାର ପ୍ରାରମ୍ଭିକ ଚିହ୍ନଟ କରିବା ଏହି ସ୍ୱାସ୍ଥ୍ୟ ଶିବିରର ଉଦ୍ଦେଶ୍ୟ ରହିଥିଲା।

## ଜିଲ୍ଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର

ଦେବଗଡ଼,୧୬।୨(ସମିସ): ରିଆମାଳ ବ୍ଲକ୍ ଟୁହିଲାମାଲ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ସୋମବାର ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲ୍ଲାପାଳ କବିନ୍ଦ୍ର ସାହୁ ଯୋଗଦେଇ ୫୩ଟି ଅଭିଯୋଗ ଗ୍ରହଣ କରିବା ସହ ଆବଶ୍ୟକ ପଦକ୍ଷେପ ନେବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅଭିଯୋଗ ମଧ୍ୟରେ ୩୪ଟି ବ୍ୟକ୍ତିଗତ ଏବଂ ୧୯ଟି ସାମୂହିକ ଅଭିଯୋଗ ହୋଇଥିବା ଜଣାପଡିଛି। କଂକ୍ରିଟରାସ୍ତା, ବାର୍ଦ୍ଧକ୍ୟ ଭତ୍ତା, ଷ୍ଟ୍ରିଟ ଲାଇଟ୍, ଶିକ୍ଷକ ନିଯୁକ୍ତି ଓ କମ୍ୟୁନିଟୀ ସେଣ୍ଟର୍ ନିମନ୍ତେ ଅଭିଯୋଗ ହୋଇଥିଲା। ଶିବିରରେ ଅନ୍ୟ ମାନଙ୍କ ମଧ୍ୟରେ ଆରକ୍ଷୀ ଅଧୀକ୍ଷକ ଅନିଲ ମିଶ୍ର, ଜିଲ୍ଲା ପରିଷଦ ଅତିରିକ୍ତ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦିଲୀପ ପ୍ରଧାନ, ଏସିଏଫ୍ ଅରୁଣ ବେହେରା, ସହକାରୀ ଜିଲ୍ଲାପାଳ ହେମନ୍ତ ସିଂ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଦିତ୍ୟ ପଣ୍ଡା, ଡେପୁଟି କଲେକ୍ଟର ଅଞ୍ଜୁନି କୁଜୁର ତହସିଲଦାରଙ୍କ ସମେତ ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ।

## କୁଲତା ସମାଜ ବିକାଶ ମଞ୍ଚର ବାର୍ଷିକୋତ୍ସବ



ବ୍ରଜରାଜନଗର,୧୬।୨(ସମିସ): ଏମସିଏଲ କଲ୍ୟାଣ ମଣ୍ଡପରେ ବ୍ରଜରାଜନଗର କୁଲତା ସମାଜ ବିକାଶ ମଞ୍ଚର ବାର୍ଷିକ ଉତ୍ସବ ବା ବନ୍ଧୁ ମିଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ବିକାଶ ମଞ୍ଚର ସଭାପତି ନନ୍ଦ କିଶୋର ପ୍ରଧାନ, ୨୪ ତମ ମହାସଭା ସଭାପତି ତଥା ବିକାଶ ମଞ୍ଚର ଉପଦେଷ୍ଟା ସନ୍ତୋଷ ବଢ଼େଇ, ମୁରା ପୀଠ ରତନ ସାହୁ, ସରସରା ପୀଠ ସ୍ୱାଧୀନ ପ୍ରଧାନ, ଲପାଙ୍ଗା ପୀଠ ଲଳିତ ସାହୁ, କମଗା ପୀଠ ସୁନ୍ଦର ଗଡଟିଆ, କଦେଲପିତା ପୀଠ କ୍ଷୀରୋଦ ପ୍ରଧାନ, ଅଧାପରା ରଘୁମଣି ପ୍ରଧାନ, ରେମଣ୍ଡା ପୀଠ ମଧୁସୂଦନ ଭୋଇ, ମଞ୍ଚାସୀନ ଥିଲେ। ପ୍ରଥମେ ମାରଣେଶ୍ୱର୍ ରାମଚଣ୍ଡୀଙ୍କ ପୂଜାର୍ଚ୍ଚନା ହୋଇଥିଲା। ମୁଖ୍ୟ ପୂଜକ ଭାବେ ଲିଙ୍ଗରାଜ ପ୍ରଧାନ ଓ ରତନ ସାହୁ ପୂଜାକାର୍ଯ୍ୟ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମରେ ସମ୍ପାଦକ ହୃଦାନନ୍ଦ ମାଝୀ ଓ ଯୁଗ୍ମ ସୁରଥ ସାହୁ ମଞ୍ଚ ପରିଚାଳନା କରିଥିଲେ। ବ୍ରଜରାଜନଗର କୁଲତା ସମାଜ ବିକାଶ ମଞ୍ଚର ସଦସ୍ୟ ପ୍ରେମାନିଧି ପ୍ରଧାନ, ତୁଲାରାମ ପ୍ରଧାନ, ଅରୁଣ ପ୍ରଧାନ, ସୀତାରାମ ପ୍ରଧାନ, ରଞ୍ଜିତ ପ୍ରଧାନ, ସୈଳେନ୍ଦ୍ର ପ୍ରଧାନ, କୃଷ୍ଣଚନ୍ଦ୍ର ପ୍ରଧାନ, ଛବିଳ ବଢ଼େଇ, ରଘୁମଣୀ ସାହୁ, ନିରଜ ବାରିକ ପ୍ରମୁଖ ସହଯୋଗ କରିଥିଲେ।

## ଭାରତୀୟ ଜ୍ଞାନ ପରମ୍ପରା ଉପରେ ଶିକ୍ଷକ ପ୍ରଶିକ୍ଷଣ ଶିବିର

ପଦ୍ମପୁର,୧୬।୨(ସମିସ): ସ୍ଥାନୀୟ ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ଅଧ୍ୟକ୍ଷ ପ୍ରଫେସର ଖଗେଶ୍ୱର ଦାଶଙ୍କ ତତ୍ତ୍ୱାବଧାନ ଏବଂ କିସ୍ ବିଶ୍ୱବିଦ୍ୟାଳୟର ଡିନ୍ ଡ. ସୁଜାତା ଆଚାର୍ଯ୍ୟଙ୍କ ପରାମର୍ଶରେ ଭାରତୀୟ ଜ୍ଞାନ ପରମ୍ପରାକୁ ନେଇ ସପ୍ତାହବ୍ୟାପୀ ଜାତୀୟସ୍ତରୀୟ ଅନଲାଇନ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି। ଅଞ୍ଚଳ ମହାବିଦ୍ୟାଳୟ ପଦ୍ମପୁରର ସ୍ନାତକୋତ୍ତର ଶିକ୍ଷା ବିଭାଗ ଏବଂ ଭୁବନେଶ୍ୱରସ୍ଥିତ କିସ୍ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ମିଳିତ ସହଯୋଗରେ ଗତ ୯ରୁ ୧୪ ଫେବୃଆରୀ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ପ୍ରଶିକ୍ଷଣ ଶିବିରରେ ଭାରତର ସମସ୍ତ ରାଜ୍ୟରୁ ପ୍ରାୟ ୨୮୦ରୁ ଊର୍ଦ୍ଧ୍ୱ ଅଧ୍ୟାପକ ଓ ଗବେଷକ ଅଂଶଗ୍ରହଣ କରିଥିଲେ। 'କିସ୍' ବିଶ୍ୱବିଦ୍ୟାଳୟରୁ ୪୦ ଜଣ କର୍ମକର୍ତ୍ତା ଯୋଗ ଦେଇଥିଲେ। ୬ ଦିନିଆ କାର୍ଯ୍ୟକ୍ରମରେ ଜାତୀୟ ଶିକ୍ଷା ନୀତି (ଏନ୍‌ଇପି ୨୦୨୦) ଆଧାରରେ ଭାରତୀୟ ଜ୍ଞାନ ପରମ୍ପରାର ପ୍ରାସଙ୍ଗିକତା, ପାଠ୍ୟକ୍ରମ ସଂସ୍କାର ଏବଂ ଶିକ୍ଷାଦାନର ଅଭିନବ ଶୈଳୀ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା। ଭାରତୀୟ ଜ୍ଞାନର ଐତିହାସିକ ଦିଗ, ଅନୁଭବ ଭିତ୍ତିକ ଶିକ୍ଷା, ସମ୍ବାଦ ଶୈଳୀ, ନୈତିକ ମୂଲ୍ୟବୋଧ ଏବଂ ଭବିଷ୍ୟତର ଗବେଷଣା ପାଇଁ ଆବଶ୍ୟକୀୟ ଦିଗଗୁଡିକ ଉପରେ ଦେଶର ବିଶିଷ୍ଟ ଶିକ୍ଷାବିତ୍‌ମାନେ ମାର୍ଗଦର୍ଶନ କରିଥିଲେ। ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟର ପ୍ରଫେସର ୟୁସି ବଶିଷ୍ଠ, ଇଗ୍ନୋର ନିର୍ଦ୍ଦେଶକ ପ୍ରଫେସର ସନ୍ତୋଷ ପଣ୍ଡା, ପ୍ର.ଅରବିନ୍ଦ ଝା, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ପ୍ର.ସନ୍ଦୀପ, ବରୋଦା ଏମଏସ ବିଶ୍ୱବିଦ୍ୟାଳୟର ପ୍ର.ଆଶୁତୋଷ ବିଶ୍ୱାଳ ଏବଂ ହିମାଚଳ ପ୍ରଦେଶ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ର. ମନୋଜ ସକ୍ସେନା ପ୍ରମୁଖ ବିଷୟ ବିଶେଷଜ୍ଞ ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଡ.ତୁଷାରକାନ୍ତ ସାହୁ ଏବଂ ଡ.ଭେଙ୍କଟେଶ୍ୱର ମେହେର ସଂଯୋଜନା କରିଥିବା ବେଳେ ସମ୍ପାଦିକା ସାଶ୍ୱତୀ ଜେନା, ଡ.ସସ୍ମିତା ମେହେର ଓ ଗୁ ଶକ୍ତିନନ୍ଦା ପରିଚାଳନା କରିଥିଲେ। ଏଥିସହ ଶ୍ରୀକାନ୍ତ ସାହୁ, ହୁରେନ୍ଦ୍ର ପରିଡା, ଦୀପ୍ତିଶ୍ରୀ ଦାଶ ଏବଂ ଡ.ହିସି ସୋରେନ ପ୍ରମୁଖ ସଦସ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସହିଦ ଯବାନ ସେବା ସଂଘ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

ବରଗଡ଼,୧୬।୨(ସମିସ): ବରଗଡ଼ ବ୍ଲକ୍ ଅଧୀନ ଚକରକେନ୍ଦ ଗାଁର ସହିଦ ଯବାନ ସେବାସଂଘ ତରଫରୁ ପୁଲୱାମା ଆତଙ୍କବାଦ ଆକ୍ରମଣରେ ସହିଦ ହୋଇଥିବା ୪୦ ବୀର ଯବାନଙ୍କ ଉଦ୍ଦେଶ୍ୟରେ ଏବର୍ଷ ମଧ୍ୟ ଚକରକେନ୍ଦ ଛକରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଛି। ସେବାସଂଘର ସଙ୍କର୍ଷଣ ପଧାନ ଓ ସୁଶାନ୍ତ ମେହେରଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। କୋଶଳ ସେନାର ସମ୍ପାଦକ ବୀରବଲ ମହାକୁର ଏବଂ ସଙ୍କର୍ଷଣ ପଧାନ ସଭା ପରିଚାଳନା କରିଥିଲେ। ଚକରକେନ୍ଦ ଗାଁର ସମାଜସେବୀ ତଥା ବୁଦ୍ଧିଜୀବୀ ସରୋଜ ଭୋଇ ଉପସ୍ଥିତ ଥିଲେ। ଜିଲ୍ଲାର ତଥା ଜିଲ୍ଲା ବାହାରୁ ବହୁ ସଂଖ୍ୟାରେ ଅବସରପ୍ରାପ୍ତ ଆର୍ମି ଯବାନଙ୍କ ସହ ବିଏସଏଫ, ସିଆରପିଏଫ, ସିଆଇଏସଏଫ ଯବାନ ଯୋଗ ଦେଇଥିଲେ। ସେମାନଙ୍କ ମଧ୍ୟରେ ଅନନ୍ତ ପଧାନ, ସନବସ ପଧାନ, ସଞ୍ଜୀବ ଖମାରୀ, ନରେନ୍ଦ୍ର ସାର୍, ଗୁପ୍ତା ସାର୍, ନବୀନ ପଧାନ, ଅମରେଶ ବାରିକ, ପବିତ୍ର ଭୋଇ, ଦିଲ୍ଲିପ ସାହୁ ପ୍ରମୁଖ ଯବାନ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ସୈନିକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନେ ତାଙ୍କର ଜୀବନରେ ଘଟିଥିବା



ବୀରତ୍ୱ ଗାଥା କହି ଛାତ୍ରଛାତ୍ରୀଙ୍କୁ ପ୍ରେରଣାର ବାର୍ତ୍ତା ଦେବା ସହ ପୁଲୱାମା ଆକ୍ରମଣରେ ସହିଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଜିଲ୍ଲାର ଅନେକ ସମାଜସେବୀ ସଂଗଠନ ଓ ସମାଜସେବୀ ମାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଜ୍ଞାସାସ୍ଥଳୀର ସଦସ୍ୟ ତଥା ଶିଳ୍ପପତି ଗୋପାଳ ଅଗ୍ରୱାଲ, ପଶ୍ଚିମ ଓଡ଼ିଶା ସମ୍ବିଧାନ ସୁରକ୍ଷା ମଞ୍ଚର ସଭାପତି ପବିତ୍ର ଦେହେରୀ, ଜିଲ୍ଲା ସମାଜସେବୀ ସଂଘର ବଳିଷ୍ଠ ଦୁର୍ଗା, କୋଶଳ ଡିଫେନ୍ସ ଏକାଡେମୀର ପ୍ରତିଷ୍ଠାତା ମାମି ମିଶ୍ର, ବଗେଇବିରା ଇଣ୍ଡିୟାନ ମିଲିଟାରୀ ଏକାଡେମୀର ପ୍ରତିଷ୍ଠାତା ତଥା ସମାଜସେବୀ ପୁରନ୍ଦର ଭୋସାଗର, ସମାଜସେବୀ ସଙ୍ଘମିତ୍ରା ପଟେଲ, ଆଚିଭର ହେଲ୍ପିଙ୍ଗ୍ ଫାଉଣ୍ଡେସନର ସମ୍ପାଦକ ଭଗବାନ ପଧାନ ସମେତ ଅନେକ ସମାଜସେବୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ସଭାରେ ସନ୍ଥ କବି ଭୀମ ଭୋଇ ମହାବିଦ୍ୟାଳୟ ଓ ନବଜ୍ୟୋତି ଯୁକ୍ତ ଦୁଇ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀଙ୍କ ସହ ବହୁସଂଖ୍ୟାରେ ଅଞ୍ଚଳବାସୀ ଯୋଗ ଦେଇଥିଲେ। ସହିଦ୍ ଯବାନ ସେବାସଂଘର ସୁନିଲ, ଦେବାଶିଷ, ମନୁ, ଅରୁଣ, ଅପୁନ୍, ଭୀମ, ଆକାଶ, ଇଯାଜ, ପ୍ରତାପ, ସମେତ ସଂଘର ସମସ୍ତ ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା।

## ରେନବୋ ୱାରିୟର୍ କ୍ଲବ୍‌ର ବାର୍ଷିକୋତ୍ସବ

ରିଆମାଳ,୧୬।୨(ସମିସ): ରିଆମାଳ ରେନବୋ ୱାରିୟର କ୍ଲବ୍‌ର ବାର୍ଷିକ ଉତ୍ସବ ସୋମବାର ସ୍ଥାନୀୟ ଦୂର୍ଗାପୂଜା ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। କ୍ଲବ୍ ସଭାପତି ତପନ ବିଶ୍ୱାଳ, ସମ୍ପାଦକ ମୌସମ ମାଝୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ବିଜୟଲକ୍ଷ୍ମୀ ନାୟକ, ଥାନା ଅଧିକାରୀ ବିନୟ କେରକେଟା ଉଭୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ରେଢ଼ାଖୋଲ ଭୀମଭୋଇ ଟ୍ରଷ୍ଟର ସଭାପତି ବିଜୟ ମାହାନ୍ତ, ଅଧ୍ୟାପକ ଗୋଲବଦନ ବିଶ୍ୱାଳ, ଶିକ୍ଷାବିତ୍ ଯୋଗେଶ୍ୱର ବିଶ୍ୱାଳ, ଆଇନଜୀବୀ ଅନ୍ତର୍ଯ୍ୟାମୀ ପ୍ରଧାନ, ସମାଜସେବୀ ବିରେନ୍ ପ୍ରଧାନ, ହରିଶ୍ଚନ୍ଦ୍ର ବିଶ୍ୱାଳ, ପବିତ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ୧୨୦ରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଛତା, ଜୋତା ବଣ୍ଟନ କରାଯାଇଥିଲା। କ୍ଲବ୍‌ର ରାମଚନ୍ଦ୍ର ନାୟକ, କୃଷ୍ଣଚନ୍ଦ୍ର ମାଝୀ, ହେମନ୍ତ ପ୍ରଧାନ, ଶକ୍ତି ପ୍ରଧାନ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ବୁକୁରାମୁଣ୍ଡା ସିଏଚ୍‌ସିରେ ନିଆରା ରୋଗୀସେବା

ପାଇକମାଲ,୧୬।୨(ସମିସ): ପାଇକମାଲ ବ୍ଲକ୍ ବୁକୁରାମୁଣ୍ଡା ସିଏଚସିରେ ନିଆରା ରୋଗୀସେବା ଦେଖିବାକୁ ମିଳିଛି। ବିଭିନ୍ନ ଗାଁରୁ ଶହ ଶହ ରୋଗୀ ଚିକିତ୍ସା ପାଇଁ ପ୍ରତ୍ୟେକ ଦିନ ଏହି ଡାକ୍ତରଖାନାକୁ ଆସିଥାନ୍ତି। ଏକ ଅନୁନ୍ନତ



ଅଞ୍ଚଳ ହୋଇଥିବାରୁ ସେମାନଙ୍କ ମଧ୍ୟରେ ଅନେକ ଅସହାୟ, ଦରିଦ୍ର ରୋଗୀ ମଧ୍ୟ ରହିଥାନ୍ତି। ଏହାକୁ ଦୃଷ୍ଟିରେ ରଖି ଅଞ୍ଚଳର ସରୋଜ ବାରିକ, ଗତିକୃଷ୍ଣ ଭୋଇ, ସୁରେଶ ଚନ୍ଦ୍ର ପ୍ରଧାନ, ପରମାନନ୍ଦ ପ୍ରଧାନ, ବିନୋଜ ସେଠ, ଦୟାସାଗର ସାହୁ ରୋଗୀମାନଙ୍କୁ ଜଳଖିଆ ଦେଇ ସହାୟତାର ହାତ ବଢ଼ାଇଛନ୍ତି। ରୋଗୀଙ୍କୁ ମାଗଣାରେ ଦେବା ପାଇଁ ସୂଚନା ଦେଇଛନ୍ତି। ଏଥିରେ ରୋଗୀ ତଥା ସେମାନଙ୍କ ସମ୍ପର୍କୀୟ ଖୁସି ବ୍ୟକ୍ତ କରିଛନ୍ତି।

## ଶିଶୁଙ୍କୁ ସ୍କୁଲ ବ୍ୟାଗ୍ ବଣ୍ଟନ

ପାଇକମାଲ,୧୬।୨(ସମିସ): ପାଇକମାଲ ବ୍ଲକ୍ ମହୁଲପାଲି ଗାଁରେ ବନବାସୀ କଲ୍ୟାଣ ଆଶ୍ରମରେ ଏକ ଶିକ୍ଷାକେନ୍ଦ୍ର ଚାଲିଛି। ଛୋଟ ଛୋଟ ଜନଜାତି ଛାତ୍ରଛାତ୍ରୀଙ୍କୁ ସ୍କୁଲ ସାରିବା



ପରେ ପ୍ରତ୍ୟେକ ଦିନ କିଛି ନୀତିଶିକ୍ଷା ଦିଆଯାଇଥାଏ। ତେବେ ସେମାନଙ୍କୁ ଉତ୍ସାହିତ କରିବା ପାଇଁ ଆଜି ସ୍କୁଲବ୍ୟାଗ୍, ଖାତା, କଲମ ଆଦି ବଣ୍ଟନ କରାହୋଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଟେମରୀ ପଞ୍ଚାୟତର ସରପଞ୍ଚ ଦିଲ୍ଲିପ ବେହେରା ଯୋଗଦେଇ ଥିଲେ। ଜିଲ୍ଲା ମହିଳା ପ୍ରମୁଖ ଅମ୍ବିକା ଭୋଇ, ସଦସ୍ୟା ଟିକେଶ୍ୱରୀ ଦେବତା, ଗାଁର ଭଦ୍ର ବ୍ୟକ୍ତି ରମେଶ ବରିହା, ଶିକ୍ଷାକେନ୍ଦ୍ରର ଆଚାର୍ଯ୍ୟା ସସ୍ମିତା ସାହୁ ଓ ପଦ୍ମିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଅଞ୍ଚଳ କଲେଜ ୧୯୮୨ ସ୍ନାତକ ବ୍ୟାଚ୍‌ର ବନ୍ଧୁମିଳନ

ପଦ୍ମପୁର,୧୬।୨(ସମିସ): ସ୍ଥାନୀୟ ଅଞ୍ଚଳ କଲେଜର ୧୯୮୨ ମସିହାର ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ନିକଟସ୍ଥ ଶୈବପୀଠ ଦେବଦର୍ହାରେ ହୋଇଯାଇଛି। ପୁରାତନ ଛାତ୍ରଛାତ୍ରୀ ସପରିବାର ଏହି ଉତ୍ସବରେ ଯୋଗ ଦେଇଥିଲେ। ଦିବଙ୍ଗତ



ପୁରାତନ ଛାତ୍ର କୃପାନିଧି ପଣ୍ଡା, ଅନନ୍ତ ବେହେରା ଓ ସରୋଜ ଅଗ୍ରୱାଲଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କଲେଜ୍ ଜୀବନର ଅନେକ ଅଭୁଲା ଘଟଣାର ସ୍ମୃତିଚାରଣ କରିଥିଲେ। ପ୍ରତିବର୍ଷ ଜାନୁଆରୀ ଦ୍ୱିତୀୟ ସପ୍ତାହରେ ବନ୍ଧୁମିଳନ ଉତ୍ସବର ଆୟୋଜନ ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ସମସ୍ତେ ଏକତ୍ର ପଙ୍କ୍ତି ଭୋଜନ କରିଥିଲେ। ସମଗ୍ର କାର୍ଯ୍ୟକ୍ରମର ପରିଚାଳନାରେ ରବିରଞ୍ଜନ ପ୍ରଧାନ, ଅଶୋକ ବହିଦାର, ପ୍ରଦୀପ ଦୋରା, ଜଳଧର ପ୍ରଧାନ ଓ ଗୋଲକ ପ୍ରଧାନ ସହଯୋଗ କରିଥିଲେ।

# ବିଭିନ୍ନ ସ୍ଥାନରେ ଜାଗର ଯାତ୍ରା





### ସିଆଲରମା ଗାଁରେ ମହାଶିବରାତ୍ରି ଜାଗର ଯାତ୍ରା

ଝାରସୁଗୁଡ଼ା,୧୬।୨(ସମିସ): ଝାରସୁଗୁଡ଼ା ଜିଲ୍ଲା କିର୍ମିରା ବ୍ଲକ୍ ବନ୍ଧପାଲି ପଞ୍ଚାୟତ ସିଆଲରମା ଗାଁରେ ମହାଶିବରାତ୍ରି ଜାଗର ଯାତ୍ରା ମହାଆଡମ୍ବରରେ ପାଳିତ ହୋଇଯାଇଛି। ସକାଳୁ ମହାଶିବରାତ୍ରିର ନୀତିକାନ୍ତି ଶେଷ ହେବାପରେ ମହୋତ୍ସବର ପ୍ରଥମରୁ ଅଷ୍ଟମ ଶ୍ରେଣୀର କୁନି ପିଲା ମାନଙ୍କ ପାଇଁ ଗୀତ, ବକ୍ତୃତା ଓ ଜଣା ଅଜଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦ୍ୱିପ୍ରହରେ ମହାପ୍ରଭୁ ଦାରୁବ୍ରହ୍ମ ଦେବ ନନ୍ଦ ଘର ପ୍ରବେଶ ଓ ୪ଟାରୁ ସମ୍ବଲପୁରର ଦୁଲଦୁଲି ବାଦ୍ୟର ତାଳେତାଳେ ଗାଁ ପରିକ୍ରମା କରି ରାତ୍ରି ୯ରେ ଗୃହ ପ୍ରବେଶ କରିଥିଲେ। ସନ୍ଧ୍ୟା ୬ଟାରୁ ନିମନ୍ତ୍ରିତ ଅତିଥି ମାନଙ୍କୁ ସମ୍ବର୍ଦ୍ଧିତ କରାହୋଇଥିଲା। କାର୍ଯ୍ୟକ୍ରମରେ ଗାଁର ଓ ଅଞ୍ଚଳର ୨୭ ଜଣ କଳାକାର, ବାଦ୍ୟ ଓ ନୃତ୍ୟ ଗୁରୁ, ନାରୀନେତ୍ରୀ, ସମାଜସେବୀ ଏବଂ ପ୍ରଶାସନିକ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ଉତ୍ତରୀୟ ଓ ମାନପତ୍ର ସହ ଟ୍ରଫି ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ତଥା ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ସୁଶୀଲ ବାଗ, ଅବସରପ୍ରାପ୍ତ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ପ୍ରଧାନଶିକ୍ଷକ ଗିରିଧାରୀ ପଟେଲ, ପ୍ରଧାନଶିକ୍ଷକ ସୁରେନ୍ଦ୍ର ପଟେଲ, ଲକ୍ଷ୍ମଣକୁମୁରା, ଅମୀୟ ପରେଖ, ସ୍ଥାନୀୟ ବନ୍ଧପାଲି ସରପଞ୍ଚ ତପି ମରେଇ, ଆଞ୍ଚଳିକ ଲୋକ ନାୟକ ଓ ଚାଷୀନେତା ଜଗନ୍ନାଥ ଜେନା ପ୍ରମୁଖ ଯୋଗ ଦେଇ କୃତୀ ଛାତ୍ରଛାତ୍ରୀ ଏବଂ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରିଥିଲେ। ଅନୁଷ୍ଠାନ ତରଫରୁ ପ୍ରଶାସନିକ ସ୍ତରରେ ଲଇକେରା ଭାରପ୍ରାପ୍ତ ଥାନାଧିକାରୀ କୃଷ୍ଣଚନ୍ଦ୍ର ମେହେରଙ୍କୁ ନିଶା ନିବାରଣ ସହ ଜନହିତ କାର୍ଯ୍ୟ ପାଇଁ ତଥା ପଶ୍ଚିମ ଓଡ଼ିଶା ଆଦିବାସୀ ମହାସଂଘ ଜିଲ୍ଲା ସଭାପତି ପଦ୍ମଲୋଚନ ବୁଦୁଲାଙ୍କୁ 'ଆଦିବାସୀ ସ୍ୱର ବିପ୍ଳବ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ସମସ୍ତ କାର୍ଯ୍ୟରେ ଅନୁଷ୍ଠାନର ସମ୍ପାଦକ ଶାସ୍ତ୍ରୀ ଭରତଚନ୍ଦ୍ର ଭୋଇ ଓ ମୁଖ୍ୟ ପୂଜକ ଲୋକେନ୍ଦ୍ର ନାଗ ସହଯୋଗ କରିଥିଲେ। ଚତୁର୍ଥ ପର୍ଯ୍ୟାୟରେ ରେକର୍ଡ ଡାନ୍ସ ପ୍ରତିଯୋଗିତାରେ ଝାରସୁଗୁଡ଼ାର ରାଇଜ ଅପ୍ ଓ ବ୍ରଜରାଜନଗରର ଡାନ୍ସ ଏକାଡେମୀ ତରଫରୁ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନ କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ବରଗଡ଼ ଜିଲ୍ଲାର 'କରମସାନୀ ଲୀଳା'ରେ ଦର୍ଶକ ଝୁମି ଉଠିଥିଲେ।

### ଲିଙ୍ଗେଶ୍ୱର ମହାଦେବ ମନ୍ଦିର

ଝାରସୁଗୁଡ଼ା: ଜିଲ୍ଲା ସଦର ବ୍ଲକ୍ ଲୋଇସିଂହ ପଞ୍ଚାୟତ ଅଧୀନ ଠରକଶପୁର ସ୍ଥିତ ଶ୍ରୀଶ୍ରୀ ଲିଙ୍ଗେଶ୍ୱର ମହାଦେବ ମନ୍ଦିରରେ ମହାଶିବରାତ୍ରି ଧୁମଧାମରେ ପାଳିତ ହୋଇଯାଇଛି। ରବିବାର ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଭକ୍ତ ମାନେ ଲମ୍ବାଧାଡିରେ ଛିଡା ହୋଇ ମହାଦେବଙ୍କ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ପୂର୍ବତନ ବ୍ରଜରାଜନଗର ବିଧାୟକ ଅନୁପ ସାଏ ଏବଂ ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ମନ୍ଦିରର ପୂଜାରେ ଯୋଗ ଦେଇ ପୂଜାର୍ଚ୍ଚନା କରିଥିଲେ। ମନ୍ଦିର କମିଟି ପକ୍ଷରୁ ଆୟୋଜିତ ଜାଗର ମେଳାରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ଅଭିନ୍ନ ସୁନ୍ଦର, ପୂଜା ପଟ୍ଟନାୟକ, ପ୍ରିୟଙ୍କା ସ୍ୱାଇଁ, ଅନ୍ତର୍ଯ୍ୟାମୀ ତଥା ଅନନ୍ତ ନନା ପ୍ରମୁଖଙ୍କ ଦ୍ୱାରା ସମାରୋହରେ ଭଜନ ପରିବେଷଣ କରାଯାଇଥିଲା। ରାତ୍ରି ୧୧ରେ ମହାଦୀପ ଉଠିଥିଲା। କମିଟି ପକ୍ଷରୁ ସମସ୍ତ ଭକ୍ତଙ୍କୁ ଅନ୍ନ ପ୍ରସାଦ ବଣ୍ଟନ କରାଯାଇଥିଲା। ହଜାର ହଜାର ଉଜାଗର ରହି ଜାଗର ଜାଳିଥିଲେ। ସୋମବାର ସକାଳୁ ଲିଙ୍ଗେଶ୍ୱର ମହାଦେବଙ୍କୁ ଶ୍ରଦ୍ଧାଳୁ ଜଳଲାଗି କରିଥିଲେ। ଲିଙ୍ଗେଶ୍ୱର ମହାଦେବ ମନ୍ଦିର ଅଞ୍ଚଳର ଏକ ପ୍ରସିଦ୍ଧ ମନ୍ଦିର। ଏହି ମନ୍ଦିର ବିଶେଷତ୍ୱ ହେଲା ଯେ ମନ୍ଦିରରୁ ଜଳ ବାହାରକୁ ଯିବା ପାଇଁ କୌଣସି ବାଟ ନଥିବା ସତ୍ତ୍ୱେ ହଜାର ହଜାର ଭକ୍ତ ଜଳଲାଗି କଲେ ସୁଦ୍ଧା ଜଳ କେବେ ପୂର୍ଣ୍ଣ ହୋଇ ନଥାଏ।

### ଶିବରାତ୍ରି ଉପଲକ୍ଷେ ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ରିଆମାଳ: ରିଆମାଳ ବ୍ଲକ୍ ନାଉଲିପଡା ଶିବ ମନ୍ଦିରରେ ମହାଶିବରାତ୍ରି ଉପଲକ୍ଷେ ୨ ଦିନ ଧରି ହୋଇଥିବା ରାଜ୍ୟସ୍ତରୀୟ ନୃତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତା ପାଇଁ ୪୦ ଜଣ ପ୍ରତିଯୋଗୀ ଅଡିସନରେ ଭାଗ ନେଇଥିଲେ। ସେଥିମଧ୍ୟରୁ ୨୦ ଜଣ ଫାଇନାଲ ପର୍ଯ୍ୟାୟରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ସମସ୍ତଙ୍କ ମଧ୍ୟରେ ଦେବଗଡ଼ର ଅଙ୍କୁର ସ୍ୱାଇଁ ପ୍ରଥମ ସ୍ଥାନ, ଭିତରପଦର ମନୋଜ ବେହେରା ଦ୍ୱିତୀୟ, ବରଗଡ଼ର କୃତିଚାର୍ଯ୍ୟ ବାରିକ ତୃତୀୟ, ରିଆମାଳର ସୁଶାନ୍ତ ଚତୁର୍ଥ ଓ ଟିଙ୍କବୀରର ଅର୍ପିତା କାରିଗର ପଞ୍ଚମ ସ୍ଥାନ ଅଧିକାର କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପରିବେଶବିତ୍ ଲୋକନାଥ ପ୍ରଧାନ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଚାରକ ଭାବେ ନାକଟିଦେଉଳ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଜୟ ପାତ୍ର, ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ମିଳନ ପ୍ରଧାନ ଓ ଶିକ୍ଷକ ଚନ୍ଦ୍ରଭାନୁ ଜ୍ୟୋତିଷ କାର୍ଯ୍ୟ ତୁଲାଇଥିଲେ। ପ୍ରହ୍ଲାଦ ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ନୃତ୍ୟ ପ୍ରତିଯୋଗିତାର ସାଂସ୍କୃତିକ ସଭାପତି ପ୍ରଶାନ୍ତ ପ୍ରଧାନ, ସମ୍ପାଦକ ଦେବେନ୍ଦ୍ର ସାହୁ, ଅଲେଖ ମହାପାତ୍ର, ସାଜନ ପ୍ରଧାନ, ମୁନୁ ମୋବାଇଲ୍, ଚିକୁନ ପ୍ରଧାନ ସମେତ ସମସ୍ତ ସଭ୍ୟ ସହଯୋଗ କରିଥିଲେ। ଏହାପରେ ଫ୍ରି ସୋ ଅପେରା ସହିତ ଡିଜେ ଲାଇଟ୍ ସାଉଣ୍ଡ, ଆତସବାଜି, ମୀନାବଜାର ଓ ଅନ୍ନ ପ୍ରସାଦ ବ୍ୟବସ୍ଥାକୁ ଲୋକାମନେ ଉପଭୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ସହିତ ଜାଗର ଯାତ୍ରା ସମାପନ ହୋଇଥିବାରୁ ରିଆମାଳ ପୁଲିସକୁ ନାଉଲିପଡା ଶିବ ମନ୍ଦିର କମିଟି ତରଫରୁ ସଭାପତି ଗୋକୁଳ ପ୍ରଧାନ ଓ ସମ୍ପାଦକ କୌଶିକ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

## ଇଂରାଜୀ ବିଭାଗର ଜାତୀୟ ସମ୍ମାନ ଉଦ୍‌ଘାଟିତ

**ଭବାନୀପାଟଣା, ୧୬ ।୨ (ସମିସ):** 'ନେସନ, ନେସନାଲିଟି ଆଣ୍ଡ ନେସନାଲିଜମ୍ ଇନ୍ ଏ ଗ୍ଲୋବାଲାଇଜ ୱାର୍ଲଡ: ସିଟିଜେନସିପ୍ ଆଣ୍ଡ ନ୍ୟାସନାଲ ଆଇଡିଏନଟିଟି ଇନ୍ ଲିଟରେଚର, ପପୁଲାର କଲଚର ଆଣ୍ଡ ମିଡିଆ' ଶୀର୍ଷକରେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଦ୍ୱି ଦିବସୀୟ ଜାତୀୟ ସମ୍ମାନ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମାନରେ ଜାତି, ଜାତୀୟତା ଓ ଜାତୀୟତାବାଦର ରୂପରେଖ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସାହିତ୍ୟ, ଲୋକପ୍ରିୟ ସଂସ୍କୃତି ଓ ଗଣମାଧ୍ୟମକୁ ଏହା କିଭଳି ପ୍ରଭାବିତ କରିଛି, ତାହା ଉପରେ ସାରଗର୍ଭକ ଆଲୋଚନା ହୋଇଥିଲା । ସାହିତ୍ୟରେ ପ୍ରବାସୀ ଜନଜୀବନ କିଭଳି ପ୍ରତିଫଳିତ ହୋଇଛି, ତାହାର ସମୀକ୍ଷା କରାଯାଇଥିଲା । ଉଦ୍‌ଘାଟନୀ ଉତ୍ସବରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥ ଉଦଘାଟକ ଭାବେ ଉପସ୍ଥିତ ହୋଇ ଅଭିଭାଷଣ ପ୍ରଦାନ କରିଥିଲେ । ଉଦ୍‌ଘାଟନୀ ଉତ୍ସବରେ ହାଇଦ୍ରାବାଦ ବିଶ୍ୱବିଦ୍ୟାଳୟର ସେଣ୍ଟର ଫର ଷ୍ଟଡି ଅଫ୍ ଇଣ୍ଡିଆନ ଡାଏସପୋରା ବିଭାଗର ମୁଖ୍ୟ ପ୍ରଫେସର ଅଜୟ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ, ଜାମିଆ ମିଲିଆ ଇସଲାମିଆ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗର ପ୍ରଫେସର ସିମି ମାଲହୋତ୍ରା ମୁଖ୍ୟବକ୍ତା ଭାବେ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ ସଦସ୍ୟ ଡକ୍ଟର ଭବାନୀଶଙ୍କର ନେଗୀ ସମ୍ମାନିତ ଅତିଥିଭାବେ ଯୋଗଦାନ କରିଥିଲେ । କୁଳସଚିବ ଡକ୍ଟର ଗୁଣନିଧି ନାଏକ ଉପସ୍ଥିତ ହୋଇ ସମ୍ମାନର ଭୂୟସୀ ପ୍ରଶଂସା କରିଥିଲେ । ଉପକୁଳସଚିବ ତଥା ଇଂରାଜୀ ବିଭାଗର ମୁଖ୍ୟ ମେଜର ଡକ୍ଟର ଜୟଦେବ ସାହୁ ସ୍ୱାଗତ ଅଭିଭାଷଣ ସହିତ ସମ୍ମାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପସ୍ଥାପନ କରିଥିଲେ ।ଇଂରାଜୀ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଝରଣାରାଣୀ ଧଙ୍ଗଡ଼ାମାଝୀ ମଞ୍ଚ ପରିଚାଳନା କରିଥିବାବେଳେ ସହକାରୀ ପ୍ରଫେସର ସଞ୍ଜିବ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଥମ ଦିନ ବୈଷୟିକ ଅଧିବେଶନରେ ଡକ୍ଟର ସାଜିଆ ଖାନ୍, ଡକ୍ଟର ଲହରୀ ବେହେରା, ଡକ୍ଟର ଦେବବ୍ରତ ଦାସ, ଡକ୍ଟର ଶିରୀଷ ତେଲୁଗୁ, ପ୍ରଫେସର ରଞ୍ଜିତ କୁମାର ପତି ଓ ପ୍ରଫେସର ବିପନ ପାଲ ସିଂ ପ୍ରମୁଖ ବକ୍ତା ପ୍ରସଙ୍ଗଭିତ୍ତିକ ଆଲୋଚନା କରିଥିଲେ । ଇଂରାଜୀ ବିଭାଗର ସହକାରୀ ପ୍ରଫେସର ସୁବ୍ରତ କୁମାର ପ୍ରଧାନ, ଅମରେନ୍ଦ୍ର ମହାନ୍ତି, ଅନିତା ଆବାସ୍, ପୁଷ୍ପିତା ନାଏକ ତଥା ସମସ୍ତ ଗବେଷକ, ଗବେଷିକା ଓ ଛାତ୍ରଛାତ୍ରୀଙ୍କ ସହଯୋଗରେ ଉକ୍ତ ଜାତୀୟ ସମ୍ମାନ ସଫଳ ରୂପ ନେଇଥିଲା ।

## ଚାଷୀ ମନରୁ କପାବିକ୍ରି ପାଇଁ ତୁଟୁଛି ଭରସା

# ୮୭୨୩ଚାଷୀ ବିକିଛନ୍ତି ମାତ୍ର ୨ଲକ୍ଷ ୪୧ ହଜାର ୪୦୦ କୁଇଣ୍ଟାଲ

**ଭବାନୀପାଟଣା, ୧୬ ।୨(ସମିସ)**

ଚଳିତ ବର୍ଷ ଧାନ ସଂଗ୍ରହ ନୀତି ଚାଷୀଙ୍କୁ ଘାଇଲା କରିଛି । ପ୍ରଶାସନ ଧାନ କିଣାରେ ବ୍ୟସ୍ତ ରହିବାରୁ କଳାହାଣ୍ଡି କପା ବିକ୍ରି ପ୍ରତି ଯେମିତି ନଜର ଅନ୍ଦାଜ କରିଦେଇଥିବା ଅନୁମାନ କରାଯାଉଛି । କଳାହାଣ୍ଡି ଜିଲ୍ଲାରେ କପା ଚାଷୀମାନେ କପା ମଣ୍ଡିର ଅବ୍ୟବସ୍ଥା ଦେଖି କପା ମଣ୍ଡିକୁ ନଆଣି ସୁବିଧା ଦେଖି ବେପାରୀଙ୍କୁ ଏମଏସ୍‌ପି ଠାରୁ ଅଧିକ ଦରରେ ବିକ୍ରି କରିଥିବା ନଜିର ରହିଛି । ମନ୍ଥର ଗତିରେ କପା ଉଠାଣ ପ୍ରକ୍ରିୟା ଚାଷୀଙ୍କୁ ଅଡୁଆରେ ପକାଇଛି । ଜିଲ୍ଲାରେ ୧୦ଲକ୍ଷରୁ କୁଇଣ୍ଟାଲ ଟାର୍ଗେଟ ଥିବାବେଳେ ଏପର୍ଯ୍ୟନ୍ତ ୮୭୨୩ ଜଣ ଚାଷୀଙ୍କଠାରୁ ୨ଲକ୍ଷ ୪୧ ହଜାର୪୦୦ କୁଇଣ୍ଟାଲ କପା କିଣା ଯାଇଛି । ଅବଶିଷ୍ଟ ପ୍ରାୟ ୮ ଲକ୍ଷ କୁଇଣ୍ଟାଲ କପା ମଣ୍ଡିରେ ରଖି ଚିନ୍ତାରେ ପଡ଼ିଛନ୍ତି ଚାଷୀକୁଳ । ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲାରେ ଚଳିତବର୍ଷ କେବଳ କର୍ଲାପଡ଼ା ଓ କେସିଙ୍ଗାରେ ମାତ୍ର ୨ଟି କପା ମଣ୍ଡି ଖୋଲିଛି । କର୍ଲାପଡ଼ା ମଣ୍ଡିରୁ ନେଚୁରାଲ ଅର୍ଗାନିକ ଫାର୍ମ ୫୬୮୮୧.୩୫ କୁଇଣ୍ଟାଲ କପା ୨୨୧୦ ଜଣ ଚାଷୀଙ୍କଠାରୁ କିଣିଛି । ସାବିତ୍ରୀ କଟନ ଇଣ୍ଡଷ୍ଟ୍ରିଜରୁ ୨୦୧୭ ଜଣ ଚାଷୀଙ୍କଠାରୁ ୬୨୦୫୯.୯୦ କୁଇଣ୍ଟାଲ, ଗୋପାଳ ଅର୍ଗାନିକ୍ସ ୧୬୧୦ ଜଣ ଚାଷୀଙ୍କଠାରୁ ୪୩୧୬୨.୩୦ କୁଇଣ୍ଟାଲ କପା କିଣା ଯାଇଛି । କର୍ଲାପଡ଼ା ମଣ୍ଡିରେ ସମୁଦାୟ ୫୮୩୭ ଜଣ ଚାଷୀଙ୍କଠାରୁ ୧୬୨୧୦୩.୫୫ କୁଇଣ୍ଟାଲ କପା କିଣା ଯାଇଥିବାବେଳେ ଏହାର ମୂଲ୍ୟ ୧୨୭ କୋଟି ୭୬ ଲକ୍ଷ ୬୨ ହଜାର ୩୫ ଟଙ୍କା ଅଟେ । ସେହିଭଳି କେସିଙ୍ଗା ମଣ୍ଡିରୁ ଦାରକ ପୁରୀ ଟେକ୍ସଟାଇଲ୍ସ ପ୍ରାଇଭେଟ ଲିମିଟେଡ ୧୨୦୬ ଜଣ ଚାଷୀଙ୍କଠାରୁ ୩୧୭୩୮.୬୮ କୁଇଣ୍ଟାଲ କପା କିଣାଯାଇଛି । ଭାଗ୍ୟଲକ୍ଷ୍ମୀ ଅର୍ଗାନିକ୍ସ ପ୍ରାଇଭେଟ ଲିମିଟେଡ ୧୦୦୯ ଜଣ ଚାଷୀଙ୍କଠାରୁ ୨୭୧୭୦.୩୬ କୁଇଣ୍ଟାଲ, ଦାଦାଗୁରୁ ଏଗ୍ରୋ ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ ୬୦୪ ଜଣ ଚାଷୀଙ୍କଠାରୁ ୧୮୫୯୮.୨୦ କୁଇଣ୍ଟାଲ,





### ୧୦ଲକ୍ଷରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଟାର୍ଗେଟ

### ୮ ଲକ୍ଷରୁ ଉର୍ଦ୍ଧ୍ୱ ପଡିରିହିଛି

ବନଶଲ ଅଗ୍ରୋଟେକ ୪୧ ଜଣ ଚାଷୀଙ୍କଠାରୁ ୧୦୫୧.୩୭ କୁଇଣ୍ଟାଲ କପା କିଣାଯାଇଛି । ସମୁଦାୟ ମଣ୍ଡିରେ ୨୮୫୮ ଜଣ ଚାଷୀଙ୍କଠାରୁ ୭୮୫୫୮କୁଇଣ୍ଟାଲ କପା କିଣାଯାଇଛି ଯାହାର ବଜାର ମୂଲ୍ୟ ୬୧ କୋଟି ୯୫ ଲକ୍ଷ ୬୭ ହଜାର ୬୪୦ ଟଙ୍କା ଅଟେ । ଗତବର୍ଷ ଜିଲ୍ଲାରେ ଜୁନାଗଡ଼ ବ୍ଲକର ତଳଜାରିଙ୍ଗ ଓ ଗୋଲାମୁଣ୍ଡା ବ୍ଲକର ଉଛଳାରେ କପା ମଣ୍ଡି ଖୋଲିଥିଲା । ଚଳିତବର୍ଷ ଏହି ୨ଟି ମଣ୍ଡି ବନ୍ଦ ହୋଇଥିବା ଯୋଗୁଁ ଗୋଲାମୁଣ୍ଡା ଓ ଜୁନାଗଡ଼ ବ୍ଲକର ଚାଷୀମାନେ କପା ବିକିବାରୁ ବଞ୍ଚିତ ହେଉଛନ୍ତି । ସେହିଭଳି ତୁର୍କେଲ ବ୍ରିଜ ଯୋଗୁଁ ବୋର୍ଡା ଓ ମିଲକି ଅଞ୍ଚଳର ଚାଷୀମାନେ କର୍ଲାପଡ଼ା ଓ କେସିଙ୍ଗା କପାମଣ୍ଡିକୁ ଆସିପାରୁ ନଥିବା ଯୋଗୁଁ କପା ବିକ୍ରି କରିପାରୁନାହାଁନ୍ତି । ତୁର୍କେଲ ବ୍ରିଜରେ ବିପଦ ସଙ୍କୁଳ ଥିବାଯୋଗୁଁ ଯାନବାହାନ ଚଳାଚଳ ଗତ ସେପ୍ଟେମ୍ବର ମାସରୁ ବନ୍ଦ କରି ଦିଆଯାଇଛି । କଳାହାଣ୍ଡି ଜିଲ୍ଲା ରାଜ୍ୟରେ କପା ଉତ୍ପାଦନରେ ପ୍ରଥମ ସ୍ଥାନ ଥିବାବେଳେ କମ ମଣ୍ଡି ଯୋଗୁଁ କପା ବିକ୍ରିରୁ ଚାଷୀମାନେ ବଞ୍ଚିତ ହେଉଛନ୍ତି । ରାଜ୍ୟ ସରକାର ତୁରନ୍ତ କଳାହାଣ୍ଡି ଜିଲ୍ଲାର ଉଛଳା ଓ ତଳଜାରିଙ୍ଗଠାରେ ମଣ୍ଡି ଖୋଲାଯିବାକୁ ଦାବୀ କରିଛନ୍ତି । ଏନେଇ ସିସିଆଇର ଅଧିକାରୀଙ୍କୁ ପଚାରିବାରୁ ୨ଟି ମଣ୍ଡିରୁ ଏପର୍ଯ୍ୟନ୍ତ ୨ଲକ୍ଷ ୪୦ ହଜାର ୬୬୨ କୁଇଣ୍ଟାଲ କପା କିଣା ହୋଇଛି ବୋଲି କହିଥିଲେ । ସିସିଆଇ ପୋର୍ଟାଲ ଏବେ ମଧ୍ୟ ଖୋଲା ଅଛି ଚାଷୀମାନେ ପଞ୍ଜିକରଣ କରି ବିକ୍ରି କରିପାରିବେ । କିନ୍ତୁ ଆସନ୍ତା ଫେବୃଆରୀ ୨୭ତାରିଖରେ ଜିଲ୍ଲାରେ ମଣ୍ଡି ବନ୍ଦ ହେବାକୁ ସ୍ଥିର କରାଯାଇଥିବାବେଳେ ଅଧିକାଂଶ ଚାଷୀ ମୁଣ୍ଡରେ ହାତଦେଇ ବସିଛନ୍ତି । ଅନ୍ୟପକ୍ଷରେ କେତେକ ଚାଷୀ ବାହାର ବେପାରୀଙ୍କୁ ୯୦୦୦ ଓ ୯୨୦୦ଟଙ୍କାରେ ମଧ୍ୟ କପା ବିକ୍ରି କରିଛନ୍ତି । ସରକାର କପାର ଏମ ଏସ ପି ମୂଲ୍ୟ ବୃଦ୍ଧି ନକଲେ ଚାଷୀ କ୍ଷତିଗ୍ରସ୍ତ ହେବା ନିଶ୍ଚିତ । ଅତୀତରେ ଅର୍ଥାତ ୨୦୨୨/୨୩ ରେ କପା ଚାଷୀ ବାହାର ବେପାରୀଙ୍କୁ କୁଇଣ୍ଟାଲ ୧୨ହଜାର ଟଙ୍କାରେ ବିକ୍ରି କରିଛନ୍ତି । ସରକାରଙ୍କ ଏମଏସ୍‌ପି ଦର୍ ୮୧୧୦ଟଙ୍କାକୁ ବୃଦ୍ଧି କରିବା ସହିତ କେସିଙ୍ଗା ସ୍ପିନିଂ ମିଲର ପୁନରୁଦ୍ଧାର ପ୍ରସଙ୍ଗକୁ ଗୁରୁତ୍ୱ ଦେବା ସମୟ ଆସିଛି ।

## ଉକ୍ଳେଲାରେ ବ୍ଲକ୍‌ସ୍ତରୀୟ ଅଭିଯୋଗ ଶୁଣାଣି



**କେସିଙ୍ଗା, ୧୬।୨(ସମିସ):** କେସିଙ୍ଗା ବ୍ଲକ ଉକ୍ଳେଲା ପଞ୍ଚାୟତ ପରିସରରେ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ କେସିଙ୍ଗା ଏବିଡିଓ ସିଦ୍ଧେଶ୍ୱର ମେହେର, ଜିପିଡିଓ ସମୀର ନାଏକ, ଯୋଗାଣ ଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁ, ବିଆର୍‌ସି ନମିତା ପ୍ରଧାନ, ବିଏସ୍‌ଏସ୍‌ଓ ରାକେଶ କୁମାର ବୁଡ଼ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କ ଅଭିଯୋଗ ଗ୍ରହଣ କରିଥିଲେ । ସର୍ବମୋଟ ୧୫ଟି ଆବେଦନ ମଧ୍ୟରୁ ୧୧ଟି କେବଳ ଭତ୍ତା ସମ୍ପର୍କିତ ଥିବାବେଳେ ଗୋଟିଏ ଆବାସ ଗୃହ ଓ ୩ଟି ଅନ୍ୟାନ୍ୟ ବିଷୟରେ ଥିଲା । ଅଧିକାରୀମାନେ ଏହି ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ପାଇଁ ପ୍ରତିଶ୍ରୁତି ଦେଇଛନ୍ତି । କାର୍ଯ୍ୟନିର୍ବାହୀ ମନୋଜ କୁମାର ଶବର, ଜଳନ୍ଧର ବେହେରା, ରୋହିତ ନାଏକ, ମଳୟ ମହାପାତ୍ର ଓ ସମସ୍ତ ୱାର୍ଡ ସଭ୍ୟସଭ୍ୟା ଉପସ୍ଥିତ ଥିଲେ ।



ବୌଦ୍ଧ ଜିଲ୍ଲାକୁ ଷ୍ଟଡି ଟୁରରେ ଆସିଥିବା ୩୮ ଜଣ ଏଏସଓମାନେ ନାରାୟଣନଗର ଲୋକକଳା ଗ୍ରାମ ପରିଦର୍ଶନ କରିବା ଅବସରରେ

## ବଜାରପଡ଼ାରେ ଦୃତ୍ୟ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ

**ଜୁନାଗଡ଼, ୧୬।୨ (ସମିସ):** ନୀଳକଣ୍ଠେଶ୍ୱର ପୋଡ଼ା ମହାଦେବଙ୍କ ପବିତ୍ର ମହାଶିବରାତ୍ରି ଉପଲକ୍ଷେ ଜୁନାଗଡ଼ ବଜାର ପଡ଼ାରେ ଦୃତ୍ୟ ଅଷ୍ଟପ୍ରହରୀ ଅଖଣ୍ଡ ନାମଯଜ୍ଞ ଅତ୍ୟନ୍ତ ଭକ୍ତିମୟ ଓ ଆଧ୍ୟାତିକ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ଭକ୍ତମାନଙ୍କ ଭାବବିଭୋର ନାମଗାନ ଓ ଶିବନାମ ସ୍ମରଣ ଦ୍ୱାରା ପରିବେଶ ଆନନ୍ଦମୟ ଓ ପବିତ୍ର ହୋଇପଡ଼ିଥିଲା । ନାମଯଜ୍ଞର କର୍ତ୍ତା ଭାବେ ପୁଷ୍ପମ କଟା ଓ ତାଙ୍କ ଧର୍ମପତ୍ନୀ ମନୋରମା କଟା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଅଞ୍ଚଳର ବହୁ ସଂଖ୍ୟକ ଭକ୍ତ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ସ୍ଥାନରୁ ଆସିଥିବା କୀର୍ତ୍ତନ ମଣ୍ଡଳୀମାନଙ୍କ ଦ୍ୱାରା ହୋଇଥିବା ହରିନାମ ସଂକୀର୍ତ୍ତନ ହୋଇଥିଲା । ଅଷ୍ଟପ୍ରହରୀ ନାମଯଜ୍ଞ କମିଟିର ସଭାପତି ସଚିନ୍ ଅନ୍ଧାନୀ, ଉପସଭାପତି ପ୍ରଶାନ୍ତ ନିଆଲ, ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁ, ଯୁଗ୍ମ ସମ୍ପାଦକ ରାଜନ କଟା, କୋଷାଧ୍ୟକ୍ଷ ସରୋଜ ବରାଲ ଓ ରାକେଶ ଅନ୍ଧାନୀଙ୍କ ସହିତ ଶ୍ରୀନୀଳକଣ୍ଠେଶ୍ୱରପୋଡ଼ା ମହାଦେବ ଅଷ୍ଟପ୍ରହରୀ ନାମଯଜ୍ଞ କମିଟିର ସମସ୍ତ ସଦସ୍ୟବୃନ୍ଦ ସହଯୋଗ କରିଥିଲେ ।

## ଜୁନାଗଡ଼ ବ୍ଲକ୍‌ସ୍ତରୀୟ ଜନଶୁଣାଣି ଶିବିର

**ଭବାନୀପାଟଣା, ୧୬ ।୨(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବକସ୍ତରୀୟ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଜନଶୁଣାଣି ଶିବିର ଜୁନାଗଡ଼ ବ୍ଲକ କାର୍ଯ୍ୟାଳୟସ୍ଥିତ ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ



କୁମାର ଦରୱାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଶିବିରରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ଆସିଥିବା ୩୪ଟି ଆପତ୍ତି ଅଭିଯୋଗର ପଞ୍ଜୀକରଣ କରାଯାଇଥିଲା ସେଥି ମଧ୍ୟରୁ ବ୍ୟକ୍ତିଗତ ୨୮ଟି ଓ ସାମୂହିକ ୫ଟି ରହିଥିବା ବେଳେ ୬ଟି ଆପତ୍ତି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା । ଶିବିରରେ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ, ପାନୀୟଜଳ, ଜମିବିବାଦ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ବେସାମରିକ ଯୋଗାଣ, ଜଳସେଚନ, ସମାଜ କଲ୍ୟାଣ, ଶିଶୁ ସୁରକ୍ଷା, ସାମାଜିକ ସୁରକ୍ଷା, ଗ୍ରାମ୍ୟ ଉନ୍ନୟନ, ବିଦ୍ୟୁତ୍, ପୋଲିସ କେଶ୍, ତହସିଲ, ବ୍ଲକ ଇତ୍ୟାଦି ବିଭାଗୀୟ ଅଧୀନରେ କାର୍ଯ୍ୟକାରୀ ହେବାକୁ ଥିବା ସମ୍ପର୍କିତ ଆପତ୍ତି ଅଭିଯୋଗର ଶୁଣାଣି କରି ତୁରନ୍ତ ସମାଧାନ କରିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଦରୱାନ ନିର୍ଦ୍ଦେଶ ଦେଇଥିଲେ ।। ଶିବିରରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢ଼ୀ, ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧର୍ମଗଡ଼ ଡ଼ୋଲାମଣୀ ଭୋଇ, ସ୍ଥାନୀୟ ବ୍ଲକ ଅଧକ୍ଷ୍ୟ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାରଙ୍କ ସମେତ ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଏବଂ ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

## ଦେବଗିରି ମଠରେ ଶିବରାତ୍ରୀ ଓ ମହାକାଳ ଯଜ୍ଞ

**ଭବାନୀପାଟଣା, ୧୬ ।୨(ସମିସ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦରସ୍ଥିତ ଐତିହାସିକ ଦେବଗିରି ମଠରେ ମହାଶିବରାତ୍ରି ଅବସରରେ ମହାକାଳ ଯଜ୍ଞ, ଶନି ଦେବଙ୍କ ବିଗ୍ରହ ପ୍ରାଣ ପ୍ରତିଷ୍ଠା ଓ ଅନନ୍ତକାଳ ଭୋଗ ଦାନ ଗ୍ରହଣର ଶୁଭାରମ୍ଭ ହୋଇଯାଇଛି । ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡ଼ାମାଝୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅନନ୍ତକାଳ ଭୋଗ ଦାନଗ୍ରହଣ କାର୍ଯ୍ୟକ୍ରମରେ ଅତିଥି ଭାବେ ନର୍ଲା ଜୋନ୍-୨ ଜିଲ୍ଲା ପରିଷଦ ସଦସ୍ୟ ହରିଶଙ୍କର ମାଝୀ, ନର୍ଲା ଥାନା ଭାରପ୍ରାପ୍ତ ଅଧିକାରୀଣୀ ଏସ୍ ପଧାନ, ଏସଏସଆଇ ଅବନୀ ରଞ୍ଜନ ଖୁରା, ନର୍ଲା ବ୍ଲକ ମହିଳା ବିଜେଡି ସଭାନେତ୍ରୀ ପ୍ରମିଳା ପଧାନ, ରାକ୍ସି ସରପଞ୍ଚ ଯେମନ୍ତ ପୋଢ, ସମିତିସଭ୍ୟ ଚୁମନ ଭୋଇ, ସମାଜସେବୀ ପ୍ରଦ୍ୟୁମ୍ନ ଭୋଇ ପ୍ରମୁଖ ଉପସ୍ଥିତ ରହି ଭକ୍ତମାନଙ୍କ ଠାରୁ ଦାନ ଗ୍ରହଣ କରି ଏହି ନୂତନ ସେବାର ଶୁଭାରମ୍ଭ କରିଥିଲେ । ମଞ୍ଚ ପରିଚାଳନା କରିଥିଲେ ଟ୍ରଷ୍ଟ ବୋର୍ଡର ବରିଷ୍ଠ ସଦସ୍ୟ ସଞ୍ଜୟ ଧଙ୍ଗଡ଼ାମାଝୀ । ଯଜ୍ଞ କର୍ତ୍ତା ଭାବେ ବିଜୟ ଧଙ୍ଗଡ଼ାମାଝୀ ଓ ତାଙ୍କ ଧର୍ମପତ୍ନୀ ଚନ୍ଦ୍ରମାଁ ଧଙ୍ଗଡ଼ାମାଝୀ ଥିବାବେଳେ ସନ୍ତୋଷ ପାଢ଼ୀ ପୂଜକ ଦାଇତ୍ୱ ନିର୍ବାହ କରିଥିଲେ । ସନ୍ଧ୍ୟାରେ ମହାଦୀପ ପ୍ରଜ୍ଜଳନ ସହ ଭକ୍ତମାନେ ଅଖଣ୍ଡ ଦୀପ ଜାଳି ଉଜାଗର ପାଳନ କରିଥିଲେ । ବିଜୟ ଧଙ୍ଗଡ଼ାମାଝୀ, ବିଷ୍ଣୁ ଗଉଡ, ଜୟଦ୍ରଥ ଜାଲ, ସେବାୟତ ତବିବର ଦାସ, ବିଭିଷଣ ଦାସ ମହାଦୀପ ନିତି ସମ୍ପାଦନ କରିଥିଲେ । ରାତି ୧୧.୪୫ ରେ ମହାଦୀପ ଉଠିଥିଲା । ସୋନପୁର ଝୁପୁଡିପଡ଼ାର ମାଁ ତୁଳସୀ ମହିଳା ଦଣ୍ଡନୃତ୍ୟ ରାତି ତମାମ ଦର୍ଶକଙ୍କ ମନୋରଞ୍ଜନ କରିଥିଲେ । ଦିନ ରାତି ମଠରେ ବୈଠକି କିର୍ତ୍ତନ ଲାଗି ରହିଥିଲା । ଭଗବତ ସ୍ୱାମୀ ଦେବଗିରି ମଠ ଟ୍ରଷ୍ଟ ବୋର୍ଡ ସଦସ୍ୟ ରଜନୀ ଗଉଡ, ପ୍ରଦୀପ ଧଙ୍ଗଡ଼ାମାଝୀ, ଦେବ ଗଉଡ, ଶତ୍ରୁଘନ ଧଙ୍ଗଡ଼ାମାଝୀ, ଭରତ ଧଙ୍ଗଡ଼ାମାଝୀ, ଲୋକନାଥ ଗଉଡ, ସୁରେନ୍ଦ୍ର ମାଝୀଙ୍କ ସମେତ ପୂର୍ବା ଗଉଡ, ଧନେ ହେର୍ଣ୍ଣା, ଅଶୋକ ଧଙ୍ଗଡ଼ାମାଝୀ, ଆଦି ଗଉଡ, ମଠର ଗୋପାଳ ସେବକ ଟିକେ ଗଉଡ ଓ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

## ଚଣ୍ଡିଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

**ବୌଦ୍ଧ, ୧୬ ।୨(ସମିସ):** ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଚଣ୍ଡିଗଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପରିଚାଳନା କମିଟି ସଭାପତି



ଚନ୍ଦ୍ରଶେଖର ଦେହୁରୀ, କମିଟି ସଦସ୍ୟ ପ୍ରଭଞ୍ଜନ ବେହେରା ଅତିଥି ଭାବେ ଯୋଗ ଦେଇ ଖେଳ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବରିଷ୍ଠ ଶିକ୍ଷକ ରାଜକୁମାର ପ୍ରଧାନ, ସୁଶୀଲ ଭୋଇ ଓ ଶିକ୍ଷୟିତ୍ରୀ ସୁପ୍ରିୟା ଡାଙ୍ଗଙ୍କ ସହିତ ପୁରାତନ ଛାତ୍ର, ସବ୍ୟସାଚୀ ମହାକୁଡ଼, ସନାତନ ବେହେରା, ପିୟୂଷ ଦନ୍ତା ଓ ରାହୁଲ ବେହେରା ପ୍ରମୁଖ ଖେଳ ପରିଚାଳନା କରିଥିଲେ । ବିଦ୍ୟାଳୟର ୮୦ ଜଣ ଛାତ୍ରଛତ୍ରୀ ଅଂଶ ଗ୍ରହଣ କରିଥିଲେ । ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସଂଘମିତ୍ରା ପରିଡ଼ା ଅଧକ୍ଷତା କରିଥିବା ବେଳେ ଶିକ୍ଷୟିତ୍ରୀ ସୁପ୍ରିୟା ଡାଙ୍ଗ ଫଳାଫଳ ଘୋଷଣା କରିଥିଲେ ।


## ମହାମୃତ୍ୟୁଞ୍ଜୟ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ

**ସିନାପାଲି, ୧୬ ।୨(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ହାତୀବନ୍ଧା ଭଗବତୀ ମହିଳା ଆଶ୍ରମ ସ୍ଥିତ ମହାମୃତ୍ୟୁଞ୍ଜୟ ମନ୍ଦିର ପ୍ରତିଷ୍ଠାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଅବସରରେ ଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା । ବ୍ୟାସ ମଞ୍ଚର ଅତିଥି ଭାବରେ ତପେଶ୍ୱର ମେହେର, କେଶବ ମେହେର, ମନୋଜ ଭୋଇ, କିଶୋର ଧୀବର, ଜନ୍ମେଜୟ ମେହେର, ସୁଧନ୍ୟ ଧୀବର, ସରୋଜ ସିଂହ ନିନା, ଚନ୍ଦ୍ର କୁମାର ଧୀବର ଯୋଗଦେଇ ଥିଲେ । ସେହିପରି ଯଜ୍ଞର କର୍ତ୍ତା ଭାବରେ ଉମେଶ ମେହେର ଓ ଲବିସ୍ମିତା ମେହେର, ବିଜୟ ମେହେର ଓ ରାକ୍ଷୀ ମେହେର, ଡମ୍ବରୁଧର ମେହେର ଓ ଜାହ୍ନବୀ ମେହେର, ମଣ୍ଟୁ ମେହେର ଓ ସସ୍ମିତା ମେହେର, ଦେବାଶିଷ ହଂସ ଓ ବନିତା ହଂସ ଦାୟିତ୍ୱ ନିର୍ବାହ କରିଥିଲେ । ପୂଜକ ଭାବରେ ଭବାନୀଶଙ୍କର କଟା, ତପନ କାଣ୍ଡ, ବୃନ୍ଦାବନ କାଣ୍ଡ ରହିଥିଲେ । କାଯ୍ୟର୍କ୍ରମ ଆୟୋଜନରେ ଲୋଚନ ମେହେର, ଲକ୍ଷ୍ମୀ ଧର ମେହେର, ଗୁଣନିଧି ବେହେରା, ଗୋକୁଲା ନନ୍ଦ ମେହେର, ସୁବାସ ଅଗ୍ରୱାଲ, ମୃତ୍ୟୁଞ୍ଜୟ ଅଗ୍ରୱାଲ, ଗରୁଡ଼ ଧ୍ୱଜ ବେହେରା, ସୁବାଷ ଚନ୍ଦ୍ର ମେହେର, ଜନ୍ମେଜୟ ମେହେର, ଶୋଭାଧର କଟା, ମନିରାମ ମେହେର, ଗିରିଧାରୀ ମେହେର, ରିଧି ଅଗ୍ରୱାଲ, ନିରୁପମା ବାରିକ, ଜିତୁ ନାଗ ପ୍ରମୁଖ ସହଯୋଗ କରିଥିଲେ ।

## ମରଣଯନ୍ତା ପାଲଟିଛି ସୂର୍ଯ୍ୟଗଡ଼ ପ୍ରଧାନମନ୍ତ୍ରୀ ସଡକ

**ଥୁଆମୂଳରାମପୁର, ୧୬ ।୨(ସମିସ)**

ଦିନ ଥିଲା ସୂର୍ଯ୍ୟଗଡ଼ ଗାଁ ଏକ ଦୁର୍ଗମ ନୁହଁ ଏକ ଅଭେଦ୍ୟ ଅଞ୍ଚଳ ଭାବେ ପରିଚିତ ଥିଲା । ବକ୍ସାଇଟ ଭରା ବଫଲା ମାଳି ଏବଂ ଘଞ୍ଚ ଜଙ୍ଗଲ ଦ୍ୱାରା ପରିବେଷ୍ଟିତ ଏହି ଗାଁରେ ସୂର୍ଯ୍ୟଲୋକ ବିଳମ୍ବରେ ପଡୁଥିବା ବେଳେ ସୂର୍ଯ୍ୟାସ୍ତ ମଧ୍ୟ ଶୀଘ୍ର ହୋଇଥାଏ । ହେଲେ ବଫଲାମାଳିରୁ ବକ୍ସାଇଟ ଖନନ ଦ୍ୱାରା ଏହି ଗାଁ ସମ୍ପୂର୍ଣ୍ଣ ପ୍ରଭାବିତ ଥିବା ବେଳେ ପ୍ରଭାବିତ ଅଞ୍ଚଳର ସାମଗ୍ରିକ ବିକାଶ ପାଇଁ ଉତ୍କଳ ଆଲୁମିନା କମ୍ପାନୀ ଓ ସରକାର ବଡବଡ ପ୍ରତିଶ୍ରୁତି ଦେଇଥିଲେ । ପ୍ରଶାସନ ଏହି ଇଲାକାକୁ ଗମନାଗମନ ପାଇଁ ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ୨୦୧୬ ମସିହାରେ ୩.୫୧ କିଲୋମିଟରର ରାସ୍ତା ନିର୍ମାଣ ପାଇଁ ୨୦୭୭୯୯୪୫.୭୨ ଆର୍ଥିକ ଅନୁଦାନର ଅଟକଳ ଖର୍ଚ୍ଚ ହୋଇଥିଲା । ହେଲେ ରାସ୍ତା ନିର୍ମାଣ ହୋଇ ୮ବର୍ଷରୁ ଉର୍ଦ୍ଧର ସମୟ ହୋଇଯାଇଛି । ହେଲେ ଇତିମଧ୍ୟରେ ଉକ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବା ବେଳେ ଏହାର ମରାମତି ପାଇଁ ବିଭାଗୀୟ



ବଫଲା ମାଳି ପ୍ରଭାବିତ ଅଞ୍ଚଳର ଦୟନୀୟ ଚିତ୍ର

ଅଧିକାରୀ ଆଖି ବୁଜିଦେଇଛନ୍ତି । କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ବ୍ଲକ ବଫଲାମାଳି ପ୍ରଭାବିତ ସୂର୍ଯ୍ୟଗଡ଼ ଅଞ୍ଚଳକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ସଡକ ଯୋଜନା ଅଧୀନରେ ନିର୍ମିତ ସଡକ ଏବେ ମରଣଯନ୍ତାର ଆକାର ନେଇଛି । ଉଚ୍ଚ ପାହାଡ ମଧ୍ୟରେ ନିର୍ମାଣ ହୋଇଥିବା ସଡକରେ ଦେଖାଦେଇଛି ଭୟଙ୍କର ବିପଦର ଆଶଙ୍କା । ନିମ୍ନମାନର କାର୍ଯ୍ୟ ଯୋଗୁଁ ରାସ୍ତାରୁ ଉଠିଯାଇଛି ନାମକୁ ମାତ୍ର ବିଛାଯାଇଥିବା ପିଚୁ ଏବେ ଖୋଲି ହୋଇ ଚିପ୍ସ୍ ଓ ମେଟାଲ୍ ବାହାରି ପଡ଼ିଛି । ଫଳରେ ଦିନକୁ ଦିନ ଦୁର୍ଘଟଣାର ଆଶଙ୍କା ବଢୁଛି ।ଏପରିକି ଯାନବାହନରେ ଯାଉଥିବା ବେଳେ ଛୋଟବଡ ଦୁର୍ଘଟଣାର ସମ୍ମୁଖୀନ ହେଉଥିବା ନଜିର ରହିଛି । ଏହି ରାସ୍ତା ଦେଇ ରାୟଗଡ଼ା ଜିଲ୍ଲା କାଶୀପୁର ଅଞ୍ଚଳର ଲୋକେ ରୀତିମତ ଯାତାୟତ କରିଥାନ୍ତି ।ସ୍ଥାନୀୟ ଲୋକଙ୍କ କହିବାନୁସାରେ, ଏହି ସଡକ ଦେଇ ପ୍ରତିଦିନ ଛାତ୍ରଛାତ୍ରୀ, ଆମ୍ବୁଲାନ୍ସ, ସାଧାରଣଯାତ୍ରୀ ଚଳାଚଳ କରୁଛନ୍ତି । ବର୍ଷା ହେଲେ ସଡକର ଅବସ୍ଥା ଆଉ ଦୟନୀୟ ହୋଇଯାଏ । ବାଇକ୍ ଓ ସାଇକଲ ଚାଳକମାନେ ବାରମ୍ବାର ପଡ଼ି ଆହତ ହେଉଥିବା ଅଭିଯୋଗ ମଧ୍ୟ ଆସୁଛି । ଅଭିଯୋଗ ରହିଛି ଯେ, ସଡକ ନିର୍ମାଣ ପରେ ନିୟମିତ ରକ୍ଷାବେକ୍ଷଣ ହୋଇନାହିଁ । ସମ୍ପର୍କିତ ବିଭାଗକୁ ବାରମ୍ବାର ଜଣାଇଲେ ମଧ୍ୟ ମରାମତି ପାଇଁ କୌଣସି ଠୋସ ପଦକ୍ଷେପ ନିଆଯାଇନାହିଁ ।ଫଳରେ ସରକାରୀ ଯୋଜନାର ଉଦ୍ଦେଶ୍ୟ ପୂରଣ ହେବା ପୂର୍ବରୁ ସଡକଟି ଜନସାଧାରଣଙ୍କ ପାଇଁ ବିପଦର କାରଣ ହେଉଛି । ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସଡକର ତତ୍କାଳ ମରାମତି, ଡ୍ରେନେଜ୍ ବ୍ୟବସ୍ଥା ଓ ଗୁଣମାନ ସୁନିଶ୍ଚିତ କରିବାକୁ ଲୋକେ ଦାବି କରୁଛନ୍ତି । ନଚେତ୍, ଯେକୌଣସି ସମୟରେ ଗମ୍ଭୀର ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି ।

## ଖଡିଆଳରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

**ନୂଆପଡ଼ା/ଖଡ଼ିଆଳ, ୧୬ ।୨(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ସଭାଗୃହରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ୬୭ଟି ଅଭିଯୋଗ ମଧ୍ୟରୁ ବ୍ୟକ୍ତିଗତ ୫୧ ଟି ଓ ସାମୁହିକ ୧୬ଟି ଅଭିଯୋଗର ଶୁଣାଣି କରାଯାଇଥିଲା । ସବୁ ଅଭିଯୋଗ



ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଜିଲ୍ଲାପାଳଙ୍କ ସହିତ ଡିଏଫଓ ଅଜିଜ ଖାନ, ଡିଏଫଓ (କେନ୍ଦୁଲିଫ) ଏ.ମାଧବୀ ଲତା, ସିଡିଏମଓ ଡ.ଧନେଶ୍ୱର ସେଠୀ, ଜିଲ୍ଲା ଅତିରିକ୍ତ ଉନ୍ନୟନ ଅଧିକାରୀ କ୍ଷମାନିଧି ଭୋଇ, ଉପଜିଲ୍ଲାପାଳ ସୁର୍ମୀ ସୋରେନ, ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା, ତନୟା ଶବର ପ୍ରମୁଖ ମଞ୍ଚାସୀନ ଥିଲେ । ଖଡ଼ିଆଳ ବିଡ଼ିଓ ମିଲନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, ଖଡିଆଳ ଏନ୍‌ଏସି ଇଓ ସ୍ୱାଧୀନ ମହାରଣା, ଡେପୁଟୀ କଲେକ୍ଟର ଚିନ୍ମୟ ସାଗର, ସୌରଭ କୁମାର ବିଶି, ଲଲାଟେନ୍ଦୁ ଦଣ୍ଡସେନା ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।ଶିବିରରେ ଅସହାୟ ଇନ୍ଦ୍ରାଦି ନାଏକ, କୁବେରପତି ବାଗ, ବରପଦର ଓ ଉର୍ମିଳା ଜଗତ ଏବଂ ନନ୍ଦ ସୁନାନି, ଗୋଇମୁଣ୍ଡିଙ୍କୁ ପାଞ୍ଚ ହଜାର ଟଙ୍କା ଲେଖାଏଁ ରେଡକ୍ରସ ପାଣ୍ଠିରୁ ତତ୍କାଳୀନ ସହାୟତା ଯୋଗାଇ ଦିଆଯାଇଥିଲା । ଶିବିର ଉପଲକ୍ଷେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ଶିବିରରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଖଡିଆଳ ବ୍ଲକ ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଉପସ୍ଥିତ ଥିଲେ ।ଏହି ଅବସରରେ ଚନାବେଡା ପଞ୍ଚାୟତରେ ପରିବର୍ଦ୍ଧିତ ଜନଶୁଣାଣି ଶିବିର ଓ ପ୍ରାଣୀ ପାଇଁ ଦିନଟିଏ ଉପଲକ୍ଷେ ଗୃହପାଳିତ ପଶୁ ପକ୍ଷୀମାନଙ୍କ ପାଇଁ ଚିକିତ୍ସା ଶିବିର ଆୟୋଜିତ ହୋଇଥିଲା ।

ଭଦ୍ରକ ଜିଲ୍ଲା ବିଜେଡି ପକ୍ଷରୁ ବିଶାଳ ବିକ୍ଷୋଭ ଓ ପ୍ରତିବାଦ ସଭା

# ଚାଷୀଙ୍କ ଆଖିରେ ଲୁହ ଭରିଛି ବିଜେପି ସରକାର



ଭଦ୍ରକ, ୧୬।୨(ସମିସ): ଧାନକିଣାରେ ଚାଷୀଙ୍କୁ ଶୋଷଣ, ସରକାରଙ୍କ ପ୍ରତିଶ୍ରୁତି ଖିଲାପି ଓ ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପ୍ରତିବାଦରେ ସୋମବାର ଜିଲ୍ଲା ବିଜେଡି ପକ୍ଷରୁ ଏକ ବିଶାଳ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ହଜାର ହଜାର ଚାଷୀ, ବିଜେଡି କର୍ମୀ ଓ ନେତା ଏଥିରେ ଯୋଗଦେଇ ରାଜ୍ୟ ବିଜେପି ସରକାର ଉପରେ ଭୀଷଣ ବର୍ଷିଥିଲେ। ବିକ୍ଷୋଭକାରୀମାନେ ସରକାର ବିରୋଧୀ ବିଭିନ୍ନ ନାରାବାଜି କରି ସ୍ଥାନୀୟ ଗାନ୍ଧୀ ପଡ଼ିଆଠାରୁ ବିଶାଳ ଶୋଭାଯାତ୍ରାରେ ଭଦ୍ରକ ସହର ପରିକ୍ରମା କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲେ। ପରେ ସେଠାରେ ବିଜେଡି ଜିଲ୍ଲା ସଭାପତି ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟଙ୍କ ସାଭପତିତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

ଡ. ରାୟ କହିଥିଲେ ଯେ ରାଜ୍ୟ ସରକାର ବର୍ଦ୍ଧିତ ସହାୟକ ମୂଲ୍ୟରେ ଚାଷୀଙ୍କଠାରୁ ଧାନ ନ କିଣି ସେମାନଙ୍କ ପ୍ରାପ୍ୟକୁ ମିଲରମାନଙ୍କ ଜରିଆରେ ଲୁଟି ନେବାକୁ ଚକ୍ରାନ୍ତ କରୁଛନ୍ତି। ଏଫ୍ଏକ୍ୟୁ ମାନର ଧାନ ନୁହେଁ କହି ପ୍ରତି କ୍ୱିଣ୍ଟାଲ ପିଛା ୮ରୁ ୧୦ କିଲୋ ଧାନ କାଟି ନେବା, ମଣ୍ଡିରେ ଧାନ ଧରି ରାତିରାତି ଲୋକେ ଜଗି ରହିବା, ଚାଷୀଙ୍କୁ ଟୋକନ୍ ଦେଇ ସେମାନଙ୍କଠାରୁ ଧାନ ନ କିଣିବା, ଧାନ ନେଇଥିବା ଚାଷୀଙ୍କ ଠିକ୍ ସମୟରେ ଟଙ୍କା ପୈଠ ନ କରିବା ଭଳି ନାନା ସମସ୍ୟା ଭଦ୍ରକ ଜିଲ୍ଲାରେ ଦେଖାଦେଇଛି। ଜିଲ୍ଲାର ଚାଷୀଙ୍କ ଦୁଃଖ ବୁଝିବାରେ ବିଜେପି ସରକାର ବିଫଳ ହୋଇଛି। ବିଜେପି ସରକାର ଚାଷୀଙ୍କ ଲୁହ ଝରାଇଥିବାରୁ ବିଜେଡି ରାଜରାସ୍ତାରେ ଏହାର ପ୍ରତିବାଦ କରୁଛି। ଚାଷୀଙ୍କ ହକ୍ ପାଇଁ ବିଜେଡିର ଏହି ଲଢ଼େଇ ଜାରି ରହିବ।

ସେ ଆହୁରି କହିଥିଲେ ଯେ ମିଛ ପ୍ରତିଶ୍ରୁତି ଦେଇ ବିଜେପି ସରକାରକୁ ଆସିଛି। କିନ୍ତୁ ବିଜେଡି ସବୁବେଳେ ଚାଷୀର ସ୍ୱାର୍ଥ ପାଇଁ ଠିଆ ହୋଇଛି, ଆଗାମୀ ଦିନରେ ମଧ୍ୟ ଠିଆ ହେବ। କେବଳ ଚାଷୀ ନୁହନ୍ତି, ମହିଳା, ଶିକ୍ଷକ, ଶିଶୁମାନେ ବି ଆଜି ଦୁର୍ଦ୍ଦଶା ଭୋଗୁଛନ୍ତି। ତେଣୁ ବିଜେପି ସରକାରକୁ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଲୋକେ ପ୍ରତ୍ୟାଖ୍ୟାନ କରିବେ। ଏ ସରକାର ଏକ ଅପାରଗ ସରକାର ବୋଲି ଲୋକେ ଜାଣି ସାରିଲେଣି।

ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଯୋଗଦେଇ କହିଥିଲେ, ବିଜେଡି ସବୁବେଳେ ଚାଷୀ ଓ ସାଧାରଣ ଲୋକଙ୍କ ସ୍ୱାର୍ଥ ପାଇଁ କାମ କରି ଆସୁଛି। ଚାଷୀଙ୍କୁ ତାଙ୍କ ଧାନର ଉପଯୁକ୍ତ ପ୍ରାପ୍ୟ ଦିଆଯାଉ। ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ କହିଥିଲେ, ସରକାର, ମିଲର, ଯୋଗାଣ ବିଭାଗ, ଆର୍ଏମ୍ସି ମିଳିତ ଭାବେ ଚାଷୀର ପ୍ରାପ୍ୟ ହଡ଼ପ କରିବାକୁ ଚକ୍ରାନ୍ତ ଚଳାଇଛନ୍ତି। ସରକାରଙ୍କ ଏହି ଚକ୍ରାନ୍ତକୁ ବିଜେଡି ସଫଳ କରିବାକୁ ଦେବ ନାହିଁ। ଆଗାମୀ ଦିନରେ ଚାଷୀ ସ୍ୱାର୍ଥ ପାଇଁ ଏ ଲଢ଼େଇ ଆହୁରି ଜୋର୍ଦାର୍ ହେବ ବୋଲି ସେ ଚେତାବନୀ ଦେଇଥିଲେ।

ଅନ୍ୟମାନଙ୍କ ମଧ୍ୟରେ ଭଦ୍ରକ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ, ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଡ. ସଞ୍ଜୟ ଦାସ, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ତିହିଡ଼ି ବ୍ଲକ୍ ଅଧ୍ୟକ୍ଷା ଅବନ୍ତି ମଲ୍ଲିକ, ଚାନ୍ଦବାଲି ବ୍ଲକ୍ ଅଧ୍ୟକ୍ଷା ମିନତି ସୂତାର, ଚାନ୍ଦବାଲି ଏନ୍ଏସି ଅଧ୍ୟକ୍ଷା ଶାନ୍ତିଲତା ସେଠୀ, ଧାମନଗର ବ୍ଲକ୍ ଅଧ୍ୟକ୍ଷା ଶର୍ମିଷ୍ଠା ବେହେରା, ଧାମନଗର ଏନ୍ଏସି ଅଧ୍ୟକ୍ଷା ନିବେଦିତା ଜେନା, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଟୁନିବାଳା ବିଶ୍ୱାଳ, ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ କୁମାର ମଲ୍ଲିକ, ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ତାହେରା ଖାତୁନ୍, ଭଦ୍ରକ ପୌରାଧ୍ୟକ୍ଷା ଗୁଲ୍ମକୀ ଦଲାଓ୍ୱାଜି ହବିବଙ୍କ ସହ ବହୁ ନେତା ଉପସ୍ଥିତ ଥିଲେ।

ଧର୍ମ ପରିବର୍ତ୍ତନ କରିଥିବା ଲୋକଙ୍କୁ ଗାଁ ମଶାଣି ମନା

# ନିଜ ଜମିରେ ପୁଅର ଶବ ପୋତିଲେ ବାପା

ଉମରକୋଟ, ୧୬।୨(ସମିସ): ଧର୍ମ ପରିବର୍ତ୍ତନ କରିଥିବାରୁ ଗ୍ରାମବାସୀ ପୁଅର ଶବ ଗାଁ ମଶାଣିରେ ସଂସ୍କାର କରାଇ ନଦେବାକୁ ନେଇ ଉପୁଜିଥିବା ବିବାଦର ସମାଧାନ ହୋଇଛି। ଗ୍ରାମବାସୀଙ୍କ ଅନୁମତି ପରେ, ଦୀର୍ଘ ସମୟ ଧରି ପଡ଼ି ରହିଥିବା ୧୪ ବର୍ଷୀୟ ବାଳକର ଶବକୁ ବାପା ନିଜ ଜମିରେ ପୋତିଛନ୍ତି। ଏହାସହ ଏହି ଘଟଣାକୁ ନେଇ ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ଅନ୍ତର୍ଗତ କପେନା ଗ୍ରାମରେ ୨ଗୋଷ୍ଠୀ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ହୋଇଛି।

## ବାପାଙ୍କ ଲିଖିତ ପ୍ରତିଶ୍ରୁତି ପରେ ଅନୁମତି ଦେଲେ ଗ୍ରାମବାସୀ

ନବରଙ୍ଗପୁର ଉପ-ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର ଗତ ରାତିରେ ପଞ୍ଚାୟତ କାର୍ଯ୍ୟାଳୟରେ କାପେନା ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ମୃତ ନାବାଳକଙ୍କ ବାପା ଟୁନା ସାନ୍ତା ଲିଖିତ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଶବ ସଂସ୍କାର ପାଇଁ ରାଜି ହୋଇଥିଲେ। ଆଗାମୀ ଦିନରେ ଏହି ସମ୍ପ୍ରଦାୟରେ ଯଦି କୌଣସି ଲୋକ ମୃତ୍ୟୁବରଣ କରନ୍ତି, ତେବେ ଶବକୁ ପୋତିବା ପାଇଁ ଏହି ସ୍ଥାନରେ ଜାଗା ଦିଆଯିବ ନାହିଁ ଏବଂ ଶବ ଉପରେ କୌଣସି ସାଂକେତିକ ଚିହ୍ନ ଲଗାଯିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ରାତି ପ୍ରାୟ ୧ଟାରେ ଟୁନାଙ୍କ ପୁଅ ଇସ୍ମାଇଲଙ୍କ ଶବ ପୋତା ଯାଇଥିଲା। ଏହି ସମୟରେ ଅତିରିକ୍ତ ତହସିଲଦାର ନୀଳାମ୍ବର ପୂଜାରୀ, ଉପଖଣ୍ଡ ପୁଲିସ ଅଧିକାରୀ ଶୁଭେନ୍ଦୁ ଶବର, ନବରଙ୍ଗପୁର ଡିଏସପି ରାମକାନ୍ତ ସାଏ, ଉମରକୋଟ ଥାନା ଅଧିକାରୀ ବିପିନ କୁମାର ବାଗ, ସରପଞ୍ଚ ପର୍ଶୁ ଗଣ୍ଡ, ଗଣଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ଆଇନଶୃଙ୍ଖଳା ଦୃଷ୍ଟିରୁ ଗ୍ରାମରେ ପୁଲିସ ମୁତୟନ ରହିଥିବା ଜଣାପଡ଼ିଛି।



ସୂଚନାନୁସାରେ, ଗତକାଲି ଗ୍ରାମର ଟୁନା ସାନ୍ତାଙ୍କ ୧୪ ବର୍ଷର ପୁଅ ମୃତ୍ୟୁବରଣ କରିବାରୁ ତାଙ୍କ ଶବକୁ ଗାଁ ଶ୍ମଶାନରେ ପୋତିବାକୁ ଦିଆଯାଇନଥିଲା। ଟୁନାଙ୍କ ପରିବାରଲୋକ ଧର୍ମ ପରିବର୍ତ୍ତନ କରିଥିବାରୁ ଗାଁ ମଶାଣିରେ ଶବ ସଂସ୍କାରକୁ ଗ୍ରାମବାସୀ ବିରୋଧ କରିଥିଲେ।, ଏପରିକି, ଟୁନାଙ୍କୁ ନିଜ ଜମିରେ ବି ଶବ ପୋତିବାକୁ ଦେଇନଥିଲେ। ଏହାକୁ ନେଇ ଗତକାଲି ଦିନସାରା ଉତ୍ତେଜନା ପ୍ରକାଶ ପାଇଥିଲା।

ଯୋଗ୍ୟ ଶିକ୍ଷକଙ୍କୁ ଗ୍ରାଣ୍ଟ-ଇନ୍-ଏଡ୍ ଓ ପେନସନ୍ ପ୍ରସଙ୍ଗରେ ହାଇକୋର୍ଟଙ୍କ ଆଦେଶ କାଏମ

# ସର୍ବୋଚ୍ଚ ନ୍ୟାୟାଳୟରେ ୩୦ଟି ଏସଏଲପି ଖାରଜ

କଟକ, ୧୬।୨ (ସମିସ): ୨୦୦୪ ପୂର୍ବରୁ ଯୋଗ୍ୟବିବେଚିତ ଶିକ୍ଷାନୁଷ୍ଠାନର ଶିକ୍ଷକ ଓ କର୍ମଚାରୀଙ୍କୁ ଅନୁଦାନ ପ୍ରଦାନ ପାଇଁ ରାଜ୍ୟ ଶିକ୍ଷା ନିର୍ଦ୍ଦେଶକଙ୍କ ଦ୍ୱାରା ସୁପାରିଶ ହୋଇଥିବା ଗ୍ରାଣ୍ଟ-ଇନ୍-ଏଡ୍ ଦରମା ମିଳିବା ପାଇଁ ବାଟ ଫିଟିଛି। ରାଜ୍ୟ ଶିକ୍ଷା ବିଭାଗ ପକ୍ଷରୁ ଆଗତ ଓଡ଼ିଶା ସରକାର ବନାମ ଜଗନ୍ନାଥ ଦୀକ୍ଷିତ ସମେତ ୩୦ଟି ସ୍ପେସାଲ୍ ଲିଭ୍ ପିଟିସନ୍ (ଏସଏଲପି) ସର୍ବୋଚ୍ଚ ନ୍ୟାୟାଳୟରେ ଖାରଜ ହୋଇଛି। ଜଷ୍ଟିସ ଜେ.କେ ମାହେଶ୍ୱରୀ ଓ ଜଷ୍ଟିସ ଅତୁଲ୍ ଏସ୍. ଚନ୍ଦୁରକରଙ୍କୁ ନେଇ ଗଠିତ ଖଣ୍ଡପୀଠ ସମସ୍ତ ଏସ୍ଏଲପିକୁ ଖାରଜ କରିଛନ୍ତି। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଗତ ୨୦୨୫ ଏପ୍ରିଲ ୪ର ଆଦେଶ ବିରୋଧରେ ରାଜ୍ୟ ସରକାର ସର୍ବୋଚ୍ଚ ନ୍ୟାୟାଳୟରେ ସ୍ପେସାଲ୍ ଲିଭ୍ ପିଟିସନ୍ ଦାଖଲ କରିଥିଲେ।

ମାମଲାରୁ ପ୍ରକାଶ, ପୁରୀ ଜିଲ୍ଲା କାକଟପୁର ମଙ୍ଗଳା ମହାବିଦ୍ୟାଳୟର ଅଧ୍ୟାପକ ଜଗନ୍ନାଥ ଦୀକ୍ଷିତଙ୍କ ଦ୍ୱାରା ଏହି ପ୍ରସଙ୍ଗରେ ଏକ ମାମଲା ହାଇକୋର୍ଟରେ ଦାଖଲ ହୋଇଥିଲା। ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବିଚାରପତି ବିରଜା ପ୍ରସନ୍ନ ଶତପଥୀଙ୍କ ଅଦାଲତ ଉକ୍ତ ଅପିଲର ଶୁଣାଣି କରି ଗତ ୨୦୨୫ ମାର୍ଚ୍ଚ ୧୯ର ପ୍ରକାଶିତ ଆଦେଶକୁ ଆଧାର କରି ଦରମା, ପେନସନ ଓ ଅନ୍ୟାନ୍ୟ ସୁବିଧା ଦେବାକୁ ଆଦେଶ ଦେଇଥିଲେ।

ପ୍ରକାଶଥାଉକି ଗତ ୨୦୦୪ ଏପ୍ରିଲ ପହିଲାରେ ୧୯ ୯୪ ଗ୍ରାଣ୍ଟ-ଇନ୍-ଏଡ୍ ଦରମା ଓ ଅନ୍ୟାନ୍ୟ ସୁବିଧା ପ୍ରଦାନ ବ୍ୟବସ୍ଥାକୁ ବାତିଲ କରି ବ୍ଲକ ଗ୍ରାଣ୍ଟ ଦରମା ପ୍ରଦାନ ନେଇ ଏକ ଆଇନ ପ୍ରଣୟନ କରାଯାଇଥିଲା। ତଦନୁଯାୟୀ ଦରମା ପ୍ରଦାନ କ୍ଷେତ୍ରରେ ଅଚଳାବସ୍ଥା ସୃଷ୍ଟି ନେଇ ଶିକ୍ଷକ ଓ କର୍ମଚାରୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଶିକ୍ଷକ କର୍ମଚାରୀଙ୍କ ସପକ୍ଷରେ ରାଜ୍ୟ ଶିକ୍ଷା ଟ୍ରିବ୍ୟୁନାଲଙ୍କ ଆଦେଶ ବିରୋଧରେ ରାଜ୍ୟ ସରକାର ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଓଡ଼ିଶା ସରକାରଙ୍କ ଆବେଦନ ହାଇକୋର୍ଟରେ ନାମଞ୍ଜୁର ହେବାରୁ ସର୍ବୋଚ୍ଚ ନ୍ୟାୟାଳୟରେ ସ୍ପେସାଲ୍ ଲିଭ୍ ପିଟିସନ୍ ଦାଖଲ ହୋଇଥିଲା। ବରିଷ୍ଠ ଆଇନଜୀବୀ ବୁଦ୍ଧଦେବ ରାଉତରାୟ, ଆଇନଜୀବୀ ମହେନ୍ଦ୍ର କୁମାର ସାହୁ, ଆଇନଜୀବୀ ସଂଗ୍ରାମ ଜେନା ପ୍ରମୁଖ ବିଭିନ୍ନ ଶିକ୍ଷାନୁଷ୍ଠାନର ପକ୍ଷରୁ ଉଚ୍ଚନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟରେ ମାମଲା ପରିଚାଳନା କରୁଥିଲେ।



ନୀଳ ଉର୍ମିରେ ଝଟକୁଛି ଅସ୍ତଗାମୀ ରବିଙ୍କ ସୁନେଲି ଆଭା (ଫଟୋ-ଅନିଲ, ପୁରୀ)

# ଓଡ଼ିଆ ବିଶ୍ୱବିଦ୍ୟାଳୟରେ ସବୁ ପ୍ରଫେସର୍ ପଦ ଖାଲି

କଟକ, ୧୬।୨(ସମିସ): ପୁରୀ ଜିଲ୍ଲା ଅନ୍ତର୍ଗତ ସତ୍ୟବାଦୀଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ଅଧ୍ୟୟନ ଓ ପ୍ରଚାରପ୍ରସାର ପାଇଁ ଏକ ଭାଷାଭିତ୍ତିକ ବିଶ୍ୱବିଦ୍ୟାଳୟ ଭାବେ ୨୦୧୭ରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯାଇଥିଲା। ବିଶ୍ୱବିଦ୍ୟାଳୟର ସମସ୍ତ ୨୧ଟି ମଞ୍ଜୁରିପ୍ରାପ୍ତ ପ୍ରଫେସର୍, ସହକାରୀ ପ୍ରଫେସର ଓ ସହଯୋଗୀ ପ୍ରଫେସର୍ ପଦ ଖାଲି ପଡ଼ିଥିବା ବେଳେ ଅତିଥି ଶିକ୍ଷକ (ସହକାରୀ ପ୍ରଫେସର) ଓ ଅବସରପ୍ରାପ୍ତ ପ୍ରଫେସର୍ଙ୍କ ଭରସାରେ ଚାଲିଛି ଶିକ୍ଷାଦାନ। ଏହି ପ୍ରସଙ୍ଗରେ ହାଇକୋର୍ଟରେ ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ତରଫରୁ ଏକ ଜନସ୍ୱାର୍ଥ ମାମଲା ଦାୟର କରାଯାଇଛି।

## ହାଇକୋର୍ଟରେ ଜନସ୍ୱାର୍ଥ ମାମଲା

ବିଶ୍ୱବିଦ୍ୟାଳୟର ପ୍ରଥମ ଶିକ୍ଷାବର୍ଷ ୨୦୨୩ ସେପ୍ଟେମ୍ବର ୫ ତାରିଖରୁ ଆରମ୍ଭ ହୋଇଥିଲା। ଓଡ଼ିଆ ସାହିତ୍ୟ, ଭାଷା ବିଜ୍ଞାନ, ଇତିହାସ ଓ ସଂସ୍କୃତି ସମ୍ବନ୍ଧୀୟ ଗବେଷଣା, ଅଧ୍ୟୟନ ଏବଂ ଜ୍ଞାନର ବ୍ୟାପକ ପ୍ରସାର ଉପରେ ଗୁରୁତ୍ୱାରୋପ କରାଯିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା କୁହାଯାଇଥିଲା। କିନ୍ତୁ, ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବା ଦିନରୁ ଏ ପର୍ଯ୍ୟନ୍ତ ମଞ୍ଜୁରିପ୍ରାପ୍ତ ୩ଟି ପ୍ରଫେସର୍, ୬ଟି ସହଯୋଗୀ ପ୍ରଫେସର୍ ଓ ୧୨ଟି ସହକାରୀ ପ୍ରଫେସର୍ ପଦ ପୂରଣ କରାଯାଇନାହିଁ। ଏହି ପ୍ରସଙ୍ଗରେ କୌଣସି ପଦକ୍ଷେପ ବିଶ୍ୱବିଦ୍ୟାଳୟ ବା ଉଚ୍ଚଶିକ୍ଷା ବିଭାଗ ତରଫରୁ ଗ୍ରହଣ କରାଯାଇନାହିଁ। ଏଣୁ, ନିର୍ଦ୍ଧାରିତ ସମୟସୀମା ଭିତରେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପ୍ରଫେସର୍, ସହଯୋଗୀ ପ୍ରଫେସର୍ ଓ ସହକାରୀ ପ୍ରଫେସର୍ ପଦ ପୂରଣ କରିବାକୁ ରାଜ୍ୟ ସରକାର ଓ ବିଶ୍ୱବିଦ୍ୟାଳୟକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ମାମଲାରେ ଉଚ୍ଚଶିକ୍ଷା ବିଭାଗ ଓ ଓଡ଼ିଆ ବିଶ୍ୱବିଦ୍ୟାଳୟ କୁଳସଚିବଙ୍କୁ ପକ୍ଷଭୁକ୍ତ କରାଯାଇଛି।

କମ୍ ଦିନରେ ଅଧିକ ସୁଧ ଆଳରେ ଠକେଇ

# ଚୌଦ୍ୱାର ଜେଲ୍‌ରୁ ଦମ୍ପତିଙ୍କୁ ରିମାଣ୍ଡରେ ନେଲା ପୁଲିସ

କଣ୍ଟାବାଞ୍ଜି,୧୬।୨(ସମିସ): କମ୍ ଦିନରେ ଅଧିକ ସୁଧର ପ୍ରଲୋଭନ ଦେଖାଇ ଏକାଧିକ ଲୋକଙ୍କଠାରୁ ପ୍ରାୟ ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକି ନେଇଥିବା ଏକ ଦମ୍ପତିଙ୍କୁ ଆଜି କଣ୍ଟାବାଞ୍ଜି ପୁଲିସ ରିମାଣ୍ଡରେ ନେଇଛି। ଅଭିଯୁକ୍ତଦ୍ୱୟ ହେଲେ, କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ପୁରୁଣାଘାଟି



ଗାଁର ଚନ୍ଦ୍ରଶେଖର ସାହୁ ଓ ତାଙ୍କ ସ୍ତ୍ରୀ ଝରଣା ସାହୁ। ପୁଲିସ ଆଜି କଡ଼ା ସୁରକ୍ଷାବଳୟରେ ସେମାନଙ୍କୁ ଚୌଦ୍ୱାର ଜେଲ୍‌ରୁ ନେଇଯାଇ କଣ୍ଟାବାଞ୍ଜି କୋର୍ଟରେ ହାଜର କରାଇଛି। ପରେ, ଦୁହିଁଙ୍କୁ ପଚରାଉଚରା ପାଇଁ କଣ୍ଟାବାଞ୍ଜି ଜେଲ୍‌କୁ ନିଆଯାଇଛି।

ସୂଚନାନୁଯାୟୀ, ଚନ୍ଦ୍ରଶେଖର ଓ ଝରଣା ୨୦୦୧ ମସିହାରେ 'ଇଭୋରି ଭେଞ୍ଚର୍ସ ପ୍ରାଇଭେଟ୍ ଲିମିଟେଡ୍' ନାମକ ଏକ ସଂସ୍ଥା ଆରମ୍ଭ କରିଥିଲେ। ଚନ୍ଦ୍ରଶେଖର ସଂସ୍ଥାର ମୁଖ୍ୟ ପରିଚାଳନା ନିର୍ଦ୍ଦେଶିକା ଥିବା ବେଳେ ଝରଣା ନିର୍ଦ୍ଦେଶିକା ଥିଲେ। ସେମାନେ ଏହାର ମୁଖ୍ୟ କାର୍ଯ୍ୟାଳୟ ତାଳଚେରରେ ଖୋଲିଥିଲେ। ସଂସ୍ଥା ଲୋକଙ୍କୁ କମ୍ ଦିନରେ ଅଧିକ ସୁଧ ଦେବାର ପ୍ରଲୋଭନ ଦେଖାଇଥିଲା। ଏପରିକି, ୧୫ହଜାରରୁ ଆରମ୍ଭ କରି ୧୫ଲକ୍ଷ ପର୍ଯ୍ୟନ୍ତ ଟଙ୍କା ନିବେଶ କଲେ ୩୦ମାସରେ ଟଙ୍କା ଦୁଇଗୁଣା ହୋଇଯିବ ବୋଲି ସଂସ୍ଥା ପ୍ରତିଶ୍ରୁତି ଦେଇଥିଲା। ଏପରିକି, ଗ୍ରାହକ ଯୋଗାଡ଼ କରିବାକୁ ସଂସ୍ଥା କିଛି ଲୋକଙ୍କୁ ମଧ୍ୟ ନିଯୋଜିତ କରି ଗ୍ରାହକ ପିଛା ମୋଟା ଅଙ୍କର କମିସନ୍ ମଧ୍ୟ ଦେଇଥିଲା। ସଂସ୍ଥାର ଏହି ଲୋଭନୀୟ ପ୍ରତିଶ୍ରୁତିରେ ପ୍ରଲୋଭିତ ହୋଇ ଲୋକେ କୋଟିକୋଟି ଟଙ୍କା ନିବେଶ କରିଥିଲେ। ତେବେ ଏହା ଏକ ଠକ ସଂସ୍ଥା ବୋଲି ଜାଣିବା ପରେ ଜଣେ ନିବେଶକ ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ମାମଲାକୁ ଗୁରୁତ୍ୱର ସହ ନେଇ ଇଓଡବ୍ଲ୍ୟୁ ଏହାର ତଦନ୍ତ କରି ଠକ ଦମ୍ପତିଙ୍କୁ ଦିଲ୍ଲୀରୁ ଗିରଫ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଚୌଦ୍ୱାର ଜେଲ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ଏହି ଠକ ଦମ୍ପତି କଣ୍ଟାବାଞ୍ଜିରୁ ମଧ୍ୟ ୪୦ ଲକ୍ଷ ଟଙ୍କା ଠକେଇ କରିଥିବା ନେଇ ଅଭିଯୋଗ ହେବା ପରେ କଣ୍ଟାବାଞ୍ଜି ପୁଲିସ ଦୁହିଁଙ୍କୁ ଅଧିକ ପଚରାଉଚରା ପାଇଁ ରିମାଣ୍ଡରେ ନେଇଛି। କଣ୍ଟାବାଞ୍ଜି କୋର୍ଟରେ ହୋଇଥିବା ଏହି ମାମଲାକୁ ଆଇନଜୀବୀ ବିବେକ ଶର୍ମା ଓ ଅବଦୁଲ ରବାନୀ ଠକେଇ ଶିକାର ହୋଇଥିବା ବ୍ୟକ୍ତିଙ୍କ ପକ୍ଷରୁ ଲଢୁଛନ୍ତି।

# ମାଛ ଧରିବାକୁ ଯାଇ ପରିବାରର ୪ ନିଖୋଜ

ବୈପାରୀଗୁଡ଼ା, ୧୬।୨ (ସମିସ): ମାଛ ଧରିବାକୁ ଯାଇ ପୂରା ପରିବାରର ନିଖୋଜ। ଦୁଇ ସପ୍ତାହ ହେଲା ସେମାନଙ୍କ ପତ୍ତା ମିଳୁନି। ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଗୁପ୍ତେଶ୍ୱର ପଞ୍ଚାୟତର ଦଣ୍ଡାବାଡ଼ି ଗାଁରେ ଏଭଳି ଏକ ଅଘଟଣ ଘଟିଛି। ନିଖୋଜ



ପରିବାର ହେଲା, ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ଦଣ୍ଡାବାଡ଼ି ଗାଁର ଲଳିତ ପୂଜାରୀ, ତାଙ୍କ ସ୍ତ୍ରୀ ଗୁରି ପୂଜାରୀ ଓ ଦୁଇ ନାବାଳକ ପୁଅ। ଗତ ଫେବୃଆରୀ ୧ ତାରିଖ ରାତିରେ ୪ଜଣଯାକ ମାଛ ଧରିବାକୁ ସାବେରୀ ନଦୀକୁ ଯାଇଥିଲେ। କିନ୍ତୁ, ଦୁଇ ସପ୍ତାହ ହେଲା ସେମାନଙ୍କ ଖୋଜଖବର ନାହିଁ।

ସୂଚନାନୁଯାୟୀ, ଲଳିତ ମାଛ ବିକି ଦୁଇ ପଇସା ରୋଜଗାର କରନ୍ତି ଏବଂ ସେଇଥିରେ ତାଙ୍କ ସଂସାର ଚଳେ। ସେ ନଦୀକୁ ମାଛ ଧରିବାକୁ ଯାଇ ୮/୧୦ ଦିନ ମଧ୍ୟରେ ଘରକୁ ଫେରିଆସନ୍ତି। ଗତ ୧ତାରିଖରେ ଲଳିତ ନିଜ ପରିବାକୁ ନେଇ ଗୁପ୍ତେଶ୍ୱର ବାଦୁଡ ପାହାଡ଼ ନିକଟରେ ସାବେରୀ ନଦୀକୁ ଯାଇଥିଲେ। ହେଲେ ଆଜି ପର୍ଯ୍ୟନ୍ତ ସେମାନେ ଫେରିନାହାନ୍ତି। ସଂପର୍କୀୟମାନେ ସବୁଆଡ଼େ ଖୋଜାଖୋଜି କରି ନିରାଶ ହେବା ପରେ ନଦୀ କୂଳରେ ନିଖୋଜ ୪ ସଦସ୍ୟଙ୍କ

- ଦୁଇ ସପ୍ତାହ ହେଲା ପତ୍ତା ମିଳୁନି
- ନଦୀ କୂଳରୁ ପୋଷାକ, ଜାଲ ଉଦ୍ଧାର
- ତଦନ୍ତ କରୁଛି ପୁଲିସ, ସାଇଣ୍ଟିଫିକ୍ ଟିମ୍

ପୋଷାକ, ଲୁଙ୍ଗି, ଶାଢ଼ି, ଚପଲ, ମୋବାଇଲ, ଆଧାର କାର୍ଡ ଏବଂ ମାଛ ଜାଲ ପଡ଼ିଥିବା ଦେଖିବାକୁ ପାଇଥିଲେ। ଏନେଇ ସେମାନେ ଥାନା ଦ୍ୱାରସ୍ଥ ହୋଇଥିଲେ। ସ୍ଥାନୀୟ ସରପଞ୍ଚ ଛେଣ୍ଡିଆ ଖିଲଙ୍କ ସମେତ ପରିବାରଲୋକେ ଓ ପୁଲିସ ଖୋଜାଖୋଜି ଜାରି ରଖିଛନ୍ତି। ପୁଲିସ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ୍‌ର ମଧ୍ୟ ସାହାଯତା ନେଇଛି। ଏପଟେ ଲଳିତଙ୍କ ମାଆ ବଦେଇ ପୂଜାରୀ, ଭଉଣୀ ପୂର୍ଣ୍ଣିମା ପୂଜାରୀ ଏବଂ ଅନ୍ୟ ସଦସ୍ୟ ଚିନ୍ତାରେ ରହିଛନ୍ତି।

■ ରତ୍ନଅଳଙ୍କାର ଗଣତିମଣତି ପ୍ରସଙ୍ଗ

# ସମୟ ଗଡ଼ାଇ ଚାଲିଛନ୍ତି ରାଜ୍ୟ ସରକାର: ଶୁଭାଶିଷ

ପୁରୀ,୧୬।୨(ସମିସ): ଶ୍ରୀମନ୍ଦିର ରତ୍ନଭଣ୍ଡାରକୁ ନେଇ ବିଗତ ଦିନରେ ଅନେକ କାହାଣୀ ଶୁଣିବାକୁ ମିଳିଛି। ଏମିତିକି ଏହାକୁ ନେଇ ପଲ୍ଲୀରୁ ଦିଲ୍ଲୀ ରାଜନୀତି ବି ସରଗରମ ହୋଇଛି। ଏକଦା ଜାତୀୟସ୍ତରରେ ବି ରତ୍ନଭଣ୍ଡାର ପ୍ରସଙ୍ଗ ବେଶ୍ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏବେ ବି ରତ୍ନଭଣ୍ଡାର ଏବଂ ଠାକୁରଙ୍କ ଅଳଙ୍କାରକୁ ନେଇ ଚାଲିଛି ତର୍ଜମା। ଏହି ପ୍ରଶ୍ନ ଏବେ ପ୍ରତ୍ୟେକ ଜଗନ୍ନାଥପ୍ରେମୀଙ୍କ ମନରେ ଉଙ୍କି ମାରୁଥିବା ବେଳେ ଏ ଯାଏ ତାରିଖ ସ୍ଥିର ହୋଇନାହିଁ। କେବେ ଗଣତିମଣତି ହେବ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନ ଅଳଙ୍କାର? ପୂର୍ବ ତାଲିକା ସହ କେବେ ମେଳ କରାଯିବ ତାହା ଉପରେ ସମସ୍ତଙ୍କ ନଜର ରହିଥିବା ବେଳେ ରବିବାର ରତ୍ନଭଣ୍ଡାର ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏ ସମ୍ପର୍କରେ ପ୍ରତିକ୍ରିୟା ରଖିଛନ୍ତି ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ। ସେ କହିଛନ୍ତି, ଡବଲ ଇଞ୍ଜିନ ସରକାର ହେଉଛି ଜୁମ୍‌ଲା ସରକାର। ଶ୍ରୀମନ୍ଦିର ରତ୍ନଭଣ୍ଡାର ବହୁଦିନ ହେବ ମରାମତି ସରିଲାଣି, ସେତେବେଳେ ରତ୍ନଭଣ୍ଡାର ଗଣତିମଣତି ହେଲା ନାହିଁ। କେବଳ ତାରିଖ ପରେ ତାରିଖ, ସମୟ ପରେ ସମୟ ଗଡ଼ାଇ ଚାଲିଛନ୍ତି ରାଜ୍ୟ ସରକାର। ପ୍ରକୃତରେ ରତ୍ନଭଣ୍ଡାର ଭିତରେ ରତ୍ନ ଅଳଙ୍କାର ସୁରକ୍ଷିତ ଅଛି ନା ନାହିଁ, ତାହାକୁ ନେଇ ବି ଶ୍ରଦ୍ଧାଳୁ ସନ୍ଦେହଘେରରେ ରହିଛନ୍ତି। ଶ୍ରୀମନ୍ଦିର ଚାରିଦ୍ୱାର ଖୋଲିଦେଲୁ ବୋଲି ରାଜ୍ୟ ସରକାର ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବରେ ସ୍ଥିତି କିନ୍ତୁ ସେଇଆ ନାହିଁ। ଦୁର୍ଭାଗ୍ୟର ବିଷୟ ହେଉଛି, ପୁରୀ ସହରବାସୀଙ୍କ ଦୀର୍ଘ ଦିନର ଦାବିକୁ ସରକାର ଶୁଣୁନାହାନ୍ତି। ଶ୍ରୀମନ୍ଦିର ପ୍ରବେଶ ଏବଂ ଠାକୁରଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଲାଗି ଦାବି କରି ଆସୁଥିଲେ ମଧ୍ୟ ଏ ଯାଏ କିଛି ସୁଫଳ ମିଳିପାରିନାହିଁ। ନବୀନ ପଟ୍ଟନାୟକଙ୍କ ସରକାର ସମୟରେ ପୁରୀ ସହର ତଥା ରାଜ୍ୟର ଯେତିକି ଉନ୍ନତି ହୋଇଥିଲା ଆଉ ଉନ୍ନତି ହେବା ତ ଦୂରର କଥା, ସବୁ ଅବନତି ଆଡ଼କୁ ଯାଉଛି ବୋଲି କହିଛନ୍ତି ରାଜ୍ୟ ସଭା ସାଂସଦ ଶ୍ରୀ ଖୁଣ୍ଟିଆ।

# ବ୍ୟବସାୟୀଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ୨. ୮୦ ଲକ୍ଷ ଟଙ୍କା ଲୁଟ୍

କବାଟବନ୍ଧ,୧୬।୨ (ସମିସ): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ୫୩ ନମ୍ବର ଜାତୀୟ ରାଜପଥ ବଳରାମପୁର କନ୍ତପଡ଼ା ଛକ ନିକଟରୁ ଜଣେ ବ୍ୟବସାୟୀଙ୍କଠାରୁ ଟଙ୍କା ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ହଇଚଇ ସୃଷ୍ଟି କରିବା ସହିତ ବ୍ୟବସାୟୀଙ୍କ ମହଲରେ ଭୟ ସୃଷ୍ଟି କରିଛି। ମିଳିଥିବା ସୂଚନାନୁସାରେ, କବାଟବନ୍ଧ ବଣିଆ ସାହି ଗ୍ରାମର ମହିନ ବେହେରାଙ୍କ ପୁଅ ହାଡ଼ିବନ୍ଧୁ ବେହେରା ଓରଫ (କାଳିଆ) କନ୍ତପଡ଼ା ଛକ ନିକଟରେ କଦଳୀ ଗୋଦାମ କରି ବ୍ୟବସାୟ କରନ୍ତି। ସୋମବାର ଅପରାହ୍ନ ପ୍ରାୟ ୫ଟା ୪୫ରେ କାଳିଆ ଏକ ବାଇକ୍ ଯୋଗେ ଗୋଦାମରୁ ୨ ଲକ୍ଷ ୮୦ ହଜାର ଟଙ୍କା ନେଇ ଘରକୁ ଫେରୁଥିଲେ। ଉକ୍ତ ଟଙ୍କାକୁ ଏକ ଗାମୁଛାରେ ବାନ୍ଧି ପେଟରେ ଗୁଡେଇ କାଳିଆ ଗୋଦାମରୁ ପ୍ରାୟ ୫ ଶହ ମିଟର ଯିବା ପରେ ବଳରାମପୁର ଛକ ପୋଲ ପୂର୍ବରୁ ଦୁର୍ବୃତ୍ତ ତାଙ୍କ ଆଖିରେ ଲଙ୍କାଗୁଣ୍ଡ ପକାଇ ଟଙ୍କା ଛଡ଼ାଇ ନେଇ ଯାଇଥିବା ସେ କହିଛନ୍ତି। କାଳିଆ ମୁହଁକୁ ଲଙ୍କାଗୁଣ୍ଡ ପକାଇବା କାରଣରୁ ସେ ଯନ୍ତ୍ରଣା ପାଇ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକମାନେ ଦେଖି ତାଙ୍କୁ ଉଦ୍ଧାର କରି ମେଡ଼ିକାଲ ପଠାଇଥିଲେ। ଧର୍ମଶାଳା ମେଡ଼ିକାଲରେ ପ୍ରାଥମିକ ଚିକିତ୍ସା ପରେ କାଳିଆଙ୍କୁ ଅଧିକ ଚିକିତ୍ସା ପାଇଁ କଟକ ସ୍ଥାନାନ୍ତରିତ କରାଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ଜେନାପୁର ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି।

ପୁନର୍ବାସ ଯୋଜନାର ଫାଇଦା ଉଠାଇବାକୁ ଷଡ୍ଯନ୍ତ୍ର

# ୪ ନକଲି ମାଓବାଦୀ ଗିରଫ



ରାୟଗଡ଼ା, ୧୬।୨(ସମିସ): ମାଓବାଦୀଙ୍କ ପୁନର୍ବାସ ଯୋଜନାର ଫାଇଦା ନେବାକୁ ଷଡ଼୍ଯନ୍ତ୍ର କରିଥିବା ୪ ନକଲି ମାଓବାଦୀ ପୁଲିସ ହାତରେ ଧରାପଡ଼ିଛନ୍ତି। ସେମାନେ ହେଲେ, ରାୟଗଡ଼ାର ରଂଜୁ ଓରଫ୍ ଅଣୁବ୍ରତ ବାରା ଓ କାଶୀପୁରର ବଳି ମାଝି ଏବଂ ଏମାନଙ୍କୁ ସହଯୋଗ କରିଥିବା ବିଷମକଟକର ସୀମାଞ୍ଚଳ କୁଟ୍ରୁକା ଏବଂ ଅଞ୍ଜନା ମାଣ୍ଡାଙ୍ଗି ଓରଫ୍ ମାଣ୍ଡିକା। ଗତ ୧୪ ତାରିଖରେ ଏମାନେ ରାୟଗଡ଼ା ଜିଲ୍ଲାର ଚାନ୍ଦିଲି ଥାନା ଅନ୍ତର୍ଗତ ପାଇକପଡ଼ା, ଶେଷଖାଲ ଥାନା ଅନ୍ତର୍ଗତ ଧୂମାଗୁଡ଼ା ଓ କଲ୍ୟାଣସିଂପୁରର କୁମ୍ଭାରଗୁଡା ଭଳି ତିନୋଟି ଥାନା ଅଞ୍ଚଳରେ ନକଲି ମାଓ ପୋଷ୍ଟର୍ ଲଗାଇଥିଲେ। ଜିଲ୍ଲା ପୁଲିସ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ରାୟଗଡ଼ା ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ସୁଶ୍ରୀ ସ୍ୱାତୀ ଏସ.କୁମାର ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ଏସ୍‌ପି କହିଛନ୍ତି ଯେ ମୁଖ୍ୟ ଅଭିଯୁକ୍ତ ରଞ୍ଜୁ ଓ ବାଲି ମାଓବାଦୀ ଆତ୍ମସମର୍ପଣ ପୁନର୍ବାସ ଯୋଜନାର ଲାଭ ଉଠାଇବା ପାଇଁ ନିଜକୁ ମାଓବାଦୀ ସଜାଇଥିଲେ। ନିଜକୁ ସେମାନେ ଛତିଶଗଡର ହାର୍ଡକୋର୍ ମାଓବାଦୀ କ୍ୟାଡର୍ ବୋଲି ପରିଚୟ ଦେଇ ଲୋକଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରୁଥିଲେ। ଏ ସଂପର୍କରେ ଜଣାପଡ଼ିବାପରେ ରାୟଗଡ଼ା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଦୁହେଁ ରାୟଗଡ଼ାର ବିଭିନ୍ନ ଲଜ୍‌ରେ ବୈଠକ କରି କିଛି ବ୍ୟକ୍ତିଙ୍କୁ ଆର୍ଥିକ ପ୍ରଲୋଭନ ଦେଇ ପର୍ଯ୍ୟାୟକ୍ରମେ ଆତ୍ମସମର୍ପଣ କରିବାକୁ ଯୋଜନା କରିଥିଲେ। କିନ୍ତୁ ତା' ପୂର୍ବରୁ ପୁଲିସ ସେମାନଙ୍କୁ ଗିରଫ କରିଥିଲା। ଜେରା ବେଳେ ସେମାନେ ପୁଲିସ ଆଗରେ ସ୍ୱୀକାର କରିଛନ୍ତି ଯେ ଗତ ଜାନୁଆରି ୨୦ ତାରିଖରେ ମୁନିଗୁଡ଼ା ଥାନା ସୀମା ଅନ୍ତର୍ଗତ ତେଲେଙ୍ଗାପଦର ଛକରେ ନକଲି ନକ୍ସଲ ପୋଷ୍ଟର ଲଗାଇବା ଘଟଣାରେ ସଂପୃକ୍ତି ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଧର ଉପସ୍ଥିତ ଥିଲେ।

## ଆଜିର ରାଶିଫଳ

**ମେଷ:** ବ୍ୟବସାୟରେ କ୍ଷତି ଘଟିବ। ବିଦ୍ୟାର୍ଥୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ଗୁରୁଜନଙ୍କୁ ଶ୍ରଦ୍ଧା ଓ ସମ୍ମାନ କରିବେ। ଆଧ୍ୟାତ୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ପରିଶ୍ରମର ଉଚିତ ଫଳ ମିଳିବ।

**ବୃଷ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ବାଦବିବାଦରୁ ଦୂରେଇ ରହିବେ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମିଥୁନ:** ଅଫିସ୍‌ରେ କାର୍ଯ୍ୟଦକ୍ଷତା ଦେଖାଇବାର ସୁଯୋଗ ପାଇବେ। ପରିବାରରେ ମାଙ୍ଗଳିକ କାର୍ଯ୍ୟକ୍ରମ ଆୟୋଜନ ହେବ। ନୂଆ କାମ ଆରମ୍ଭ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**କର୍କଟ:** ଦିନଟି ଭଲରେ କଟିବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପରିବାରରେ ଭୁଲ ବୁଝାମଣା ଦେଖା ଦେବ। ଜୀବନସାଥୀଙ୍କ ସହ ବୁଲିବାକୁ ଯିବେ। ବ୍ୟବସାୟରେ ଲାଭ ହେବ।

**ସିଂହ:** ସମାଜରେ ମାନ, ପ୍ରତିଷ୍ଠା ବଜାୟ ରହିବ। ସମ୍ପର୍କୀୟଙ୍କଠାରୁ ଆର୍ଥିକ ସହଯୋଗ ଲୋଡ଼ିବେ। ବ୍ୟବସାୟକୁ ନେଇ ବଡ଼ ନିଷ୍ପତ୍ତି ନେବେ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**କନ୍ୟା:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିବେ। ଅଫିସରେ ପଦୋନ୍ନତି ସମ୍ଭାବନା ଅଛି। ପରିବାର ସଦସ୍ୟଙ୍କ ସହ ମତଭେଦ ଦେଖା ଦେବ।

**ତୁଳା:** ପରିବାର ସହିତ ଦୂର ସ୍ଥାନକୁ ଯାତ୍ରା କରିବେ। ପେଟ ଜନିତ ସମସ୍ୟା ପାଇଁ ଚିନ୍ତାରେ ରହିବେ। ଧାର କରଜରୁ ଦୂରେଇ ରହିବେ। ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରିବେ।

**ବିଛା:** ଦିନଟିରେ କର୍ମଚଞ୍ଚଳ ରହିବେ। ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବେ। ବ୍ୟବସାୟ ବୃଦ୍ଧି ଲାଗି ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ଧନୁ:** ଅଫିସ୍‌ରେ କାର୍ଯ୍ୟଭାର ବୃଦ୍ଧି ପାଇବ। ଅଯଥା କାମରୁ ଦୂରେଇ ରହିବେ। ବୈବାହିକ ଜୀବନ ସୁଖମୟ ହେବ। ପ୍ରେମ ସମ୍ପର୍କ ମଜଭୁତ୍ ହେବ। ନିଯୁକ୍ତି ସୁଯୋଗ ପାଇବେ।

**ମକର:** ଅଫିସ୍‌ରେ ନୂଆ ଦାୟିତ୍ୱ ଗ୍ରହଣ କରିବେ। କାର୍ଯ୍ୟରେ ବ୍ୟସ୍ତ ରହିବେ। ବନ୍ଧୁଙ୍କୁ ମନକଥା କହିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ପରିବାରରେ ହସଖୁସି ଲାଗି ରହିବ।

**କୁମ୍ଭ:** ଦିନଟି ହସଖୁସିରେ ଅତିବାହିତ କରିବେ। ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ସାମିଲ ହେବେ। ସାମାଜିକ ଓ ଧାର୍ମିକ କାର୍ଯ୍ୟ ପ୍ରତି ମନ ବଳାଇବେ।

**ମୀନ:** ସହକର୍ମୀଙ୍କ ସହଯୋଗରେ ଅଫିସ୍ କାର୍ଯ୍ୟ ପୂରା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ଦିନ କାଟିବେ। ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ।

## ଆଜିର ଐତିହ୍ୟ

- ୧୯୧୫- ଗାନ୍ଧିଜୀ ପ୍ରଥମ ଥର ଶାନ୍ତିନିକେତନ ଯାତ୍ରା କରିଥିଲେ।
- ୧୯୩୩- ଆମେରିକାରେ ସାପ୍ତାହିକ ପତ୍ରିକା 'ନ୍ୟୁଜ୍ ୱିକ୍' ପ୍ରକାଶିତ।
- ୧୯୬୨- ଜର୍ମାନୀର ହ୍ୟାମବର୍ଗରେ ଆସିଥିବା ତୋଫାନରେ ୨୬୫ ଜଣଙ୍କ ପ୍ରାଣହାନି।
- ୧୯୯୬- ଇଣ୍ଡୋନେସିଆରେ ଆସିଥିବା ଭୂମିକମ୍ପ ଯୋଗୁଁ ୧୦୦ ଲୋକଙ୍କ ପ୍ରାଣହାନି।
- ୨୦୦୯- ନିର୍ବାଚନ ଆୟୋଗ ଅନ୍ତିମ ଚରଣ ମତଦାନ ଶେଷ ହେବା ପର୍ଯ୍ୟନ୍ତ ଏକଜିଟ୍ ପୋଲ୍‌ର ପ୍ରସାରଣ ଉପରେ ରୋକ୍ ଲଗାଇଲେ।

# ଅବସରପ୍ରାପ୍ତ ଆଇପିଏସ୍‌ଙ୍କ ମହାନତା

ଚାକିରି ଜୀବନରୁ ଅବସର ନେଇ ଲୋକେ ଆରାମ କରିଥାନ୍ତି। ପରିବାର ଲୋକଙ୍କ ସହ ସମୟ ଅତିବାହିତ କରନ୍ତି। ହେଲେ ଏଥିରୁ ବ୍ୟତିକ୍ରମ ଚଣ୍ଡିଗଡ଼ର ଅବସରପ୍ରାପ୍ତ ଆଇପିଏସ୍ ଇନ୍ଦ୍ରଜିତ୍ ସିଂହ ସିନ୍ଧୁ। ବୟସ ତାଙ୍କୁ ୮୮ ବର୍ଷ। ସେ ଭାରତୀୟ ପୁଲିସ ସେବାର ବରିଷ୍ଠ ଅଧିକାରୀ ଭାବେ କାମ କରିଛନ୍ତି। ଡିଆଇଜି ପରି ବଡ଼ ପଦବୀରେ ସେ କାମ କରି ସାରିଛନ୍ତି। ହେଲେ ଚାକିରିରୁ ଅବସର ନେବା ପରେ ସେ ପରିବେଶ ଓ ସହରକୁ ସଫା ରଖିବାକୁ ଚିନ୍ତା କରିଥିଲେ। ଚଣ୍ଡିଗଡ଼ରେ ଦିନକୁ ଦିନ ଅଳିଆ ଆବର୍ଜନା ବୃଦ୍ଧି ପାଉଥିବା ଦେଖି ସେ ଅନେକ ଥର ସ୍ୱର ଉଠାଇଥିଲେ। ହେଲେ ଏହାର କୌଣସି ସମାଧାନ ହୋଇ ନ ଥିଲା। ଏହାପରେ ସେ ସହରକୁ ସଫା କରିବା ଦାୟିତ୍ୱ ନିଜେ ନେଇଥିଲେ। ସେ ପ୍ରତିଦିନ ସକାଳେ ହାତରେ ଝାଡୁ ଏବଂ ଅଖା ଧରି ବାହାରି ଯାଆନ୍ତି। ସେ ଯେତେବେଳେ ଏହି କାମ ଆରମ୍ଭ କରିଥିଲେ କିଛି ଲୋକ ତାଙ୍କୁ ଥଟ୍ଟା ପରିହାସ କଲେ। କେହି କେହି ପାଗଳ ବୋଲି ତାଙ୍କୁ କହିବାକୁ ଲାଗିଲେ। ହେଲେ ଏସବୁକୁ ଧ୍ୟାନ ଦେଇ ନ ଥିଲେ ଇନ୍ଦ୍ରଜିତ। ସେ ନିଜର ଲକ୍ଷ୍ୟପଥରେ ଆଗେଇ ଚାଲିଥିଲେ। ଦୈନିକ ସେ ରାସ୍ତା ସଫେଇ କରୁଥିବାର ଦେଖି କିଛି ଲୋକ ତାଙ୍କ ସହିତ ଯୋଡ଼ି ହୋଇଥିଲେ। ପରିବାର ଲୋକେ ମଧ୍ୟ ତାଙ୍କୁ ଏହି କାମରେ ସାହାଯ୍ୟ କରୁଥିଲେ। ଇନ୍ଦ୍ରଜିତ୍‌ଙ୍କର ଏକ ଛୋଟ ପ୍ରୟାସ ଧୀରେ ଧୀରେ ଜନ ଆନ୍ଦୋଳନର ରୂପ ନେଇଥିଲା। ତାଙ୍କର ଏହି ନିଷ୍ପାପର କାମ ପାଇଁ ଚଳିତବର୍ଷ ସାଧାରଣତନ୍ତ୍ର ଦିବସରେ ଭାରତ ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ତେବେ ବୟସ ଯାହା ବି ହୋଇଥାଉନା କାହିଁକି କାର୍ଯ୍ୟପ୍ରତି ନିଷ୍ଠା, ଦୃଢ଼ ମନୋବଳ ଜଣଙ୍କୁ ନୂଆ ପରିଚୟ ଦେଇଥାଏ ବୋଲି ଇନ୍ଦ୍ରଜିତ୍ ପ୍ରମାଣିତ କରିଛନ୍ତି।




# ମହଙ୍ଗା ପଡ଼ିଲା ପାରାକୁ ଦାନା ଦେବା



ପକ୍ଷୀଙ୍କୁ ଦାନା ଦେବା ଏକ ପୁଣ୍ୟକାର୍ଯ୍ୟ ଯାହାକି ପରିବେଶ ଓ ଜୀବଜନ୍ତୁଙ୍କ ପ୍ରତି ସମ୍ବେଦନଶୀଳତା ଦର୍ଶାଏ। ଏଥିପାଇଁ ଅନେକ ଲୋକ ପକ୍ଷୀଙ୍କୁ ଖାଦ୍ୟ ଓ ପାଣି ଦେଇଥାନ୍ତି। ହେଲେ ପାରାକୁ ଦାନା ଦେବା ସିଙ୍ଗାପୁରର ଜଣେ ମହିଳାଙ୍କୁ ମହଙ୍ଗା ପଡ଼ିଛି। ଏଥିପାଇଁ ଅଦାଲତଙ୍କ ପକ୍ଷରୁ ତାଙ୍କ ଉପରେ ୨ ଲକ୍ଷ ଟଙ୍କା ଜରିମାନା ଲଗାଯାଇଛି। ଭାରତୀୟ ବଂଶୋଦ୍ଭବ ଶମୁଗନାଥନ ଶମଲା(୭୧)ଙ୍କ ଉପରେ ପାରାଙ୍କୁ ଦାନ ଦେବା ପାଇଁ ଭାରତୀୟ ମୁଦ୍ରାରେ ୨.୨୭ ଲକ୍ଷ ଟଙ୍କା ଜରିମାନା ଲଗାଯାଇଛି। ଏନେଇ ସିଙ୍ଗାପୁର ଅଦାଲତଙ୍କ କହିବାକଥା, ମହିଳା ଜଣକ ଛଅମାସ ଭିତରେ ନଅ ଥର ଏହି କାର୍ଯ୍ୟ କରିଛନ୍ତି। ଏଥିମଧ୍ୟରୁ ସେ ଚାରୋଟି ଅଭିଯୋଗକୁ ନିଜେ ସ୍ୱୀକାର କରିଛନ୍ତି। ତେବେ ପୂର୍ବରୁ ମହିଳାଙ୍କ ନାମରେ ଜଙ୍ଗଲ ପକ୍ଷୀଙ୍କୁ ଖାଦ୍ୟ ଦେଉଥିବା ଅଭିଯୋଗ ହୋଇଥିଲା। ସେ ଏହାର ପୁନରାବୃତ୍ତି କରିବେ ନାହିଁ ବୋଲି ସେତେବେଳେ କହିଥିଲେ। ଏହାସତ୍ତ୍ୱେ ସେ ପୁଣି ଏହି ଭୁଲ କରିଥିଲେ। ଏହାପରେ ଅଦାଲତ ଏହାକୁ ଗମ୍ଭୀରତାର ସହ ନେଇଥିଲେ। ମାମଲାର ଶୁଣାଣି ସମୟରେ ସରକାରୀ ଓକିଲ ଏହି ମହିଳା ଜଣକ ବାରମ୍ବାର ନିୟମ ଭାଙ୍ଗୁଥିବା କଥା କହିଥିଲେ। ସିଙ୍ଗାପୁରରେ ଏପରି କରିବା ବେଆଇନ ଜାଣି ମଧ୍ୟ ଜୁଲାଇ ୨୦୨୫ରୁ ଜାନୁୟାରୀ ୨୦୨୬ ମଧ୍ୟରେ ମହିଳା ଜଣକ ବାରମ୍ବାର ଏହି କାର୍ଯ୍ୟ କରିଥିବା ସେ କହିଥିଲେ। ସେ ଏହି ମହିଳାଙ୍କର ଭିଡିଓ ମଧ୍ୟ ଦେଖାଇଥିଲେ। ଏଥିରେ ମହିଳା ଜଣକ ତାଙ୍କ ଫ୍ଲାଟ୍ ନିକଟରେ ଥିବା ରାସ୍ତାକୁ ଆସି ପାରାଙ୍କୁ ଦାନା ଦେଉଥିବାର ଦେଖାଯାଇଛି। ସିଙ୍ଗାପୁର ୱାଇଲ୍ଡ ଲାଇଫ୍ ନିୟମ ଅନୁଯାୟୀ, ପକ୍ଷୀମାନଙ୍କୁ ରାସ୍ତାରେ ଖାଇବାକୁ ଦେବା ଦ୍ୱାରା ଜନସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ସମସ୍ୟା ସୃଷ୍ଟି ହୋଇପାରେ। କପୋତଗୁଡ଼ିକ ସାଲମୋନେଲା ଭଳି ଜୀବାଣୁ ବହନ କରିପାରନ୍ତି ଏବଂ ଘର ପାଖରେ ପକ୍ଷୀ ସଂଖ୍ୟା ବୃଦ୍ଧି କରିପାରନ୍ତି। ଅନ୍ୟାନ୍ୟ ସୁରକ୍ଷା ଚିନ୍ତା ମଧ୍ୟ ସୃଷ୍ଟି ହୋଇପାରେ।

# 'ରାଗିଣୀ ୩'ରେ ତମନ୍ନା



ବାଲାଜୀ ମୋସନ୍ ପିକ୍‌ଚର୍ସର ସଫଳ ଫ୍ରାଞ୍ଚାଇଜ୍ 'ରାଗିଣୀ'ର ତୃତୀୟ ପାର୍ଟ 'ରାଗିଣୀ ୩'କୁ ନେଇ ଏବେ ଚର୍ଚ୍ଚା ଆରମ୍ଭ ହୋଇ ଯାଇଛି। ଏଥିରେ ଲିଡ୍ ରୋଲରେ ତମନ୍ନା ଭାଟିଆ ନଜର ଆସିବେ। ସେହିପରି ତମନ୍ନାଙ୍କ ବିପକ୍ଷରେ ଅମିର୍ ଖାନ୍‌ଙ୍କ ପୁଅ ଜୁନେଦ୍ ଖାନ୍ ଦେଖାଯିବେ। ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଶଶାଙ୍କ ଘୋଷ ଅଛନ୍ତି। ଶଶାଙ୍କ ଏହାପୂର୍ବରୁ 'ବୀରେ ଦି ୱେଡିଂ', 'ଫ୍ରେଡି' ଭଳି ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି। ପ୍ରଥମ ଥର ପାଇଁ ଏହି ଫିଲ୍ମ ମାଧ୍ୟମରେ ତମନ୍ନା ଓ ଜୁନୈଦ୍ ବଡ଼ ପରଦାରେ ଏକାଠି ନଜର ଆସିବେ। ୨୦୧୧ରେ 'ରାଗିଣୀ ଏମ୍‌ଏମ୍‌ଏସ୍' ଓ ୨୦୧୪ରେ 'ରାଗିଣୀ ଏମ୍‌ଏସ୍‌ଏସ୍ ୨' ଆସିଥିଲା। ଏକତା ଏବେ ଏହି ସିରିଜ୍‌ର ଦୁଇଟି ଫିଲ୍ମଠାରୁ ତୃତୀୟ ଫିଲ୍ମରେ କିଛି ପରିବର୍ତ୍ତନ ଆଣିବେ। ତେବେ ଏହାର ଟାଇଟଲ୍ ମଧ୍ୟ ପୂର୍ବଭଳି 'ରାଗିଣୀ ଏମ୍‌ଏସ୍‌ଏସ୍ ୩' ନହୋଇ 'ରାଗିଣୀ ୩' ହେବ। ଏହାପୂର୍ବରୁ 'ରାଗିଣୀ ୩' ପାଇଁ ନୋରା ଫତେହିଙ୍କୁ ଅଫର୍ ଦିଆଯାଇଥିଲା। ସେ ଏହି ଫିଲ୍ମ ଛାଡ଼ି ଦେବାରୁ ଏବେ ତାଙ୍କ ସ୍ଥାନରେ ଏକତା ତମନ୍ନାଙ୍କୁ ନେଇଛନ୍ତି।

# ଶିମ୍‌ଲା ଲଙ୍କା ଚାଷରୁ କୋଟିପତି



ଚାଷ କାମ ଯାହାର କି ଆନନ୍ଦ ତାହାର। ଏହି ଉକ୍ତିକୁ ପ୍ରମାଣିତ କରିଛନ୍ତି ଉତ୍ତରପ୍ରଦେଶ ଅନ୍ତର୍ଗତ ଲକ୍ଷ୍ନୌ ଜିଲ୍ଲା ମୋହନଲାଲଗଞ୍ଜ ଅଞ୍ଚଳର ସରଦାର ଦେବିନ୍ଦର ସିଂହ। ସେ ଏଗ୍ରିପ୍ଲାଷ୍ଟ ସହାୟତାରେ ପଲିହାଉସ୍‌ରେ ଲାଲ୍ ଓ ହଳଦିଆ ଶିମ୍‌ଲା ଲଙ୍କା ଚାଷ କରି ଜଣେ ସଫଳ ଚାଷୀ ପାଲଟିଛନ୍ତି। ୨୦୧୫ ମସିହାରେ ସେ ଚାଷ କାମ ଆରମ୍ଭ କରିଥିଲେ। ଏବେ ସେ ରଙ୍ଗୀନ ଶିମ୍‌ଲା ଲଙ୍କା ସହିତ ବିଟ୍, ବ୍ରୋକୋଲି, ବିଦେଶୀ କାକୁଡ଼ି ଆଦି ଚାଷ କରି ଭଲ ରୋଜଗାର କରୁଛନ୍ତି। ଦେବିନ୍ଦର ମୋଟ୍ ୧୦ ଏକର ଜମିରେ ବିଭିନ୍ନ ପ୍ରକାର ପନିପରିବା ଚାଷ କରୁଥିବାବେଳେ ତିନି ଏକର ଜମିରେ ପଲିହାଉସ୍‌ରେ ଶିମ୍‌ଲା ଲଙ୍କା ଚାଷ କରନ୍ତି। ଅବଶ୍ୟ ଚାଷ ପାଇଁ ସେ କେନ୍ଦ୍ର ସରକାରଙ୍କ ଜାତୀୟ ଉଦ୍ୟାନ କୃଷି ବୋର୍ଡ ଯୋଜନାର ଲାଭ ଉଠାଇଛନ୍ତି। ପାଖାପାଖି ୭୦ ଲକ୍ଷ ଟଙ୍କା ଖର୍ଚ୍ଚରେ ସେ ପଲିହାଉସ୍ ତିଆରି କରିଥିଲେ। ଏନେଇ ତାଙ୍କୁ ସବ୍‌ସିଡି ମଧ୍ୟ ମିଳିଛି। ଏବେ ସେ ଚାଷକାର୍ଯ୍ୟରୁ ବାର୍ଷିକ ଏକ କୋଟି ୩୦ଲକ୍ଷଟଙ୍କାର କାରବାର କରୁଛନ୍ତି। ଆରମ୍ଭରୁ ଅତ୍ୟାଧୁନିକ ପ୍ରଣାଳୀରେ ଚାଷ କରିବା ଆଦୌ ସହଜ ନ ଥିଲା। ହେଲେ ଦୃଢ଼ ଇଚ୍ଛାଶକ୍ତି ଓ ଧୈର୍ଯ୍ୟ ବଳରେ ସେ ଚାଷରୁ ଅଧିକ ଲାଭ ପାଇଲେ। ଅମଳ ଶିମ୍‌ଲାଲଙ୍କାକୁ ସେ ଅନ୍‌ଲାଇନ୍ ଏବଂ ଅଫ୍‌ଲାଇନ୍‌ରେ ବିକ୍ରି କରିଥାନ୍ତି। ସ୍ଥାନୀୟ ଅଞ୍ଚଳରେ ପନିପରିବା ବିକ୍ରି କରନ୍ତି। ବୁନ୍ଦା ଜଳସେଚନ ଏବଂ ନିୟନ୍ତ୍ରିତ ବାତାବରଣରେ ଚାଷ ଯୋଗୁଁ ପାଣି ଅପଚୟ ରୋକାଯିବା ସହ ଉତ୍ପାଦନ ଭଲ ହେଉଛି ବୋଲି କୁହନ୍ତି ଦେବିନ୍ଦର। ସେ କୃଷି ବିଶେଷଜ୍ଞଙ୍କ ପରାମର୍ଶ ନେଇ ଚାଷ କରିଥିଲେ। ଅନ୍ୟଚାଷୀମାନଙ୍କୁ ଅତ୍ୟାଧୁନିକ ଚାଷ ପ୍ରଣାଳୀ ଆପଣାଇବା ପାଇଁ ସେ ଏବେ ପରାମର୍ଶ ଦେଉଛନ୍ତି।




# ମେସିନ୍ କାଟିବ କୋବି



ଅଧିକାଂଶ ଚାଷୀ ପନିପରିବା ସହିତ କୋବି ଚାଷ କରିଥାନ୍ତି। ଅମଳ କୋବି ତୋଳିବାକୁ ପ୍ରାୟତଃ ହାତ ଉପରେ ନିର୍ଭର କରନ୍ତି। ଏଥିପାଇଁ ଖର୍ଚ୍ଚ ଓ ଶ୍ରମ ଅଧିକ ଲାଗିଥାଏ। ତେଣୁ ଚାଷୀମାନେ ହାତ ବଦଳରେ କୋବି ଅମଳ ଯନ୍ତ୍ର ବ୍ୟବହାର କରିପାରିବେ। ଏହା ଏକ ଅତ୍ୟାଧୁନିକ କୃଷି ଯନ୍ତ୍ର। ଏହି ମେସିନ୍ କମ୍ ସମୟରେ ଅମଳଯୁକ୍ତ କୋବିକୁ ଶୀଘ୍ର କାଟିଥାଏ। ଟ୍ରାକ୍ଟର ସହିତ ଏହି ମେସିନ୍‌କୁ ସଂଯୋଗ କରାଯାଇ ଜମିରେ ଚଳାଯାଏ। ଏହି ମେସିନ୍ ସମ୍ମୁଖରେ ଲାଗିଥିବା ଧାରୁଆ ପାତ କୋବି ମୂଳରୁ କାଟିଥାଏ। ପରେ କନଭେୟର ବେଲ୍ଟ ଜରିଆରେ କଟା କୋବିକୁ ପଛ ପାର୍ଶ୍ୱକୁ ପହଞ୍ଚାଏ। ଫଳରେ କୋବି ଭଲ ଭାବେ ସଫା କରାଯାଇପାରେ। ଏହି ମେସିନ୍‌ରେ ଲାଗିଥିବା ପାତ ଭିନ୍ନ ଭିନ୍ନ ଆକାର ଏବଂ ହିସାବ ଅନୁଯାୟୀ ନିୟନ୍ତ୍ରଣ କରାଯାଇ ପାରେ। କୋବି ଅମଳ ଯନ୍ତ୍ରରେ କଟାଯାଉଥିବା କୋବି ସାଇଜ୍‌ରେ କଟାଯାଉଥିବାରୁ ଏହା କ୍ଷତିଗ୍ରସ୍ତ ହୁଏ ନାହିଁ। ଏହାଦ୍ୱାରା ବଜାରରେ କୋବିର ସଠିକ୍ ମୂଲ୍ୟ ମିଳିଥାଏ। ଏଥିପାଇଁ ଅଧିକ ସମୟ ଲାଗେ ନାହିଁ। ଏହି ଯନ୍ତ୍ର ମହଙ୍ଗା ହୋଇଥିବାରୁ ଚାଷୀମାନେ ମିଳିତ ଭାବେ ବା କୃଷକ ଉତ୍ପାଦକ ସଂଗଠନ ଏହି ମେସିନ୍ କିଣି ବ୍ୟବହାର କରିପାରିବେ।

# ପତ୍ର ହଳଦିଆ ପଡୁଥିଲେ...

ଅଧୁନା ଅଧିକ ଉତ୍ପାଦନ ଆଶାରେ ଚାଷୀମାନେ ଗୋଟିଏ ଜମିରେ ମାତ୍ରାଧିକ ସାର ପ୍ରୟୋଗ କରୁଛନ୍ତି। ଦୀର୍ଘ ଦିନ ଧରି ସାର ପ୍ରୟୋଗ ଦ୍ୱାରା ମାଟିର ଉର୍ବରତା ହ୍ରାସ ପାଇବା ସହ ଜିଙ୍କ୍ ଅଭାବ ଦେଖାଯାଉଛି। ଏହାଦ୍ୱାରା ଫସଲ ବୃଦ୍ଧିରେ ସମସ୍ୟା ହୋଇଥାଏ। ଯଦିଓ ଭାରତର ଅଧିକାଂଶ ଜମିରେ ଜିଙ୍କର ଅଭାବ ଦେଖିବାକୁ ମିଳେ। ତେଣୁ ଫସଲରେ ଜିଙ୍କ୍ ଅଭାବ ପୂରଣ କରିବାକୁ କୃଷି ବିଶେଷଜ୍ଞଙ୍କ ପରାମର୍ଶରେ ଜିଙ୍କ୍ ପ୍ରୟୋଗ କରିପାରିବେ।

ଗଛ ବୃଦ୍ଧି, ନୂଆ ପତ୍ର କଅଁଳିବା ତଥା ଚେର ଶକ୍ତ ପାଇଁ ଜିଙ୍କ୍ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ରୋଗ ଲାଗିବା ଆଶଙ୍କା କମ୍ ଥିବାରୁ ଅମଳ ଭଲ ହୁଏ। ହେଲେ ଜିଙ୍କ୍ ଅଭାବରୁ ପତ୍ରଗୁଡିକ ହଳଦିଆ ପଡ଼ିଥାଏ। ପତ୍ର ସମ୍ପୂର୍ଣ୍ଣ ରୂପେ ବିକଶିତ ହୋଇପାରେନି। ବିଶେଷ କରି ମକା, ଧାନ, ଗହମ ଆଦି ଫସଲରେ ଏହି ସମସ୍ୟା ଅଧିକ ଦେଖାଯାଇଥାଏ। ତେଣୁ ଜିଙ୍କ୍‌ର ଅଭାବ ପୂରା କରିବାକୁ ସଠିକ ପରିମାଣର ଜିଙ୍କ୍ ସଲଫେଟ୍ ବ୍ୟବହାର କରିପାରିବେ। ସର୍ବଦା ମାଟି ପରୀକ୍ଷା ଆଧାରରେ ସଠିକ୍ ପରିମାଣରେ ଜିଙ୍କ୍ ବ୍ୟବହାର କରିବା ଆବଶ୍ୟକ। ବିହନ ବୁଣିବା ପୂର୍ବରୁ ଜିଙ୍କ୍‌କୁ ଖତ ସହିତ ମିଶାଇ ପ୍ରୟୋଗ କଲେ ଫସଲ ବୃଦ୍ଧି ଭଲ ହୋଇଥାଏ।




## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନରେ ମହିଷା ରୋଗର ଲକ୍ଷଣ ଦେଖାଗଲେ ପ୍ରତି ୨୦୦ ଲିଟର ପାଣିରେ ୮୦ ଗ୍ରାମ୍ ଟେବୁକୋନାଜୋଲ୍ ୫୦% ସହିତ ଆଇସୋପ୍ରୋଥିଓଲେନ୍ ୪୦ ଇସି ୩୦୦ ମିଲି ସିଞ୍ଚନ କରନ୍ତୁ। ୭ରୁ ୧୦ ଦିନ ବ୍ୟବଧାନରେ ଆଉଥରେ ପ୍ରୟୋଗ କରନ୍ତୁ।
- ଆଖୁ ବିହନ ଲଗାଇବା ପୂର୍ବରୁ ବିହନ ବିଶୋଧନ ନିହାତି ଜରୁରି। ଏଥିପାଇଁ ୧୦୦ଲିଟର ପାଣିରେ ୧୫୦ଗ୍ରାମ୍ କାର୍ବେଣ୍ଡାଜିମ୍ ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରି ସେଥିରେ ଆଖୁଖଣ୍ଡଗୁଡ଼ିକୁ ୩୦ ମିନିଟ୍ ବୁଡାଇ ମୁଖ୍ୟ ଜମିରେ ଲଗାନ୍ତୁ।
- ଶଙ୍କର କିସମ ଭେଣ୍ଡି ପାଇଁ ଏକର ପ୍ରତି ୧.୫ କିଗ୍ରା ବିହନ ଉପଯୋଗୀ।
- ବର୍ତ୍ତମାନ ଗାଈଗୋରୁଙ୍କଠାରେ ଚର୍ମବିଣ୍ଡି ରୋଗ ବ୍ୟାପୁଛି। ଏହି ରୋଗର ଲକ୍ଷଣରେ ଦେହରେ ଆଲୁ ଫଳିଯିବା ସହ ଜ୍ୱର ଆସିଥାଏ ଓ ଦୁଗ୍ଧ ଉତ୍ପାଦନ କମି ଯାଇଥାଏ। ଏହି ରୋଗ ମୁଖ୍ୟତଃ ମଶା, ମାଛି ଓ ଡାଆସ ଦ୍ୱାରା ବ୍ୟାପିଥାଏ। ତେଣୁ ଗୁହାଳ ପରିସରକୁ ସଫା ରଖନ୍ତୁ। ଉପରୋକ୍ତ ଲକ୍ଷଣ ଦେଖାଦେଲେ ତୁରନ୍ତ ପ୍ରାଣୀ ଚିକିତ୍ସକଙ୍କ ସହ ଯୋଗାଯୋଗ କରନ୍ତୁ।

# ଫୁଲ ଗଛର ଯତ୍ନ



ବର୍ତ୍ତମାନ ବାଡ଼ିବଗିଚାରେ ନାନା ରଙ୍ଗ ବେରଙ୍ଗର ଫୁଲ ଫୁଟୁଛି। ଏହି ଫୁଲ ଗଛର ସଠିକ ଯତ୍ନ ନେବା ସହ ଚାଷୀଭାଇମାନେ ଏବେଠାରୁ କେଉଁ କେଉଁ ଫୁଲ ଗଛ ଲଗାଇବେ ସେ ବିଷୟରେ ଜାଣିବା।

ସୂର୍ଯ୍ୟମୁଖୀ, ଗେଣ୍ଡୁ, ଗୋଲାପ, ରଙ୍ଗଣୀ, ସ୍ଥଳପଦ୍ମ, ଜିନିଆ ଆଦି ଫୁଲ ଗଛ ଲଗାଇବାକୁ ଏବେ ଉପଯୁକ୍ତ ସମୟ। ଫେବୃଆରୀ ୨୦ ମଧ୍ୟରେ ବିହନ ଲଗାଇବା ଜରୁରି। ବିହନ ଲଗାଇବା ପୂର୍ବରୁ ୨୪ଘଣ୍ଟା ଏହାକୁ ଭିଜାଇ ରଖିବାକୁ ହୁଏ। ସୂର୍ଯ୍ୟମୁଖୀ ଲାଗିଥିବା କୁଣ୍ଡକୁ ସୂର୍ଯ୍ୟକିରଣ ପଡୁଥିବା ସ୍ଥାନରେ ରଖି ହାଲୁକା ଜଳସିଞ୍ଚନ କରି ପାରିବେ। କୁଣ୍ଡରେ ପାଣି ଜମିବାକୁ ଦିଅନ୍ତୁନି। ରଙ୍ଗଣୀ ଓ ଜିନିଆ ବିହନକୁ ମାଟିରେ ହାଲୁକା ସିଞ୍ଚି ଏହା ଉପରେ ମାଟି ଚଳାଇବା ଉଚିତ।

ଅନ୍ୟପଟେ ପୂର୍ବରୁ ଲାଗିଥିବା ଫୁଲଗଛରେ ନିୟମିତ ପାଣି ଦେବା ଆବଶ୍ୟକ। ଲିଟର ପାଣିରେ ସୋରିଷପିଡ଼ିଆର ତରଳ ଔଷଧ ଅଳ୍ପ ମିଶାଇ ଗଛ ମୂଳରେ ଦେଇ ପାରିବେ। ଏହା ଗଛକୁ ଫସ୍‌ଫରସ, ଯବକ୍ଷାରଜାନ, ପ୍ରୋଟିନ୍ ଯୋଗାଇଥାଏ। ୧୦ଦିନ ବ୍ୟବଧାନରେ ତରଳ ଔଷଧ ଦେବା ଆବଶ୍ୟକ। କବକ ଯୋଗୁଁ ଗଛର ବୃଦ୍ଧି ଓ ଫୁଲ ଫୁଟିବାରେ ସମସ୍ୟା ହୁଏ। ଏଥିପାଇଁ ସର୍ପପାଣି କିମ୍ବା ନିମ୍ବତେଲ ପ୍ରୟୋଗ କରିପାରିବେ।

**ଦ୍ୱିତୀୟ ପରାଜୟ ସହ ବିଦାୟର ଦ୍ୱାରଦେଶରେ ଅଷ୍ଟ୍ରେଲିଆ**

# ଶ୍ରୀଲଙ୍କାକୁ ଜିତାଇଲେ ପାଥୁମ ନିଶାଙ୍କା



ପାଲେକେଲେ,୧୬।୨(ଏଜେନ୍ସି): ପାଥୁମ ନିଶାଙ୍କାଙ୍କ ଅପରାଜିତ ଶତକ, ବୋଲରଙ୍କ ଶୃଙ୍ଖଳିତ ପ୍ରଦର୍ଶନ ବଳରେ ଏଠାରେ ସୋମବାର ଅନୁଷ୍ଠିତ ଗ୍ରୁପ୍-ବି'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଶ୍ରୀଲଙ୍କା ୮ ୱିକେଟରେ ଅଷ୍ଟ୍ରେଲିଆକୁ ପରାସ୍ତ କରିଛି। ୧୦୦ ରନ୍‌ରେ ଅପରାଜିତ ଥିବା ନିଶାଙ୍କା ଚଳିତ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଶତକ ହାସଲ କରିଛନ୍ତି। ଏହି ମ୍ୟାଚ୍ ପରେ ଶ୍ରୀଲଙ୍କା ହ୍ୟାଟ୍ରିକ୍ ବିଜୟ ସହ ୫ମ ଦଳ ଭାବେ ସୁପର-୮'ରେ ପ୍ରବେଶ କରିଛି। କିନ୍ତୁ ଦ୍ୱିତୀୟଥର ପରାଜିତ ହେବା ପରେ ଅଷ୍ଟ୍ରେଲିଆ ଗ୍ରୁପ୍ ପର୍ଯ୍ୟାୟରୁ ବିଦା ହେବାର ଆଶଙ୍କା ପ୍ରକାଶ ପାଇଛି। ଏହି ଗ୍ରୁପ୍‌ରେ ଆସନ୍ତାକାଲି ହେବାକୁ ଥିବା ମ୍ୟାଚ୍‌ରେ ଆୟର୍ଲାଣ୍ଡକୁ ଯଦି ଜିମ୍ବାୱେ ହରାଇ ଦିଏ, ତେବେ ଅଷ୍ଟ୍ରେଲିଆ ଲିଗ୍ ପର୍ଯ୍ୟାୟରୁ ବିଦା ହେବ। ବିଜୟୀ ହେଲେ ଜିମ୍ବାୱେ ଗ୍ରୁପ୍-ବି'ରୁ ଦ୍ୱିତୀୟ ଦଳ ଭାବେ ସୁପର-୮'ରେ ପ୍ରବେଶ କରିବ। ଏହି ମ୍ୟାଚ୍ ପରେ ଶ୍ରୀଲଙ୍କା ୩ଟି ମ୍ୟାଚ୍‌ରୁ ୬, ଜିମ୍ବାୱେ ୨ଟି ମ୍ୟାଚ୍‌ରୁ ୪ ଓ ଅଷ୍ଟ୍ରେଲିଆ ୩ଟି ମ୍ୟାଚ୍‌ରୁ ୨ ପଏଣ୍ଟ ପାଇ ଗ୍ରୁପ୍-ବି'ରେ ପ୍ରଥମ ୩ଟି ସ୍ଥାନରେ ରହିଛନ୍ତି।

ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଟ୍ରାଭିସ ହେଡ୍ ୫୬ ଓ ମିଚେଲ ମାର୍ଶ ୫୪ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରି ଅଷ୍ଟ୍ରେଲିଆ ୧୮୧ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଜବାବରେ ଶ୍ରୀଲଙ୍କା ଆରମ୍ଭରୁ ପ୍ରଭାବୀ ଖେଳ ପ୍ରଦର୍ଶନ କରି ୨ ଓଭର ଓ ୮ ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଦଳ ପକ୍ଷରୁ ଚଳିତ ଟୁର୍ଣ୍ଣାମେଣ୍ଟରେ ପ୍ରଥମ ଶତକ ହାସଲ କରିଥିବା ଶ୍ରୀଲଙ୍କାର ଓପନର ପାଥୁମ ନିଶାଙ୍କା ୫୨ ବଲ୍‌ରୁ ଠିକ୍ ୧୦୦ ରନ୍ କରି ଅପରାଜିତ ରହିଥିଲେ। ଏହି ଅପରାଜେୟ ଇନିଂସରେ ସେ ୧୦ ଚୌକା ଓ ୫ ଛକା ମାରି ଅଷ୍ଟ୍ରେଲିଆକୁ ବିପଦ ମଧ୍ୟକୁ ଠେଲି ଦେଇଛନ୍ତି। ଦ୍ୱିତୀୟ ଓଭରରେ କୁଶାଲ ପରେରା (୧)ଙ୍କ ଆଉଟ ପରେ ବ୍ୟାଟିଂ କରିବାକୁ ଆସିଥିବା କୁଶାଲ ମେଣ୍ଡିସ୍ ଓ ନିଶାଙ୍କା ଦ୍ୱିତୀୟ ୱିକେଟରେ ୬୬ ବଲ୍‌ରୁ ୯୭ ରନ୍ ଉଠାଇ ବିଜୟର ମୂଳଦୁଆ ପକାଇଥିଲେ। କୁଶାଲ ମେଣ୍ଡିସ୍ ୩୮ ବଲ୍‌ରୁ ୫୧ ରନ୍ କରି ଆଉଟ ହେବା ପରେ ନିଶାଙ୍କା ଓ ଯୁବ ଖେଳାଳି ପବନ ରତନାୟକେ ଅବିଭକ୍ତ ତୃତୀୟ ୱିକେଟ ଭାଗୀଦାରିରୁ ମାତ୍ର ୩୪ ବଲ୍‌ରେ ୭୯ ରନ୍ ଉଠାଇ ଦଳକୁ ସହଜ ବିଜୟ ପ୍ରଦାନ କରିଥିଲେ। ନିଶାଙ୍କା ୧୦୦ ଏବଂ ରତନାୟକେ ୧୫ ବଲ୍‌ରୁ ୬ ଚୌକା ସହ ୨୮ ରନ୍‌ରେ ଅପରାଜିତ ରହିଥିଲେ।

ପୂର୍ବରୁ ଅଷ୍ଟ୍ରେଲିଆ ପକ୍ଷରୁ ଦୁଇ ଓପନର ମିଚେଲ ମାର୍ଶ ଓ ଟ୍ରାଭିସ୍ ହେଡ୍ ପ୍ରଥମ ୱିକେଟରୁ ୧୦୨ ରନ୍ ଉଠାଇ ଭଲ ଆରମ୍ଭ ଦେଇଥିଲେ। କିନ୍ତୁ ଉଭୟ ବ୍ୟାଟରଙ୍କ ସହ ୨୬ ରନ୍‌ରେ ଦଳ ୪ଟି ୱିକେଟ ହରାଇବା ପରେ ଅଷ୍ଟ୍ରେଲିଆର ମିଡିଲ ଅର୍ଡର ବିପର୍ଯ୍ୟୟ ଘଟିଥିଲା। ମାର୍ଶ ୨୭ ବଲ୍‌ରୁ ୫୪ ଓ ହେଡ୍ ୨୯ ବଲ୍‌ରୁ ୫୬ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ବରିଷ୍ଠ ଲେଗ୍ ସ୍ପିନର ଦାସୁନ ହେମନ୍ତ ୩ଟି ଓ ଦୁଷ୍ମନ୍ତ ଚାମୀରା ୨ଟି ୱିକେଟ ନେବା ଫଳରେ ଅଷ୍ଟ୍ରେଲିଆ ବିଶାଳ ସ୍କୋର କରିବାରୁ ବଞ୍ଚିତ ହୋଇଥିଲା।

### ସଂକ୍ଷିପ୍ତ ସ୍କୋର

ଅଷ୍ଟ୍ରେଲିଆ: ୧୮୧/୧୦, ୨୦ ଓଭର (ହେଡ୍-୫୬, ମାର୍ଶ-୫୪,ହେମନ୍ତ-୩/୩୭, ଚାମୀରା-୨/୩୬)।
ଶ୍ରୀଲଙ୍କା: ୧୮୪/୨, ୧୮ ଓଭର (ନିଶାଙ୍କା ଅପରାଜିତ-୧୦୦, କୁଶାଲ ମେଣ୍ଡିସ୍-୫୧, ରତନାୟକେ-ଅପରାଜିତ-୨୮, ଷ୍ଟୋଇନିସ୍-୨/୪୬)।

**ଆଜିର ବିଶ୍ୱକପ୍ ମ୍ୟାଚ୍**

| ମ୍ୟାଚ୍ | ସମୟ | ସ୍ଥାନ |
|---|---|---|
| ନ୍ୟୁଜିଲାଣ୍ଡ-କାନାଡା | ପୂର୍ବାହ୍ନ ୧୧ଟା | ଚେନ୍ନାଇ |
| ଆୟର୍ଲାଣ୍ଡ-ଜିମ୍ବାୱେ | ଅପରାହ୍ଣ ୩ଟା | ପାଲେକେଲେ |
| ସ୍କଟଲାଣ୍ଡ-ନେପାଳ | ରାତି ୭ଟା | ମୁମ୍ବଇ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

## ଭାରତ ସୁପର-୮'ରେ ୱେଷ୍ଟଇଣ୍ଡିଜ୍ ଓ ଦକ୍ଷିଣ ଆଫ୍ରିକା ସହ ଖେଳିବ

ନୂଆଦିଲ୍ଲୀ,୧୬।୨(ଏଜେନ୍ସି): ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ହରାଇ ଡିଫେଣ୍ଡିଂ ଚାମ୍ପିଅନ ଭାରତ ଚଳିତ ପୁରୁଷ ଟି-୨୦ ବିଶ୍ୱକପ୍‌ର ସୁପର-୮'ରେ ପ୍ରବେଶ କରିଛି। ସୁପର-୮'ରେ ଶ୍ରେଷ୍ଠ ୮ଟି ଦଳ ଭାଗନେବେ। ଏହି ୮ଟି ଦଳକୁ ଦୁଇଟି ଗ୍ରୁପ୍‌ରେ ଭାଗ କରାଯାଇ ସେମାନଙ୍କ ମଧ୍ୟରେ ଲିଗ୍ ଭିତ୍ତିରେ ମ୍ୟାଚ୍ ଖେଳାଯିବ। ଏଥିରୁ ୨ଟି ଲେଖାଏଁ ଶ୍ରେଷ୍ଠ ଦଳ ସେମିଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବେ। ଏବେ ସୁଦ୍ଧା ଭାରତ, ୱେଷ୍ଟଇଣ୍ଡିଜ୍, ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ସୁପର-୮'କୁ ଯୋଗ୍ୟତା ଅର୍ଜନ କରିସାରିଛନ୍ତି। ଆଉ ୪ଟି ଦଳ ଏହି ସ୍ଥାନ ପୂରଣ କରିବେ। ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ଆଇସିସି ମାନ୍ୟତା ଭିତ୍ତିରେ ସୁପର-୮ ଗ୍ରୁପ୍‌ରେ କିଏ କେଉଁ ଗ୍ରୁପ୍‌ରେ ସ୍ଥାନ ପାଇବେ ତାହା ସ୍ଥିର ହୋଇଛି। ଏହି ନିୟମ ଅନୁଯାୟୀ ଗ୍ରୁପ୍-୧ରେ ଭାରତ ସହ ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ଗ୍ରୁପ୍-ବି'ରୁ ଅଷ୍ଟ୍ରେଲିଆ କିମ୍ବା ଜିମ୍ବାୱେକୁ ସ୍ଥାନ ମିଳିବ। ଯଦି ଟୁର୍ଣ୍ଣାମେଣ୍ଟ ପୂର୍ବରୁ ମାନ୍ୟତା ପାଇଥିବା ଦଳ ଯୋଗ୍ୟତା ଅର୍ଜନ ନ କରନ୍ତି, ତେବେ ଦ୍ୱିତୀୟସ୍ଥାନରେ ଥିବା ଦଳ ଏହି ସ୍ଥାନ ପୂରଣ କରିବ। ବର୍ତ୍ତମାନ ସ୍ଥିତିରେ ଗ୍ରୁପ୍-ବି'ରୁ ଯଦି ଅଷ୍ଟ୍ରେଲିଆ ଯୋଗ୍ୟତା ହାସଲ କରି ନ ପାରେ, ତେବେ ଦ୍ୱିତୀୟ ସ୍ଥାନିତ ଦଳ ଜିମ୍ବାୱେ କିମ୍ବା ଆୟର୍ଲାଣ୍ଡ ଚତୁର୍ଥ ଦଳ ଭାବେ ଗ୍ରୁପ୍-୧'ରେ ସ୍ଥାନ ପାଇବେ।

**ଭାରତର ସୁପର-୮ ଖେଳସୂଚୀ**
୨୨।୨: ଭାରତ - ଦକ୍ଷିଣ ଆଫ୍ରିକା, ଅହମ୍ମଦାବାଦ୍
୨୬।୨: ଭାରତ- ଅଷ୍ଟ୍ରେଲିଆ/ଜିମ୍ବାୱେ, ଚେନ୍ନାଇ
୦୧।୩: ଭାରତ- ୱେଷ୍ଟଇଣ୍ଡିଜ୍, କୋଲକାତା

● ଓମରଜାଇଙ୍କ ଅଲରାଉଣ୍ଡ ସଫଳତା

## ସୁପର-୮ ଦୌଡ଼ରେ ରହିଲା ଆଫଗାନିସ୍ତାନ



ଦିଲ୍ଲୀ, ୧୬।୨ (ଏଜେନ୍ସି): ୟୁନାଇଟେଡ ଆରବ ଏମିରେଟ୍ସକୁ ୫ ୱିକେଟରେ ହରାଇ ଆଫଗାନିସ୍ତାନ ଏଠାରେ ଚାଲିଥିବା ପୁରୁଷ ଟି-୨୦ ବିଶ୍ୱକପ୍‌ରେ ପ୍ରଥମ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଦଳ ତାହାର ଶେଷ ଲିଗ୍ ମ୍ୟାଚ୍‌ରେ କାନାଡାକୁ ଭେଟିବ। ଏହି ମ୍ୟାଚ୍‌ରେ ଜିତିଲେ ଆଫଗାନିସ୍ତାନର ସୁପର-୮'ରେ ପ୍ରବେଶ କରିବା ଆଶାରେ ତିଷ୍ଠି ରହିଛି। ପୂର୍ବରୁ ଏହି ଏସୀୟ ଦଳ ତାହାର ଦୁଇଟିଯାକ ଗ୍ରୁପ୍-ଲିଗ୍ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ନିକଟରୁ ପରାଜିତ ହୋଇଛି। ଉଭୟ ଦଳ ସେମାନଙ୍କର ଶେଷ ଲିଗ୍ ମ୍ୟାଚ୍ କାନାଡା ବିପକ୍ଷରେ ଖେଳିବେ। ଏହି ମ୍ୟାଚ୍ ଶେଷରେ କେଉଁ ଦୁଇଦଳ ସୁପର-୮'କୁ ଉନ୍ନୀତ ହେବେ ତାହା ସ୍ପଷ୍ଟ ହେବ।

ସୋମବାର ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦୁଇ ଭାରତୀୟ ବଂଶୋଦ୍ଭବ ଖେଳାଳି ବିହାର ଜନ୍ମିତ ସୋଏବ ଖାନ୍ ୬୮ ଓ କେରଳ ଜନ୍ମିତ ଅଲିଶାନ ଶରାଫୁ ୪୦ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ୟୁଏଇ ୯ ୱିକେଟରେ ୧୬୦ ରନ୍ କରିଥିଲା। ପ୍ରତିପକ୍ଷ ଦଳର ଫାଷ୍ଟ ବୋଲର ଆଜମତୁଲ୍ଲା ଓମରଜାଇ ୧୫ ରନ୍‌ରେ ୪ଟି ଓ ମୁଜୀବ-ଉର-ରହମନ ୨ଟି ୱିକେଟ ପାଇଥିଲେ। ଜବାବରେ ଇବ୍ରାହିମ ଜଦ୍ରାନଙ୍କ ୫୩ରନ୍, ଡାରୱିଶ ରସୁଲିଙ୍କ ୩୩ ଓ ଓମରଜାଇଙ୍କ ୨୧ ବଲ୍‌ରୁ ଅପରାଜିତ ୪୦ ରନ୍ ବଳରେ ଆଫଗାନିସ୍ତାନ ୧୯.୨ ଓଭରରେ ୫ ୱିକେଟ ହରାଇ ବିଜୟ ହାସଲ କରିନେଇଥିଲା। ଦୁଇ ପାକିସ୍ତାନୀ ବଂଶୋଦ୍ଭବ ୟୁଏଇ ବୋଲର ଜୁନୈଦ୍ ସିଦ୍ଦିକ୍ ଓ ମହମ୍ମଦ୍ ଅର୍ମାନ ୨ଟି ଲେଖାଏଁ ୱିକେଟ ପାଇଥିଲେ।

## ଅଭିଷେକଙ୍କ କ୍ରମାଗତ 'ଶୂନ'

କଲମ୍ବୋ, ୧୬।୨ (ଏଜେନ୍ସି): ପେଟଜନିତ ସମସ୍ୟାରୁ ଆରୋଗ୍ୟ ଲାଭ କରି ପାକିସ୍ତାନ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିବା ଅଭିଷେକ ଶର୍ମା କିନ୍ତୁ ସମସ୍ତଙ୍କୁ ନିରାଶ କରିଥିଲେ। ସେ ପ୍ରତିପକ୍ଷ ଅଧିନାୟକ ସଲମାନ ଆଘାଙ୍କ ୪ଟି ବଲ୍ ଖେଳି ଥିଲେ ମଧ୍ୟ ଖାତା ଖୋଲି ନ ପାରି ଆଉଟ୍ ହୋଇଥିଲେ। ଏଥିପୂର୍ବରୁ ସେ ବିଶ୍ୱକପ୍‌ର ପ୍ରଥମ ମ୍ୟାଚରେ ଆମେରିକା ବିପକ୍ଷରେ ମଧ୍ୟ ପ୍ରଥମ ବଲରେ ଆଉଟ ହୋଇଥିଲେ। ଟି-୨୦ ବିଶ୍ୱକପରେ କ୍ରମାଗତ ୨ଟି ମ୍ୟାଚରେ 'ଶୂନ'ରେ ଆଉଟ୍ ହେବାରେ ଅଭିଷେକ ବିଶ୍ୱର ୩ୟ ଖେଳାଳି ହୋଇଛନ୍ତି। ବାଂଲାଦେଶର ଇମ୍ରୁଲ କାଏସ ଓ ଆଶିଷ ନେହେରାଙ୍କ କ୍ଲବରେ ସାମିଲ ହୋଇଛନ୍ତି।

## ଇଟାଲୀକୁ ହରାଇ ସୁପର-୮'ରେ ଇଂଲଣ୍ଡ

କୋଲକାତା,୧୬।୨(ଏଜେନ୍ସି): ନବାଗତ ଇଟାଲୀକୁ ୨୪ ରନ୍‌ରେ ହରାଇ ଇଂଲଣ୍ଡ ଗ୍ରୁପ୍-ସି'ରୁ ଦ୍ୱିତୀୟ ଦଳ ଭାବେ ପୁରୁଷ ଟି-୨୦ ବିଶ୍ୱକପ୍‌ର ସୁପର-୮'ରେ ପ୍ରବେଶ କରିଛି। ପୂର୍ବରୁ ଇଂଲଣ୍ଡକୁ ହରାଇ ଶୀର୍ଷରେ ଥିବା ୱେଷ୍ଟଇଣ୍ଡିଜ୍ ଏହି ଗ୍ରୁପ୍‌ରୁ ପ୍ରଥମ ଦଳ ଭାବେ ସୁପର-୮'ରେ ସ୍ଥାନ ସୁରକ୍ଷିତ କରିଥିଲା। ଉଭୟ ୱେଷ୍ଟଇଣ୍ଡିଜ୍ ଓ ଇଂଲଣ୍ଡ ୩ଟି ଲେଖାଏଁ ମ୍ୟାଚ୍‌ରେ ବିଜୟୀ ହୋଇ ୬ ପଏଣ୍ଟ ଲେଖାଏଁ ସଂଗ୍ରହ କରିଛନ୍ତି। ୱେଷ୍ଟଇଣ୍ଡିଜ୍‌ର ଆଉ ଗୋଟିଏ ମ୍ୟାଚ୍ ଖେଳିବାକୁ ବାକି ରହିଛି। ଇଂଲଣ୍ଡ ଇନିଂସରେ ୨୨ଟି ବଲ୍‌ରୁ ୩ ଚୌକା ଓ ୪ଛକା ସହ ଅପରାଜିତ ୫୩ ରନ୍ କରିବା ସହ ଗୋଟିଏ ୱିକେଟ ନେଇଥିବା ୱିଲ ଜ୍ୟାକ୍ସଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି।

ଇଡେନ ଗାର୍ଡେନରେ ଆଜି ଅନୁଷ୍ଠିତ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୭ ୱିକେଟରେ ୨୦୨ ରନ୍ କରିଥିଲା। ଦଳ ପକ୍ଷରୁ ଜ୍ୟାକ୍ସଙ୍କ ଅର୍ଦ୍ଧଶତକକୁ ବାଦ୍ ଦେଲେ ଟମ୍ ବାଣ୍ଟନ ୩୦, ଫିଲିପ ସଲ୍ଟ ୨୮, ସାମ କରାନ ୨୫ ଓ ଜ୍ୟାକବ ବେଥେଲ ୨୩ ରନ୍ କରିଥିଲେ। ପ୍ରତିପକ୍ଷ ଦଳର କ୍ରିଶାନ କାଲୁଗାମାଗେ ଓ ଗ୍ରାଣ୍ଟ ଷ୍ଟିୱାର୍ଟ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ଜବାବରେ ଇଟାଲୀ ଶକ୍ତିଶାଳୀ ଇଂଲଣ୍ଡ ବୋଲରଙ୍କ ବିପକ୍ଷରେ ଦମ୍ ଦେଖାଇଥିଲା। ଦଳ ପକ୍ଷରୁ ବେନ୍ ମାନେଟି ୨୫ବଲ୍‌ରେ ୪ ଚୌକା ଓ ୬ ଛକା ସହ ୬୦, ଗ୍ରାଣ୍ଟ ଷ୍ଟିୱାର୍ଟ ୨୩ବଲ୍‌ରୁ ୨ ଚୌକା ଓ ୫ଛକା ସହ ୪୫ ଓ ଓପନର ଜଷ୍ଟିନ ମୋସ୍କାର ୩୪ ବଲ୍‌ରେ ୭ ଚୌକା ସହ ୪୩ ରନ୍ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ। ଇଂଲଣ୍ଡ ପକ୍ଷରୁ ଜାମି ଓଭରଟନ୍ ଓ ସାମ କରାନ ୩ଟି ଲେଖାଏଁ, ଜୋଫ୍ରା ଆର୍ଚର ୨ଟି ୱିକେଟ ଅକ୍ତିଆର କରିଥିଲେ।

**୨୩ ବର୍ଷରୁ କମ୍ ଜାତୀୟ ମହିଳା ଦିନିକିଆ**

## ଅଲିସ୍ୱାଙ୍କୁ ଓଡ଼ିଶା ଦଳର ନେତୃତ୍ୱ



ଭୁବନେଶ୍ୱର, ୧୬।୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ଆରମ୍ଭ ହେବାକୁ ଥିବା ୨୩ ବର୍ଷରୁ କମ୍ ଜାତୀୟ ମହିଳା ଦିନିକିଆ ଟ୍ରଫି ଲାଗି ସୋମବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। କଟକ ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ କନଫରେନ୍ସ ହଲରେ ମହିଳା ଚୟନ କମିଟିର ଅଧ୍ୟକ୍ଷ ସସ୍ମିତା ପଟ୍ଟନାୟକ ଓ ମୁଖ୍ୟ କୋଚ୍ ସ୍ୱାଗତିକା ରଥ ଦଳ ଘୋଷଣା କରିଥିଲେ। ବ୍ୟାଟର୍ ଅଲିସ୍ୱା ବିଶ୍ୱାଳଙ୍କୁ ଘୋଷିତ ୧୮ ଜଣିଆ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଦଳରେ ଦୁଇଜଣ ୱିକେଟକିପର ଦିବ୍ୟା ରାଉତରାୟ ଓ ଜୟେସ ନାୟକଙ୍କୁ ନିଆଯାଇଛି। ମାର୍ଚ୍ଚ ୩ ତାରିଖରେ ଉତ୍ତର ପ୍ରଦେଶ ବିପକ୍ଷରେ ଖେଳି ଅଭିଯାନ ଆରମ୍ଭ କରିବ। ଏହାପରେ ମାର୍ଚ୍ଚ ୫ରେ ଉତ୍ତରାଖଣ୍ଡ, ୭ରେ ଗୁଜରାଟ, ୯ରେ ବେଙ୍ଗଲ ଓ ଶେଷ ଲିଗ୍ ମ୍ୟାଚରେ ୧୧ ତାରିଖରେ କେରଳକୁ ଭେଟିବ। ଓଡ଼ିଶାର ସମସ୍ତ ମ୍ୟାଚ୍ ପୁନେରେ ଅନୁଷ୍ଠିତ ହେବ। **ଓଡ଼ିଶା ୨୩ ବର୍ଷରୁ କମ୍ ମହିଳା ଦଳ:** ଅଲିସ୍ୱା ବିଶ୍ୱାଳ (ଅଧିନାୟିକା), ଅନନ୍ୟା ମିଶ୍ର, ଦିବ୍ୟା ରାଉତରାୟ, ଜୟେସ ନାୟକ, ଜ୍ୟୋତି କୁମାରୀ ପ୍ରସାଦ, ଲେଖା ଲୋୟାଲକା, ମେଘନା ପାଢ଼ୀ, ମିତାଲି ଶର୍ମା, ପ୍ରାଥନା ପ୍ରତିଶ୍ରୁତି, ପୂଜାରାଣୀ ଦାସ, ଏସ୍‌ବି ଲୋରେନ୍ସ, ସାଇ କ୍ରିପା, ଶରଦା ମହାନନ୍ଦା, ସୋନାଲିସା ସାହୁ, ଶୁଭ୍ର ନିର୍ଝରିଣୀ ସ୍ୱାଇଁ, ସୁଚିସ୍ମିତା ପଣ୍ଡା ଓ ସୁଲଗ୍ନା ନାୟକ।

## ଯୁବା ବାସ୍କେଟବଲ୍: ସେମିରେ ପୁରୀ, ମେଟ୍ରୋ



ଭୁବନେଶ୍ୱର, ୧୬।୨ (ସମିସ): ସନସାଇନ ଯୁବା ସଂଗଠନ ଆନୁକୂଲ୍ୟରେ ସହିଦ ନଗର ଇମ୍ପା ଗ୍ରାଉଣ୍ଡରେ ଚାଲିଥିବା ୧୫ତମ ଯୁବା ବାସ୍କେଟବଲ୍ ଓପନ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ପୁରୀ ଓ ପଶ୍ଚିମବଙ୍ଗ ମେଟ୍ରୋ ରେଳବାଇ ଦଳ ପ୍ରଥମ ଦୁଇଟି କ୍ୱାର୍ଟର ମୁକାବିଲାରେ ବିଜୟୀ ହୋଇ ସେମିଫାଇନାଲରେ ପହଞ୍ଚିଛନ୍ତି। ପୁରୀ ୭୫-୪୭ ପଏଣ୍ଟରେ କଟକର ସିବିଏ'କୁ ଏବଂ ମେଟ୍ରୋ ଦଳ ୫୮-୫୬ରେ ଏମ୍‌୩ ପାର୍ଟ୍ନର୍ସକୁ ହରାଇଥିଲା। ବିଧାୟକ ଅନନ୍ତ ନାରାୟଣ ଜେନା ତୃତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଆଦିତ୍ୟ ଆର୍ଯ୍ୟ ସାହୁ, କର୍ପୋରେଟର ରାଜକିଶୋର ଦାସ, ଉପଦେଷ୍ଟା ସରୋଜ ପାତ୍ର, ସଭାପତି ବିଶ୍ୱଜିତ ମହାନ୍ତି, ସମ୍ପାଦକ ଦେବାଶିଷ ସବ୍ୟସାଚୀ ଚକ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ।

■ ତମାଣ୍ଡୋ ପ୍ରିମିୟର ଲିଗ୍

## ଯୁବି ରକ୍‌ଷ୍ଟାରର ଦ୍ୱିତୀୟ ବିଜୟ

ଭୁବନେଶ୍ୱର,୧୬।୨(ସମିସ): ଆରସି ବ୍ରହ୍ମପୁରକୁ ୪୪ ରନ୍‌ରେ ହରାଇ ଯୁବି ରକ୍‌ଷ୍ଟାର ଏଠାରେ ଚାଲିଥିବା ତମାଣ୍ଡୋ ପ୍ରିମିୟର ଲିଗ୍‌ରେ ଦ୍ୱିତୀୟ ବିଜୟ ହାସଲ କରିଛି। ଏହି ବିଜୟ ଫଳରେ ଦଳ ସେମିଫାଇନାଲରେ ଖେଳିବା ଆଶା ଉଜ୍ଜ୍ୱଳ ହୋଇଛି। ଆଜିର ମ୍ୟାଚ୍‌ରେ ଅପରାଜିତ ୭୦ ରନ୍ କରିଥିବା ସୁଜିତ ଲେଙ୍କାଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଆୟୋଜକ ତମାଣ୍ଡୋ କ୍ରିକେଟ ସଂଘ ସମ୍ପାଦକ ଅମୂଲ୍ୟ କୁମାର ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଆସନ୍ତାକାଲି ସମ୍ବଲପୁରର ଏମ୍‌ଏମ୍‌ସିସି ଓ ଭୁବନେଶ୍ୱରର ମାଇଟି ୟଙ୍ଗଷ୍ଟର ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।

ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଯୁବି ରକ୍‌ଷ୍ଟାର ନିର୍ଦ୍ଧାରିତ ୨୦ ଓଭରରେ ୮ ୱିକେଟ ହରାଇ ୨୨୦ ରନ୍ କରିଥିଲା। ଦଳ ପକ୍ଷରୁ ସୁଜିତ ଲେଙ୍କା ୪୦ବଲ୍‌ରୁ ଅପରାଜିତ ୭୦, ଟୁକୁନା ସାହୁ ୨୮ ବଲ୍‌ରୁ ୫୦ ରନ୍ କରିଥିଲେ। ପ୍ରତିପକ୍ଷ ଦଳର ସିଦ୍ଧାର୍ଥ ସିହ୍ନା ୪ଟି ଓ ଭବିଷ୍ୟ ବେହେରା ୨ଟି ୱିକେଟ ପାଇଥିଲେ। ଜବାବରେ ଆରସଇ




ବ୍ରହ୍ମପୁର ୧୯ ଓଭରରେ ୯ ୱିକେଟ ହରାଇ ୧୭୬ ରନ୍ କରିବାକୁ ସମର୍ଥ ହୋଇଥିଲା। ଦଳର ଜଣେ ଖେଳାଳି ଆହତ ଯୋଗୁ ବ୍ୟାଟିଂ କରିବାକୁ ଆସି ନ ଥିଲେ। ବିଜୟୀ ରକ୍‌ଷ୍ଟାରର ଜୀବନ କୁମାର ଜେନା ୩ଟି ୱିକେଟ ପାଇଥିଲେ। ଆଜିର ଖେଳକୁ ଅମ୍ପାୟାର ଚୂଡ଼ାମଣି ପାଢ଼ୀ ଓ ସୌମେନ୍ଦ୍ର ପାତ୍ର ପରିଚାଳନା କରିଥିଲାବେଳେ ସୁଶିଲ ସୁନ୍ଦରାୟ ସ୍କୋରର ଦାୟିତ୍ୱ ତୁଲାଇଥିଲେ।

## ୧୦ ସେକେଣ୍ଡର ବିଜ୍ଞାପନ ମୂଲ୍ୟ ୪୦ ଲକ୍ଷ ଟଙ୍କା

ନୂଆଦିଲ୍ଲୀ,୧୬।୨(ସମିସ): କଲମ୍ବୋରେ ଫେବୃଆରୀ ୧୫ ତାରିଖରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ବେପାର ଓ ବିଜ୍ଞାପନର ମୂଲ୍ୟ ଅହେତୁକ ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ ଏହି ମ୍ୟାଚ୍‌ରେ ପ୍ରତି ୧୦ ସେକେଣ୍ଡ ଲାଗି ପ୍ରସାରଣକାରୀ ସଂସ୍ଥା ୩୫ରୁ ୪୦ ଲକ୍ଷ ଟଙ୍କା ନେଇଛନ୍ତି। ବିଶ୍ୱକପ୍ ମ୍ୟାଚ୍‌ରେ ଏହା ୨୦ରୁ ୨୫ ଲକ୍ଷ ଟଙ୍କା ଭିତରେ ରହିଥାଏ। ସେହିପରି ଡିଜିଟାଲ ପ୍ଲାଟଫର୍ମ ଜିଓହଟ୍‌ଷ୍ଟାରରେ ପ୍ରତି ୧୦ ସେକେଣ୍ଡ ବିଜ୍ଞାପନ ପ୍ରସାରଣ ଲାଗି ୧୫ରୁ ୨୦ ଲକ୍ଷ ଟଙ୍କା ନିଆଯାଇଛି। ଏସବୁକୁ ବିଚାରକୁ ନେଲେ ଏହି ଟୁର୍ଣ୍ଣାମେଣ୍ଟରେ ବିଜ୍ଞାପନରୁ ୨୦୦୦ କୋଟି ଆୟ ହେବ ବୋଲି ଅନୁମାନ କରାଯାଉଛି। ଏହି ମୁକାବିଲାରୁ ୨୫ ଶତକଡ଼ା ଅର୍ଥ ମିଳିଛି ବୋଲି ରିପୋର୍ଟରୁ ପ୍ରକାଶ ପାଇଛି। କେବଳ ବିଜ୍ଞାପନ ନୁହେଁ, କଳାବଜାରରେ ଟିକଟ ପ୍ରତି ୧.୧୮ ଲକ୍ଷ ଟଙ୍କାରେ ବିକ୍ରି ହୋଇଛି। ପାକିସ୍ତାନ ମ୍ୟାଚ୍ ଖେଳିବାକୁ ରାଜି ହେବା ପରେ ଭାରତର ମେଟ୍ରୋ ସହରରୁ କଲମ୍ବୋ ହୋଟେଲରେ ବୁକିଂ ଦୁଇଗୁଣା ବୃଦ୍ଧି ପାଇଥିଲା। ଏହାକୁ ପାଥେୟ କରି ବିମାନ ବୁକିଂ ୬୫ଶତକଡ଼ା ଓ ଭଡ଼ା ୩୫ ପ୍ରତିଶତ ବଢ଼ିଯାଇଥିଲା। କଲମ୍ବୋରେ ଥ୍ରି ଓ ଫୋର ଷ୍ଟାର ହୋଟେଲ ଗୁଡିକ ରୁମ୍‌ର ଦାସ ୨୦ରୁ ୨୫ ଶତକଡ଼ା ବଢ଼ାଇଦେଇଥିଲେ।

**ଜାତୀୟ ସିନିଅର ମହିଳା ଦିନିକିଆ: ସୁଶ୍ରୀଙ୍କ ଦମ୍‌ଦାର ଅଲ୍‌ରାଉଣ୍ଡ ପ୍ରଦର୍ଶନ**

## ଶେଷ ବଲ୍‌ରେ ଜିତିଲା ଓଡ଼ିଶା

ଭୁବନେଶ୍ୱର, ୧୬।୨ (ସମିସ): ବିସିସିଆଇ ଆନୁକୂଲ୍ୟରେ ରାଜକୋଟରେ ଚାଲିଥିବା ଜାତୀୟ ସିନିଅର ମହିଳା ଦିନିକିଆ କ୍ରିକେଟ୍‌ରେ ଓଡ଼ିଶା ୪ର୍ଥ ବିଜୟ ହାସଲ କରିଛି। ସୋମବାର ଅନୁଷ୍ଠିତ ଏଲିଟ୍ ଗ୍ରୁପ୍-ଏ'ର ଏକ ମ୍ୟାଚରେ ଓଡ଼ିଶା ୨ ୱିକେଟରେ ବରୋଦାକୁ ପରାସ୍ତ କରିଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବରୋଦା ୪୯.୩ ଓଭରରେ ୨୨୫ ରନରେ ସୀମିତ



ରହିଥିଲା। ଦଳ ପକ୍ଷରୁ ଜେ. ମୋହିତି ୫୦ ଓ ପ୍ରଜ୍ଞା ରାୱତ ୪୪ ରନ କରିଥିଲେ। ଓଡ଼ିଶା ପକ୍ଷରୁ ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ସବୁଠୁ ସଫଳ ବୋଲିଂ କରିଥିଲେ। ସେ ୧୦ ଓଭରରେ ୩୬ ରନ ବ୍ୟୟରେ ସର୍ବାଧିକ ୪ଟି ୱିକେଟ୍ ନେଇଥିଲେ। ଜ୍ୟୋତି ପ୍ରସାଦ ଓ ନିବେଦିତା ନାଏକଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ବୋଲିଂ ଭଳି ବ୍ୟାଟିଂରେ ମଧ୍ୟ ସୁଶ୍ରୀ ଦମ୍‌ଦାର ଅର୍ଦ୍ଧଶତକୀୟ ପାଳି ଖେଳି ଓଡ଼ିଶାକୁ ଶେଷ ବଲ୍‌ରେ ରୋମାଞ୍ଚକ ଭାବେ ୨ ୱିକେଟ୍‌ରେ ବିଜୟୀ କରାଇଥିଲେ। ୧୦ ଚୌକା ସହ ସୁଶ୍ରୀ ୮୩ ବଲରୁ ୭୮ ରନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଧୁରୀ ମେହେଟା ୩୫, ସରିତା ମେହେର ୩୩, ଅଞ୍ଜଳୀ ସିଂ ୧୯ ରନ କରିଥିଲେ। ତେବେ ୧୧ ବଲରେ ଅପରାଜିତ ୨୧ ରନର ଦ୍ରୁତ ପାଳି ଖେଳି ତରନ୍ନା ପ୍ରଧାନ ଦଳକୁ ଜିତାଇବାରେ ଅନ୍ୟତମ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଅଲ୍‌ରାଉଣ୍ଡ ପ୍ରଦର୍ଶନ ଲାଗି ସୁଶ୍ରୀଙ୍କୁ ମ୍ୟାଚର ଶ୍ରେଷ୍ଠ ଖେଳାଳି ବାବଦକୁ ୧୦ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ଷଷ୍ଠ ମ୍ୟାଚରୁ ୪ର୍ଥ ବିଜୟ ସହ ଓଡ଼ିଶା ୧୬ ପଏଣ୍ଟ ପାଇ ତାଲିକାରେ ୪ର୍ଥ ସ୍ଥାନରେ ରହିଛି। ଓଡ଼ିଶା ଏହାର ଶେଷ ମ୍ୟାଚରେ ବୁଧବାର ମହାରାଷ୍ଟ୍ରକୁ ଭେଟିବ।

**ରଣଜୀ ଟ୍ରଫି ସେମିଫାଇନାଲ**

# ପାଡ଼ିକଲଙ୍କ ଦ୍ୱିଶତକ; କର୍ଣ୍ଣାଟକର ବିଶାଳ ସ୍କୋର



ଲକ୍ଷ୍ନୌ, ୧୬।୨ (ଏଜେନ୍ସି): ସ୍ଥାନୀୟ ଏକନା ଷ୍ଟାଡିୟମରେ ଉତ୍ତରାଖଣ୍ଡ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ପ୍ରଥମ ସେମିଫାଇନାଲରେ କର୍ଣ୍ଣାଟକ ବିଶାଳ ସ୍କୋର ଅଭିମୁଖେ ଅଗ୍ରସର ହୋଇଛି। ଅଧିନାୟକ ଦେବଦତ୍ତ ପଡ଼ିକଲଙ୍କ ଦ୍ୱିଶତକ ବଳରେ କର୍ଣ୍ଣାଟକ ସୋମବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ପ୍ରଥମ ପାଳିରେ ୬ ୱିକେଟ ହରାଇ ୬୮୯ ରନ ସଂଗ୍ରହ କରିଛି। ପ୍ରଥମଶ୍ରେଣୀ କ୍ୟାରିୟରର ପ୍ରଥମ ଦ୍ୱିଶତକ ହାସଲ କରିଥିବା ପଡ଼ିକଲ ୨୩୨ ରନ କରି ଆଉଟ୍ ହୋଇଥିଲେ। ୩୩୦ ବଲର ଏହି ପାଳିରେ ସେ ୨୯ ଚୌକା ଓ ୩ଟି ଛକା ମାରିଥିଲେ। ପୂର୍ବରୁ ପଡ଼ିକଲଙ୍କ ସର୍ବାଧିକ ସ୍କୋର ୧୯୩ ରନ ଥିଲା। ୨୦୨୩-୨୪ ସିଜନରେ ପଞ୍ଜାବ ବିପକ୍ଷରେ ସେ ଏହି ମାରାଥନ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ମରଣ ରବିଚନ୍ଦ୍ରନ ୧୨୧ ଓ ବିଦ୍ୟାଧର ପାଟିଲ ୩୫ ରନ କରି ଖେଳୁଛନ୍ତି। ପ୍ରଥମ ଦିବସରେ ଲୋକେଶ ରାହୁଲ ୧୪୧ ରନ କରି ଆଉଟ୍ ହୋଇଥିଲେ। ପ୍ରଥମଥର ଲାଗି ସେମିଫାଇନାଲ ଖେଳୁଥିବା ଉତ୍ତରାଖଣ୍ଡ ପକ୍ଷରୁ ଆଦିତ୍ୟ ରାୱତଙ୍କୁ ୩ଟି ୱିକେଟ ମିଳିଛି।

### ଡୋଗ୍ରାଙ୍କ ୧୦ ହଜାର ରନ୍ ମାଇଲ୍‌ଖୁଣ୍ଟ



ସେହିଭଳି କୋଲକାତାରେ ଘରୋଇ ବେଙ୍ଗଲ ବିପକ୍ଷରେ ଚାଲିଥିବା ଦ୍ୱିତୀୟ ସେମିଫାଇନାଲରେ ଜମ୍ମୁ କାଶ୍ମୀର ପାଳି ଅଗ୍ରଣୀ ଲାଗି ସଂଘର୍ଷ ଜାରି ରଖିଛି। ପ୍ରଥମେ ବ୍ୟାଟିଂ କରିଥିବା ବେଙ୍ଗଲ ସୁଦୀପ ଘରାମୀ (୧୪୬)ଙ୍କ ମାରାଥନ ଶତକୀୟ ପାଳି ବଳରେ ୩୨୮ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଗତକାଲିର ଅସମାପ୍ତ ସ୍କୋର ୨୪୯/୫ରୁ ବ୍ୟାଟିଂ ଆରମ୍ଭ କରିଥିବା ବେଙ୍ଗଲ ସୋମବାର ଆଉ ୭୭ ରନ ଯୋଡ଼ି ବଳକା ୫ ୱିକେଟ୍ ହରାଇଥିଲା। ଜମ୍ମୁ ପକ୍ଷରୁ ଇନଫର୍ମ ଦ୍ରୁତ ବୋଲର ଆକ୍ୱିବ ନବି ଦାର ୫ଟି ଓ ସୁନିଲ କୁମାର ୩ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ପାଳି ଆରମ୍ଭ କରିଥିବା ଜମ୍ମୁ ଷ୍ଟମ୍ପ ସୁଦ୍ଧା ପ୍ରଥମ ପାଳିରେ ୫ ୱିକେଟ୍ ହରାଇ ୧୯୮ ରନ ସଂଗ୍ରହ କରିଛି। ଅବଦୁଲ ସାମାଦ ୮୨ ଓ ଅଧିନାୟକ ପାରସ ଡୋଗ୍ରା ୫୮ ରନ କରିଥିଲେ। ପାଳି ଅଗ୍ରଣୀ ଲାଗି ଜମ୍ମୁକୁ ବଳକା ୫ ୱିକେଟରେ ଆଉ ୧୩୧ ରନ ଆବଶ୍ୟକ ହେଉଛି। ଅପରପକ୍ଷରେ ରଣଜୀ ଟ୍ରଫି ଇତିହାସରେ ୱାସିମ ଜାଫର (୧୨,୦୩୮)ଙ୍କ ପରେ ୨ୟ ଖେଳାଳି ଭାବେ ଡୋଗ୍ରା ୧୦ ହଜାର ରନ ପୂରଣ କରିଛନ୍ତି। ରଣଜୀ ଟ୍ରଫିରେ ସର୍ବାଧିକ ରନ ତାଲିକାରେ ଅମୋଲ ମଜୁମଦାର (୯୨୦୨), ଦେବେନ୍ଦ୍ର ବୁନ୍ଦେଲା (୯୨୦୧) ଓ ଯଶପାଲ୍ ସିଂହ (୮୭୦୦) ୩ୟରୁ ୫ମ ସ୍ଥାନ ମଧ୍ୟରେ ରହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS